# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# ଇ ପତ୍ରିକା

ତୃତୀୟ ସଂଖ୍ୟା
୧ ସେପ୍ଟେମ୍ବର ୨୦୨୨



# ନୂଆଁଖାଇ ଜୁହାର

Publisher :
Newtra Creations,Bhubaneswar

ମୁଖ୍ୟ ସଂପାଦକ: ବସନ୍ତ ମାଝି || ସଂପାଦକ: ସରୋଜ କୁମାର ଶତପଥୀ

Contact : 7/13, Type 'B' (Revised), Unit-9, Bhubaneswar - 751022

Email : epatrika.cspursahityasansad@gmail.com
Mob : 9438621925 / 9937128547
Website: www.cspursahityasansad.com

# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# ଇ-ପତ୍ରିକା

ତୃତୀୟ ସଂଖ୍ୟା
୦୧ ସେପ୍ଟେମ୍ବର ୨୦୨୨

**ଉପଦେଷ୍ଟା :**
ପ୍ରଫେସର ଅଭୟ କୁମାର ବେହେରା
ଡକ୍ଟର ସଂଘମିତ୍ରା ଭଞ୍ଜ

**ମୁଖ୍ୟ ସମ୍ପାଦକ :**
ବସନ୍ତ ମାଝି

**ସମ୍ପାଦକ :**
ସରୋଜ କୁମାର ଶତପଥୀ

**ସମ୍ପାଦନା ମଣ୍ଡଳୀ :**
ପ୍ରଫେସର ବୀଣାପାଣି ତ୍ରିପାଠୀ
ଯଶୋବନ୍ତ ସେଠୀ
କ୍ଷଣପ୍ରଭା ମହାନ୍ତି

**ଅଲଙ୍କରଣ ଓ ପ୍ରଚ୍ଛଦ :**
ସରୋଜ କୁମାର ଶତପଥୀ

**ପ୍ରକାଶକ :**
ନ୍ୟୁଟ୍ରା କ୍ରିଏସନ୍ସ,
ପ୍ଲଟ୍ ନଂ -୫, ଜୟଦେବ ନଗର,
ଲୁଇସ୍ ରୋଡ୍, ଭୁବନେଶ୍ୱର-୦୨
ମୋ - ୯୯୩୭୧୨୮୫୪୭

**ସମ୍ପର୍କ :**
ସମ୍ପାଦକ: ଇ-ପତ୍ରିକା,
୭/୧୩-ଟାଇପ୍ 'ବି'(ରିଭାଇଜ୍ଡ)
ୟୁନିଟ୍ -୯, ଭୁବନେଶ୍ୱର-୨୨
ଫୋନ -୯୪୩୮୬୨୧୯୨୫/୯୯୩୭୧୨୮୫୪୭
e-mail: epatrika@cspursahityasansad.com
website : www.cspursahityasansad.com

**Patron:**
Prof. Avaya Kumar Behera
Dr. Sanghamitra Bhanja

**Chief Editor :**
Basanta Majhi

**Editor :**
Saroj Kumar Satpathy

**Editorial Board :**
Prof. Binapani Tripathy
Jashobanta Sethi
Kshyanaprabha Mohanty

**Illustration & Cover design :**
Saroj Kumar Satpathy

**Publisher :**
Newtra Creations
Plot no-5, Jayadev Nagar
Bhubaneswar - 751002
Mob : 9937128547

**Contact :**
Editor - ePatrika,
7/13- Type 'B' (Revised), Unit-9,
Bhubaneswar - 751022
Mob : 9438621925 / 9937128547
Email : epatrika@cspursahityasansad.com
website : www.cspursahityasansad.com

# ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



/ମିନତି ବେହେରା

ତିରୋଧାନ :୦୮.୦୮.୨୦୨୨



/ଦେବେନ୍ଦ୍ର କୁମାର୍ ଦାଶ

ତିରୋଧାନ :୦୨୫.୦୮.୨୦୨୨

କବୀ ମିନତି ବେହେରା ଏବଂ ପ୍ରଖ୍ୟାତ ଗବେଷକ, ସାହିତ୍ୟିକ ପ୍ରଫେସର ଦେବେନ୍ଦ୍ର କୁମାର ଦାଶଙ୍କ ମୃତ୍ୟୁରେ ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର 'ଇ-ପତ୍ରିକା' ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

**ଓଡ଼ିଶାର ଗଣପର୍ବ ପବିତ୍ର ନୂଆଁଖାଇ ଅବସରରେ**
**ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ତରଫରୁ**
**ଆପଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।**

ବସନ୍ତ ମାଝି
ମୁଖ୍ୟ ସମ୍ପାଦକ

## ସମ୍ପାଦକୀୟ

ସାହିତ୍ୟ ଜଙ୍ଗଲ ନୁହେଁ, ଏହା ମାଳୀ ହାତାରେ ତିଆରି ଏକ ସୁନ୍ଦରତମ ବଗିଚା । ମଞ୍ଜି ଓ ଚାରା ପୋତି ମାଳୀ ଏ ସବୁର ଯତ୍ନ ନେଇଥାଏ । ଏହି ବଗିଚାରେ ଯେତେବେଳେ ବିଭିନ୍ନ ରଙ୍ଗର ଫୁଲ ଫୁଟେ ତାହା ପାଠକ ରୂପୀ ପରିଦର୍ଶକଙ୍କର ମନକୁ ବେଶ୍ ଆକର୍ଷିତ କରିଥାଏ । ତେଣୁ ଉପଯୁକ୍ତ ମାଳୀଟିଏ ହେବା କଷ୍ଟସାଧ ବିଷୟ । ସମୟ ସମୟରେ ଦେଖାଯାଉଛି କିଛି କସୂହା ପରାୟଣ ବ୍ୟକ୍ତି ଉକ୍ତ ବଗିଚାର ସୌନ୍ଦର୍ଯ୍ୟରେ ଇର୍ଷା ପରାୟଣ ହୋଇ କୁତ୍ସା ଓ ସମାଲେଚନାର ଷଣ୍ଢକୁ ଏହା ଭିତରେ ପୁରାଇ ଦେଇ ଏହାର କ୍ଷତି ସାଧନରେ ବେଶ୍ ଉଲ୍ଲସିତ ହୋଇଥାନ୍ତି । ଏହା ସର୍ବଦା ନିନ୍ଦନୀୟ ଓ ବର୍ଜନୀୟ ।

ସାହିତ୍ୟର ଅନ୍ୟତମ କାର୍ଯ୍ୟ ହେଉଛି କାଳକୁ ଜୟ କରିବା ଏବଂ ପାଠକ ସମାଜରେ ଚିନ୍ତାର ଦିଗନ୍ତକୁ ସମ୍ପ୍ରସାରିତ କରିବା । ସଂପ୍ରତି ବ୍ୟବସାୟୀକ ଦୃଷ୍ଟିଭଙ୍ଗୀରେ ସାହିତ୍ୟକୁ ବିକୃତ କରାଯାଉଛି । ଏହି ବିକୃତିକରଣର ଧାରକ ବହୁ ସାହିତ୍ୟିକ ହୋଇ ଉଠୁଛନ୍ତି । ସାହିତ୍ୟ କର୍ପୋରେଟ୍ ମହଲର ପଣ୍ୟବସ୍ତୁ ହୋଇ ଉଠୁଛି । ଆମର ଲେଖକ ମାନେ ମଧ ଏହି ପଣ୍ୟ ଉତ୍ପାଦନରେ ସହାୟତା ପ୍ରଦାନକାରୀ ହୋଇ ଉଠୁଛନ୍ତି । ସାହିତ୍ୟ ରାଇଜରେ ନିଜକୁ ସାହିତ୍ୟିକ ଭାବରେ ସୃଷ୍ଟି କରିବା ହେଉଛି ଦୀର୍ଘ ସାଧନାର ବ୍ୟାପାର । ଏହି ସତ୍ୟକୁ ଅଧିକାଂଶ ସାହିତ୍ୟିକ ବୁଝିବାକୁ ଚାହାନ୍ତି ନାହିଁ । ଏହି ଦୁର୍ବଳତା ଯେତେ ଶୀଘ୍ର ଦୂର ହେବ ତାହା ହେବ ଆମ ସାହିତ୍ୟ ଭଣ୍ଡାର ପାଇଁ ନୂତନ ସକାଳ ।

ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ଆମ ଭାଷା ସାହିତ୍ୟରେ ରହିଥିବା ଦୁର୍ବଳ ଦିଗଗୁଡ଼ିକୁ ଦୂର କରିବାର ପ୍ରୟାସ ନେଇ ମାସିକ ଇ-ପତ୍ରିକା ପ୍ରକାଶ କରି ଚାଲିଛି । ଉଭୟ ସାହିତ୍ୟିକ ଓ ପାଠକ ଏ ଦିଗରେ ଯତ୍ନବାନ୍ ହେଲେ ନିଶ୍ଚୟ ସାହିତ୍ୟର ଉନ୍ନତି ହେବ । ଆସନ୍ତୁ ସମସ୍ତେ ମିଳିମିଶି ଏ ଦିଗରେ କାର୍ଯ୍ୟ କରିବା ।

**ସରୋଜ କୁମାର ଶତପଥୀ**
**ସମ୍ପାଦକ**

■■■

# ମୁଖଶାଳା

| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧. | ସମ୍ପାଦକୀୟ | ସରୋଜ କୁମାର ଶତପଥୀ | ୦୪ |

## ଗଦ୍ୟ ବିଭାଗ

| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୨. | ନୂଆଁଖାଇ | ଶ୍ରୀମତୀ ସୁମନିକା ମିଶ୍ର | ୦୮ |
| ୩. | ଗୁରୁ ଦକ୍ଷିଣା | ଡା. ଘନଶ୍ୟାମ ଜୈନ | ୧୦ |
| ୪. | ନିଖୋଜ ହୋଇଯାଉଥିବା ଈଶ୍ୱର ମାନେ | ଛନ୍ଦା ମିଶ୍ର | ୧୪ |
| ୫. | ଗୋଟିଏ ପୁଅ ଭଲ | ଅଧ୍ୟାପକ ଅଜୟ ପଟ୍ଟନାୟକ | ୧୬ |
| ୬. | କୁକୁର | ଯଶୋବନ୍ତ ସେଠୀ | ୧୮ |
| ୭. | ସେବା ସେର୍ବୋଦୟ ଓ ସଂଗ୍ରାମ : ମା ରମାଦେବୀଙ୍କ ଆହ୍ୱାନ | ଡକ୍ଟର ସଂଘମିତ୍ରା ଭଞ୍ଜ | ୨୩ |
| ୮. | ରଙ୍ଗୀ ବୋଉ | ଅପରାଜିତା ମହାରଣା | ୨୫ |
| ୯. | ରହସ୍ୟ ଭରା ଏ ରୌପ୍ୟ ରଜ୍ଜୁର ଯାତ୍ରା | ମୀନୁ ହୋତା | ୨୯ |
| ୧୦. | ଆଧୁନିକ କବିତାରେ ଦେଶାତ୍ମବୋଧ | ଡାଃ ପ୍ରିୟମ୍ବଦା ସାମଲ | ୩୧ |
| ୧୧. | ମୋ ବୋଉ | ଶ୍ରୀ କୁଞ୍ଜବିହାରୀ ସାହୁ | ୩୩ |
| ୧୨. | ସଖୀ ଅପା | ରମେଶ ଦାସ | ୩୬ |
| ୧୩. | ବଳି ଦାନ | କବିତା ନାୟକ | ୩୯ |
| ୧୪. | ମହାମାରୀ ଓ ବିଦ୍ୟାର୍ଥୀଙ୍କ ପ୍ରଭାବିତ ଶିକ୍ଷା | ଶ୍ରୁତକୀର୍ତ୍ତି ତ୍ରିପାଠୀ | ୪୦ |
| ୧୫. | ଗର୍ବ ଗୌରବର ପ୍ରତୀକ ତ୍ରିରଙ୍ଗା | ନାରାୟଣ ଦାସ୍ | ୪୧ |
| ୧୬. | ବାଇଜୀ | ପ୍ରଜ୍ଞା ମହାନ୍ତି | ୪୨ |

## ପଦ୍ୟ ବିଭାଗ

| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧୭. | ସଖା | ବିଭୂତି ଭୂଷଣ ମହାପାତ୍ର | ୪୮ |
| ୧୮. | ନୂଆଁଖାଇ (କୋଶଲୀ କବିତା) | ଅଞ୍ଜଳି ଆଚାର୍ଯ୍ୟ | ୪୯ |
| ୧୯. | କବିପ୍ରିୟା-୪ | ବସନ୍ତ ମାଝୀ | ୫୦ |
| ୨୦. | କାହାଣୀ ପରି କିଛି ସାଧୀନତା | ପ୍ରଫେସର ବୀଣାପାଣି ତ୍ରିପାଠୀ | ୫୧ |
| ୨୧ | ଏକାନ୍ତରେ | ମଞ୍ଜୁଲତା ସିଁ | ୫୨ |
| ୨୨. | ପାପ- ପୂଣ୍ୟ | ଯଜ୍ଞଦତ୍ତ ସାମନ୍ତରାୟ | ୫୩ |
| ୨୩. | ପ୍ରେମ | ରଶ୍ମିମୟୀ ପତି | ୫୪ |
| ୨୪. | ଦେଶ ବୋଇଲେ | ସତ୍ୟନାରାୟଣ ଗନ୍ତାୟତ | ୫୫ |
| ୨୫. | ଚିତାଭସ୍ମ | ମୀନକେତନ ପଶାୟତ | ୫୬ |
| ୨୬. | ଜୀବନ ଯନ୍ତ୍ରଣାର ଅନ୍ତଃସ୍ୱର | ମାନଗୋବିନ୍ଦ ବାରିକ | ୫୭ |
| ୨୭. | ଜୁଗିଛେଁ (କୋଶଲୀ କବିତା) | ସରୋଜ କୁମାର ଶତପଥୀ | ୫୮ |
| ୨୮. | ମୁଁ ମରିଗଲା ପରେ | ଯୋଗେଶ ମିଶ୍ର | ୫୯ |
| ୨୯. | ବାଟବଣା ସ୍ୱାକ୍ଷର | ଦୀପ୍ତି ରାଣୀ ସିଂହ | ୬୦ |
| ୩୦. | ପରିଚୟ | ଜ୍ୟୋତିପ୍ରକାଶ ଗଡ଼ତ୍ୟା | ୬୧ |

# ମୁଖଶାଳା

## ପଦ୍ୟ ବିଭାଗ


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୩୧. | ସାଧୀନତାର ଅମୃତ ରଂଗ | ଆନଂଦ ଚଂଦ୍ର ସାହୁ | ୬୨ |
| ୩୨. | ଅଲୋଡ଼ା | ଗୋପୀନାଥ ଦଣ୍ଡସେନା | ୬୩ |
| ୩୩. | କଥାର୍ ଦାଗ୍ (କୋଶଲୀ କବିତା) | ନୀରଜ ଦାଶ ଶର୍ମା | ୬୪ |
| ୩୪. | ଆ' ଖାଏମା ନୂଆଖାଇ | ପ୍ରଜ୍ଞା ଦର୍ଜୀ ମହାପାତ୍ର | ୬୫ |
| ୩୫. | ସମୟ | ଡା. ଅଶୋକ ସେଠୀ | ୬୬ |
| ୩୬. | କଁକୋଡ଼ୋ (କୋଶଲୀ କବିତା) | ଅନୀଲ୍ ସାହୁ | ୬୭ |
| ୩୭. | ରାକ୍ଷୀ ପୁନେଇଁ | ରୀତା ମିଶ୍ର | ୬୮ |
| ୩୮. | ସୁନାର୍ ଭାରତ୍ | ପଞ୍ଚାନନ ତାଣ୍ଡି | ୬୯ |
| ୩୯. | ସାଇକେଲ | ଡଃ କିଶୋର ମହାନ୍ତି | ୭୦ |
| ୪୦. | ଜୀବନ ଏମିତି | ସବିତାରାଣୀ ବେହେରା | ୭୧ |
| ୪୧. | ପବିତ୍ର ବନ୍ଧନ | ସରୋଜଲକ୍ଷ୍ମୀ ମହାନ୍ତି | ୭୨ |
| ୪୨. | ସପନଦେଶ ରାଜକୁମାର | ଇତିଶ୍ରୀ ପତି | ୭୩ |
| ୪୩. | ତୁମ ଦ୍ୱାର ସଦା ଥାଉ ଉନ୍ମୁକ୍ତ | ଜାହ୍ନବୀ ଚୌଧୁରୀ | ୭୪ |
| ୪୪. | ସମାହିତ କାୟା | ପୁଷ୍ପାଞ୍ଜଳି ପଣ୍ଡା | ୭୫ |
| ୪୫. | ବିଲେଇ | ଶ୍ରୀମତୀ ବସନ୍ତ ମିଶ୍ର | ୭୬ |
| ୪୬ | ପ୍ରକୃତିର ମିତ | ବିନୋଦିନୀ ଗଉଡ଼ | ୭୭ |
| ୪୭. | ହେ ଗୁରୁବର | ସ୍ୱର୍ଣ୍ଣଲତା ମହାପାତ୍ର | ୭୮ |
| ୪୮. | ସିଆଣିଆ | ଶମ୍ଭୁନାଥ ରାଉଳ | ୭୯ |
| ୪୯. | ଚାଲନା | ନିହାରିକା ରାୟ ବରାଳ | ୮୦ |
| ୫୦. | ସୁଖନିଦ୍ରା | ମୌସୁମୀ ଶୁକ୍ଳା | ୮୧ |
| ୫୧. | ଉଦାସ ପବନର ଡାକ | ଲତିକା ମହାପାତ୍ର | ୮୨ |
| ୫୨. | ସ୍ୱାର୍ଥ | ନିକୁଞ୍ଜ କୁମାର ଘୋଷ | ୮୩ |
| ୫୩. | ଆମ ତ୍ରିରଙ୍ଗା | ତରୁଣବାଳା ମହାପାତ୍ର | ୮୪ |
| ୫୪. | ଶଙ୍କାୟିତ | ଅପରାଜିତା | ୮୫ |
| ୫୫. | ବର୍ଷା | ପ୍ରମୋଦ କୁମାର ମହାପାତ | ୮୬ |
| ୫୬. | ଦେଶ | କ୍ଷଣପ୍ରଭା ମହାନ୍ତି | ୮୭ |
| ୫୭. | କଇଁ | ଡ. ପ୍ରବୀଣା ପରିଡ଼ା | ୮୮ |
| ୫୮. | ଶ୍ରାବଣୀ | କୃଷ୍ଣପ୍ରିୟା | ୮୯ |
| ୫୯. | ନାରୀ ହୃଦୟର ବ୍ୟଥା | ଅନସୂୟା ବାରିକ | ୯୦ |


■■■

# ଗଦ୍ୟ ବିଭାଗ





# ନୂଆଖାଇ



ଶ୍ରୀମତୀ ସୁମନିକା ମିଶ୍ର

ପଶ୍ଚିମ ଓଡିଶା ତାର ନବଗୁଞ୍ଜର ସଂସ୍କୃତି ପାଇଁ ସର୍ବତ୍ର ପରିଚିତ । ଏହି ଅଞ୍ଚଳର ଲୋକନୃତ୍ୟ, ଲେକସଙ୍ଗୀତ, ପୂଜା-ପାର୍ବଣ ଓ ପରମ୍ପରା ସବୁଥିରେ ଏକ ସ୍ୱତନ୍ତ୍ର ପରିଚିତି ଓ ଅପୂର୍ବ ମହକ ସ୍ୱଷ୍ଟ ବରହୋଇଥାଏ। ଓଡିଶାର ଏହି ନୀଳ-ସୁନ୍ଦର ଭୂ-ଖଣ୍ଡରେ ଶତାବ୍ଦୀ ଶତାବ୍ଦୀ ଧରି ବସବାସ କରିଆସୁଥିବା ସରଳ, ଶାନ୍ତ, ନିରୀହ, କର୍ମପ୍ରବଣ ଓ କଳାପ୍ରେମୀ ମଣିଷଙ୍କ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ । ଏହି ଅଞ୍ଚଳରେ ପାଳନ କରାଯାଉଥିବା ପର୍ବମାନଙ୍କ ମଧ୍ୟରେ ନୂଆଁଖାଇ ପର୍ବର ନାମ ଉଲ୍ଲେଖଯୋଗ୍ୟ । ଏହି ପର୍ବ ସହିତ ପଶ୍ଚିମ-ଓଡିଶାବାସୀଙ୍କର ଏକ ଆବେଗିକ ସମ୍ପର୍କ ଲକ୍ଷ୍ୟ କରାଯାଏ। ଓଡିଶାର ପଡୋଶୀ ରାଜ୍ୟ ଛତିଶଗଡର କେତେକ ସ୍ଥାନରେ ଏହି ପର୍ବ ପାଳନର ପରମ୍ପରା ରହିଥିଲେ ହେଁ ପଶ୍ଚିମ- ଓଡିଶାର ଏହି ପର୍ବ ପାଳନର ବିଧି ଓ ପରମ୍ପରା ସମ୍ପୂର୍ଣ ନିଆରା । ଲୋକସଂସ୍କୃତିରେ ଏହା ଚିର ପୁରାତନ ପୁଣି ନିତ୍ୟନୂତନ ।

ନୂଆଁଖାଇ ପଶ୍ଚିମ ଓଡ଼ିଶା ର ବିଖ୍ୟାତ ପର୍ବ। ପଶ୍ଚିମ ଓଡ଼ିଶାବାସୀ ଙ୍କ ପାଇଁ ଏହା ଖାଲି ଏକ ପର୍ବ ନୁହେଁ ଅଥଚ ଏହା ତାଙ୍କ ଭାବାବେଶ। ଏହି ପର୍ବ ତାଙ୍କ ସଂସ୍କାର, ତାଙ୍କ ସତ୍ତା, ତାଙ୍କ ଅସ୍ତିତ୍ୱ  ସହିତ ଜଡିତ। ସପ୍ତାହେ ପୂର୍ବରୁ ଘର ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଯାଇଥାଏ। ଘର ର କୋଣ ଅନୁକୋଣ, ଚଟ୍ଟାଣ ଠୁ ନେଇ ଛାତ ପଙ୍ଖା ଯାଏଁ, ତଳ ମହଲା ଠୁ ନେଇ ଛାତ ଯାଏଁ ଠାକୁର ଘର ଠୁ ନେଇ ରୋଷେଇ ଘର ଯାଏଁ ପ୍ରତ୍ୟେକ ଝୁଡି ଠୁ ଡବା ଯାଏଁ, ରୁମାଲ୍ ଠୁ ନେଇ କମ୍ବଳ ଯାଏଁ ମଜା ଧୁଆ କରି ରଖାହୁଏ। ଗଣେଶ ଚତୁର୍ଥୀ ପରଦିନ ତଥା ଭାଦ୍ରବ ପଞ୍ଚମୀରେ ପାଳନ କରାହୁଏ ଏଇ ପର୍ବ। ଏମିତି ରେ ବି ଗଣେଶ ପୂଜା ଦୁଇ ଦିନ ପୂର୍ବରୁ ସାଜସଜ୍ଜା,କିଣାକିଣି, ଭୋଜିଭାତ ଇତ୍ୟାଦି ରେ ଉତ୍ସବ ମୁଖରିତ ଥାଏ ସ୍କୁଲ କଲେଜ୍ ତଥା ସମସ୍ତ ଗ୍ରାମ। ଗଣେଶ ପୂଜା ସାରି ସନ୍ଧ୍ୟା ରେ ଘରକୁ ଫେରିଲା ପରେ ମଧ୍ୟ ପୂର୍ଣ୍ଣଚ୍ଛେଦ ପଡ଼ି ନଥାଏ ସମାରୋହ ରେ। ସମସ୍ତଙ୍କ ଘରେ ଏକ ଅଦ୍ଭୁତ ବାତାବରଣ ଥାଏ ଏକତା ଭାବ ର। ଦୂରଦୂରାନ୍ତ ରୁ ଧାଇଁ ଆସିଥାନ୍ତି କାକା-ଖୁଡି,ବଡବାପା-ବଡମା, ଭାଇ-ଭଉଣୀ ସମସ୍ତେ। ପୂଜାଘରେ ବସି ଜେଜେମା ଦୁବ,ଆମ୍ବ ପତ୍ର, ଗୋଟା ଅରୁଆ ଚାଉଳ ବାଛୁ ଥିବେ ତ ଜେଜେବାପା ଧାନକେଣ୍ଡା ସଜାଡୁ ଥିବେ ଆଉ ଗପୁଥିବେ ଅନେକ ପ୍ରାଚୀନ କଥା। ମଝିରେ ମଝିରେ ଜେଜେମା କୋଷୁ ଥିବେ ହଳୁଆ କୁ ଯେ ସବୁ ଶୁଖିଲା ଦୁବ ଓପାଡି ଆଣି ଦେଇ ଦେଇଛି ବୋଲି। ସେପଟେ ମା-ଖୁଡି ସମସ୍ତେ ମିଶି ହାଣ୍ଡି ହାଣ୍ଡି ପରିବା କାଟି ରଖୁଥିବେ ଅଲଗା ଅଲଗା କରିକି। ବାପା-କକା ମାନେ ସନ୍ଧ୍ୟା ବୁଲେଟିନ ଟା ଟିଭି ରେ ଲଗେଇ ଭଜା ମୁଫଲି ଆଉ ମୁଢ଼ି ଚୋବେଇ ଦେଶ-ବିଦେଶ କଥା ଗପୁଥିବେ। ଘରେ ଛୁଆ ମାନେ ସମସ୍ତେ ବୋଲକରା ସାଜି କିଏ କଦଳୀ ପତ୍ର, ଖଲି-ଦନା ସବୁ ଧୋଇ ପୋଛି କି ରଖୁଥିବ ତ ଆଉ କିଏ ଚା-ପାଣି କଥା ବୁଝୁଥିବ ତ କିଏ ସମସ୍ତଙ୍କ ଶୋଇବା ପାଇଁ ବିଛଣା ସଜାଡୁ ଥିବ। ଏମିତି ସବୁ କାମ ସାରି ଶୋଉ-ଶୋଉ ରାତି ଟିକେ ବିଳମ୍ବ ହୋଇଯାଏ। ତଥାପି ଭୋର୍ ଚାରି ଟା ରୁ ଜେଜେମା ଉଠି ତାଙ୍କ ନିତ୍ୟକର୍ମ ସାରି ଆଉ ସମସ୍ତଙ୍କୁ ଉଠେଇ ଦେବେ ସହଳ ଟିକେ କାମ ସାରିବା ପାଇଁ। ମା ଖୁଡି ମାନେ ଖୁବ୍ ତତ୍ପର ହୋଇ ଗାଧୁଆ ପାଧୁଆ ସାରି ସଫା ଲୁଗା ପିନ୍ଧି ଲାଗି ପଡ଼ିବେ ରୋଷେଇ କାମ ରେ। ଭଳିକି ଭଳି ସୁସ୍ୱାଦୁ ଖାଦ୍ୟ ର ବାସ୍ନା ରେ ମହକୁ ଥିବ ଘର। ମଝିରେ ମଝିରେ ଜେଜେମା ର ତାଗିଦା ଶୀଘ୍ର ଶୀଘ୍ର ସାର ନହେଲେ ଗାଆଁ ଲୋକ ମୁଣ୍ଡିଆ ମାରିବାକୁ ପହଞ୍ଚିଯିବେ ଅଥଚ ଆମର ଭୋଗଲାଗି ହୋଇ ନଥିବ। ଯେମିତି ରୋଷେଇ ସରି ସରି ଆସିବ ଘର ଇଷ୍ଟଦେବୀ, ଲକ୍ଷ୍ମୀ ଠାକୁରାଣୀ ତଥା ଅନ୍ୟାନ୍ୟ ଦେବାଦେବୀ ଙ୍କ ପାଇଁ ଭୋଗ ବଢ଼ା ହେବ ପିତ୍ତଳ ଥାଳି ରେ ଆଉ ଏକ ଝୁଡି ସଜା ହେବ ଖେତ ଏବଂ ଗୋଶାଳ ପୂଜା ନିମନ୍ତେ ଯାହା କି ଜେଜେବାପା ନେଇ ଯିବେ ଖଳା କୁ। ଠିକ୍ ସେପଟୁ ଜେଜେବାପା ଫେରିଲା ବେଳକୁ ଜେଜେମା ର ଭୋଗଲାଗି ହୋଇଯାଇଥିବା ଆଉ ଘରେ ବି ରୋଷେଇ ସରି ଯାଇଥିବ। ତାପରେ ଛୁଆ ମାନେ ସମସ୍ତେ ଜେଜେମା ଙ୍କ ଠୁ ଅନୁମତି ନେଇ ବାପା କାକା ମାନଙ୍କୁ ଜଣେଇ ଦେଇ ଆସିବେ ଗୋଡ଼ ହାତ ଶୀଘ୍ର ଧୋଇ ଆସ। ଇଷ୍ଟଦେବୀ ଙ୍କୁ ଫୁଲ-ଚାଉଳ ଅର୍ପଣ କରି ମୁଣ୍ଡିଆ ମାରି ସମସ୍ତେ ଯିବେ ନୂଆ ଖାଇବାକୁ।

ଘର ବାରଣ୍ଡାରେ ବଡ଼ ଲମ୍ବା ଏବଂ ସରୁ ଦରି ଟା ବିଛେଇ ଦେଇ ଧୁଆ ଖଲି ଗୋଟେ ଗୋଟେ ସାଙ୍ଗ କୁ ଦନା ସବୁ କେତେ ବ୍ୟଞ୍ଜନ ହୋଇଛି ଗଣି କି ଦିଆହେବ। ଜେଜେ ବାପା ଠୁ ନେଇ ଘର ର ସର୍ବ କନିଷ୍ଠ ଛୁଆ ପର୍ଯ୍ୟନ୍ତ ସମସ୍ତେ ବସି ପଡ଼ିବେ ଧାଡ଼ି ବାନ୍ଧି କି।  ଆଉ ମା ଖୁଡି ମାନେ ପରସିବେ ସମସ୍ତ ସୁସ୍ୱାଦୁ ବ୍ୟଞ୍ଜନ। ପ୍ରଥମ ଦନା ଟା ଥିବ ସବୁଠୁ ମହତ୍ତ୍ୱପୂର୍ଣ୍ଣ । ଘର ଇଷ୍ଟଦେବୀ ଙ୍କୁ ତଥା ମା ଲକ୍ଷ୍ମୀ ଙ୍କୁ ଲାଗି ହୋଇଥିବା ଭୋଗ ସେଥିରେ ଥିବ ଖିରି ସାଙ୍ଗ କୁ ପିଠା ଆଉ ଉପରେ ପଡ଼ିଥିବା ପାଖୁଡ଼ାଏ ଫୁଲ ସାଙ୍ଗକୁ ଦୁବ ଆଉ ଅରୁଆ ଚାଉଳ। ସେଇ ଖିରି ଟା ରେ ମିଶିଥିବ ନିଜ କ୍ଷେତ ରେ ନୂଆ ପାଚିଥିବା ଧାନକେଣ୍ଡା ର  "ନୂଆ ଧାନ" , ସେଇଥିରୁ ଏଇ ପର୍ବ ର ନା ପଡ଼ିଛି ନୂଆଁଖାଇ । ବର୍ଷ ର ପ୍ରଥମ ଉତ୍ପାଦିତ ଶସ୍ୟ ପ୍ରଥମେ ମା' ଠାକୁରାଣୀ ଙ୍କୁ ଲାଗିହୋଇ ତାପରେ ଘର ର ସମସ୍ତ ସଦସ୍ୟ ଏକାଠି ବସି ମିଶି କି ଖାଇବେ, ସେଥିରେ ବି ଘରର ସବୁଠୁ ବଡ଼ ସଦସ୍ୟ ପ୍ରଥମେ ଠାକୁର ଙ୍କୁ ସୁମରି ଡାକ ଦେବେ 'ମା ସମଲେଶ୍ୱରୀ କି..., ବାକି ମାନେ ପାଳି ଧରିବେ 'ଜେ ' କହିକି, ତା ପଛକୁ ମା ଇଷ୍ଟଦେବୀ ଙ୍କୁ ଡାକି ଆଗ ଭୋଗ ଟା ଥରେ ପାଇବେ ତାପରେ ସମସ୍ତେ ଖାଇବେ। ଭଳିକିଭଳିକି ବ୍ୟଞ୍ଜନ ରୋଷେଇ ହୋଇଥିବ, ଖଲି ରେ ଥିବ ଦୁଇ ପ୍ରକାର ଭାତ ଅରୁଆ ଭାତ ଉପରେ ଚାମୁଚେ ଘିଅ ଆଉ ମିଠା ଖେଚୁଡ଼ି, ତା କଡ଼ କୁ ଲୁଣ,କଞ୍ଚା ଲଙ୍କା ଆଉ ଚେନାଏ ଲେମ୍ବୁ। ପ୍ରଥମ ଦନା ରେ ଥିବ ଭଜା ମୁଗ ଡାଲି ଖାଲି ଟିକେ ଘିଅ ଜିରା ଫୁଟେଇ କି, ତାର ବାସ୍ନା ରେ ଖାଲି ଭାତ ଖାଇ ହୋଇଯିବ। ତା କଡ଼ କୁ ଥିବ ପଶ୍ଚିମ ଓଡ଼ିଶା ବାସୀ ଙ୍କର ସବୁଠୁ ପ୍ରିୟ ବ୍ୟଞ୍ଜନ ଯାହା ବିନା କି କେଉଁ ପର୍ବପର୍ବାଣୀ କି ଭୋଜି ଭାତ ସମ୍ଭବ ନୁହଁ ତାହା ହେଲା "ଆମ୍ବିଲ୍"। ଦହି ରେ ବେସନ କିମ୍ବା ଚାଉଳ ଗୁଣ୍ଡ ଟିକେ ମିଶେଇ ନାନାଦି ପ୍ରକାର ପରିବା କଖାରୁ,ମୂଳା,ଭେଣ୍ଡି,ବାଇଗଣ,ବିଲାତି ତଥା ପାଣି କଖାରୁ ଇତ୍ୟାଦି ଆଉ ଟିକେ ଆମ୍ବୁଲ ପକେଇ ତାକୁ ଫୁଟା ହୋଇଥିବ ଆଉ ଠିକ୍ ଫୁଟି ଆସିଲା ବେଳକୁ ସେଥିରେ ପଡ଼ିଥିବା  "କରଡୀ" ମାନେ ବାଉଁଶ ଗଜା ( ବୋଧ ହୁଏ ସମଗ୍ର ଭାରତ ବର୍ଷ ରେ ଏହା କେବଳ ପଶ୍ଚିମ ଓଡ଼ିଶା ରେ ହିଁ ଖାଦ୍ୟ ରୂପରେ ବ୍ୟବହାର କରାଯାଏ) ଏବଂ ତା ଉପରେ ପଞ୍ଚ ଫୁଟଣ, ଶୁଖିଲା ଲଙ୍କା ଓ ଭୃଷଙ୍ଗ ପତ୍ର ର ଛୁଙ୍କ ହୋଇଥିବ। ଓଃ କି ବାସ୍ନା ତାର ଆଉ କି ସ୍ୱାଦ ଶବ୍ଦ ରେ ବର୍ଣ୍ଣନା ସମ୍ଭବ ନୁହଁ। ପ୍ରତ୍ୟେକ ବ୍ୟକ୍ତି ଦି ତିନି ଥର ଆମ୍ବିଲ୍ ପରସା ନିଶ୍ଚୟ ମାଗିବେ। ତା କଡ଼ କୁ ଥିବ ପୋଟଳ ତରକାରୀ ଟିଏ, ତା ପାଖକୁ ଫୁଲକୋବି ତରକାରୀ, ତା ପାଖକୁ ମିଶାମିଶି ପରିବା ତରକାରୀ, ତା ପାଖକୁ  ପନୀର୍ ତରକାରୀ, ତା ପରେ ଭେଣ୍ଡି ବେସର ଖଟା, ତା ପରେ ଦହି ବାଇଗଣ, ତା ପରେ କୋଶଳା ଶାଗ ଟିଏ, ତା ପରେ ପୁରୀ ଏବଂ ସୁଜି ପିଠା ମଣ୍ଡା ଆଉ ଶେଷ କୁ ଥିବ ରସଗୋଲା କି ଜିଲାପି କି ବୁନ୍ଦିଆ ଟିକେ। ଆଉ ଖାଇ ସାରିଲା ପରେ ଲବଙ୍ଗ ଦେଇ ବନ୍ଦ ହୋଇଥିବା ମିଠା ପାନ ବିଡ଼ାଏ ଲେଖାଏଁ ଖାଇବେ ସମସ୍ତେ। ଏମିତି ବାର ପନ୍ଦର ପ୍ରକାର ରୋଷେଇ ହୋଇଥିବ ସେଦିନ ଘରେ। ଏଇ ଥିରୁ ଜଣା ପଡ଼େ ପଶ୍ଚିମ ଓଡ଼ିଶା ର ପର୍ବ ପର୍ବାଣୀ ରେ ଖାଦ୍ୟ ର ଭୂମିକା କେତେ ମହତ୍ତ୍ୱପୂର୍ଣ୍ଣ କାରଣ ବୃହତ୍ ଭାଗ ଲୋକ ଜୀବିକା ପାଇଁ ଚାଷ ଉପରେ ନିର୍ଭରଶୀଳ । ଖାଇ ସାରିକି ପର୍ବ ସରି ଯାଏନି, ତାପରେ ଆରମ୍ଭ ହୁଏ "ନୂଆଁଖାଇ ଜୁହାର" କାର୍ଯକ୍ରମ। ପ୍ରଥମେ ଘରୁ ଆରମ୍ଭ ହେବ,ସମସ୍ତେ ନିଜ ଠୁ ସମସ୍ତ ବଡ଼ ମାନଙ୍କୁ ଯାଇ କି ମୁଣ୍ଡିଆ ମାରିବେ ଓ ଆଶୀର୍ବାଦ ନେବେ। ଘର ଲୋକଙ୍କୁ ମୁଣ୍ଡିଆ ମାରି ସାରିଲେ ଗାଁ ତଥା ପାଖ ଗାଆଁ ରେ ରହୁଥିବା ନିଜ ଠୁ ବଡ଼ ସମସ୍ତ ଦୂର ସମ୍ପର୍କୀୟ ଙ୍କ ଘରକୁ ଯାଇ ମୁଣ୍ଡିଆ ମାରି ଆସିବେ। ଏଇ ଥିରୁ ସୃଷ୍ଟି ହୁଏ ଭାଇଚାରା ର ଭାବ, ନିଜ ଠୁ ବଡ଼ କୁ ସମ୍ମାନ ଦେବା ତଥା ଛୋଟ କୁ ଭଲ ପାଇବାର ଭାବ।   ନିଜ ନିଜ ଭିତରେ ଥିବା ଟିକିଏ ଅଧେ ମନୋମାଳିନ୍ୟ ଦୂରେଇ ଯାଇ ସତେ ଯେମିତି ସମ୍ପର୍କ ର ନବୀକରଣ ହୋଇଥାଏ ଏହି ଦିନ।

ଏହି ପର୍ବ ର ମହତ୍ତ୍ୱ ଅତି ସୁନ୍ଦର,ଏହା ସମସ୍ତ ରସ ରେ ଭରା। ଏହା ପରିଚ୍ଛନ୍ନତା କୁ ବ୍ୟାଖ୍ୟା କରେ କାରଣ ସର୍ବ ପ୍ରଥମେ ଘର ସଫେଇ ରୁ ଆରମ୍ଭ ହୁଏ ଏହି ପର୍ବ ର ପ୍ରସ୍ତୁତି। ଏହା ଆଧ୍ୟାତ୍ମିକ ଦିଗ କୁ ସୂଚାଏ କାରଣ ଘରେ ଘରେ ବିଶେଷ ରୂପ ରେ ଇଷ୍ଟଦେବୀ ପୂଜା ପାଆନ୍ତି ତଥା ଗ୍ରାମ ରେ ଗ୍ରାମଦେବତୀ ଆଉ ସମଗ୍ର ପଶ୍ଚିମ ଓଡ଼ିଶା ରେ ମା ସମଲେଶ୍ୱରୀ ପୂଜା ପାଆନ୍ତି ଏହି ଦିନ। ଏହା ଲୋକଙ୍କର ପ୍ରଗତିଶୀଳ ମନୋଭାବ କୁ ସୂଚାଏ କାରଣ ଏଥିରେ ମୁଖ୍ୟ ଭୂମିକା ଥାଏ ନୂଆ ଧାନ ର ମାନେ ଲୋକେ ତାଙ୍କ ମୂଳ ଜୀବିକା, ଖେତ ଖଳା,ଗାଈ ଗୋରୁ କୁ ପୂଜା କରିଥାଆନ୍ତି ଏହି ଦିନ। ଏହା ଲୋକଙ୍କର ଭାବନାତ୍ମକ ଦିଗ କୁ ସୂଚାଏ କାରଣ ନିଜ ଠୁ ବୟସ ରେ ଜ୍ୟେଷ୍ଠ ଲୋକଙ୍କୁ ଅଗ୍ରାଧିକାର ଦିଆଯାଏ ସବୁଥିରେ ତଥା ମୁଣ୍ଡିଆ ମାରି ସମ୍ମାନ ପ୍ରଦର୍ଶନ କରାଯାଏ। ଏହି ପର୍ବ ଲୋକଙ୍କୁ ତାଙ୍କ ଜଡ ସହିତ ଯୋଡି ଥାଏ। କିଏ କେଉଁଠି ବି କେତେ ବଡ଼ ପଦବୀ ରେ ଚାକିରି କରିଥାଆନ୍ତୁ ନା କାହିଁକି ନୂଆଁଖାଇ ଦିନ ଫେରିକି ଆସନ୍ତି ତାଙ୍କ ଗାଆଁ କୁ ତାଙ୍କ ଜନ୍ମମାଟି କୁ ତାଙ୍କ ଆପଣା ର ଲୋକଙ୍କ ପାଖକୁ। ଏହା ସୂଚାଏ ସମ୍ପର୍କ ର ମହତ୍ତ୍ୱ କୁ କାରଣ ଘରେ ଦି ଘର ଏମିତି ବି ଥାଆନ୍ତି ଗାଆଁ ରେ ଯାହାଙ୍କ ପ୍ରବାସୀ ପରିବାର ଲୋକ କିଏ କୌଣସି ଏକ ଅତ୍ୟନ୍ତ ଅନିବାର୍ଯ୍ୟ କାରଣ ରୁ ଆସି ପାରନ୍ତିନି ତାହେଲେ ସେମାନେ ତାଙ୍କ ଅପେକ୍ଷା ରେ ନୂଆଁଖାଇ କୁ ସ୍ଥଗିତ କରିଦିଅନ୍ତି ଦଶହରା ପର୍ଯ୍ୟନ୍ତ। ଅନେକ ବିଶେଷତ୍ୱ ଅଛି ଏହି ପର୍ବ ର। ଯେତେ କହିଲେ ମଧ୍ୟ କମ୍।

" ନୂଆଁଖାଇ ଜୁହାର୍ "।

**ପ୍ଲାନୋ, ଟେକ୍ସସ୍, ଆମେରିକା**

# ଗୁରୁ ଦକ୍ଷିଣା

**ଡା.ଘନଶ୍ୟାମ**





ଡା.ମାନଭଞ୍ଜନ ଶତପଥି । ଜଣେ ଜଣାଶୁଣା ମାନସିକ ରୋଗ ବିଶେଷଜ୍ଞ। ମାନସିକ ବିଷାଦଗ୍ରସ୍ତ କିମ୍ବା ଅତି ମାତ୍ରାରେ ଚିନ୍ତିତ ଏବଂ ବ୍ୟଥିତ ହେଇ ସ୍ଵବଚ୍ଛୋରେ ମୃତ୍ୟୁକୁ ବରଣ କରିବାକୁ ମନସ୍ଥ କରିଥିବା(suicidal tendency), ଦାମ୍ପତ୍ୟ ଜୀବନରେ ଦେଖା ଦେଉଥିବା ମନୋମାଳିନ୍ୟ ଜନିତ ଅନେକ ଘଟଣାବଳିକୁ ନିଖୁଣ ଭାବରେ ତର୍ଜମା କରି ସେମାନଙ୍କୁ ଠିକ୍ ମାର୍ଗଦର୍ଶନ କରିବାଠାରୁ ଜୀବନର ଚଲାପଥକୁ ସୁଗମ ଏବଂ ପୁଷ୍ପିତ କରିବାରେ ସେ ସିଦ୍ଧହସ୍ତ ବୋଲି ଲୋକେ ଶତମୁଖର ହୋଇ ତାଙ୍କର ଗୁଣଗାନ କରିଥାନ୍ତି । ଏଇଥି ପାଇଁ ତ ତାଙ୍କ କ୍ଲିନିକ୍ ରେ ପ୍ରତିଦିନ ପ୍ରବଳ ଭିଡ଼ ହେଇଥାଏ । ତାଙ୍କ ସାକ୍ଷାତକାର ପାଇବା ପାଇଁ ଅତି କମରେ ୧୫ ଦିନ ଆଗରୁ ଆବେଦନ କରିବାକୁ ପଡିଥାଏ । ସେଇଥି ରେ ପୁଣି ସେଇ ଖଣ୍ଡମଣ୍ଡଳରେ ସେ ଜଣେ ମାତ୍ର ମାନସିକ ରୋଗ ବିଶେଷଜ୍ଞ ।

ଆଉ ବ୍ୟକ୍ତିତ୍ଵ ଭାବରେ ମଧ୍ୟ ଅତି ଧିର ସ୍ଥିର, ସ୍ମିତ ହାସ୍ୟ ସହିତ ସମସ୍ତଙ୍କ ସମସ୍ୟା ଅତି ଧୈର୍ଯ୍ୟର ସହ ସେ ଶୁଣିଥାନ୍ତି ଏବଂ ଆବଶ୍ୟକ ଅନୁସାରେ କିଛି ପ୍ରଶ୍ନ କରି ତାଙ୍କ ରୋଗର ନିଦାନ କରିବା ସହିତ କିଛି ଔଷଧ ସହ ଜୀବନ ଶୈଳୀ ବିଷୟରେ ନାନା ପରାମର୍ଶ ଦେଇଥାନ୍ତି ।

ସେ ପ୍ରତିଦିନ ସକାଳ ୯ଟାରେ ନିଜ  କ୍ଲିନିକକୁ ପହଞ୍ଚି ପ୍ରଥମେ ସେଦିନର ଏବଂ ପର ଦିନର ତାଙ୍କ ଚିରାଚରିତ ପନ୍ଥା ଅନୁସାରେ ରୋଗୀଙ୍କ ତାଲିକା ମାଗନ୍ତି ନିଜ ବ୍ୟକ୍ତିଗତ ସଚିବଙ୍କଠୁଁ । ସେ ସବୁ ଦେଖି ନିଜ ସହମତି ଦେଲା ପରେ ହିଁ ରୋଗୀଙ୍କୁ କ୍ରମାନ୍ଵୟରେ ପରାମର୍ଶ ଚେମ୍ବରକୁ ଡାକି ଚିକିତ୍ସା କରିବା ବ୍ୟବସ୍ଥା କରାଯାଇଥାଏ ।

ସେ ଦିନ ଯେତେବେଳେ ସେ ଦ୍ଵିତୀୟ ଦିନର ତାଲିକାଟା ଦେଖିଲେ, ହଠାତ୍ ତାଙ୍କ ନଜର ପଡ଼ିଗଲା ପ୍ରାୟ ୭୫ ବର୍ଷ ବୟସ୍କା ଜଣେ ବୃଦ୍ଧା ମହିଳାଙ୍କ ନାମ ଏବଂ ଠିକଣା ଉପରେ । କିଛି କ୍ଷଣ ପାଇଁ ସେ ହତବାକ୍ ହେଇ କେବଳ ସେହି ନାଁ ଟା କୁ ଦେଖୁଥାନ୍ତି । ନାଁ ଟା ଲେଖା ହେଇଥାଏ ଶ୍ରୀମତୀ ତୃପ୍ତିମୟୀ ମିଶ୍ର । ସେ ନିଜ ସଚିବଙ୍କୁ ଡାକି ସାଙ୍ଗେ ସାଙ୍ଗେ ତାଙ୍କ ଫାଇଲ ମଗେଇ ତାଙ୍କ ସାମ୍ନାରେ ରଖିବାକୁ କହିଲେ।

ସଚିବ କହିଲେ,"କିନ୍ତୁ ସାର୍, ଏ କେଶ ଟା ତ କାଲି ପାଇଁ ତାଲିକାଭୁକ୍ତ ହେଇଛି । ଆଜି କାହିଁକି"?

" ନା, ମୋତେ ଯା"ଙ୍କ ଫାଇଲ ଆଜି ହିଁ ଦରକାର । ଶୀଘ୍ର ଆଣ"

ତାଙ୍କ ଜୁନିଅର ଡାକ୍ତର ଆଗତୁରା ପ୍ରସ୍ତୁତ କରିଥିବା ମାଡାମ ମିଶ୍ରଙ୍କ ଫାଇଲରେ ସମସ୍ତ ବିବରଣୀ ପାଠ କଲାପରେ ତାଙ୍କୁ ବୁଝିବାକୁ ଆଉ କିଛି ବାକି ରହିଲା ନାହିଁ ଯେ ୟେ ହିଁ ସେହି ତାଙ୍କର ଅତି ଆଦରର ହାଇସ୍କୁଲ ସମୟର ପ୍ରିୟ ପୁରୁଣା ଶିକ୍ଷୟତ୍ରୀ । ସେ ଦେଖିଲେ, ଶେଷରେ ପ୍ରୋଭିଜନାଲ ଡାଇଗ୍ନୋସିସରେ ଲେଖା ହୋଇଛି,Acute depressive psychosis with stage 1 Alzheimer's disease ". ଭକ୍ତି ଭରା ହୃଦୟରେ ନୟନ ଯୁଗଳ ତାଙ୍କର ଛଳଛଳ ହେଇ ଗଲା । ଭାବବିହୋଳ ହେଇ ସେ ନିଜ ସଚିବଙ୍କୁ ଆଦେଶ

କଲେ, ଆସନ୍ତା କାଲି ପାଇଁ ଥିବା ସମସ୍ତଙ୍କ ଆପୋଏଣ୍ଟମେଣ୍ଟ ବାତିଲ କରି ସେମାନଙ୍କୁ ଆଉ ଗୋଟିଏ ଦିନ ଦେଇ ଦିଅ ଏବଂ କେବଳ ତାଙ୍କର ଆପୋଏଣ୍ଟମେଣ୍ଟ ରଖ। ସେ ହେଉଛନ୍ତି ଶ୍ରୀମତି ତୃପ୍ତିମୟୀ ମିଶ୍ର । କାଲି ମୁଁ ଆଉ କାହାକୁ ଦେଖିବାକୁ ଚାହେଁ ନାହିଁ" ।

"କିନ୍ତୁ ସାର୍, ସେମାନଙ୍କୁ ତ ୧୫ ଦିନ ଆଗରୁ ସମୟ ଦେଇ ଦିଆ ହେଇଛି" । ସେମାନଙ୍କୁ ପୁଣି ଏଡ଼ଜଷ୍ଟ କରିବା କେମିତି"?

"ସେ ସବୁ ମୁଁ କିଛି ଶୁଣିବାକୁ ଚାହେଁ ନା । ଯାହା କହୁଛି, ସେ'ୟା କର। ବାକି ସମସ୍ତଙ୍କୁ ୨ - ୩ ଜଣ କରି ପ୍ରତିଦିନ ଏଡଜଷ୍ଟ କରିଦିଅ ଆମର ଏମାର୍ଜେନ୍ସି କୋଟାରେ। କିନ୍ତୁ ମୁଁ କାଲି ପୁରା ଦିନଟା ଏହି ମାଡ଼ାମଙ୍କୁ ଦେବାକୁ ଚାହେଁ । ହଁ, ଆହୁରି ଶୁଣ, I don't want any disturbance tomorrow. ସେ ଆସିଲେ, ତାଙ୍କୁ ସସମ୍ମାନେ ମୋ ଚେମ୍ବରକୁ ଆଣି ବସେଇ ଦେବ। Now you can start today's business", ଏ 'ୟା କହି ସେ ସେହି ଦିନର ରୋଗୀ ଦେଖା କାର୍ଯ୍ୟକ୍ରମ ଆରମ୍ଭ କରିଦେଲେ |

ତା' ପରଦିନ । ଏକ ବିଷର୍ଣ୍ଣ .ବଦନା, ଜିର୍ଣ୍ଣ କାୟ, ଶ୍ଵେତ କେଶୀ, ଲୋଳିତ ଚର୍ମାବୃତା ଏକ ଧବଳ ବସ୍ତ୍ର ପରିହିତା ପରିଣତ ବୟସ୍କା ମହିଳା ଧିରସ୍ଥିର ଭାବରେ ଆସି ପହଞ୍ଚିଗଲେ କ୍ଲିନିକ ସାମ୍ନାରେ । ସେ ଆଉ କେହି ନୁହଁନ୍ତି, ସେ ହେଉଛନ୍ତି ଶ୍ରୀମତୀ ତୃପ୍ତୀମୟୀ ମିଶ୍ର । କ୍ଲିନିକରେ ଆଉ କେହି ରୋଗୀ ନ ଥିବା ଦେଖି ସେ ବଡ଼ ଆଶ୍ଚର୍ଯ୍ୟ ହେଇ ଯାଇଥିଲେ ସେ ଦିନ । କାରଣ ସେ ଶୁଣିଥିଲେ ଯେ କୁଆଡ଼େ ୟେ ଡାକ୍ତର ଭାରୀ ଲୋକପ୍ରିୟ ଏବଂ ତାଙ୍କ କ୍ଲିନିକରେ ଭାରି ଭିଡ଼ ହୁଏ । ତାଙ୍କୁ କେତେବେଳେ ସୁଯୋଗ ମିଳିବ ସାକ୍ଷାତକାର ପାଇଁ, ମନେ ମନେ ଭାଳୁଥାନ୍ତି ସେ ।

ଅପେକ୍ଷାରତ ମାତାମଙ୍କୁ ଦେଖି ସାର୍ ଙ୍କ ଆଦେଶ ଅନୁସାରେ ବଡ଼ ଆଗ୍ରହରେ ସସମ୍ମାନେ ତାଙ୍କୁ ପାଛୋଟି ନେଇ ଡାକ୍ତର ବାବୁଙ୍କ ଚେମ୍ବରରେ ବସେଇ ଦେଲେ ଏବଂ କିଛି ମୃଦୁ ପାନୀୟ ସଦାଚାର ପୂର୍ବକ ଯାଚନା କଲେ।

ଶ୍ରୀ ମତି ମିଶ୍ର ଭାବି ପାରୁ ନ ଥାନ୍ତି ଯେ ସେ ଏଇ କ୍ଲିନିକ କୁ ଏକ ରୋଗୀ ଭାବରେ ଆସିଛନ୍ତି ନା କାହାଘରକୁ ଏକ ଅତିଥି ହେଇ ଆସିଛନ୍ତି । ଏଇମିତି ଅନେକ ପ୍ରଶ୍ନବାଚୀ ତାଙ୍କ ମନରେ |

ଠିକ୍ ଏତିକି ବେଳେ ନିଜ ପାରମ୍ପରିକ ସୁଟ ଏବଂ ଟାଇ ପରିହିତ ଡା.ଶତପଥି ପଶି ଆସିଲେ କ୍ଲିନିକ ଭିତରକୁ ଏବଂ ଆସି ଠିଆ ହୋଇଗଲେ ତାଙ୍କ ସାମ୍ନାରେ । ଦିର୍ଘ ୩୫ ବର୍ଷ ପରେ ସେ ଦେଖୁଥାନ୍ତି ନିଜର ଅତି ଆପଣାର (ଗୁରୁ ମା) ଶିକ୍ଷୟତ୍ରୀଙ୍କୁ । ଆଉ ମନେ ମନେ ଭାବୁଥାନ୍ତି, ଯେଉଁ ମାଡ଼ାମ୍ ଏତେ ସୁନ୍ଦର ଆଉ ଏକ୍ଟିଭ ଥିଲେ ସେ ସମୟରେ, ସମୟ ଚକ୍ରର ଘୁର୍ଣ୍ଣନ ସାଙ୍ଗକୁ ତାଙ୍କ ଜୀବନର ଗତି ପଥ ମଧ କିପରି ପୁରାପୁରି ଏକ ୟୁ ଟର୍ଣ୍ଣ ନେଇ ଯାଇଛି । ଏଇ କିଛି ବର୍ଷ ତଳେ ତାଙ୍କ ପତିଦେବଙ୍କ ହୃଦ୍‌ରୋଗରେ ଅକାଳ ମୃତ୍ୟୁ ହେଇଗଲା । ଏଇମିତି ତ ଜୀବନରେ ତାଙ୍କର ଆଉ କେହି ସାଥି ନ ଥିଲେ,କାରଣ ସେ ଥିଲେ ନିଃସନ୍ତାନ।ବୈଧବ୍ୟ ଜୀବନ ସାଙ୍ଗକୁ ବନ୍ଧ୍ୟାତ୍ଵର ବେଦନାରେ ସେ ଯେ ତିଳ ତିଳ ହେଇ ପ୍ରତିଦିନ ମରୁଥାନ୍ତି,ତାଙ୍କଠୁଁ ଆଉ ଅଧିକ କିଏ ବା ଜାଣି ପାରେ?

ଏକ ମନୋବିଶାରଦ ଚିକିତ୍ସକ ଭାବରେ ତାଙ୍କୁ ଆଉ କିଛି ବୁଝିବାକୁ ବାକି ରହିଲା ନାହିଁ ତାଙ୍କ ଗୁରୁ ମା'ଙ୍କ ହୃଦୟର ବେଦନାଟା। ତାଙ୍କ କୋଟରଗତ ନୟନ ଯୁଗଳ ,ଲୋଳିତ ଚର୍ମ ସହିତ ବିଷର୍ଣ୍ଣ ମୁଖ ମଣ୍ଡଳ ଏବଂ ଶୁଷ୍କ ଲାଳିମା ରହିତ ଓଷ୍ଠଦ୍ଵ ସତେ ଯେମିତି ବର୍ଣ୍ଣନା କରି ଚାଲିଥାଏ ତାଙ୍କ ହୃଦୟର ପ୍ରତିଟି ବେଦନାକୁ ।

ସାଙ୍ଗେ ସାଙ୍ଗେ ଡା.ଶତପଥି ଭକ୍ତି, ସ୍ନେହ ଏବଂ ଶ୍ରଦ୍ଧାର ଏକ ପ୍ଲାବିତ ଭାବଧାରା ସହିତ ମାଡ଼ାମଙ୍କ ଚରଣ ସ୍ପର୍ଶ ପୂର୍ବକ ଧିର ସ୍ଥିର ତଥା ବଡ଼ ଗମ୍ଭୀର ମୁଦ୍ରାରେ ପଚାରି ଉଠିଲେ," କେମିତି ଅଛନ୍ତି ମାଡାମ "?

"ୟେ କଣ?, ନିଜକୁ ନିୟନ୍ତ୍ରଣ କରି ନ ପାରି ପଚାରି ଉଠିଲେ, ଆପଣ ଏତେ ବଡ଼ ଡାକ୍ତର ହେଇ ମୋ' ପରି ଜଣେ ସାମାନ୍ୟ ରୋଗୀକୁ ଏତେ.......

ମଝିରେ ହିଁ ତାଙ୍କ ଭାବକୁ ଠଉରେଇ ନେଇ ଡା.ଶତପଥି କହି ଉଠିଲେ" ମାଡାମ, ବୋଧହୁଏ ଆପଣ ମୋତେ ଚିହ୍ନି ପାରିଲେ ନାହିଁ । ହଁ, ନ ଚିହ୍ନି ପାରିବାଟା ବି ସ୍ୱାଭାବିକ ।ଦିର୍ଘ ୩୫ ବର୍ଷ ତଳର କଥା । ଆପଣଙ୍କର ମନେ ଅଛି? ଆପଣଙ୍କ କ୍ଲାସରେ ଅତି ଦୁଷ୍ଟାମି କରୁଥିବା ଚଗଲା ପିଲାଟିଏ । ଥରେ ସେ ତା' ସହପାଠିନୀର ଲମ୍ବା ଚୁଟିଟାକୁ ଚୁପ୍ କିନା କଇଁଚିରେ କାଟି ଦେଇଥିଲା ବୋଲି ଆପଣ ଭିଷଣ ରାଗିଯାଇଥିଲେ ଏବଂ "ଯେସା କୁ ତେସା" ନିତୀରେ ସେଇ ଝିଅଠୁଁ ସେହି ବାଳକର ସମସ୍ତ କେଶ କର୍ତ୍ତନ କରେଇ ଲଣ୍ଡା କରେଇ ଦେଇଥିଲେ । ସେହି ବାଳକ ଆଉ କେହି ନୁହେଁ ମାଡାମ, ମୁଁ ହିଁ ସେହି ଆପଣଙ୍କର ଦୁଷ୍ଟ ଶିଷ୍ୟ | ସେହି ଦିନ ସନ୍ଧ୍ୟାରେ ଆମ ଘରକୁ ଆସି ମୋତେ କେତେ କଣ ବୁଝେଇ ସତେ ଯେମିତି ଚଣ୍ଡାଶୋକରୁ ଧର୍ମାଶୋକ ରେ ରୁପାନ୍ତରିତ କରି ଦେଇଥିଲେ ଆପଣ । ସେହି ଦିନ ଠୁଁ ମୋ ଭିତରେ ଆସି ଯାଇଥିଲା ଏକ ବିରାଟ ପରିବର୍ତ୍ତନ । ମୁଁ ପାଲଟି ଯାଇଥିଲି ଏକ ସୁନା ପୁଅ । ମୋ ଜୀବନର ଗତି ପଥକୁ ଆପଣ ସତେ ଯେମିତି ପରିବର୍ତ୍ତିତ କରି ଦେଇଥିଲେ । ଭଲ ପାଠ ପଢ଼ି ମୁଁ ହେଇ ଯାଇଥିଲି ଏକ ଡାକ୍ତର ଏବଂ ଆପଣଙ୍କର ସେଇ ଆଶିର୍ବାଦର ଫଳକ ଆଜି ଆପଣଙ୍କ ସାମ୍ନାରେ ଦଣ୍ଡାୟମାନ ମାଡାମ "!

ବିଶ୍ୱାସ ହେଉ ନ ଥାଏ ମାଡାମ ତୃପ୍ତି ମୟୀଙ୍କର ।ଭାବବିହୋଳ ମାଡାମଙ୍କ ଶୁଷ୍କ କୋଟରଗତ ନୟନ ଯୁଗଳରୁ ସତେ ଯେମିତି ମାତୃତ୍ୱର ସ୍ନେହ ଭରା ଏକ ଫଲ୍‌ଗୁଧାରା ପୁଣିଥରେ ପ୍ରବାହମାନ ହେବାକୁ ଲାଗିଲା। ଅତି ଗେଲ୍ହରେ ନିଜ ପୁତ୍ର ସ୍ୱରୂପ ପୁରାତନ ଛାତ୍ରକୁ କୁଣ୍ଢେଇ ପକେଇଲେ ଏବଂ ଅନାୟାସ ବାହାରି ପଡ଼ିଲା ତାଙ୍କ ପ୍ରକମ୍ପିତ ଔଷ୍ଠବ ଦ୍ୱୟ ରୁ," ଆରେ, ମାନୁ ତୁ?(ତାକୁ ସେ ପିଲା ବେଳେ ମାନୁ ବୋଲି ଡାକୁ ଥିଲେ ), ତୁ ଏତେ ବଡ଼ ହେଇଗଲୁଣି ବାପା ! ଆଉ ମୁଁ ପାଗଳୀ ତୋତେ ଚିହ୍ନି ବି ପାରିଲି ନି" ।

"ହଁ ମାଡ଼ାମ, ଆପଣ ଆରାମରେ ବସନ୍ତୁ । ଆପଣଙ୍କ ସାଙ୍ଗରେ ବହୁତ କିଛି ବାର୍ତ୍ତାଳାପ କରିବାର ଅଛି। ହେଲେ, ଆଗ ଟିକିଏ ପାଣି ପିଇ ନିଅନ୍ତୁ" ।

"ଏଥର ଆସନ୍ତୁ, ଆପଣଙ୍କୁ ମୁଁ ଗୋଟିଏ ସୁନ୍ଦର ଜିନିଷଟିଏ ଦେଖେଇବି, ଯାହାକୁ ଦେଖି ଆପଣ ନିଜର ସମସ୍ତ ଦୁଃଖ ଭୁଲି ଯିବେ । ଏୟା କହି ସେ ନିଜ ସିଟ ସାମ୍ନା କାନ୍ଥରେ ଲାଗିଥିବା ଏକ ପରଦାକୁ ଟାଣି ଦେଲେ, ଯେଉଁଠି ଥାଏ ଏକ ବିରାଟ କାନ୍ଭସରେ ଅଙ୍କା ଯାଇଥିବା ସୁନ୍ଦର ଚିତ୍ର ଟିଏ, ଯାହାକୁ ସେ ନିଜ ପ୍ରିୟ ଛାତ୍ର ମାନଭଞ୍ଜନ କୁ ତା'ର ମାଟ୍ରିକ ପରୀକ୍ଷାରେ ଟପର ହେବା ଦିନ ଉପହାର ସ୍ୱରୂପ ଦେଇଥିଲେ। ମାନସ ପଟଳରେ ବିସ୍ମୃତ ହୋଇଯାଇଥିବା ସମସ୍ତ ପୁରୁଣା କଥା ଗୋଟି ଗୋଟି କରି ସତେ ଯେମିତି ପୁଣିଥରେ ଉଦ୍‌ଭାସିତ ହେବାକୁ ଲାଗିଲା ମାଡାମ ମିଶ୍ରଙ୍କ ମସ୍ତିଷ୍କରେ ସିନେମାର ରୂପେଲି ପରଦାର ଛବି ସବୁ ତରଙ୍ଗାୟିତ ହେଲା ପରି।

ସବୁ କଥା କାଲି ପରି ଲାଗୁଛି । ଭାବବିହୋଳ ମାଡାମ ମିଶ୍ର କୁଣ୍ଢେଇ ପକେଇରେ ନିଜ ପୁତ୍ର ସ୍ୱରୂପ ପୁରାତନ ପ୍ରିୟ ଛାତ୍ର"ମାନୁ" କୁ । ଧାର ଧାର ଆନନ୍ଦାଶ୍ରୁ ତାଙ୍କ ଦୁଇ ନୟନରେ । କିଛି ସମୟ ପରେ ପ୍ରକୃତିସ୍ଥ ହେଇ କହିଲେ, "ମୋର ଆଉ କିଛି ଲୋଡ଼ା ନାହିଁ ବାପା, ମୋତେ ଆଜି "ହଜିଲା ଧନ ଖୋଜିଲା ଠେଇଁ ପରି ସବୁ କିଛି ମିଳିଗଲା । ସେଇ ପରମପିତା ପରମେଶ୍ୱରଙ୍କୁ କୋଟି ନମସ୍କାର । ବାଣ୍ ବାପା, ତୁ ମୋତେ ଏମିତି କିଛି ଔଷଧ ଦେଇ ଦେ, ଯେମିତି ମୋର ବାକି ତକ ଦିନ ଶାନ୍ତି ରେ ରହି ପାରିବି।

"ହଁ ମାଡାମ, ବଡ଼ ଭାବୁକ ହେଇ ଡା. ଶତପଥି କହୁଥାନ୍ତି, ମୁଁ ନିଶ୍ଚୟ ଆପଣଙ୍କୁ ପ୍ରେସ୍‌କ୍ରିପ୍ସନ ଟିଏ ଦେବି। କିନ୍ତୁ ଗୋଟିଏ ସର୍ତ୍ତରେ । ମୁଁ ଯାହା କହିବି, ସେ ଅନୁସାରେ ମୋ କଥା ରଖି ଚଳିବେ" । ଏ' ଯା କହି ସେ ନିଜ ଟେବୁଲ ଡ୍ରୟାର ଭିତରୁ ଆଗରୁ ରଖା ହେଇଥିବା ଏକ ପେକେଟ ବାହାର କରି ତାଙ୍କ ହାତରେ ଧରେଇ ଦେଲେ |

"ୟେ ପୁଣି କଣ"?, କହି ଉଠିଲେ ମାଡ଼ାମ ।

"ଆପଣ ନିଜେ ଖୋଲି ଦେଖନ୍ତୁ ନା! ଆପଣଙ୍କ ପ୍ରେସକ୍ରିପ୍ସନ" ।

ପାକେଟ ଖୋଲି ଦେଖିଲା ବେଳକୁ ସେଥିରେ କିଛି ତୁଳୀ, କିଛି ରଙ୍ଗ ଏବଂ ଏକ କେନଭାସ୍ ଗୁଡ଼େଇକି ରଖା ହେଇଥାଏ । ସେ ଆଶ୍ଚର୍ଯ୍ୟ ହେଇ ଅନେଇ ରହିଥାନ୍ତି ପ୍ରଶ୍ନବାଚୀ ଭାବରେ ଡା. ଶତପଥିଙ୍କ ଆଡ଼କୁ ।

ଡ଼ା ଶତପଥି କହି ଉଠିଲେ,"ହଁ ମାଡାମ, ଆପଣଙ୍କୁ ଔଷଧ ନୁହେଁ, ଆପଣଙ୍କ ମନ ଲାଖି ଏକ ଏଙ୍ଗେଜ୍ମେଣ୍ଟ ଦରକାର । ଆଉ ମୁଁ ଠିକ୍ ଜାଣିଛି, ଛବି ଆଙ୍କିବା(Painting) ଆପଣଙ୍କ କେବଳ ସଉକ ନୁହେଁ,ଆପଣଙ୍କ ଲାଇଫଲାଇନ୍ ।

ଆଉ ଥରେ ଛଳଛଳ ହେଇ ଉଠିଲା ଆଖି ଦୁଇଟା ମାଡ଼ାମଙ୍କର । ମୁଖରୁ କୌଣସି ଶବ୍ଦ ବାହାରୁ ନ ଥାଏ , ସତେ ଯେମିତି ତାଙ୍କ ଶୁଷ୍କ କୋଟରଗତ ନୟନରୁ ବାହାରି ଆସୁଥିବା ଦୁଇ ବୁନ୍ଦା ଅବାଧ ଭାବପୁର୍ଣ୍ଣ ଅଶ୍ରୁ ସବୁ ବଖାଣି ଚାଲିଥାଏ ।

କହିଲେ ମାନ ଭଞ୍ଜନ ବାବୁ, "

ମାଡାମ, ମୁଁ କିନ୍ତୁ ଜଣେ ପେଶାଦାର ଡାକ୍ତର । ମୋ ଫିଜ୍ ମୁଁ ଛାଡି ପାରିବି ନି। ଆପଣଙ୍କୁ ମୋତେ ମୋ ପାଉଣା ଦେବାକୁ ହେବ " ।

"ହଁ , କୁହ ବାପା, ତୋତେ ମୁଁ କଣ ଦେଇ ପାରିବି। ଏଇଟିକିଏ ଆଶିର୍ବାଦ ବ୍ୟତୀତ ଆଉ କଣ ଦେଇ ପାରିବି"?

"ହଁ ମାଡାମ, ଆପଣ ମୋତେ ବହୁତ କିଛି ଦେଇ ପାରିବେ । ମୋ ମା' ମୋତେ ପିଲା ବେଳୁ ଛାଡ଼ି ଦେଇ ଏ ଦୁନିଆରୁ ବିଦାୟ ନେଇଛି । ମା'ର ସ୍ନେହ,ମମତା କଣ, ମୁଁ କିଛି ଜାଣେ ନି। ଆପଣଙ୍କୁ ମୋର କେବଳ ଏତିକି ମାଗୁଣି । ମାଡାମଙ୍କ ସ୍ଥାନରେ ମୋତେ ମା' କହିବାର ଅଧିକାର ଦେଇ ଦିଅନ୍ତୁ" । ଆଜିଠାରୁ ଆପଣ ମୋ ସାଙ୍ଗରେ ରହି ମୋ ମୁଣ୍ଡ ଉପରେ ମା'ର ଆଶିର୍ବାଦ ଶୁଚକ ବରଦ ହସ୍ତ ସଦାସର୍ବଦା ରଖିଥିବେ । ଏକ ମା' ଛେଉଣ୍ଡ ପୁଅକୁ ତା'ର ମା' ମିଳିପିବ । ଏତିକି ଦେବେ ନା"?

ମାଡାମଙ୍କ ମୁଖରେ ଭାଷା ନ ଥାଏ । କେବଳ ଅଶ୍ରୁପ୍ଲାବିତ ନୟନରେ ଭାବବିଭୋର ହେଇ ଅପଲକ ନୟନରେ ଚାହିଁ ରହିଥାନ୍ତି ପୁତ୍ର ମାନଭଞ୍ଜନ ଆଡ଼କୁ ।

ଆଉ ମାନୁ କହୁଥାଏ," ଚାଲ ମା, ଘରକୁ ଯିବା ଏଥର । ତମ ବୋହୁ ତମ ଆସିବା ବାଟକୁ ଚାହିଁ ରହିଛି" ।

ସ୍ତ୍ରୀ ରୋଗ ବିଶେଷଜ୍ଞ, ଟିଟିଲାଗଡ଼

■■■

# ନିଖୋଜ ହୋଇଯାଉଥିବା ଈଶ୍ୱରମାନେ...

**ଛନ୍ଦା ମିଶ୍ର**





କୁକୁର କୁ ବାସୀ ରୁଟି ପଟେ ଦେଇଥିଲେ, ସେ ଆପଣ ଙ୍କୁ ଯେଉଁଠି ଦେଖିଲେ ଲାଙ୍ଗୁଡ଼ ହଲେଇବ କୃତଜ୍ଞତା ରେ । କିନ୍ତୁ ମଣିଷ...  ତା ପରି କୃତଘ୍ନ ପ୍ରାଣୀ ବୋଧହୁଏ ବିଶ୍ୱ ରେ ବିରଳ, ନୋହିଲେ ବିଶ୍ୱାସଘାତକତା କରି ଯେଉଁ ଥାଳି ରେ ଖାଇବ ସେଇ ଥାଳି ରେ ଛିଦ୍ର କରିବାକୁ, ସେ କି ହୁଅନ୍ତା ଆଗଭର। ଏପରିକି ତାକୁ ପାଳି ପୋଷି, ନିଜ ପେଟ ଓ ପିଠି ରୁ କାଟି, ତାର ପେଟ ଓ ପିଠି ଭରି ଥିବା, ସମାଜ ରେ ମଣିଷ ପରି ମଣିଷ ଟିଏ କରି ଛିଡା କରେଇ ଥିବା, ଈଶ୍ୱରଙ୍କୁ ବି ସେ କରିପାରିବ କି ହତାଦର! ଦିନେ ଯେଉଁ ହାତ ଧରି ଚାଲି ଶିଖିଥିଲା, ଦିନେ ଯେଉଁ ହାତ ପ୍ରଥମ ଭାତ ଗୁଣ୍ଡା ଟି ତା ପାଟି ରେ ଦେଇଥିଲା, ସେଇ ହାତ କୁ ସେ ଛାଡି ଦେଇପାରେ ବିନା ଅନୁଶୋଚନା ରେ ।

ଏପରି ଅପକର୍ମ କରିବା ପୂର୍ବରୁ, ସତ ରେ କଣ ତା ମନ ରେ ଥର ଟିଏ ବି ଭାବନା ଆସେନି, କାଲି ମୋର ବି ଏପରି ଅବସ୍ଥା ଆସିବ, କାଲି ମତେ ବି କେହି ଏପରି ଅଣଦେଖା କରିପାରେ ! ହାଏ ରେ... ଈଶ୍ୱର ଙ୍କ ସୃଷ୍ଟିର ଶ୍ରେଷ୍ଠ ଜୀବ... ଏଇ କଣ ତୋର୍ ଶ୍ରେଷ୍ଠତ୍ୱ ? ବିବେକ, ମନ, ମସ୍ତିଷ୍କ, ଚେତନା... ସବୁ କଣ ତୋର ପୋଡି ଜଳି ହୋଇ ଯାଇଚି ଅଙ୍ଗାର? କାମ ସରିଗଲେ ମୁହଁ ଫେରେଇ ନେବାର କୁତ୍ସିତ ମାନସିକତା କେବଳ ମଣିଷ ନାମକ ଅସଭ୍ୟ ଠାରେ ହିଁ ଦେଖି ବାକୁ ମିଳେ। ହଁ, ଏଇ ଦୁଇଗୋଡିଆ ମଣିଷ ରୂପକ (ପଶୁ ବୋଲି ଲେଖିବାକୁ ହାତ ଯାଉନି, ପଶୁ ନିକଟରେ ବି ଦୟା ମାୟା ଟିକେ ଅଛି) ବର୍ବର ମାନେ, ପୂଜା କରିବାକୁ ଉଦିଷ୍ଟ ଈଶ୍ୱର ମାନଙ୍କୁ ବି କରିଦେଇ ପାରନ୍ତି ନିଖୋଜ।

ସନ୍ତାନ ଟିଏ କୋଳ କୁ ଆସିଲେ, ନିଜ ଜୀବନ କୁ ତୁଛ କରି ତାହାକୁ ହିଁ ଜୀବନ ମଣନ୍ତି ବାପା ମା। ନିଜର ଲହୁ କୁ ବୁହାଇ ଦେଇ ତା ଶରୀର ରେ ଭରି ଦିଅନ୍ତି ବଳ। ନିଜ ସୁଖ କୁ ପଛକୁ ଠେଲି ତା ସୁଖ କୁ ଦିଅନ୍ତି ଅଗ୍ରାଧିକାର। ହାଉ ଯାଉ ହୋଇ ଭୋକ ରେ ପୋଡି ଯାଉଥିବା ପେଟ କୁ, ଓଠ ର ମିଛ ହସ ରେ  ଲୁଚାଇ ଦେଇ, "ମତେ ଭୋକ ନାହିଁ ତୁ ଖାଇଦେ" କହି ସନ୍ତାନ କୁ ଦିଅନ୍ତି ଖୁଆଇ। ତା ଆଖି ର ସ୍ୱପ୍ନ, ପାଲଟି ଯାଏ ତାଙ୍କ ଜୀବନର ଲକ୍ଷ୍ୟ। ଈଶ୍ୱର ଯେପରି କେବଳ ଦେବା ରେ ବିଶ୍ୱାସ କରନ୍ତି ଠିକ୍ ସେହିପରି, ମଣିଷ ରୂପ ରେ ବାପା ମା ରୂପକ ଈଶ୍ୱର, ସନ୍ତାନ ପାଇଁ ନିଜର ସବୁକିଛି ଉତ୍ସର୍ଗ କରିଦେବା ପାଇଁ ହୋଇ ଉଠନ୍ତି ତତ୍ପର। ମୁହଁ ଖୋଲି କୁହନ୍ତୁ ବା ନ କୁହନ୍ତୁ, ମନ ଭିତରେ ଗୋଟିଏ ଭାବନା ଲୁକ୍କାୟିତ ହୋଇ ଥାଏ ଯେ, "ମୁଁ ଯେବେ ବଳ ବୟସ ସରିଲେ ଅସହାୟ ହୋଇ ପଡିବି, ଏଇ କୁନି କୁନି ଦୁର୍ବଳ ହାତ ଦୁଇ, ସେତେବେଳ କୁ ପାରି ଯାଇଥିବ, ଏଇ ଦେବ ମତେ ସାହାରା"। କିନ୍ତୁ କେତେ ଜଣ ଙ୍କର ବା ଏଇ ଆଶା ପୂରଣ ହୁଏ। ଆଶା, ଖୁବ୍ ଶୀଘ୍ର ନିରାଶା ରେ ପରିଣତ ହୋଇ ପାଲଟି ଯାଏ ହତାଶା। ଆଖି ରୁ ଅନ୍ଧପୁତୁଳି ଖୋଲିଲା ବେଳକୁ ଚାରିଆଡ ସମ୍ପୂର୍ଣ୍ଣ ଅନ୍ଧାର।

ଏଇ ନିକଟରେ, ପୁରୀ ରଥ ଯାତ୍ରା ପରେ ପରେ ଅନେକ୍ ବୃଦ୍ଧ ବୃଦ୍ଧା ଙ୍କୁ ଅସହାୟ ହୋଇ ପଡିଥିବା ର ଦେଖିବାକୁ ମିଳିଲା। ସାଥିରେ ଆସିଥିବା ନୟନ ପିତୁଳା ମାନେ, ପିତାମାତାଙ୍କ ନୟନ ରେ ବନ୍ୟା ଆଣି, ତୀର୍ଥ କରାଇବା ବାହାନା ରେ ତାଙ୍କୁ ଛାଡ଼ି ଚାଲିଯାଇଥିଲେ ଅନାଥ କରି। ତେବେ କେବଳ ପୁରୀ ରେ ନୁହେଁ, ଶିବରାତ୍ରି ପରେ ଲିଙ୍ଗରାଜ ମନ୍ଦିର ନିକଟରେ ମଧ୍ୟ ସମାନ୍ ଦୃଶ୍ୟ ଦେଖିବାକୁ ମିଳେ। ଆଉ ବୃନ୍ଦାବନ, ମଥୁରା, ଗଙ୍ଗା ଗୟା, ହରିଦ୍ୱାର , ରିଷିକେଶ, ଏସବୁ ର କଥା ବା କଣ କହିବା! ଅସହାୟ ହୋଇ ସେଠାରେ ଘୁରି ବୁଲୁଥିବା ବୃଦ୍ଧ ବୃଦ୍ଧା ଙ୍କ କୋରଡ଼ ରେ ପଶି ଯାଇଥିବା, ଲୁହ ଛଳ ଛଳ ଆଖି ସବୁ ଖୋଲି କରି କହିଦିଏ। ଏମିତି ସମୟରେ ଏମାନଙ୍କର ହାତ ଛାଡ଼ି ଦିଆ ଯାଏ, ଯେତେବେଳେ ସେମାନେ ସେହି ହାତ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ

ହୋଇ ପଡିଥାନ୍ତି । ସେହି ହାତ ଉପରେ ଅବିଶ୍ୱାସ ବା ସନ୍ଦେହ କରିବା ପାଇଁ, ମନ ତାଙ୍କର ଡାକେନା। ଏମିତିକି ସତ ଜାଣିଲା ପରେ ବି ସେମାନେ ସତ୍ୟ କୁ କରନ୍ତି ଅବିଶ୍ୱାସ। ଏଇ କିଛି ଦିନ ପୂର୍ବେ ଲିଙ୍ଗରାଜ ମନ୍ଦିର ଠାରେ ବିହାର ରୁ ଆସିଥିବା ଜଣେ ବୃଦ୍ଧ ଦର୍ଶନାଭିଲାଷୀ ଙ୍କୁ ବୁଝାଇ ବୁଝାଇ ପୋଲିସ ହୋଇଥିଲେ ନାକେଦମ୍। ତାଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ, ପୁଅ ତାଙ୍କର ଫେରିବ। ପୁଅ ଯେହେତୁ ମନ୍ଦିର ଭିତରେ ବସାଇ ଦେଇ, "ତୁମେ ବସିଥା, ମୁଁ ଆସୁଛି" ବୋଲି କହିଚି, ତେଣୁ ବୃଦ୍ଧ ସେଠାରୁ ହୁଙ୍କିବା ପାଇଁ ନାରାଜ୍। ଚାରିଦିନ ର ଅପେକ୍ଷା ପରେ ଜଣକ ସହାୟତା ରେ ବୃଦ୍ଧଙ୍କୁ ତାଙ୍କ ଗ୍ରାମ କୁ ପଠାଇ ବାର ବନ୍ଦୋବସ୍ତ କରା ଯାଇଥିଲା। ସେ ସିନା ନିଜ ନାମ ଗ୍ରାମ ଠିକଣା ଜାଣିଥିଲେ ବୋଲି। ଅନେକ୍ ସମୟରେ ତ ଏପରି ହୁଏ ଯେ ଗାଁ ଗହଳର ସରଳ ନିଷ୍କପଟ ମାନେ ସେତକ ବି କହି ପାରନ୍ତି ନାହିଁ। ସେମାନେ ପାଶୋରି ଯାଇ ଥାନ୍ତି ନିଜର ପରିଚୟ, କାରଣ ପିଲା ଜନ୍ମ ହେଲା ଦିନ ରୁ ଅମୁକ ର ବାପା, ଅମୁକ ର ବୋଉ ପାଲଟି ଯାଇଥାଏ ତାଙ୍କର ପରିଚୟ। ବୟସ ର ଅପରାହ୍ନ ରେ ସେମାନେ ଆଉ କାମ କରିବାର ଅବସ୍ଥା ରେ ନଥାନ୍ତି। କେହି ଭୋକ ର ଜ୍ୱାଳା ସହି ନପାରି ହାତ ପତାଏ, ଆଉ ବା କେହି ନିଜ ସ୍ୱାଭିମାନ କୁ ଜଗି ସେତକ ବି କରି ନପାରି ଅନାହାର ରେ ପଡି ପଡି, ପାଟି ରେ କନା ବିଣ୍ଡା ଦେଇ, ଆଖି ରୁ ଲୁହ ଝରାଇ ମୃତ୍ୟୁ ର ଅପେକ୍ଷା କରେ ଚାତକ ପରି।

କୁହାଯାଏ, ଈଶ୍ୱର ସବୁ ସ୍ଥାନ ରେ ସବୁ ସମୟରେ ଉପସ୍ଥିତ ରହି ପାରିବେ ନାହିଁ ବୋଲି "ମାଆ" ଟିଏ ସୃଷ୍ଟି କରିଛନ୍ତି। କୁହାଯାଏ, ପିତା ମାତା ଠାରୁ ବଡ଼ ଦେବତା କେ ସରଗ ରାଇଜେ ନାହିଁ...। ହେଲେ କେହି କଣ ଏପରି ଈଶ୍ୱର ମାନଙ୍କୁ ନିଖୋଜ କରି ଦେଇ ପାରେ ? ଧୂପ ଦୀପ ଦେଇ ପୂଜା ନ କରି ପାରିଲେ ବି କେହି କଣ ସେମାନଙ୍କୁ ପାଦ ରେ ଆଡ଼େଇ ଦେଇ ପାରେ ?

ତେବେ ଏହାର କାରଣ ଟି କଣ ହୋଇପାରେ ? ଖାଦ୍ୟ ମୁଠାଏ ଦେଇ ନ ପାରିବାର ଅସମର୍ଥତା! ନିଶ୍ଚିତ ଭାବେ ନା। କାରଣ ଯିଏ ନିଜ ସ୍ତ୍ରୀ ପିଲା ଙ୍କୁ ଖାଦ୍ୟ ଦେଇ ପାରୁଛି, ସେଇ ଖାଦ୍ୟ ରୁ ମୁଠାଏ କଣ ନିଜ ବାପ କୁ ଦେଇ ପାରିବ ନାହିଁ, ବାପ ଟି ତ କେବେ କ୍ଷୀରି ପୁରୀ ପାଇଁ ଜିଦି କରି ନ ଥିବ...!

ଅତ୍ୟନ୍ତ କ୍ଷୋଭର ସହ କହିବାକୁ ପଡୁଛି ଯେ, ଏଇ ମାଟି ରେ ଦିନେ ପୁଅ ଟିଏ, ପିତୃ ସତ୍ୟ ପାଳିବାକୁ ଯାଇ ରାଜ ସିଂହାସନ କୁ ହେୟଜ୍ଞାନ କରିଥିଲା, ଏଇ ମାଟି ରେ ଦିନେ ଶ୍ରବଣ କୁମାର ହୋଇଥିଲେ ଚଳ ପ୍ରଚଳ, ଏଇ ଭୂଇଁ ଉପରେ ଦିନେ ଉଚ୍ଚାରିତ ହୋଇଥିଲା ପିତୃ ଦେବୋ ଭବଃ, ମାତୃ ଦେବୋ ଭବଃ...। ସତ ରେ କଣ ଏମାନେ ଏଇ ମାଟି ର ସନ୍ତାନ!

ତେବେ, ଭୁଲି ଗଲେ ଚଳିବନି ଧନ ମଣି, ଆଜି ଯେଉଁ ଟେକା ଟି ମାରିଛ, ସେଥିପାଇଁ ପଥର ଟିଏ ତୁମକୁ କରିଛି ଅପେକ୍ଷା। ସିଧା ସଳଖ ନିୟମ ଟିଏ, ଯାହା ଦବ ତା ପାଇବ ସୁଧ ମୂଳ ସହ, ସେଥିରେ ଖିଲାପ ହେବ ନାହିଁ। ଆଜି ଯେଉଁ ପୁଅ କୁ ଜୀବନ ମଣି, ଦିନେ ତୁମକୁ ଜୀବନ ମଣି ଥିବା ବାପ ଟିକୁ କରିଛ ହତାଦର, ସେଇ ପୁଅ କାଲି ତୁମକୁ ଲାତ ମାରିବାକୁ ଯେ ଗୋଡ ଉଞ୍ଚେଇବ, ଏଥିରେ ସନ୍ଦେହ ନାହିଁ।



କଳିଙ୍ଗ ନଗର, ଭୁବନେଶ୍ୱର
ମୋ-୯୪୩୭୪ ୫୩୬୧୦

■■■

# ଗୋଟିଏ ପୁଅ ଭଲ

**ଅଧାପକ ଅଜୟ ପଟ୍ଟନାୟକ**





ଗୋଟିଏ ଆଖି, ଆଖି ନୁହେଁ, ଗୋଟିଏସାକ୍ଷୀ, ସାକ୍ଷୀ ନୁହେଁ ଓ ଗୋଟିଏ ପୁଅ, ପୁଅ ନୁହେଁ ବୋଲି ଓଡିଆରେ ଗୋଟିଏ ଢଗ ଅଛି । ସେଥିପାଇଁ ବୋଧେ ପୂର୍ବକାଳରେ ବହୁତ ପୁଅଝିଅ ଜନ୍ମଦେବାର ବ୍ୟବସ୍ଥା ଥିଲା । ସେତେବେଳର ସାମାଜିକ, ଆର୍ଥିକ ବ୍ୟବସ୍ଥାରେ ତାହା ଉପଯୋଗୀ ଥିଲା । କୃଷି ଭିତିକ ସମାଜରେ ଲୋକବଳର ଆବଶ୍ୟକତା ଥାଏ । ଯୌଥ ପରିବାରର ଆର୍ଥିକ ସୁରକ୍ଷା ସବୁ ପୁଅ ବୋହୂମାନଙ୍କୁ ବାନ୍ଧିରଖୁଥିଲା । ଉଚ୍ଚ ଶିକ୍ଷାର ଅଭାବ, ବାହାରେ କର୍ମସଂସ୍ଥାନର ସୁଯୋଗ ର ଅଭାବ ଆଦି କାରଣରୁ ହିଡ ମାଟି ହିଡରେ ଲଦି, କୃଷିକୁ ଏକ-ମାତ୍ର ଜୀବିକା ରୂପେ ଗ୍ରହଣ କରାଯାଉ ଥିଲା । ଗାଁ, ଘର ଛାଡି, ବାହାରକୁ ଯିବାର ପରିକଳ୍ପନା ନଥିଲା । ସେଥିପାଇଁ ସମସ୍ତ ପରିବାରରେ ଗୋଟେ ଏକତାର ବନ୍ଧନ ଥିଲା । ଭାଇ-ଭାଇ, ଯା-ଯା ମାନଙ୍କ ମଧ୍ୟରେ ଯେ ଆଦୌ ମତାନ୍ତର ହେଉନଥିବ, କହିହେବନି, କିନ୍ତୁ ତାହା ମନାନ୍ତର ରୂପ ନେବାର ସୁବିଧା, ସୁଯୋଗ ନଥିଲା । ଆଧୁନିକ ଶିକ୍ଷା ବ୍ୟବସ୍ଥା, ପ୍ରବାସରେ କର୍ମସଂସ୍ଥାନର ସୁଯୋଗ,ଚାଷର ଅଧୋଗତି, ସହରୀ ସଭ୍ୟତା,ଶିଳ୍ପାୟନର ବ୍ୟବସ୍ଥା ଆଦି ଯୌଥ ପରିବାରର ଉପାଦେୟତା ପ୍ରତି କୁଠାରାଘାତ ଭଳି ହେଲା ।ଯୌଥ ପରିବାର ସ୍ଥାନରେ ଏବେ ଏକକ/ଦାମ୍ପତ୍ୟ ପରିବାର ଆସିଗଲା ।ସ୍ୱାମୀ, ସ୍ତ୍ରୀ ତାଙ୍କ ଅବିବାହିତ ପିଲାମାନେ ହିଁ ପରିବାର । ଭାଇମାନଙ୍କ ମଧ୍ୟରେ ସ୍ନେହ,ଆଦର,ଭକ୍ତି, ଭଲପାଇବା ଏବେ ପୌରାଣିକ ଗାଥା ।

ଭୁବନେଶ୍ୱରରେ ସାନପୁଅର କୋଠାଘର, ବାଲକୋନିରେ ବେତଝୁଲାଚେୟାରରେ ବସି ଅନୁଶୀଳନ କରିଚାଲିଛନ୍ତି ବୃଦ୍ଧ ନଟବର ବଳ, ଦୀର୍ଘ ନିଶ୍ୱାସଛାଡି । ଆଉ ଭବିଷ୍ୟତ ନାହିଁ, ଅତି ତହିଁ ପୁଞ୍ଜି, ମରମ ତଳେ ଅତୀତ ଯେ ମରେନା, ଦହନ ଯେ ସରେନା । ଆଖିରେ ଭାସିଆସୁଛି, ତଳେକାନ୍ଥକୁ ଆଉଜି ମନମାରି ବସିଥିବା ଧର୍ମପତ୍ନୀ ଆଶାଲତାଙ୍କ ବସିଥିବା ଦୃଶ୍ୟାବଳୀ, ହୃଦୟର ବେଦନା ବୁଝିବକିଏ ? ବାହାରକୁ ଖୁବ୍ ଶାନ୍ତି ଲାଗୁଥିବା ବେଳେ ଭିତରେ କୋହର ଲହଡି ଭାଙ୍ଗୁଛି ତାଙ୍କ ମନରେ, ବୁଢୀର ସ୍ୱର୍ଗବାସ ପରେ ମନର କଥା କାହା ଆଗରେ କହିବେ, ପଥର ହୃଦୟଧାରୀ ଆଧୁନିକ ଯାନ୍ତ୍ରୀକ ମଣିଷ କଣ ବୁଝିବ ଗୋଟେ ପିତୃ ହୃଦୟର ଚଡକା ଆଇନା ର ବ୍ୟଥା, ଯନ୍ତ୍ରଣା । ଗୋଟାଏ ଦଲକା ପବନ ରେ ଡାଳରୁ ଫୁଲ ଝଡିବା ପରି ତାଙ୍କ ସୁନ୍ଦର ପରିବାର ଭାଙ୍ଗିଗଲା, ଏଥିରେ ପବନର ଦୋଷ, ନା ଫୁଲର ଦୋଷ ସେ ନିର୍ଣ୍ଣୟ କରିପାରୁ ନାହାନ୍ତି । ଝଡା ଗଛର ଶେଷ ପତ୍ର ଭଳି ସେ ମୃତ୍ୟୁକୁ ଅପେକ୍ଷା କରିଛନ୍ତି ।

ନିଜ ନାମ ଯେପରି ଯୁକ୍ତାକ୍ଷର ବିହୀନ, ନଟବର ବଳଙ୍କ ଜୀବନାବଳୀ ସେପରି ସରଳ ଥିଲା । ତାଙ୍କର ୫ ପୁଅ ୩ଝିଅ । ଝିଅଙ୍କୁ ଉପଯୁକ୍ତ ବରଘର ବ୍ୟବସ୍ଥା କରି, କନ୍ୟାଦାନ ଭଳି ପୂଣ୍ୟକାର୍ଯ୍ୟ କରି ସନ୍ତୋଷ ଲାଭ କରିପାରିଥିଲେ । ପିଲାଙ୍କ ଚାକିରୀ, ପାଠପଢାକୁ ଯିବା ଆସିବା, ପୂଜା ପାର୍ବଣରେ ଘର ପୂରିଉଠେ । ରଜରେ ସକାଳେ ନଦୀରେ ଗାଧୋଇ ସମସ୍ତେ ସାଙ୍ଗହୋଇ ଫେରି, ସ୍ତ୍ରୀ ଙ୍କ ଦ୍ୱାରା ପରସା ହୋଇଥିବା ପୋଡପିଠା, ବାଇଗଣ ପଲେଇ ଆମ୍ବର ମହକ ମଧ୍ୟରେ ଗୋଟିଏ ଥାଳିରୁ ପିଠାଖାଇଥାନ୍ତି । ରଜ ତିନିଦିନ ଯାକ, ସଂକ୍ରାନ୍ତି ହେଉ କି ସୋମବାର ହେଉ, ଭଲ ଖାସୀ ମାଂସ ବରଡା ପତ୍ର ରେ ବନ୍ଧାହୋଇ ଆସି ପହଂଚେ ତାଙ୍କ ଘରେ, ସମସ୍ତେ ସାଙ୍ଗହୋଇ ଖାଆନ୍ତି । ଛୁଟିରେ ସମସ୍ତେ ଆସିଲେ ଦଶହରା ପାର୍ବଣ ଘାଂଟତରକାରୀହେବ, ଚାଳରେ ପାଚିଥିବା କଖାରୁରେ । ସବୁ ପିଲା ଆସିଲେ ତାଳଗଛରୁ ତାଳସଜ କଟାହେବ, ବେଳେବେଳେ ସମସ୍ତେଏକତ୍ର ହୋଇ ନ ପାରିଲେ, ଚମାର ବାରମ୍ବାର ଫେରିଯାଏ ଓ ତାଳ ସବୁ ବୁଢା ବରଂ ହୁଏ କିନ୍ତୁ କଟା ହୋଇନଥାଏ ।

ପୁଅମାନେ ଛୋଟ ହୋଇଥିବା ବେଳେ ତାଙ୍କ ମଧ୍ୟରେ କଳି, ଝଗଡା, ରାଗ, ରୁଷା, ସବୁ କ୍ଷଣିକ ଥିଲା । ଖାଇବାବେଳେ ସାଙ୍ଗହୋଇ ସବୁଭୁଲି ସ୍ନେହ ଆଦରରେ ଏକାଠି ହୁଅନ୍ତି । ଶୋଇବାବେଳେ କିଏ ବାପାଙ୍କ ପାଖରେ, କିଏ ବୋଉ ପାଖରେ ଶୋଇବ ପ୍ରତିଦ୍ୱନ୍ଦ୍ୱିତା ହୁଏ । କଲେଜ ପଢିବା ପାଇଁ ବଡଭାଇମାନେ ସହରକୁ ଗଲେ ସାନମାନଙ୍କ ଆଖି ଛଳଛଳ ହୋଇଯାଏ ଓ ଛୁଟିରେ ଫେରିଲେ ଘରେ ଆନନ୍ଦର ଲହଡି ଖେଳିଯାଏ । କି ସ୍ନେହ, ମମତା ଥିଲା ପୁଅ ମାନଙ୍କ ମଧ୍ୟରେ, ବିଭିନ୍ନ ଅଭାବ ଅସୁବିଧା ସତ୍ତ୍ୱେ ଘର ସବୁବେଳେ ପୂରି ଉଠେ । ପ୍ରତିଦିନ

ଭାଗବତ ଗୀତା ପଢୁଥିବା ନଟବରଙ୍କ ସ୍ମରଣରେ ଆସେ ଭାଗବତ ବର୍ଣ୍ଣିତ ସନତ୍ କୁମାର ଚାରି ଭାଇ ଓ ପ୍ରଚେତା ଦଶ ଭାଇଙ୍କ ଘନିଷ୍ଠତା କଥା ।

କିନ୍ତୁ ଘଟଣା ପ୍ରବାହରେ ସବୁ ଓଲଟ ପାଲଟ ହୋଇଗଲା, ସମସ୍ତେ ଏକ ସହରରେ ବିଭିନ୍ନ ଜାଗାରେ ଘରକରି ରହୁଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଲୋକ ଦେଖାଣିଆ ସମ୍ପର୍କର ଘୋର ଅଭାବ । ପିଲାମାନଙ୍କର ଏହି ପରିବର୍ତନରେ ମର୍ମାହତ ହୋଇ, ବୁଢା, ବୁଢୀ କେଉଁ ପୁଅ ପାଖରେ ନ ରହି ଗାଁ ରେ ରହିବା ଶ୍ରେୟ ମଣିଥିଲେ । କିନ୍ତୁ ହାତଗୋଡ ଅଚଳ ହେବାରୁ ତାଙ୍କୁ ସହରକୁ ଅଣାଗଲା । ସେମାନେ ବାଂଟି ହୋଇ ରହିଲେ ପୁଅମାନଙ୍କ ପାଖରେ, ପାଳିକରି । ବାର୍ଦ୍ଧକ୍ୟ ଅବସ୍ଥାରେ ସ୍ଵାମୀ ସ୍ତ୍ରୀ ପରସ୍ପରକୁ ଭେଟି, ସୁଖ, ଦୁଃଖ ହେବାର ସୁଯୋଗ ରୁ ବଂଚିତ ହେଲେ । ଏ ସବୁ ଦେଖି ବୁଢୀ ହୃଦ୍‌ଘାତ ରେ ଆରପାରିକୁଚାଲିଗଲେ, ନଟବରଙ୍କୁ ଏକୁଟିଆ କରି । ଗାଁ ରେ ଗୋଟେ ବଡ ଭୋଜି ହେଲା, କିନ୍ତୁ ପରଦା ଅନ୍ତରାଳରେ ଯୁକ୍ତିତର୍କ, ଆରୋପ, ପ୍ରତ୍ୟାରୋପ ଆଦି ଗାଁ ଲୋକଙ୍କ ଆଲୋଚନାର ବିଷୟ ହେଲା । ବୁଢୀଙ୍କ ବର୍ଷିକିଆ ଶ୍ରାଦ୍ଧ ଗାଁରେ ନ କରି ବଡପୁଅ ସହର ର ଏକ ମନ୍ଦିରରେ ବ୍ୟବସ୍ଥା କଲା । ଅନ୍ୟ ପୁଅମାନେ କୁଣିଆ ଭଳି ଆସି ଭୋଜିଖାଇ ପଳାଇଲେ, ବୁଢା ନଟବରଙ୍କ ପାଖରେ ଟିକେ ବସି, ତାଙ୍କ ଦେହରେ ହାତମାରିବାକୁ କାହାକୁ ସମୟ ମିଳିଲାନି ।

ଏବେ ବୁଢୀଙ୍କ ଶ୍ରାଦ୍ଧ ପାଂଚ ପ୍ରକାରରେ, ପାଂଚ ସ୍ଥାନରେ ହେଉଛି, ଏହି ଏକ ସହରରେ । ସାନପୁଅ ବ୍ରାହ୍ମଣ ଡାକି ଘରେ ଶ୍ରାଦ୍ଧ ପକାଉଛି, ଜଣେ ବିନ୍ଦୁସାଗର କୂଳରେ ଶ୍ରାଦ୍ଧ ତର୍ପଣ କରୁଛି । କିଏ ବସାଘର ପାଖ ମନ୍ଦିରରେ ପଂକ୍ତି ଭୋଜନ ଦେଉଛି, ମା ର ଫଟୋ ଟାଙ୍ଗିକି ଏ ଘରେ ଗୀତା ସ୍ଵାଧ୍ୟାୟ ଭୋଜି ଆୟୋଜନ କରୁଛି ଓ ଅନ୍ୟ ଜଣେ ଗାଁ କୁ ଯାଇ ସାହି ଲୋକଙ୍କୁ ଭୋଜି ଦେଉଛି, କିନ୍ତୁ କାହା ସହ କାହାର ସମ୍ପର୍କ ନାହିଁ । ନଟବର ତ ବଂଚି ଥାଉ ଥାଉ ମରିଗଲେଣି ଅନ୍ୟ ଚାରି ପୁଅଙ୍କ ଦୃଷ୍ଟିରେ । ବରଂ ଭଲ ହୁଅନ୍ତା, ଯଦି ଏସବୁ ଦେଖି ସହି ନ ପାରି ମରି ଯାଆନ୍ତେ ସେ ।ବୁଢୀ ଆର ପାରିରେ ଥାଇ କେତେ ଖୁସି ହୁଅନ୍ତା, ଯେବେ ପୁଅମାନେ ଏକାଠି ହୋଇ ଶ୍ରାଦ୍ଧ ପକାଇ ତାଙ୍କୁ ସ୍ମରଣ କରି ତର୍ପଣ କରନ୍ତେ । ଏହା କଣ ସେ ଆଶା କରିଥିଲା ତାର ଗେହ୍ଲା, ଆଦରର, ଅଲିଅଳ ପୁଅମାନଙ୍କ ଠାରୁ । ବୁଢୀ ଖୁବ୍ ଗର୍ବରେ ସାହି ଲୋକଙ୍କୁ କହୁଥିଲା, ମୋର ପାଂଚ  ପାଂଚଟି ପୁଅ, ଆଜି ଏହା ପାଖରେ, କାଲି ତା ପାଖରେ ରହିବି, ମୋର ଦୁଃଖ କଣ  ? ମୋର କଣ ଗୋଟିଏ ପୁଅ ହୋଇଛି ଯେ ଜଣକ ପାଖରେ ଅସରନ୍ତି ଜୀବନ ବିତାଇବି  ? କିନ୍ତୁ ତାର ଶ୍ରାଦ୍ଧ ଦିନ ପାଂଚ ଜାଗାରେ ହେଉଥିବା ଶ୍ରାଦ୍ଧରେ ସେ କେଉଁଠିକୁ ଯାଉଥିବ,କୋଉ ପୁଅର ତର୍ପଣ ଗ୍ରହଣ କରୁଥିବ, ଏ ପ୍ରଶ୍ନ ବ୍ୟଥିତ କରୁଛି ବାବୁ ନଟବରଙ୍କୁ । ଭାବୁଛନ୍ତି ପାଂଚ ପରିବର୍ତେ ଗୋଟେ ପୁଅ ହୋଇଥିଲେ ବୋଧହୁଏ ଭଲ ହୋଇଥାନ୍ତା, କାରଣ ଜୀବିତ ଅବସ୍ଥା ରେ ତ ଛାଡ ମୃତ୍ୟୁ ପରେ ମଧ୍ୟ ବାର    ଦୁଆର ହେବାକୁ ପଡି ନ ଥାନ୍ତା, ବୁଢୀ ଆଶାଲତାଙ୍କ ଆତ୍ମାକୁ ଟିକେ ଶ୍ରାଦ୍ଧ ତର୍ପଣ ପାଇଁ ।

ନୈମିଷାରଣ୍ୟ," ଜି.ଏ. ୧୧୬, ନିଳାଦ୍ରୀବିହାର
ମୋ – ୯୪୩୭୧୨୮୧୭୯



# କୁକୁର

ଯଶୋବନ୍ତ ସେଠୀ





ଆପଣମାନଙ୍କ ଗୃହର ଶୋଭାବୃଦ୍ଧି ନିମନ୍ତେ ହେଉ, ନିଜର ଆଭିଜାତ୍ୟର ପ୍ରଦର୍ଶନ ନିମନ୍ତେ ହେଉ, ଅଥବା ଚୋରଙ୍କୁ ଡ଼ରେଇବା ବାହାନାରେ ହେଉ; ଘର ସାମ୍ନାରେ ଥିବା ଫାଟକ ଦେହରେ "କୁକୁର ପ୍ରତି ସାବଧାନ" ଲେଖାଟିଏ ମାରି ଦୁଧଭାତ ଦେଇ, ସଯତ୍ନରେ ପାଳିଥିବା ଲାବ୍ରାଡ଼ର, ଗ୍ରେହାଉଣ୍ଡ୍, ଜର୍ମାନ ଶେଫାର୍ଡ଼, ଡବରମ୍ୟାନ, ଆଲଶିଶିୟାନ୍, ଡାସ୍‌ହାଉଣ୍ଡ୍, ରଟ୍‌ୱିଲର କିମ୍ବା ପୁଡ଼ଲ ପ୍ରଜାତିର ଆପଣଙ୍କର ସେ ଗେହ୍ଲା/ଗେହ୍ଲି ଟମି, ପପି, ପମି, ରକି, ଟାଇଗର ଅବା ଲାଇକା ମୁଁ ନୁହେଁ । କୋଉ ଏକ ଅନାମଧେୟ ଟି'ଷ୍ଟଲର ଟିଣ ଗୁମୁଟି ତଳେ ଅଲୋଡ଼ା ଜନ୍ମିତ ତଥା ଅଧା ଡଜନ୍ ଭାଇଭଉଣୀମାନଙ୍କ ଭିତରୁ ମୋର କ୍ରମିକ ସଂଖ୍ୟା ଜଣାନଥିବା ଏବଂ ଖାଇବା, ପିଇବା, ଶୋଇବା, ଚଳପ୍ରଚଳ କରିବା ଭଳି ଦୈନନ୍ଦିନ ଜୀବନଯାପନର ପ୍ରତିଟି କ୍ଷେତ୍ରରେ ଅହରହ ସଂଘର୍ଷରତ ଏକ ସାମାନ୍ୟ 'ଦେଶୀ କୁକୁର' ହେଉଛି ମୁଁ ।

ନିଜକୁ କୁକୁର କହିବାରେ ମୋର ଏତେ ଟିକିଏ ଆପତ୍ତି ବା ସଙ୍କୋଚ ନାହିଁ । କାରଣ, ମୁଁ ଜାଣେ, ମୁଁ ଛାର ଏକ କୁକୁର । 'ଆପଣମାନଙ୍କୁ' ଖରାପ ଲାଗିବ ବୋଲି ଶୁଦ୍ଧ ଭାଷାରେ ମତେ କେହି କେହି ଶ୍ୱାନ, ହିନ୍ଦୀରେ କୁତ୍ତା ଇଂରାଜୀରେ ଡଗ୍ ବା ଡଗ୍‌ଗୀ ଆଦି କହିଥାନ୍ତି- ମତେ କିନ୍ତୁ ଆଦୌ ଖରାପ ଲାଗେନା । ମୋର କାର୍ଯ୍ୟକଳାପ କିମ୍ବା ବିଶ୍ୱସନୀୟତା ପାଇଁ ମୁଁ କୁକୁର ନୁହେଁ; ବରଂ ମୋର ଜାତି ପାଇଁ, ସ୍ପେଶିଶ୍ ପାଇଁ, କୁକୁର କୂଳରେ ଜାତ ହୋଇଥିବା ଯୋଗୁଁ ତଥା ଯେତେ ପୁଣ୍ୟକର୍ମ କଲେ ମଧ ଏ ଜନ୍ମରେ କୁକୁରରୁ କେବେ ବି ଠାକୁର ହୋଇ ନ ପାରିବାର ସାର୍ବଜନୀନ ସତ୍ୟକୁ ମୁଣ୍ଡପାତି ଗ୍ରହଣ କରିନେଇ ନିଜକୁ କୁକୁର ବୋଲି ସ୍ୱୀକାର କରିବାକୁ ତେଣୁ ମୁଁ ଏକ ପ୍ରକାର ବାଧ ।

ମୁଁ ଜାଣେ, କେବଳ ଆପଣ ହିଁ ମୋ ପ୍ରତି କିଛିଟା ସହାନୁଭୂତି ଦେଖାଇଛନ୍ତି । କାରଣ - ସାମାନ୍ୟ ଏକ କୁକୁର ବିଷୟରେ ଲେଖାଯାଇଥିବା ଏହି କାହାଣୀର ଶିରୋନାମାଟି ପଢ଼ିସାରି ମଧ ଆପଣ ଅନ୍ୟମାନଙ୍କ ଭଳି ହତାଦର କରି, ନାକଟେକି, ଦ ୃଷ୍ଟି ଆଡ଼େଇ, ପୃଷ୍ଠା ଓଲଟେଇ ଚାଲିଯାଇନାହାନ୍ତି । ମୋ' ପ୍ରସଙ୍ଗରେ ପଢ଼ିବାକୁ ଆପଣଙ୍କର ଆଗ୍ରହ ଅଛି, ବାଶ୍, ସେତିକି ସହାନୁଭୂତି ମୋ ପାଇଁ ଯଥେଷ୍ଟ । ସେହି ଅଧିକାର ଟିକକ ପାଇଥିବାରୁ ମୋର ଆପଣଙ୍କୁ ଆଉ ଖାଲି ଟିକିଏ ଅନୁରୋଧ । ଆପାତତଃ ମୋ' ହୃଦୟର କାହାଣୀଟି ଧୈର୍ଯ୍ୟଧରି ଶେଷ ପର୍ଯ୍ୟନ୍ତ ପଢ଼ି ସାରି ମଧ ଆପଣ ସେଇ 'କୁକୁର' ସମ୍ବୋଧନ କରିବେ ବୋଲି ଆପଣଙ୍କ ଉପରେ ମୋର ବିଶ୍ୱାସ ବଳବତ୍ତର ରହିଲା ।

ମୋର ଖାଉନ୍ଦ ଜଣେ ମଧବିତ୍ତ ସରକାରୀ କର୍ମଚାରୀ । ସେ ମୋର ଖାଉନ୍ଦ ବୋଲି ନିଜକୁ କେବେ ଭାବି ନଥାଇ ପାରନ୍ତି । ମୁଁ କିନ୍ତୁ ତାଙ୍କୁ ମୋର ଖାଉନ୍ଦ ହିସାବରେ ଗ୍ରହଣ କରିନେଇଛି । ମୋର ହେତୁ ହେଲାବେଳକୁ ମୁଁ ନିଜକୁ ତାଙ୍କ ସରକାରୀ ବାସଭବନର ଫାଟକ ବାହାରେ ଆବିଷ୍କାର କରେ, ଯେତେବେଳେ କି ମୁଁ ଆଦ୍ୟ ଯୌବନର ପାଦଦେଶରେ । ସେତେବେଳକୁ ମୋର ବୟସ ନଅରୁ ଦଶମାସ ହେବ । ଆମ୍ଭମାନଙ୍କର ଶୈଶବ କୈଶୋରକୁ, କୈଶୋରକୁ ଯୁବାବସ୍ଥା ପଦାଘାତ କରି ସଅଳ ପ୍ରାପ୍ତ ବୟସ୍କରେ ପରିଣତ କରାଇ ଦେଇଥାଏ, ନଚେତ୍, ଧରାରେ ବଞ୍ଚିରହିବା ଆମ ପାଇଁ ଏକପ୍ରକାର ଅସମ୍ଭବ ।

ମୋର ତଥାକଥିତ ଖାଉନ୍ଦଙ୍କ ଘର ଫାଟକଠାରୁ ପ୍ରାୟ ଶହେ ଗଜ ଦୂରରେ ଏକ ଛକ; ଛକ ପାଖକୁ ଲାଗି ଏକ ପୁରୁଣା ଚା' ଦୋକାନ ଅଛି । ସେହି ଟିଣ ଗୁମୁଟି ଚା' ଦୋକାନ ତଳେ ଥିବା ସନ୍ତସନ୍ତିଆ ସ୍ଥାନଟି ହିଁ ଆମ ଛଅ ସାତ ଭାଇ ଭଉଣୀଙ୍କର ଜନ୍ମସ୍ଥାନ । ସେହି ଜନ୍ମସ୍ଥଳୀରୁ ଏବର କର୍ମସ୍ଥଳୀକୁ ମୁଁ କେମିତି ଏକୁଟିଆ ଚାଲି ଆସିଲି, ସେକଥା ମୁଁ ଦିନେ ସେଠାରେ ସକାଳୁ ସକାଳୁ ଭିଡ଼ ଜମାଉଥିବା ଚା' ପିଆଳୀଙ୍କ କଥାବାର୍ତ୍ତାରୁ ହିଁ ଜାଣିଥିଲି ।

ମୋର ତଥାକଥିତ ଖାଉନ୍ଦଙ୍କ ଘର ଫାଟକଠାରୁ ପ୍ରାୟ ଶହେ ଗଜ ଦୂରରେ ଏକ ଛକ; ଛକ ପାଖକୁ ଲାଗି ଏକ ପୁରୁଣା ଚା’ ଦୋକାନ ଅଛି । ସେହି ଟିଣ ଗୁମୁଟି ଚା’ ଦୋକାନ ତଳେ ଥିବା ସନ୍ତସନ୍ତିଆ ସ୍ଥାନଟି ହିଁ ଆମ ଛଅ ସାତ ଭାଇ ଭଉଣୀଙ୍କର ଜନ୍ମସ୍ଥାନ । ସେହି ଜନ୍ମସ୍ଥଳୀରୁ ଏବର କର୍ମସ୍ଥଳୀକୁ ମୁଁ କେମିତି ଏକୁଟିଆ ଚାଲି ଆସିଲି, ସେକଥା ମୁଁ ଦିନେ ସେଠାରେ ସକାଳୁ ସକାଳୁ ଭିଡ଼ ଜମାଉଥିବା ଚା’ ପିଆଳୀଙ୍କ କଥାବାର୍ତ୍ତାରୁ ହିଁ ଜାଣିଥିଲି ।

ପ୍ରତିଦିନ କେମିତି ସକାଳ ପାହିବ, ମୁଁ ଖାଲି ଅଧା ଶୁଆ ଅଧା ଚିଆଁ ଅବସ୍ଥାରେ ଗେଟ୍ ବାହାରେ ଅପେକ୍ଷା କରି ପଡ଼ି ରହିଥାଏ । ସକାଳର ପ୍ରଥମ ଆଲୋକ ଏ ଧରାପୃଷ୍ଠକୁ ଆସିବା ମାତ୍ରେ, ତଥା ଦୁଇ ତିନିଜଣ ଚା’ ପିଆଳୀ ଆସି ଚା’ ପିଇବାର ଜାଣିଲା ମାତ୍ରେ ମୁଁ ଶଯ୍ୟା ନଥିବା ମୋର ଶଯ୍ୟା ତ୍ୟାଗ କରି ଚା’ଦୋକାନ ପାଖକୁ ଦୌଡ଼ିଯାଏ । କାରଣ...ଆପଣମାନେ ଠିକ୍ ବୁଝିପାରୁଥିବେ । ମୋର ଅନ୍ୟ ଭାଇ ଭଉଣୀମାନେ ସେ ସ୍ଥାନରେ ଆସ୍ଥାନ ଜମେଇ ପୂର୍ବରୁ ଅଛନ୍ତି ଏବଂ ସେମାନଙ୍କ ସହିତ ସକାଳୁ ସକାଳୁ ଲଢ଼େଇ ଝଗଡ଼ା ଭିତରେ ମଧ ଚା’ପିଆଳୀ ମାନେ ଫୋପାଡୁଥିବା ବିସ୍କୁଟ ସେମାନଙ୍କଠାରୁ ଛଡ଼େଇ ଖାଇବାରୁ ହିଁ ମୋର ଦିବାରମ୍ଭ ହୋଇଥାଏ । ଖାଉନ୍ଦଙ୍କ ଘରୁ ନିୟମିତ ଭାବରେ ମୁଁ କିଛି ଖାଦ୍ୟ ପାଏନା । ଯୋଉଦିନ ତାଙ୍କ ଘରେ ଖାଦ୍ୟ ବଳିପଡ଼େ, ନଚେତ୍ ସଉକରେ ଥରେ ଅଧେ ଘରୁ ବିସ୍କୁଟ ଆଣି ମୁଁ ଚାକୁଲୁ ଚାକୁଲୁ କରି ଖାଇବା ବେଳର ଦୃଶ୍ୟ ଉପଭୋଗ କରିବା ନିମନ୍ତେ ମୋ’ ଉଦ୍ଦେଶ୍ୟରେ ଗେଟ୍ ଭିତରୁ ଥାଇ ବାହାରକୁ ଫିଙ୍ଗିଥାନ୍ତି । ମୁଁ ଜାଣେନା, ସେମାନେ ସ୍ନେହରେ ଦିଅନ୍ତି କି ଘୃଣାରେ, ମୁଁ କିନ୍ତୁ ଖାଇପକାଏ ଅତି ଆଦରରେ । କାରଣ ସେମାନେ ମତେ ପୋଷି ନାହାନ୍ତି । ମୁଁ ତାଙ୍କ ପାଇଁ ନିହାତି ଅନିମନ୍ତ୍ରିତ, କିନ୍ତୁ ବଶମ୍ବଦ ଇତର ପ୍ରାଣୀଟିଏ ମାତ୍ର ।

ଚା’ ପିଆଳୀଙ୍କ କହିବା ଅନୁସାରେ ମୁଁ କାଳେ ଛୋଟ ଥିଲାବେଳେ ଦିନେ ସକାଳେ ମର୍ଣ୍ଣିଂୱାକ୍ ସମୟରେ ମୋ ଖାଉନ୍ଦଙ୍କର ଛୋଟ ଝିଅ ଓ ତା’ବାପା ଚା’ ଦୋକାନରୁ କ୍ଷୀର ପ୍ୟାକେଟ୍ ଓ ବ୍ରେଡ୍ କିଣିବାକୁ ଆସିଥିଲେ । ଦୋକାନରୁ ଫେରି ଯାଉ ଯାଉ ମୁଁ କୌତୁହଳବଶତଃ ସେମାନଙ୍କ ପଛରେ କୁଁ କୁଁ ହୋଇ ଲାଞ୍ଜ ହଲେଇ ଗୋଡ଼ାଣିଆ ହୋଇ ଚାଲିଯାଇଥିଲି । ଝିଅଟି କାଳେ ମୋ’ ଉଦ୍ଦେଶ୍ୟରେ “ସୋ’ କ୍ୟୁଟ୍... ଆମ ଟେଡ୍ଡି ଭଳିଆ ହେଇଛି ନା ଡାଡୀ ! !” କହି ସ୍ନେହରେ ମୋ’ ବେକ, ଲାଞ୍ଜ ଆଦି ଆଉଁସି ପକାଇଥିଲା ଏବଂ ବ୍ରେଡ୍‌ରୁ ଟୁକୁଡାଏ ଖାଇବାକୁ ଦେଇଥିଲା । ସେହି ଦିନଠାରୁ ମୁଁ ମୋ’ ମାଆଠାରୁ ସ୍ତନ୍ୟପାନ କରିସାରି ତାଙ୍କ ଗେଟପାଖକୁ ଦୌଡ଼ିଯାଏ ଏବଂ କୁଁ କୁଁ ଶବ୍ଦରେ ମୋର ଉପସ୍ଥିତି ଜାହିର୍ କରି ସେଇ ଛୋଟ ଝିଅର ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରେ । ଘର ଭିତରୁ ବାହାରି ସେ କେବେ କେବେ ଆସେ । ନ ଆସେ ମଧ । ସେହିଦିନଠାରୁ ସେଠାକୁ ମୋର ଯିବାଆସିବା ଏକ ଦୈନନ୍ଦିନ ଅଭ୍ୟାସରେ ପରିଣତ ହୋଇଯାଏ । ଖାଉନ୍ଦଘର ସାମ୍ନାଟି ମୋ’ପାଇଁ ଦ୍ୱିତୀୟ ପୃଥିବୀ ପାଲଟି ଯାଏ ।

ସମୟ ଗଡ଼ିଚାଲେ- ଘଣ୍ଟା କଣ୍ଟାର ଟିକ୍‌ଟିକ୍ ଶବ୍ଦ ଶୁଣାଯାଉ ବା ନଶୁଣାଯାଉ । ପେଟ ଚାଖଣ୍ଡକ ଭର୍ତ୍ତି କରିବା ପାଇଁ ଟି’ଷ୍ଟଲପାଖରୁ ଦାନ ସୂତ୍ରରେ ମିଳୁଥିବା ବିସ୍କୁଟ ଦି’ଖଣ୍ଡ ଆଉ ମୋ’ ପାଇଁ ଯଥେଷ୍ଟ ହୁଏନାହିଁ । ମା’ ମଧ କ୍ଷୀରଦେବା ବନ୍ଦ କରିଦେଲାଣି । ସେଇ ବିସ୍କୁଟ୍ ଦି’ଖଣ୍ଡ ପାଇବାକୁ ମଧ ଏଥର ନିଜର ଭାଇଭଉଣୀଙ୍କ ସହିତ ରକ୍ତାକ୍ତ ସଂଘର୍ଷ କରିବାକୁ ପଡ଼ିଲା । ଯେହେତୁ ଏ ସୁନ୍ଦର ପୃଥିବୀରେ କୁକୁରଟିଏ ହେଲେ ମଧ ଈଶ୍ୱରଙ୍କ ଇଚ୍ଛାରେ ମରଣ ନ ହେଲା ପର୍ଯ୍ୟନ୍ତ ମତେ ବଞ୍ଚିବାକୁ ହେବ, ତେଣୁ ଦାନା ମୁଠିଏ ପାଇଁ ଜୀବନଯୁଦ୍ଧ କରିବାକୁ ହେବ ।

ଧିରେ ଧିରେ ମୋର ଚଳପ୍ରଚଳର ସୀମା ପରିସର ବୃଦ୍ଧି କଲି । କିନ୍ତୁ ଯୁଆଡ଼େ ଗଲେ ବି ମତେ ପ୍ରବଳ ବିରୋଧର ସାମ୍ନା କରିବାକୁ ପଡ଼ିଲା । ମୋ ଜାତିଭାଇମାନଙ୍କ ଯୋଗୁଁ ଗୋଟିଏ ଗଳିରୁ ଆଉ ଗୋଟିଏ ଗଳିକୁ ଯିବାପାଇଁ କେତେବେଳେ ଲାଙ୍ଗୁଡ଼ ଜାକି ଆତ୍ମ ସମର୍ପଣ କରି, କେତେବେଳେ ସେମାନଙ୍କ ସଂଖ୍ୟା କମ୍ ଥିଲେ ଓ ବିରୋଧ କରିପାରିବାର ସାମର୍ଥ୍ୟ ମୋ’ ପାଖରେ ଥିବାର ଉପଲବ୍ଧି କରି ସେମାନଙ୍କ ଚକ୍ରବ୍ୟୂହ ଭେଦକରି ମତେ ଖାଦ୍ୟାନ୍ୱେଷଣରେ ଯିବାକୁ ପଡୁଥାଏ । କିନ୍ତୁ ଯୁଆଡ଼େ ଗଲେ ମଧ ସନ୍ଧ୍ୟା ସୁଦ୍ଧା ଫେରିଆସି ମୋର ସେହି ତଥାକଥିତ ଖାଉନ୍ଦଙ୍କ ଘର ଆଗରେ ଚୁମ୍ବୁଳା ମାରି ଶୁଏ ।

ଦିନକର ଘଟଣା । ସମୟ ଦ୍ୱିପ୍ରହର ଖରାବେଳ । ମୋ’ଖାଉନ୍ଦ ଅଫିସ୍‌ରୁ ଫେରି ନଥା’ନ୍ତି । ପୁଅଝିଅ ଉଭୟେ ସ୍କୁଲରୁ ଫେରିବାକୁ ଆହୁରି ଅନେକ ସମୟ ବାକି ଥାଏ । ଖାଉନ୍ଦାଣୀ ଘର ଭିତରେ ଏକୁଟିଆ ଥା’ନ୍ତି । ଖରାବେଳ ଯୋଗୁଁ ଲୋକବାକ, ଗାଡ଼ି ମଟର ଯିବା ଆସିବା କମିଯାଇଥାଏ । ହଠାତ୍ ଏକ ବିରାଟ ବଡ଼ ନାଗସାପ ରାସ୍ତା ଆରପାଖରୁ ଏପାଖକୁ ପାରି ହୋଇ ଖାଉନ୍ଦ ଘର ଗେଟ୍ ଭିତରକୁ ପଶିବାକୁ ଯାଉଥାଏ । ମୁଁ ଅଧାଶୁଆ ଅଧାଚିଆଁ ହୋଇ ପଡିରହିଥାଏ । ସାପଟି ମୋ’ ନଜରରୁ ବର୍ତ୍ତି ପାରି ନଥିଲା । ମୁଁ ଉଠିପଡ଼ି ତା’ ଉଦ୍ଦେଶ୍ୟରେ ଭୁକିବାରୁ ସେ ତା’ର ଶକ୍ତ ଫଣା ଟେକି ଚୋଟମାରିବାକୁ ତିନି ଚାରିଥର ଫଁ ଫଁ ହେଲା । ମୁଁ ଅନୁଭବ କଲି ତା’ର ସାମ୍ନା ପଟରୁ ତାକୁ ମୁଁ ପ୍ରତିରୋଧ କରି ପାରିବିନି । ଟିକିଏ ପଛକୁ ଘୁଞ୍ଚିଯାଇ ତା’ ପଛପଟଆଡୁ ତା’ ଲାଙ୍ଗୁଡ଼କୁ ମୋର ଶକ୍ତ ପଞ୍ଝା ସାହାଯ୍ୟରେ ପଛକୁ ଟାଣି ନେଲି । ତା’ପରେ ଆମ ଦୁହିଁଙ୍କ ମଧରେ ପ୍ରବଳ ଲଢ଼େଇ ଚାଲିଲା । ମୁଁ ଜାଣେ, ତାର ଗୋଟିଏ ଚୋଟରେ ମୋର ପ୍ରାଣବାୟୁ ଉଡ଼ିଯିବ । ତେଣୁ ବହୁତ ହୋଶିଆରୀ ସହିତ ତା’ ବିରୁଦ୍ଧରେ ଲଢ଼ି ଲଢ଼ି ତାକୁ ଖଣ୍ଡିଆ ଖାବରା କରି ପକାଇଲି । ମୋର ପ୍ରବଳ ବିରୋଧକୁ ସାମ୍‌ନା କରି ନ ପାରି ଛତ୍ରଭଙ୍ଗ ଦେଇ ଶେଷରେ ସେ ଯୁଆଡୁ ଆସିଥିଲା ସେହି ଦିଗରେ ଧିରେଧିରେ ଯାଉ ଯାଉ ହଠାତ୍ କ୍ଷିପ୍ର ଗତିରେ ଆସୁଥିବା ଏକ ଗାଡ଼ିର ଚକାତଳେ ଚାପି ହୋଇ ଶେଷ ନିଃଶ୍ୱାସ ତ୍ୟାଗ କଲା ।

ଆମ ଭିତରେ ଚାଲିଥିବା ଲଢ଼େଇକୁ ଚାରି ପାଞ୍ଚ ଜଣ ଲୋକ ଦୂରରେ ଛିଡ଼ା ହୋଇ ଦେଖୁଥିଲେ ଏବଂ ନିଜ ନିଜ ମୋବାଇଲ୍‌ରେ ସେ ଦୃଶ୍ୟଟି ରେକର୍ଡିଂ କରୁଥିଲେ । ସେମାନଙ୍କ ଭିତରୁ କେହି ଜଣେ ହେଲେ ବି ମୋ' ସପକ୍ଷରେ ବାହାରି ବାଡ଼ି ଖଣ୍ଡିଏ ଆଣି ସାପଟିକୁ ବାଡ଼େଇ ନଥିଲେ । ବରଂ ଆମ ଦୁହିଁଙ୍କର ଲଢ଼େଇ ସମାପ୍ତ ହେଲାପରେ ମୋ' ପାଖକୁ ଲାଗି ଛିଡ଼ା ହୋଇ ମୋବାଇଲ୍ କ୍ଲିକ୍ କ୍ଲାକ୍ କରି ସେଲ୍ଫିମାନ ନେଇଥିଲେ । ଲଢ଼େଇ ମଝାମଝି ବାହାରେ ପାଟିତୁଣ୍ଡ ଓ ମୋର ଭୁକିବା ଶବ୍ଦ ଶୁଣି ମୋ' ଖାଉନ୍ଦାଣୀ କବାଟ ଖୋଲି ଆସି ଆମ ଲଢ଼େଇ ଦେଖୁଥିଲେ । ଖାଉନ୍ଦାଣୀଙ୍କୁ ମୁଁ ଧନ୍ୟବାଦ ଦେବି, ଯାହା ହେଉ ଲଢ଼େଇ ଶେଷରେ ମୋର ଧଇଁସଇଁ ହେବା ଦେଖି ପାଣି ମୁନ୍ଦିଏ ଆଣି ଗେଟ୍ ବାହାରେ ମୋ'ପାଇଁ ରଖିଥିଲେ । ପାଣି ମୁନ୍ଦିଏ ଚାକୁଲୁ ଚାକୁଲୁ କରି ପିଇସାରି ତାଙ୍କ ଆଡକୁ ଚାହିଁ କୃତଜ୍ଞତା ଜଣାଇଥିଲି ।

ମୁଁ ମୋର କର୍ତ୍ତବ୍ୟ ଭାବି ଯାହାକିଛି କରିଥିଲି, ତାର ମହତ୍ୱ କିନ୍ତୁ ତା' ପରଦିନ ସକାଳେ ମୁଁ ବୁଝିଥିଲି ଚା' ଦୋକାନରେ । ଲୋକେ ଖବରକାଗଜରେ ପଢୁଥିବାର ଶୁଣିଲି- କୁକୁରର ମହନୀୟତା, ବିଷଧର ନାଗସାପ ସହିତ ଲଢ଼ି ନିଜକୁ ବଞ୍ଚେଇବା ସହିତ ମାଲିକଙ୍କୁ ବଞ୍ଚାଇଲା.. ଇତ୍ୟାଦି । ଲେଖା ସହିତ ଆମର ଲଢ଼େଇ ସମୟରେ ଉତ୍ତୋଳିତ ଏକ୍ ଫଟୋଚିତ୍ର ମଧ ସେଥିରେ କାଳେ ବାହାରିଥିଲା । ସେଦିନ ମୋ' ଉଦ୍ଦେଶ୍ୟରେ ପୂର୍ବର ନିତିଦିନିଆ ଚାଲୁ ବିସ୍କୁଟ୍ ଛାଡ଼ି ଆଉ କିଛି ଦାମୀ, ସ୍ୱାଦିଷ୍ଟ କେକ୍ ଓ ମୁଁ ଜୀବନରେ କେବଳ ଡବା ଭିତରେ ଥିବାର ଦେଖିଥିବା ଓ କେବେ ବି ଚାଖି ନଥିବା ବିସ୍କୁଟ୍ ଫୋପାଡ଼ିଥିଲେ । ସେଥିରୁ ମୁଁ ସେଦିନ ମଧ ସେହିପରି ଲଢ଼େଇ ଝଗଡ଼ା ମଧରେ କିଛିଟା ଖାଇପାରିଥିଲି ।

ସେଦିନ ଘଟଣାଟି ପରେ ମୋ' ଖାଉନ୍ଦ ଓ ପିଲାମାନଙ୍କର ମୋ' ଉପରେ ସ୍ୱତନ୍ତ୍ର ଦୃଷ୍ଟି ପଡ଼ିଲା । ବୋଧହୁଏ ମୁଁ ତାଙ୍କର ବିଶ୍ୱସ୍ତ ଓ ଶୁଭଚିନ୍ତକ ବୋଲି ସେମାନେ ଉପଲବ୍ଧି କଲେ । ଏଥର ମୋ'ପାଇଁ ସେମାନେ ପ୍ରତ୍ୟେକଦିନ କିଛି ନା କିଛି ଖାଇବାର ବନ୍ଦୋବସ୍ତ କଲେ ।ସମୟ ପୁଣି ଗଡ଼ିଚାଲିଲା । ଧିରେ ଧିରେ ମୁଁ ଅନୁଭବ କଲି, ଆହାର ଓ ଶୟନ ବ୍ୟତୀତ ମୋ'ପରି ଇତର ଜୀବଟିଏର ଆହୁରି ମଧ କିଛି ଜିନିଷର ଆବଶ୍ୟକତା ରହିଛି ଜୀବନ ଜିଇଁ ନେବାକୁ । କାରଣ ମୁଁ ସେପାଖି ଦେଇ ଅତିକ୍ରମ କଲାବେଳେ, କିମ୍ବା ବାହାରକୁ ଟୁର୍‌ରେ ଯାଇଥିଲା ବେଳେ ମୋ' ନଜରରେ କିଛି ମାଈ କୁକୁର ଆସିଲେ ମୋ' ଭିତରେ ତାଙ୍କ ପ୍ରତି ଏକ ଅଜଣା ଆକର୍ଷଣ ସୃଷ୍ଟି ହୁଏ । ମୁଁ ମୋ' ଅଜ୍ଞାତରେ ସେମାନଙ୍କ ଆଡ଼କୁ ଆକର୍ଷିତ ହୋଇପଡ଼େ, ଯୋଉଥିପାଇଁ ମତେ ବେଳେବେଳେ ଅନ୍ୟ କୁକୁରଙ୍କ ସହିତ ଅନାବଶ୍ୟକ ଯୁଦ୍ଧର ସାମ୍ନା କରିବାକୁ ପଡ଼େ ।

ଆଉ ଦିନକର କଥା । ସକାଳୁ ସକାଳୁ ହଠାତ୍ ମୁନିସିପାଲ୍‌ଟିର କିଛି ଷ୍ଟାଫ୍ ଆସି ମତେ ଏକ ଗାଡ଼ିରେ ଲୋଡ୍ କରି ନେଇଗଲେ । ଗାଡ଼ି ଉପରକୁ ଯାଇ ଦେଖିଲି ସେଥିରେ ମୋହରି ଭଳି ଆହୁରି ପଚାଶ ଷାଠିଏ ଅଣ୍ଡିରା କୁକୁର ଲୋଡ୍ ହୋଇଛନ୍ତି । ଆମକୁ କାହିଁକି କୁଆଡ଼େ ନିଆଯାଉଥିଲା ଆମେ କେହି କିଛି ଜାଣି ନଥିଲୁ । ଆମେ ଜାଣିଛୁ, ସହରରେ କେବେ ସର୍କସ୍ ପଡ଼ିଲେ ଅ ।ମରି ଜାତି ଭାଇମାନଙ୍କୁ ଧରିନେଇ ଆମ ମାଂସ ବାଘ ଭାଲୁଙ୍କୁ ଖାଇବାକୁ ଦିଆଯାଏ । ସେ ସମୟରେ ସର୍କସ୍ ମଧ ପଡ଼ି ନଥିଲା । ତା'ହେଲେ କୁଆଡ଼େ ଆମକୁ ନେଉଛନ୍ତି ! ଯାହା ବି ହେଉ, ଆମ ଜୀବନକାଳ ମଧରେ ଥରୁଟିଏ ହେଲେ ଗାଡ଼ିରେ ଚଢ଼ି ପାରିବାର ସୁବର୍ଣ୍ଣ ସୁଯୋଗ ପାଇଥିବାରୁ ଆମେ ପରସ୍ପର ମଧରେ ହାଓ୍ୱ, ହ୍ୱାଇ, ହୁ, ହ୍ୱାଟ୍, ହ୍ୱେର. ଆଦି ଶବ୍ଦ ପ୍ରୟୋଗ ନ କରି କେବଳ ଉପରକୁ ଚାହିଁ ଲମ୍ବା ଲମ୍ବା ଓ...ଓ...ଓ... କରି ଖୁସି ମନେଇଲୁ । ସେମାନେ ଆମକୁ ନେଇ ଜବରଦସ୍ତି କଣ ସବୁ ଇଞ୍ଜେକ୍‌ସନ୍ ଗୋଟିଏ ଗୋଟିଏ ଦେଇଦେଲେ । ହୁଏତ ଆମେ ନିରୋଗ ରହୁ ଏବଂ ଦୈବାତ୍ ଅନ୍ୟମାନଙ୍କୁ କାମୁଡ଼ି ଦେଲେ ସେମାନଙ୍କର କିଛି କ୍ଷତି ବା ରୋଗ ନ ହେଉ, ସେଇଥିପାଇଁ ଇଞ୍ଜେକ୍‌ସନ୍ ଦେଲେ । ମନେମନେ ସେମାନଙ୍କୁ ଧନ୍ୟବାଦ ଜଣାଇ ଖୁସି ହେଲୁ । ଇଞ୍ଜେକ୍‌ସନ୍ ଦେଲାପରେ ଅବଶ୍ୟ ଆମକୁ ପୁଣି ଛାଡ଼ିଦିଆଯାଇଥିଲା ।

ତା'ପରଦିନ ସକାଳେ ଚା' ପିଆଳୀମାନେ ଖବରକାଗଜରେ ପଢ଼ିବାର ମୁଁ ଶୁଣିଲି- "ମୁନିସିପାଲଟିର ରେକର୍ଡ, ଗୋଟିଏ ଦିନରେ ସାତ ଶହ ଏକଚାଳିଶ ବୁଲାକୁକୁରଙ୍କୁ ବନ୍ଧ୍ୟାକରଣ ଇଞ୍ଜେକ୍‌ସନ୍ ପ୍ରଦାନ ।" ଏହାର ଅର୍ଥ ଅବଶ୍ୟ ମୁଁ କିଛି ବୁଝିପାରିନଥିଲି । ପରେ ପରେ କିନ୍ତୁ ମୁଁ ଅନୁଭବ କଲି ଯେ ବିପରୀତ ଲିଙ୍ଗୀ କୁକୁରମାନଙ୍କୁ ଦେଖିଲେ କାହିଁ ଆଉ ମୋ' ଭିତରେ ସେ ଅଜଣା ଆକର୍ଷଣ ଓ ପୁଲକ ଜାତ ହେଉନାହିଁ ।

ଦିନେ ସକାଳେ ଚା' ଦୋକାନରେ ଜଣେ ମଦୁଆବ୍ୟକ୍ତି ହାବୁଡ଼ରେ ପଡ଼ିଗଲି । ସେ ପୂର୍ବରାତ୍ରିରେ ପ୍ରାୟ ପ୍ରଚୁର ମଦ୍ୟପାନ କରିଥିଲା, ଯାହାର ପ୍ରତିକ୍ରିୟା ସକାଳ ପର୍ଯ୍ୟନ୍ତ ରହିଯାଇଥିଲା । ସେ ଚା' ଗ୍ଲାସଟି ଖାଲି ଧରିଥାଏ, ଜମା ପିଉ ନଥାଏ । ନିଜ ଶରୀରର ସନ୍ତୁଳନ ରକ୍ଷା କରି ଗୋଟିଏ ସ୍ଥାନରେ ଛିଡ଼ା ହୋଇପାରୁ ନଥାଏ । ଦୋଳାୟମାନ ସ୍ଥିତିରେ ଥିବା ଯୋଗୁଁ ଚା'ଗ୍ଲାସରୁ ବେଳେବେଳେ ଚା'ଚହଲି ତଳେ ପଡ଼ିଯାଉଥାଏ । ତା'ର ଅନ୍ୟ ସାଙ୍ଗମାନେ ତାକୁ ବଡ଼ ଟାହିଟାପରା କରୁଥା'ନ୍ତି ଓ ଗତ ରାତିର ନିଶା ଉତୁରୀ ନାହିଁ ବୋଲି କହି ଛିଗୁଲଉଥା'ନ୍ତି । ଲୋକଟାକୁ ଦେଖି ମୋ' ଶୈଶବ ଅବସ୍ଥାର ଏକ ଦୁଃଖଦ ଘଟଣା ମନେ ପଡ଼ିଗଲା । ମୁଁ ଛୋଟଥିଲି । ଦୀପାବଳୀ ଦିନ ସନ୍ଧ୍ୟାରେ ଏହି ଲୋକଟି

ମାତାଲ୍ ଅବସ୍ଥାରେ ଥାଇ ମୋ' ଲାଞ୍ଜରେ ଏକ ଫୁଲଝରୀ ବାଣ ବାନ୍ଧି ଛାଡ଼ି ଦେଲା । ଜଳନ୍ତା ଫୁଲଝରୀକୁ ଲାଞ୍ଜରେ ଧରି ମୁଁ ଖାଲି ଏଣେ ତେଣେ କୁଁ କାଁ ହୋଇ ଦୌଡ଼ି ବୁଲୁଥାଏ ପଛକୁ ଚାହିଁ ଚାହିଁ । ଆପେ ଜଳି ଜଳି ଲିଭିଗଲା ପରେ ମୁଁ ଟିକିଏ ଶାନ୍ତିରେ ନିଃଶ୍ୱାସ ମାରିଥିଲି ।

ଆଜି କିନ୍ତୁ ସେ ମଦୁଆ ଜଣକର କାର୍ଯ୍ୟକଳାପ ଦେଖି ମତେ ବଡ଼ ହସ ଲାଗୁଥାଏ । ହଠାତ୍ ମୋ' ଉପରେ ନଜର ପଡ଼ିଯିବା ପରେ ସେ ରାଗିଗଲା । ସେ ତା'ର ଭାଷଣ ବାଜି ଆରମ୍ଭ କଲା । "କୁକୁର ମାନଙ୍କୁ ଦେଖିଲେ ମୋର ଆଲର୍ଜି ହୋଇଯାଏରେ ଭାଇମାନେ । ଯିଏ ଏମାନଙ୍କୁ ନେଇ ଘରେ ପୋଷେ, ସେ ଲୋକକୁ ମଧ ମୋର ହାଡେ ହାଡେ ରାଗ । ଶଳା  କୁକୁର ପଛରେ ଯେତିକି ପଇସା ଖର୍ଚ୍ଚ କରୁଛ, ସେଇ ପଇସା ଭିକାରୀଟିଏକୁ ଦେଇ ଦେଖୁନ; କେତେ ଆଶୀର୍ବାଦ ପାଆନ୍ତ !"

ସେ ମଦୁଆ ଜଣକ କଥାକୁ କାଉଣ୍ଟର୍ କରି ତାର ଜଣେ ସାଙ୍ଗ କହିଲେ- "ତୁ କିନ୍ତୁ ଭାରି ଭଲ କାମଟାଏ କରୁଛୁ, ନୁହେଁ ! ମାଲ ପଛରେ ଯେଉଁ ପଇସା ଖର୍ଚ୍ଚ କରୁଛୁ, ସେତିକି ପଇସା ଗରିବ ଗୁରୁବା କିମ୍ବା ଭିକାରୀଟିଏକୁ ଦେଇ ଦେଖୁନୁ, କେତେ ଧର୍ମ ହେଉଛି !"

ମଦୁଆ ଜଣକ ରାଗିଗଲା ଓ ମୋ' ଆଡ଼କୁ ଏକ କଡ଼ା ନଜର ପକେଇ ତା' ଦୋକାନୀକୁ ବିସ୍କୁଟ୍‌ଟାଏ ମାଗିଲା । "ଧଡ଼ିଭାଇ, ଦେଲୁ ଟାଇଗର ବିସ୍କୁଟ ପ୍ୟାକେଟ୍‌ଟାଏ । ଏ ଶଳା କୁକୁରଟାକୁ ଦି'ଖଣ୍ଡ ବିସ୍କୁଟ୍ ଦେଇ ସେ ଶୁଭ କାର୍ଯ୍ୟର ଆରମ୍ଭ ଆଜିଠୁ କରିବା ।" ସେ ବିସ୍କୁଟ୍ ପ୍ୟାକେଟ୍ ଆଣି ଖଣ୍ଡେ ପରେ ଖଣ୍ଡେ ବିସ୍କୁଟ୍ ଉପରକୁ ଫୋପାଡୁଥାଏ ଓ ମୋ' ଉଦ୍ଦେଶ୍ୟରେ 'କ୍ୟାଚ୍' କ୍ୟାଚ୍' କହୁଥାଏ ।

ମୁଁ ମଧ ବିସ୍କୁଟ ଖଣ୍ଡକୁ ଶୂନ୍ୟେ ଶୂନ୍ୟେ କ୍ୟାଚ୍ କରି ନେଉଥାଏ ତଳେ ପଡ଼ିବା ପୂର୍ବରୁ । ସେ ମୋର ଏହି ଶୂନ୍ୟେ ଶୂନ୍ୟେ କ୍ୟାଚ୍ କରିବା ଶୈଳୀରେ ମୁଗ୍‌ଧ ହୋଇ ହସି ହସି ତଳେ ଗଡ଼ିଯାଉଥାଏ ଓ ଆହୁରି ବିସ୍କୁଟ୍ ମଗଉଥାଏ । ଏହିପରି ପ୍ରାୟ ତିନି ପ୍ୟାକେଟ୍ ବିସ୍କୁଟ୍ ଦେଲାପରେ ସେ ଯାଇ ଏକ ଷ୍ଟୁଲ୍‌ରେ ବସି ଆତ୍ମ ପରିତୃପ୍ତିରେ ଦୀର୍ଘନିଃଶ୍ୱାସ ନେଲା । ଜଣେ ସାଙ୍ଗ ଆସି ତା' କାନ୍ଧ ଉପରେ ହାତମାରି ସାବାସି ଦେଲେ ଏବଂ ମୋ' (କୁକୁର) ବିଷୟରେ ଅନେକ ନୂଆ ନୂଆ କଥା କହିଲେ, ଯାହା ମତେ ଜଣା ନଥିଲା । ମତେ ଲାଗିଲା ସେ ବୋଧେ ଅନେକ ପାଠ ପଢ଼ିଛନ୍ତି ଓ ଜଣେ ଜ୍ଞାନୀ ବ୍ୟକ୍ତି । ସେ କହୁଥିଲେ- "ଆରେ ଭାଇ, କୁକୁରକୁ ଖାଲି ଇତର ପ୍ରାଣୀଟିଏ ବୋଲି ଆମେ ଭାବିବା କଥା ନୁହେଁ । କୁକୁରର ମହନୀୟତା ବିଷୟରେ କିଛି ଜାଣିଛୁ ? କୁକୁରକୁ ଖୁଆଇ ପିଆଇ ଖୁସି କରାଇଲେ ଆମର ଶନି ଦଶା କଟିଯାଏ । ଏଇ କୁକୁର ରୂପରେ ଧର୍ମ ଏକଦା ଯୁଧିଷ୍ଠିରଙ୍କ ସହିତ ସ୍ୱର୍ଗକୁ ଯାଇଥିଲା । ମସ୍କୋର ଷ୍ଟ୍ରୀଟ୍ ଡଗ୍ ଲାଇକା ପୁଣି ସର୍ବପ୍ରଥମେ ୧୯୫୭ ମସିହାରେ ଚନ୍ଦ୍ର ପୃଷ୍ଠରେ ପାଦ ଦେଇଥିଲା, ମଣିଷ ଯିବା ପୂର୍ବରୁ । ଆଉ ଶୁଣିବୁ କୁକୁର ବିଷୟରେ ?

ମଦୁଆ ଜଣକ କିଛି ବୁଝୁ ନ ବୁଝୁ, କିନ୍ତୁ ମୋ'କଥା ଶୁଣିବାକୁ ହଁ ମାରି ଦେଲା । ମତେ ମଧ ଏସବୁ ଶୁଣିବାକୁ ଭାରି ଭଲ ଲାଗୁଥିଲା । ସେ ବ୍ୟକ୍ତି ଜଣକ ପୁଣି ଆରମ୍ଭ କଲେ-

"କୁକୁରକୁ ସୁରକ୍ଷା କର୍ମୀ ତଥା ପୋଲିସ୍ ବିଭାଗରେ କୌଣସି ଚୋରୀ ଡକାୟତି ହେଲେ, ଅପରାଧ ନିୟନ୍ତ୍ରଣରେ, ଗୁପ୍ତରେ ଖଞ୍ଜା ଯାଇଥିବା ବୋମା ଚିହ୍ନଟ, ତା'ଛଡ଼ା ଆନ୍ଧ୍ର ପ୍ରଦେଶର ପୋଲିସ୍ ବିଭାଗରେ ନକ୍ସଲ୍ ବିରୋଧୀ ସୁରକ୍ଷା କର୍ମୀଙ୍କୁ "ଗ୍ରେହାଉଣ୍ଡ" ସ୍କ୍ୱାଡ୍‌ରେ ନାମକରଣ ଆଦି ହୋଇଛି । କୁକୁର ଯାଇ ଶୁଂଘି କରି 'ବୋମା ଶୂନ୍ୟ ଇଲାକା'ର ସାର୍ଟିଫିକେଟ୍ ନ ଦେଲେ କୌଣସି ବଡ଼ ବଡ଼ ସଭାସ୍ଥଳୀକୁ ଭିଆଇପି କିମ୍ବା ନିମନ୍ତ୍ରିତ ଅତିଥି ଆସନ୍ତି ନାହିଁ । ବରଫ ଦେଶରେ ଏମାନେ ସ୍ଲେଜ୍‌ଗାଡ଼ି ଟାଣନ୍ତି । କେତେକ ଦେଶରେ ଏମାନେ ମେଣ୍ଢା, ଗାଈ, ଗୋରୁପଲଙ୍କୁ ଜଗିଥା'ନ୍ତି । କେତେଗୁଡ଼ିଏ କାର୍ଯ୍ୟ ଯାହା ମଣିଷ କରିପାରେ ନାହିଁ, ଏମାନେ କରିପାରନ୍ତି । ତେଣୁ ଯାକୁ ସାଧାରଣ ଭାବିବା ଠିକ୍ ନୁହେଁ ।"

ମୋ' ବିଷୟରେ ଏତେ କଥା ଶୁଣୁଶୁଣୁ ମୋ'ଛାତି କୁଣ୍ଢେମୋଟ ହୋଇଯାଉଥାଏ । ମୁଁ ଗର୍ବିତ ମନେ କରୁଥାଏ । ମଦୁଆ ଜଣକ ଏଥର ହୋସ୍‌କୁ ଆସୁଥିବାର ଜଣା ପଡୁଥାଏ । ସେ ହଠାତ୍ ପୁଣି ମୋ' ବିଷୟରେ ଏକ ଅଖାଡୁଆ ମନ୍ତବ୍ୟ ଦେଲେ, ଯାହା ନିଛକ ସତକଥା । "ଏମାନଙ୍କର ସବୁ ଠିକ୍‌ଠାକ୍ ଯେ, ଗୋଟିଏ ବଡ଼ ଦୁର୍ଗୁଣ ଧରି ବୁଲୁଥା'ନ୍ତି । ଯାହା ଉପରେ ପାଇଲେ ତା' ଉପରେ ଗୋଡ଼ଟେକି ପରିସ୍ରା କରି ଦିଅନ୍ତି । ଏମାନଙ୍କ ପେଟରେ ଏତେ ପରିସ୍ରା କୋଉଠୁ ଆସେ କେଜାଣି !"
ଏକଥା ଶୁଣି ସେଠାରେ ଥିବା ସମସ୍ତ ବ୍ୟକ୍ତି ହଠାତ୍ ହସି ଉଠିଲେ । ମୁଁ ଅବଶ୍ୟ ସେମାନଙ୍କ କଥାକୁ କାଟିବାକୁ ଉପାୟ ପାଇନଥିଲି । ସତରେ ଏଇ ଗୋଟାଏ ହିଁ ଅପଗୁଣ ଯୋଗୁଁ ଆମ ଜାତିକୁ ସମସ୍ତେ ଘୃଣା କରନ୍ତି ।

ମତେ ସତରେ ବଡ଼ ଖରାପ ଲାଗିଥିଲା ସେ କଥା ଶୁଣି । ସେ ଜ୍ଞାନୀ ବ୍ୟକ୍ତିଜଣକ ମୋ' ଉଦ୍ଦେଶ୍ୟରେ, ମୋ ଜାତିଭାଇଙ୍କ ଉଦ୍ଦେଶ୍ୟରେ ଅବଶ୍ୟ ଶେଷରେ ଏକ ସାନ୍ତ୍ୱନା ମୂଳକ ଟିପ୍ପଣୀ ଦେଇଥିଲେ । "ଭାଇ ଏଇଟା ତାଙ୍କର ପ୍ରକୃତି ଦତ୍ତ । ସେମାନେ ବା କ'ଣ କରନ୍ତେ !" ମୋ ମନକୁ ଏକଥା ପାଇଥିଲେ ବି ପ୍ରକୃତି ଉପରେ ଅଭିମାନ କରି ସେଠାରୁ ଚାଲି ଆସିଥିଲି ।

ଆଉ ଦିନକର କଥା । ଆମେ ରହୁଥିବା କଲୋନୀ ମୁଣ୍ଡରେ ଏକ ବଡ଼ ପଡ଼ିଆ ଅଛି । ସାତ ଆଠଦିନ ପୂର୍ବରୁ ସେହି ପଡିଆରେ ଟେଣ୍ଟ ମରାଯାଇ କୌଣସି ଏକ ସଭାକାର୍ଯ୍ୟର ଆୟୋଜନ ପାଇଁ ଲୋକମାନେ ଲାଗିପଡ଼ିଥା'ନ୍ତି । ସହର ସାରା ଜଣେ ବିଖ୍ୟାତ ସାଧୁବାବାଙ୍କର ଆଶୀର୍ବାଦ ମୁଦ୍ରାର ଫଟୋ ସମ୍ବଳିତ ପ୍ରଚାର ବୋର୍ଡମାନ ମରାଗଲା । ସଭାକାର୍ଯ୍ୟ ପାଇଁ ଟେମ୍ପୋରାରୀ ଶେଡ୍ ଓ ଟେଣ୍ଟ୍ ନିର୍ମାଣ କାର୍ଯ୍ୟ କ୍ଷିପ୍ର ଗତିରେ ଆଗେଇ ଚାଲିଥାଏ । ସଭାସ୍ଥଳୀ ପାଖରେ ମଧ ଏକ ଫ୍ଲେକ୍ସ୍ ବୋର୍ଡରେ କଣ ସବୁ ଲେଖାଯାଇଥାଏ । ଲୋକମାନେ ବୋର୍ଡ ତଳେ

ଛିଡ଼ା ହୋଇ ସେସବୁ ପଢ଼ିବା ସମୟରେ ମୁଁ ଯାଇ ଶୁଣିଲି ଏବଂ ଜାଣିବାକୁ ପାଇଲି ଯେ ହରିଦ୍ୱାରରୁ ଜନୈକ ବିଶ୍ୱବିଖ୍ୟାତ ସାଧୁବାବା ଆସୁଛନ୍ତି ଧାର୍ମିକ ପ୍ରବଚନ ଦେବାପାଇଁ । ମୁଁ ମଧ ଉତ୍କଣ୍ଠାର ସହିତ ଅପେକ୍ଷା କଲି ସେ ଦିନଟିକୁ । ଆପଣମାନେ ଭାବୁଥିବେ ସଭାକାର୍ଯ୍ୟ ହେଲେ ଖାଇବା ପିଇବାର ମଧ ବନ୍ଦୋବସ୍ତ ହେବ; ତେଣୁ ମୁଁ ମଧ କିଛିଦିନ ଖୁସି ମନରେ ପେଟପୂରା ଗଣ୍ଡେ ଖାଇବାକୁ ପାଇଯିବି ବୋଲି ମନେ ମନେ ଖୁସି ହେଉଥିବି । ଆପଣଙ୍କର ଅନୁମାନ ସ୍ୱାଭାବିକ । କିନ୍ତୁ ବିଶ୍ୱାସ କରନ୍ତୁ, ମୁଁ ମଧ ବଡ଼ ଆଗ୍ରହର ସହିତ ସାଧୁବାବାଙ୍କ ମୁଖନିଃସୃତ ପ୍ରବଚନ ବାଣୀ ଶୁଣିବାକୁ ଚାହିଁଥିଲି । ମୁଁ ଜାଣେ, ମଣିଷ ହିଁ ହେଉଛି ପୃଥିବୀ ପୃଷ୍ଠରେ ସର୍ବଶ୍ରେଷ୍ଠ ପ୍ରାଣୀ । ସମଗ୍ର ଜୀବଜଗତର ନିୟନ୍ତ୍ରଣ ଏଇ ମଣିଷ ହାତରେ ଅଛି । କେତେ ଜନ୍ମର ତପସ୍ୟା ଏବଂ କେଉଁ ପ୍ରକାର ସାଧନା, ଧର୍ମ କାର୍ଯ୍ୟାଦି କଲେ ମୁଁ ପରଜନ୍ମରେ ମଣିଷ ରୂପେ ଜନ୍ମ ହୋଇପାରିବି, ସେହି ସଦ୍‌ଜ୍ଞାନ ଟିକିଏ ଶୁଣିବାକୁ କେବଳ ଚାହୁଁଥିଲି ବାବାଙ୍କ ମୁଖରୁ ।

ପ୍ରତୀକ୍ଷିତ ଦିବସଟି ଆସି ପହଞ୍ଚି ଯାଇଥିଲା । ହଜାର ହଜାର ଧର୍ମ ପରାୟଣ ବ୍ୟକ୍ତିଙ୍କ ସମାଗମ ମଧରେ ପବିତ୍ର ମନ୍ତ୍ରୋଚ୍ଚାରଣ ସହିତ ସଭାକାର୍ଯ୍ୟ ଆରମ୍ଭ ହେଲା । ସାଧୁବାବା ଅନେକ ନୀତିବାଣୀ, ଆଧାତ୍ମିକ ଭାଷଣମାନ ଦେଲେ । ମଝିରେ ମଝିରେ ସମବେତ ଜନତାଙ୍କୁ ଜୀବନଧର୍ମୀ ଜଟିଳ ସମସ୍ୟାଜନିତ ପ୍ରଶ୍ନମାନ ପଚାରିବାର ସୁଯୋଗ ଦେଇ ସାଧୁବାବା ତାର ସରଳ ସମାଧାନର ସୂତ୍ର ମଧ କହିଦେଉଥା'ନ୍ତି ।

ସଭାସ୍ଥଳ ପାଖାପାଖି ଫାଙ୍କା ସ୍ଥାନରେ ଥାଇ ମୁଁ ସବୁକିଛି ଶୁଣୁଥିଲି ଏବଂ ମୋ ମନରେ ସେହି ଗୋଟିଏ ପ୍ରଶ୍ନ 'କଣ କଲେ ମନୁଷ୍ୟ ଜନ୍ମ ପ୍ରାପ୍ତ ହୁଏ' ବୋଲି ବାରମ୍ବାର ଉଙ୍କି ମାରୁଥାଏ ଏବଂ ସଭାକାର୍ଯ୍ୟ ଟିକିଏ ଶାନ୍ତ ପଡ଼ିଯିବାର ସୁଯୋଗ ପାଇ ମୁଁ ଜୋରରେ ଜୋର୍‌ରେ ମୋ' ଭାଷାରେ ସାଧୁବାବାଙ୍କ ଉଦ୍ଦେଶ୍ୟରେ ବିନା ମାଇକରେ ପଚାରୁଥାଏ । ମୁଁ ଯେତେଥର ପଚାରିଛି, ସେତେଥର କେହିନା କେହି ଜୋତାରେ, ବାଡ଼ିରେ କିମ୍ବା ଢେଲା ପଥର ମାରି ମତେ ସେଠାରୁ ବିତାଡିତ କରିବାକୁ ଚେଷ୍ଟା କରିଛନ୍ତି । ମୋର ପ୍ରଶ୍ନକୁ ସାଧୁବାବାଙ୍କ ପାଖରେ ପହଞ୍ଚିବାକୁ ଦେଇ ନାହାଁନ୍ତି ।

ଏମିତି ଲମ୍ବେଇ ଲମ୍ବେଇ ପ୍ରଶ୍ନ ପଚାରୁ ପଚାରୁ ମୁଁ ଅନେକ ଗାଳି ମାଡ଼ ଖାଇ ଶେଷରେ ସେ ସଭାସ୍ଥଳ ଛାଡ଼ି ଚାଲିଯିବାକୁ ବାଧ ହୋଇ ଜୀବନ ବିକଳରେ ଦୌଡ଼ିବାକୁ ଆରମ୍ଭ କଲି । ମୋର ପ୍ରଶ୍ନ କେହି ବୁଝି ନ ପାରି ମୁଁ ସେମାନଙ୍କ ସଭାକାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରୁଥିବା ଦୋଷରେ ସେମାନଙ୍କ ଭିତରୁ କେହିଜଣେ ମୋ' ପଛପଟରୁ ପେଟ୍ରୋଲ୍ ଢାଳି ଦେଇଛି ଏବଂ ମୁଁ ଭୀଷଣ ଯନ୍ତ୍ରଣାରେ ଛଟପଟ ହୋଇ ଏଣେତେଣେ ଦୌଡ଼ିଥିଲି । ଏହି ଦୌଡ଼ିବା ସମୟରେ ଗାଡ଼ି ମଟର ଆସୁଥିବାର ହିତାହିତ ଜ୍ଞାନ ମୋର ରହିନଥିଲା । ରାସ୍ତାପାର ହୋଇ ଅତର୍କିନିଆ ଦୌଡୁ ଦୌଡୁ କ୍ଷିପ୍ର ବେଗରେ ଆସୁଥିବା ଗାଡ଼ିଟିଏ ଆସି ମୋ' ଉପରେ ଚଢ଼ିଯାଏ ଏବଂ ତା'ପରେ ମୋର କ'ଣ ହେଲା ସେକଥା ମତେ ଜଣାନାହିଁ ।

■■■

ଘର ନଂ-୩ଆର୍/୨, ମ୍ୟୁଜିୟମ୍ ଅଞ୍ଚଳ,
ବିଜେବି ନଗର, ଭୁବନେଶ୍ୱର
ମୋ: ୬୩୭୨୨୫୮୪୬୩





# ସେବା ସେର୍ବାଦୟ ଓ ସଂଗ୍ରାମ : ମା ରମାଦେବୀଙ୍କ ଆହ୍ୱାନ

ଡକ୍ଟର ସଂଘମିତ୍ରା ଭଞ୍ଜ



ଯେଉଁମାନେ ଚିନ୍ତା-ଚେତନା ତଥା ବିଚାରରେ ବ୍ୟତିକ୍ରମ, ସେହିମାନେ ହିଁ ଯୁଗରେ ଯୁଗାନ୍ତରର ବ୍ୟକ୍ତିତ୍ୱ ହୁଅନ୍ତି। ସେହିପରି ଭାବରେ ଉତ୍କଳୀୟ ଜନଜୀବନରେ ବ୍ୟତିକ୍ରମ ବ୍ୟକ୍ତିତ୍ୱର ଅଧିକାରିଣୀ ଥିଲେ ରମାଦେବୀ ଚୌଧୁରୀ। ଆପାଦମସ୍ତକ ଭାରତୀୟ ସଂସ୍କୃତି-ପରମ୍ପରାର ସେ ଥିଲେ ପ୍ରତିନିଧି ପ୍ରତିଭୂ। ଭାରତୀୟ ସ୍ୱାଧୀନତା ସଂଗ୍ରାମର ଐତିହାସିକ ପଛଭୂମି ଉପରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଭାବାଦର୍ଶରେ ଅନୁପ୍ରାଣିତ ବିଶିଷ୍ଟ ଓଡ଼ିଆ ଜନନେତ୍ରୀ ଓ ସମାଜ ସେବିକା ଥିଲେ ମା' ରମାଦେବୀ ଚୌଧୁରୀ। ଓଡ଼ିଆ ଜାତି ନିକଟରେ ସେ ଚିରନମସ୍ୟା। ଜଣେ ଯୁଗଜୟୀ ନେତ୍ରୀ ରୂପେ ଶ୍ରୀମତୀ ରମାଦେବୀ ଚୌଧୁରୀ ଏକ ଶ୍ରଦ୍ଧାପୂର୍ଣ୍ଣ ଉଚ୍ଚାରଣ। ବ୍ୟକ୍ତିଗତ ଜୀବନର ମୋହାଚ୍ଛନ୍ନ ପରିଧିକୁ ଅତିକ୍ରମ କରି ନିଃସ୍ୱାର୍ଥ ସମାଜସେବାର କର୍ମଯଜ୍ଞରେ ନିଜକୁ ତିଳତିଳ କରି ଉତ୍ସର୍ଗ କରିବା କ୍ଷେତ୍ରରେ ସେ ଥିଲେ ଅପୂର୍ବ ଉତ୍କଳ ରମଣୀ। ବିଶିଷ୍ଟ ଗାନ୍ଧୀବାଦୀ ଜନନେତା ଓ ସ୍ୱାମୀ ଗୋପବନ୍ଧୁ ଚୌଧୁରୀଙ୍କ ପଦାଙ୍କ ଅନୁସରଣ କରିବା ଥିଲା ତାଙ୍କ ପାଇଁ ଆଦର୍ଶ। ଦେଶବ୍ୟାପୀ ମହାତ୍ମା ଗାନ୍ଧୀଙ୍କ ସତ୍ୟାଗ୍ରହ ଓ ଅସହଯୋଗ ଆହ୍ୱାନରେ ଯୋଗଦେବା ସେ ସମୟର ନାରୀ ସମାଜ ପାଇଁ ଏକ ଅନନ୍ୟ ଘଟଣା ଥିଲେ ହେଁ ରକ୍ଷଣଶୀଳ ପାରିବାରିକ ବନ୍ଧନକୁ ପଛରେ ପକାଇ ଦେଶ ପାଇଁ ସ୍ୱାହା ହେବାର ପ୍ରତିବଦ୍ଧତା ରମାଦେବୀଙ୍କୁ ମା'ର ମାନ୍ୟତା ପ୍ରଦାନ କରିଥିଲା। ଯେଉଁଥିପାଇଁ ଗାନ୍ଧୀଜୀ 'ହରିଜନ' ପତ୍ରିକାରେ ଉଲ୍ଲେଖ କରିଥିଲେ- "ମୁଁ ତ ରମାର ପ୍ରେମରେ ପଡ଼ିଗଲି।" ରମାଦେବୀଙ୍କ ବ୍ୟକ୍ତିକ ଓ ନୈର୍ବ୍ୟକ୍ତିକ ଜୀବନ ଭିତରେ ସେତୁ ଥିଲେ ଗାନ୍ଧୀଜୀ।

ରମାଦେବୀ ଥିଲେ ପ୍ରଚଣ୍ଡ ନାରୀ ଶକ୍ତି, ଓଡ଼ିଶାବାସୀଙ୍କ ସ୍ୱାଭିମାନ ତଥା ପ୍ରତିବଦ୍ଧତାର ଦୀପ୍ତ ସ୍ଫୁଲିଙ୍ଗ। ଆଦର୍ଶରେ ସେ ଥିଲେ ଉତ୍କଳୀୟ ନାରୀ ପରମ୍ପରାର ପ୍ରତୀକ। ବେଶଭୂଷା, ସଂଭ୍ରମ, ସମ୍ମାନ ଓ ଶ୍ରଦ୍ଧାର ସମ୍ମିଶ୍ରିତ ମୂର୍ତ୍ତି। ବାସ୍ତବ ଜୀବନରେ ଥିଲେ ଅନ୍ଧବିଶ୍ୱାସର ଘୋର ବିରୋଧୀ। ଓଡ଼ିଶାର ଦରିଦ୍ରତମ-ଅସହାୟ ମଣିଷର ଅଧିକାର ପ୍ରତିଷ୍ଠା ଦିଗରେ ସେ ଥିଲେ ଶତତ ଚେଷ୍ଟିତା। ସ୍ୱରାଜ, ଭୂଦାନ, ଶ୍ରମଦାନ, ସର୍ବୋଦୟ, ଖଦୀ ପ୍ରଚାର, ସୂତାକଟା, ହିନ୍ଦୁ-ମୁସଲମାନ ସମସ୍ୟା ସମାଧାନ, ବନ୍ୟାଦୁର୍ଗତଙ୍କ ସେବା, କ୍ୟାନ୍‌ସର ରୋଗୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଇତ୍ୟାଦି ଥିଲା ତାଙ୍କର ସ୍ୱତନ୍ତ୍ର କର୍ମଯୋଗ। ନାରୀଶକ୍ତିର ଉପଯୁକ୍ତ ବିନିଯୋଗ ହେଲେ ଦେଶର ସାମୂହିକ ପ୍ରଗତି ସମ୍ଭବ ହୋଇପାରିବ ବୋଲି ସେ ବିଶ୍ୱାସ କରୁଥିଲେ। ରମାଦେବୀ ବହୁ ରଚନାତ୍ମକ କାର୍ଯ୍ୟକୁ ସଂପନ୍ନ କରିଥିଲେ।

୧୮୯୯ ମସିହା ଡିସେମ୍ବର ୩ ତାରିଖରେ କଟକ ସତ୍ୟଭାମାପୁରରେ ସେ ଜନ୍ମଲାଭ କରିଥିଲେ। ସେ ଥିଲେ ବିଶିଷ୍ଟ ସାହିତ୍ୟିକ ଶ୍ରୀ ଗୋପାଳବଲ୍ଲଭ ଦାସ ଏବଂ ଶ୍ରୀମତୀ ବସନ୍ତକୁମାରୀ ଦେବୀଙ୍କ ଅଲିଅଳୀ କନ୍ୟା। ଉତ୍କଳ ଗୌରବ ମଧୁସୂଦନ ଦାସ ଥିଲେ ତାଙ୍କର ବଡ଼ବାପା। ଉତ୍ତରାଧିକାର ସୂତ୍ରରେ ଜାତି-ଦେଶ ଓ ମାନବପ୍ରେମର ଗାରିମାକୁ ସେ ଧାରଣ କରିଥିଲେ। ଆଭିଜାତ୍ୟସମ୍ପନ୍ନ - ଭୋଗ ପ୍ରାଚୁର୍ଯ୍ୟମୟ ଜୀବନ ଅପେକ୍ଷା ତ୍ୟାଗ ଓ ଉତ୍ସର୍ଗ ଥିଲା ମା' ରମାଦେବୀଙ୍କ ଜୀବନାଦର୍ଶ। ତାଙ୍କ ଜୀବନର ଲକ୍ଷ୍ୟ ଥିଲା ସମାଜ ସେବା ଓ କୁସଂସ୍କାରମୁକ୍ତ ସମାଜ ନିର୍ମାଣ, ମାତ୍ର ଚଲାପଥ ଥିଲା ସୁଦୀର୍ଘ। ଦାମିକା ବସ୍ତ୍ର, ବହୁମୂଲ୍ୟ ଅଳଙ୍କାର, ସୁଖ-ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ଜୀବନ ପରିବର୍ତ୍ତେ ସ୍ୱଚ୍ଛଳ ଜୀବନଚର୍ଯ୍ୟାକୁ ସେ ଆପଣେଇ

ନେଇଥିଲେ। ତଥାପି ଅସଂଖ୍ୟ କର୍ମକୁ ଜୀବନର କର୍ତ୍ତବ୍ୟ ରୂପେ ମହତ୍ତ୍ୱ ପ୍ରଦାନ କରିବାରେ ସେ ଥିଲେ ସ୍ୱତନ୍ତ୍ର ଓ ବ୍ୟତିକ୍ରମ। ଗୃହସ୍ଥାଶ୍ରମରେ ରହି ଜଣେ ତପସ୍ୱିନୀ ଭଳି ତାଙ୍କ ନିଷ୍ଠାପର କାର୍ଯ୍ୟପ୍ରଣାଳୀ ତଥା କର୍ମଯୋଗର ପଟାନ୍ତର ନାହିଁ। ଜାତିଭେଦ, ଅସ୍ପୃଶ୍ୟତା, କୁସଂସ୍କାର, ଅନ୍ୟାୟ, ଅନୀତିର ବିରୁଦ୍ଧାଚରଣ କରି ଚାଷୀ-ମୂଲିଆ, ଅସ୍ପୃଶ୍ୟ ଓ ସାଧାରଣ ଜନତାଙ୍କ ସେବା ନିମନ୍ତେ ତାଙ୍କ ତ୍ୟାଗପୂତ-ନିରହଂକାର ଜୀବନଶୈଳୀ ହେତୁ ତାଙ୍କୁ ଓଡ଼ିଶାର ମଦର ଟେରେସା ଭାବରେ ମାନ୍ୟତା ମିଳେ। ତାଙ୍କର ନିଃସ୍ୱାର୍ଥପର ସମର୍ପଣ ତଥା ତ୍ୟାଗ ଯୋଗୁଁ ଓଡ଼ିଶାର ଜନତାଙ୍କ ପାଇଁ ସେ ମା' ନାମରେ ସମ୍ବୋଧିତା। ସତ୍ୟାଗ୍ରହ, ଲୁଣମରା ଅଭିଯାନ, ସଭା-ସମିତି, ଚାନ୍ଦା ସଂଗ୍ରହ, ବିଦେଶୀ ବସ୍ତୁ ବର୍ଜନ, ନିଶା ନିବାରଣ, ସ୍ୱଚ୍ଛତା ଅଭିଯାନ, ଶିକ୍ଷାଦାନ, ପଦଯାତ୍ରା, ବନ୍ୟା ବିପନ୍ନଙ୍କୁ ସହାୟତା, ଔଷଧ ବଣ୍ଟନ, ଗ୍ରାମୋଦ୍ୟୋଗ, ନାରୀ ଜାଗରଣ, ଲୁଗାବୁଣା, ରାଷ୍ଟ୍ରଭାଷା ପ୍ରଚାର, ମହୁମାଛି ପାଳନ, ଖଜୁରୀ ଗୁଡ଼ ପ୍ରସ୍ତୁତି ଏବଂ କୃଷିକାର୍ଯ୍ୟର ଉନ୍ନତି ଏବଂ ବହୁବିଧ ସଂରଚନାତ୍ମକ କାର୍ଯ୍ୟ ଥିଲା ତାଙ୍କ ଜୀବନର ଆଭିମୁଖ୍ୟ। ଗୃହୀ ସନ୍ନ୍ୟାସିନୀର ପବିତ୍ର ଜୀବନଶୈଳୀ ସହିତ ବସୁଧୈବ କୁଟୁମ୍ବକମ୍‌ର ଉଚ୍ଛ୍ୱାସ ଓ ଦେଶପ୍ରେମ ତାଙ୍କ ବ୍ୟକ୍ତିତ୍ୱକୁ ଅନାମୟ ଦ୍ୟୁତିରେ ଉଦ୍‌ଭାସିତ କରିଥିଲା।

୧୯୪୨ ମସିହାରେ ଗାନ୍ଧୀଜୀଙ୍କର ଦେଶବ୍ୟାପୀ 'କର ବା ମର'ର ଡାକରା ତାଙ୍କ ଭିତରେ ବିପ୍ଳବ ଓ ସମାଜସେବାର ସ୍ଫୁଲିଙ୍ଗ ପ୍ରଜ୍ୱଳନ କରିଥିଲା। ଗାନ୍ଧୀଜୀଙ୍କ 'ନୂତନ ପୃଥିବୀର ପ୍ରତିଷ୍ଠା' ଦିଗରେ ରମାଦେବୀଙ୍କ ତ୍ୟାଗ ଥିଲା ଅତୁଳନୀୟ। ସରକାରୀ ବିରୋଧୀ କାର୍ଯ୍ୟ ପାଇଁ ଜେଲ୍ ଦଣ୍ଡ ଭୋଗିଥିବା ନମ୍ର-ସାଧାରଣ ରମାଦେବୀ ମାନସିକ ସ୍ତରରେ ଥିଲେ ସଶକ୍ତ - ପ୍ରଚଣ୍ଡ ଓ ଅସାଧାରଣ। ନାରୀଶିକ୍ଷା, ନାରୀମୁକ୍ତି, ନାରୀ ଅଧିକାରର ନ୍ୟାଯ୍ୟ ଦାବି ଉଦ୍ଦେଶ୍ୟରେ ରମାଦେବୀଙ୍କ ନାରୀ ଜାଗରଣ ଥିଲା ଅଦ୍ଭୁତ। ଯମୁନାଲାଲ ବଜାଜ୍ ପୁରସ୍କାରପ୍ରାପ୍ତ ରମାଦେବୀଙ୍କ ସମାଜସେବା ଓ ସ୍ୱରାଜ ସଂଗ୍ରାମର ଘଟଣା ଇତିହାସର ସ୍ୱର୍ଣ୍ଣିମ ଅଧ୍ୟାୟ କହିଲେ ଭୁଲ୍ ହେବ ନାହିଁ। ୧୯୩୪ ମସିହା ଏପ୍ରିଲ୍ ୧୩ ତାରିଖରେ ଇଞ୍ଚୁଡ଼ିରେ ଲୁଣମରା ଅଭିଯାନକାଳୀନ ରମାଦେବୀଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ତତ୍କାଳୀନ ସହସ୍ରାଧିକ ନାରୀମାନଙ୍କୁ ସତ୍ୟାଗ୍ରହର ମହାସଂଗ୍ରାମରେ ଝାସ ଦେବାକୁ ଉଦ୍‌ବୁଦ୍ଧ କରିଥିଲା। ଉତ୍କଳୀୟ ନାରୀମାନଙ୍କର ପାଛିଆ, କୋଦାଳ, ହାଣ୍ଡି, ହେନ୍ତାଳ ଆଦି ଉପକରଣ ଧାରଣ ପୂର୍ବକ ଇଂରେଜମାନଙ୍କୁ ପରାହତ କରିବାର ଅଦମ୍ୟ ସାହସ ସେମାନଙ୍କୁ ଭୟଭୀତ କରିଥିଲା। ରମାଦେବୀଙ୍କ ନେତୃତ୍ୱରେ ମାଳତୀ ଦେବୀ, ସରଳା ଦେବୀ, ଜାହ୍ନବୀ ଦେବୀ ପ୍ରମୁଖ ନାରୀନେତ୍ରୀମାନେ ଗାଁ ଗାଁ ବୁଲି ଜନସଚେତନତା ସୃଷ୍ଟି କରିଥିଲେ। ୧୯୬୩ ମସିହାରେ ବାଲେଶ୍ୱରର ଭୂଦାନ ଯଜ୍ଞ, ୧୯୬୭ ମସିହାରେ ବାତ୍ୟା ପ୍ରପୀଡ଼ିତଙ୍କ ସେବା, ୧୯୭୩ ଓ ୧୯୮୨ ମସିହାରେ ଓଡ଼ିଶାରେ ପ୍ରଳୟଙ୍କରୀ ବନ୍ୟା ସମୟରେ ରମାଦେବୀଙ୍କ ଜନସେବା ଓ ଆତ୍ମୋତ୍ସର୍ଗ ଅଭୁଲନୀୟ। ସମାଜସେବା, ନାରୀ ଜାଗରଣ, ଶିଶୁ ବିକାଶ ଓ ଗଠନମୂଳକ କାର୍ଯ୍ୟ କ୍ଷେତ୍ରରେ ମା' ରମାଦେବୀ ଜଣେ ଯୁଗଜୟୀ ନେତ୍ରୀ ଓ ବିପ୍ଳବିନୀ। ମା' ରମାଦେବୀଙ୍କ ବହୁଧା ବିଭକ୍ତ ଜୀବନ ହିଁ ତାଙ୍କ କର୍ମଯୋଗର ପରିଚାୟକ। ମା' ରମାଦେବୀଙ୍କ ୧୨୨ତମ ପୁଣ୍ୟ ତିଥି ଅବସରରେ ତାଙ୍କ ନିରାଡ଼ମ୍ବର ଜୀବନଶୈଳୀ ଏବଂ ସଦ୍‌ବିଚାର ଓଡ଼ିଶାବାସୀଙ୍କ ନିମନ୍ତେ ଧ୍ୟେୟ ତଥା ଶ୍ରେୟ ହେଲେ, ତାହା ହିଁ ହେବ ତାଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

**ଆସିଷ୍ଟାଣ୍ଟ୍ ପ୍ରଫେସର, ଓଡ଼ିଆ ବିଭାଗ**

**ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**

■■■

# କବି ବସନ୍ତ ମାଝିଙ୍କ ରଙ୍ଗୀବୋଉ

ଅପରାଜିତା ମହାରଣା

ଝିଅଟିଏ, ନାଁ ତାର ରଙ୍ଗୀ, କିଶୋରୀ | ଝିଅଟିର ଲାଳନ ପାଳନ ତ ମା ର ଦାୟିତ୍ୱ, କର୍ତ୍ତବ୍ୟ | ଏମିତି ତ ସବୁ ପିଲାମାନେ ମା ର, ହେଲେ ଅଧିକ ଭାବନାତ୍ମକ ଭାବେ ଜଡିତ ପିଲାଟିର ନାଁ, ମା ନାଁ ସହ ଯୋଡି ହେଇଯାଏ | ଏଇ କାବ୍ୟରେ ବୋଧହୁଏ ରଙ୍ଗୀ ଗୋଟିଏ ସନ୍ତାନ, ଜଣାନାହିଁ, ହେଲେ ମା ର ପ୍ରିୟତମ ନିଶ୍ଚିତ | ମା ତାର ପରିଚିତ ରଙ୍ଗୀର ନାଁ ରେ | ରଙ୍ଗୀ, ମା କୁ ବୋଉ ବୋଲି ଡାକୁଥିବ, ସେଥିପାଇଁ ସେ ପରିଚିତ "ରଙ୍ଗୀବୋଉ" ନାଁ ରେ |

ଏଇ ରଙ୍ଗୀବୋଉ ଆମ ଆଲୋଚ୍ୟ କାବ୍ୟଟିର, ମୁଖ୍ୟ ଚରିତ୍ର, କନ୍ୟା ସନ୍ତାନ ଟିକୁ ପାଳୁଥିବା କର୍ମଜୀବୀ ମହିଳା | ସେ ଦେଖିଛି ସମାଜକୁ, ସମାଜର ଅସନା, ଅସଭ୍ୟ,ଅଭଦ୍ର ଭାବନାକୁ, କର୍ମକୁ , ଅଙ୍ଗେ ନିଭେଇଛି କିଛି, ତା ମନ ତ୍ରସ୍ତ | ତାର ଭାବନା, ତାର ଅସୁରକ୍ଷା ଭାବ, ବିବଶତା, ତା ରଙ୍ଗୀ ସୁରକ୍ଷିତ ତ?, ସେ ନିଜେ କେତେ ବିଯୁକ୍ତ ପରିସ୍ଥିତି କୁ ସାମ୍ନା କରୁଛି, କେବେ ହସି ହସି ପିଇ ଯାଉଛି ସେ ଦୁଃଖ, ବାହାରକୁ ଦେଖାଉନି, ହେଲେ ଗୁମୁରି କାନ୍ଦୁଛି, କେବେ କେବେ ପ୍ରତିବାଦ କରୁଛି, ହେଲେ ସ୍ୱର ତାର ଚାପିଦେବା ପାଇଁ ଚରିତ୍ରର ଅଭାବ ନାହିଁ, କ୍ଷୀଣ ସ୍ୱର ତାର କ୍ଷୀଣତର ହେଇ ସମାଜର କୋଳାହଳ ରେ ମିଶିଯାଉଛି, ସେଇ ନାରୀଟିର ଭାବନା ସବୁ ଏଇ କାବ୍ୟ "ରଙ୍ଗୀବୋଉ" ରେ ଆଲୋଚିତ |

ରଙ୍ଗୀବୋଉ ଗୋଟିଏ ଚରିତ୍ର ନୁହେଁ, ସେ ଏକ ଉଦାହରଣ | ରକ୍ତମାଂସଧାରୀ ଶୋଷିତ ଲାଞ୍ଛିତ ନାରୀ ମାନଙ୍କ ପ୍ରତିନିଧି | ରଙ୍ଗୀବୋଉ ବହୁବଚନ, ସେ ପ୍ରତୀକ , କେହି ବି ହେଇପାରେ, ଯୌତୁକ ନିର୍ଯ୍ୟାତନା ର ଶିକାର ନାରୀ ,ପରିବାର ଚାପ ଯୋଗୁ ଜବରଦସ୍ତ ଗର୍ଭପାତ ର ଶିକାର, ସନ୍ତାନ ହରେଇ ମାନସିକ ଭାବେ ଭାଙ୍ଗିପଡ଼ିଥିବା ନାରୀ, ଗଣଧର୍ଷଣ ର ଲଜ୍ୟା ରେ ଅଶ୍ରୁସିକ୍ତ ନାରୀ, ନିଜ ସନ୍ତାନ ପେଟ ଭରିବା ପାଇଁ ଦିନରାତି ପରିଶ୍ରମ କରୁଥିବା ନାରୀ, ଭୋକ ମେଣ୍ଟାଇବା ପାଇଁ ଶିଶୁକୁ ସ୍ତନ ଅମୃତ ପାନ କରାଉଥିବା, କି ପୁରୁଷ ଆଗରେ ନିଜକୁ ମାଂସ ପିଣ୍ଡୁଳା ପରି ପରଷୁ ଥିବା ନାରୀ, ସେ ସମସ୍ତେ ରଙ୍ଗୀବୋଉ | ପ୍ରତି ସହର, ଗାଁ ରେ ଥିବା, ଜନନୀ, ଭଗିନୀ, ଜାୟା,କନ୍ୟା ର ଚରିତ୍ର ନିଭାଉଥିବା, ହେଇପାରେ କିଶୋରୀ, ଯୁବତୀ ବା ବୁଢ଼ୀ, ରାଜକନ୍ୟା କି ଦାସୀ, ସେ ସମସ୍ତେ ରଙ୍ଗୀବୋଉ |

ତା ଦୁଃଖ ଆଜିର ନୁହେଁ, ପ୍ରାଚୀନ କାଳରୁ, ଆଜିଯାଏ ବଦଳିଛି ତ କେବଳ ପ୍ରତାରଣା ଆଉ ଅତ୍ୟାଚାର ର ମାଧ୍ୟମ | ସମାଜ ଚାଲିଛି ଆବାହମାନ କାଳରୁ, ହେଲେ କେବେ ପୁରୁଷ ପ୍ରଧାନ ସମାଜରେ ନାରୀ କୁ ନିଜ ସ୍ଥାନ ମିଳିନାହିଁ | ହେଇପାରେ କାବ୍ୟ କବିତା କେତେ ନାରୀକୁ ମହାନ ବୋଲି ବର୍ଣ୍ଣନା କରିଛନ୍ତି, ତ୍ୟାଗର ଦେବୀ, ଅନ୍ନଦାତ୍ରୀ, ସର୍ବସଂହା, ରକ୍ଷାକର୍ତ୍ତ୍ରୀ, ସେବାର ମୂର୍ତ୍ତିମନ୍ତ ରୂପ, ଜ୍ଞାନନେତ୍ରୀ, ବିଦ୍ୟାଦାୟିନୀ, ମମତାମୟୀ, ବିଜୟିନୀ, କରୁଣାମୟୀ ଶେଷରେ ବନ୍ଦନୀୟା, ସତରେ କିନ୍ତୁ ସମାଜ ଗ୍ରହଣ କରିନି ସେସବୁ, କାହିଁ ଚରିତ୍ରରେ ଫୁଟି ଉଠୁନି ତ? ସେଇ କାବ୍ୟମାନେ, ପଟ୍ଟଚିତ୍ର ମାନେ ପୁଣି ଖେଳିଛନ୍ତି ଶବ୍ଦର, ତୂଳୀର ନୃଶଂସ ଖେଳ, ନାରୀର ବକ୍ଷୋଜ,କଟୀ, ନିତମ୍ବ କୁ ଲକ୍ଷ୍ୟ କରି, ସୌନ୍ଦର୍ଯ୍ୟ ର ଉପାସନା ନାଁ ରେ | ନାରୀ ପୁରୁଷ ର ଦୈହିକ ଯୌନମିଳନ କୁ ସର୍ବଶ୍ରେଷ୍ଠ ରସ, ମୋକ୍ଷ ଭାବରେ ବର୍ଣ୍ଣନା ନାରୀ କୁ ଯୌନଦାସୀ ରୂପରେ ଉପସ୍ଥାପିତ କରିଦେଇଛି | ଖରାପ ଜିନିଷଟିକୁ ଗ୍ରହଣ କରିବାରେ କଷ୍ଟ ନୁହେଁ, କ୍ଷଣିକ ଆନନ୍ଦ ମିଳେ,ମଣିଷ ଖରାପ ଜିନିଷଟିକୁ ଆଗେ ଗ୍ରହଣ କରେ, ସେଇଟା ତା ପ୍ରକୃତି, ଗ୍ରହଣ

କରିନେଇଛି | ତାହା ରୂପାନ୍ତରିତ ହେଇ ପ୍ରଚଣ୍ଡ ଅପସଂସ୍କୃତିର ସୁନାମୀ ନେଇଆସିଛି, ଆଉ ଧୋଇଦେଇଛି ନାରୀର ମର୍ଯ୍ୟାଦା, ସେ ଏବେ ପୁରୁଷ ତୁଳନାରେ କମ, ପୁରୁଷ ର ଭୋଗ୍ୟା, ଚରଣରେ ସ୍ଥାନ ତାର |ତା ଦୁଃଖ ଦେଖିଲେ କାହାର ବି ହୃଦୟ କୋରି ହେଇଯିବ, ପାଷାଣ ଛାତିରୁ ଅଶ୍ରୁ ଝରିବ, ବନ୍ୟା ପରି, ହେଲେ ସତରେ ସେମିତି ଘଟେନି |
"ତୋ ଦୁଃଖ ପସରା, ଦେଖିଲେ ଯେ କେହି, ହୃଦୟ ହୋଇବ ଘାରି,କୂଳ ଲଂଘି ଯାଏ, ଦରଦର ବନ୍ୟା, ଝରିବ ଅଶ୍ରୁବାରି |"

ରାଷ୍ଟ୍ର କୌଣସି ବ୍ୟକ୍ତି ନୁହେଁ, ରାଷ୍ଟ୍ର ମାନେ ସାମୂହିକତା | ବିଭିନ୍ନ ବର୍ଗର ନାରୀ, ପୁରୁଷ ସାମୂହିକ ଭାବେ ରାଷ୍ଟ୍ରକୁ ଉପସ୍ଥାପନା କରନ୍ତି, ରାଷ୍ଟ୍ର ସ୍ୱୟଂ ସମ୍ପୂର୍ଣ୍ଣ, ନିଜସ୍ୱ ଆଇନ କାନୁନ, ରକ୍ଷା ପ୍ରତିରକ୍ଷା ପାଇଁ ପ୍ରବଳ ଭାବେ ସମର୍ଥ | ରାଷ୍ଟ୍ର ର ରାଜନୈତିକ ଚଷମା ରେ ସ୍ତ୍ରୀ, ପୁରୁଷ ସମାନ ଅଧିକାର ପ୍ରାପ୍ତ | କବିଙ୍କ ଅନୁଭବରେ ସ୍ତ୍ରୀତ୍ୱକୁ , ନାରୀତ୍ୱ କୁ ରକ୍ଷା କରିବା ରାଷ୍ଟ୍ର ର କର୍ତ୍ତବ୍ୟ, ହେଲେ ରାଷ୍ଟ୍ର ଏତେ ସବୁ ମଞ୍ଚରେ ବିଫଳ ଯେ, କବି ହୃଦୟ ରେ ତିଳେ ମାତ୍ର ଆଶା ନାହିଁ, ରାଷ୍ଟ୍ରଠାରୁ କିଛି | ସିଂହାସନ ରେ ଶାସନ କରୁଥିବା ବ୍ୟକ୍ତି, ନିଜ ବିଫଳତା ଲୁଚେଇବାକୁ ଦମନ ଆରମ୍ଭ କରିଦିଏ, ସେଇ ଦମନ ରେ ସମଗ୍ର ରାଷ୍ଟ୍ର ବିବଶ ହେଇପଡ଼େ, ଆଉ ରଙ୍ଗୀବୋଉ ଯେ ନାରୀ ହେବା ଆଗରୁ, କିଶୋରୀ, ହେଇପାରେ ଜନ୍ମରୁ ଶିକୁଳିରେ ବନ୍ଧା, ତା ଜୀବନ କାନ୍ତାର ରୁ ନର୍କ ହେଇପଡ଼େ | ଭୋକିଲା ରାଷ୍ଟ୍ର, ଶିଶୁମୁଖେ ଖାଦ୍ୟ ଉଣା, ବୁଦ୍ଧିଜୀବୀ ମାନେ ଢୋଲ ପିଟା, ଆଉ ଅପରାଧୀ ମାନଙ୍କ ପାଇଁ ଆଇନ ର ଗଳାବାଟା, ଧର୍ମାନ୍ଧତା ର ବିଷ ରେ ଉବୁଟୁବୁ ସମାଜ, ଆଶା ନାହିଁ ରଙ୍ଗୀବୋଉ ର, ଯେ କିଛି ଚମତ୍କାର ଘଟିବ | ସେ ଭାବେ ଜୀବନ ଏମିତି, ସେମିତି ଚାଲୁଥିବ, ମଣିଷ ସମାଜ ଥିବା ଯାଏ | ରାଷ୍ଟ୍ରଠାରୁ ଆଶା ନାହିଁ | ଯେତେହେଲେ ବି ନିର୍ଭୟା କୁ ନ୍ୟାୟ ମିଳିବାକୁ ସାତ ବର୍ଷ ଲାଗିଗଲା |

ଅନ୍ଧଦେଶରେ ଦର୍ପଣ ର ଆଦର କାହିଁ? ରଙ୍ଗୀବୋଉ ଭଳି ଚରିତ୍ରର ମୂଲ୍ୟବୋଧ ସେହିପରି ଲମ୍ପଟ ପୁରୁଷ ପ୍ରଧାନ ସମାଜ ବୁଝିପାରେନାହିଁ, ବୁଝେନାହିଁ | ତ୍ୟାଗ, ମମତା ର ଉଜ୍ଜୟିନୀ ଗୁଣ ଗୁଡିକ, ଦୁର୍ଯ୍ୟୋଧନ ଭଳି ମହାମାନୀ ଚରିତ୍ର ମାନଙ୍କୁ ଝାପ୍ସା ଦିଶେ, ଉତ୍ତୁଙ୍ଗ ମୁଁ ତ୍ୱ ଭିତରେ ସେମାନେ ଏଡାଇଯାନ୍ତି ତାକୁ | କେହି କେହି ଉପକ୍ଷିତ ନାରୀ ପ୍ରତି , ତା ଅଧିକାର ପ୍ରତି ସହାନୁଭୂତି ଦେଖାନ୍ତି, କୋଶ କୋଶ ଦୂରରେ ରହି, ନିରାପଦ ଦୂରତ୍ୱ ରକ୍ଷାକରି | କାଦୁଅ ସଫା କରିବାକୁ ଯେ କାଦୁଅକୁ ଓହ୍ଲାଇବାକୁ ପଡିବ, ତେଣୁ ସେ ଛିଟା ଦୂରରେ ଥାଉ | ହେଇଯାଉ, କେହି କରିଦେଉ, ରଙ୍ଗୀବୋଉ ମାନଙ୍କ ଦୁଃଖ ଦୂରହେଉ ଏଇସବୁ ଉକ୍ତି, ଉକ୍ତି ରେ ରହିଯାଏ |ପ୍ରକୃତ ଯୁଦ୍ଧ କ୍ଷେତ୍ରରେ ସେ ଏକୁଟିଆ, କେବଳ ପୁଳା ପୁଳା ମିଛ ସହାନୁଭୂତି ଛଡା ତା ପାଖରେ ଆଉ କିଛି ନାହିଁ, ଅସ୍ତ୍ର ବି ନୁହେଁ, ଏକଦମ ନିରସ୍ତ୍ର | ସାହାଯ୍ୟ କରୁଥିବା ହାତ, ପ୍ରାର୍ଥନା କରୁଥିବା ଓଠ ଠାରୁ କାହିଁ କେତେ ଗୁଣରେ ମହାନ, ହେଲେ ରଙ୍ଗୀବୋଉ ର ସେ ଭାଗ୍ୟ କାଇଁ? ମହାଦେବ ବିଷ ପିଇ ନୀଳକଣ୍ଠ ହେଲେ, ରଙ୍ଗୀବୋଉ ବି ନୀଳକଣ୍ଠି, ସମାଜର କେତେ ବିଷ ସେ ପିଇନି ହସି ହସି, ବଦଳରେ ସମାଜକୁ ଧ୍ୱଂସ ରୁ ରକ୍ଷା କରିଛି, କରି ଆସୁଅଛି |
"ଜିଇବା ର ଅମୋଘ ଲୋଭରେ, କେତେ ବିଷ ଆଉ ଛାଣିହେବ,ପାଣି ପବନ ଓ ସମୟ ବିଷପାନେ ନୀଳକଣ୍ଠି ସାଜ,ସବୁଠୁ ବିଷାକ୍ତ ଭୟର ସାମ୍ରାଜ୍ୟ,ବିଷମୟ ସାଜିଛି ନିଜର ଚାତୁର୍ଯ୍ୟ |"

ହେଲେ ସେ ପୁରା ଏକୁଟିଆ ନୁହେଁ, ସେ ଜନ୍ମ କରିଛି ବୀର ସନ୍ତାନ, ତାର କିଛି ପୁତ୍ର ଚରିତ୍ରବାନ, ପରୋପକାରୀ | ସେମାନେ ବୁଝନ୍ତି ତାର କଷ୍ଟ, ଦୁଃଖ, ଦୁର୍ଦଶା | ମା ର କଠିନ ଶ୍ରମ କୁ ସ୍ଵୀକାର କରନ୍ତି, ମା, ଭଉଣୀ, ଜାୟା ର ଭଲପାଇବା ପ୍ରତି ମଥାନତ କରନ୍ତି | ଆମ କବି ମହାଶୟ ସେଇଭଳି ଜଣେ ବ୍ୟକ୍ତି, ସେ କଥା ଦେଉଛନ୍ତି ସେ ଥିବା ଯାଏ ସଂସାର କୁ ଜଣେଇଦେଉଥିବେ ଯେ ଅସଲ ନାୟକ କିଏ, ଖଳନାୟକ ଆଉ ଆତତାୟୀ ର ଅସିରେ ହଜିଯିବାକୁ ଦେବେନି , ତାକୁ | ଏଠି କବିଙ୍କ ସମର୍ପଣ, ଶ୍ରମ କୁ ସମ୍ମାନ, ରଙ୍ଗୀବୋଉ ର ମମତା ପ୍ରତି ଦଣ୍ଡବତ, ତାର ସ୍ଵର କୁ ସଂସାର ସମ୍ମୁଖକୁ ଆଣିବାର ପ୍ରତିବଦ୍ଧତା ଓ ଆତତାୟୀ, ଖଳନାୟକ ଠାରୁ ସୁରକ୍ଷା ର ପ୍ରତିଶୃତି ଚମତ୍କାର | "ମୁଁ ଥିବା ଯାଏ ଏ ମାଟିରେ ଚିଲାମାନେ ଖୁମ୍ପିବେନି ତୋତେ ପ୍ରତାରଣା ଛାଇରେ ତୁଟିବନି କ୍ଲାନ୍ତି, ଉଁଜେଇ ଦେଉଥିବୁ ମୋତେ" |

ତଥାପି ସେ ଜଡ ପାଲଟି ସ୍ଥିର ହୋଇନାହିଁ | ପ୍ରବଳ ମାତ୍ରାରେ ସେ ସହିଷ୍ଣୁ | ମମତାର ମୂର୍ତ୍ତିମନ୍ତ ରୂପ | ଅଶ୍ରୁର ବର୍ଷା ଭିତରେ ବି ସେ ମମତାର ବର୍ଷା ଢାଳିବାକୁ ଭୁଲିନାହିଁ |
ମା, ଭଗିନୀ, କନ୍ୟା, ସ୍ତ୍ରୀ ର କର୍ତ୍ତବ୍ୟ ପରେ ସେ ସମାଜରେ ଅନ୍ୟ ସ୍ଥାନ ମାନ ପୂରଣ କରିଛି | ପ୍ରେମିକା ସାଜିଛି, ପ୍ରେମିକ ପାଇଁ, ଭୋକିଲାଙ୍କ ପାଇଁ ଅନ୍ନଦାତ୍ରୀ, ବ୍ୟାଧିଗ୍ରସ୍ତ ଙ୍କ ପାଇଁ ସେବିକା ଓ ବୈଦ୍ୟ, ରାଷ୍ଟ୍ର ରକ୍ଷା ପାଇଁ ଲକ୍ଷ୍ମୀବାଇ, ଚିକିତ୍ସା ପାଇଁ ମେରୀ କ୍ୟୁରୀ, କମ୍ପ୍ୟୁଟର କ୍ଷେତ୍ରରେ ଗ୍ରେସ ହୋପର, ଜିନ ବିସ୍ଲେଷଣ ରେ ରୋସେଲିଣ୍ଡ ଫ୍ରାନକଲିନ, ଯୁଦ୍ଧ କ୍ଷେତ୍ରରେ ଜୀବନ ରକ୍ଷାକାରୀ କେଭଲାର ର ସ୍ରଷ୍ଟା ଜୋସେଫାଇନ କୋକରେନ,ଯୋଗାଯୋଗ କ୍ଷେତ୍ରରେ ସ୍ତାଇଲି ଯାକ୍ସନ,ଉଦ୍ଭିଦ ବିଜ୍ଞାନ ରେ ଜାନକୀ ଅମାଲ,ରସାୟନ ବିଜ୍ଞାନ ରେ ଅସୀମା ଚାଟାର୍ଜୀ,ଭ୍ରୁଣ ବିଜ୍ଞାନ ରେ ଇନ୍ଦିରା ହିନ୍ଦୁଜା,ସମୁଦ୍ର ବିଜ୍ଞାନୀ ଅଦିତି ପନ୍ତ, ଆମ ପ୍ରିୟର କଳ୍ପନା ଚାୱଲା, ଆଧାତ୍ମିକତା ରେ ଭୈରବୀ, ଶାରଦା ଦେବୀ,ହେମଲେଖା,ମୈତ୍ରିଇ ଓ ଗାର୍ଗୀ ଭଚକନଭି |
ସେଥିପାଇଁ ବୋଧେ ଋଷିମୁନୀ ମାନେ ଭରତ ରାଜାଙ୍କ ନାମ ରେ ଦେଶର ନାଁ ଭରତ ରଖିଲେନି, ଟିକେ ସଂଶୋଧନ କରି ଭାରତ ରଖିଲେ, ଭାରତ ମା, ମା ଭାରତୀ | ରାଷ୍ଟ୍ର, ଦେଶ ସେଇ ରଙ୍ଗୀବୋଉ ଭଳି ନାରୀ ସ୍ଵଭାବ ର ହେଉ, ଯେ ଦେଇଜାଣେ, ଅବିଶ୍ରାମ ଆଉ ଅବିରତ ଭାବରେ ଆଶିଷ ବର୍ଷା କରିଚାଲେ, କର୍ତ୍ତବ୍ୟ କରିଚାଲେ, ଭଲପାଇବା ବାଣ୍ଟି ଚାଲେ |  ସତର୍କ ହେଇ ଚଳେ ହେଲେ ଆଶୀର୍ବାଦ କରିଚାଲେ, ମୁହୂର୍ତ୍ତ କ ପାଇଁ କର୍ତ୍ତବ୍ୟ ରୁ ବିରତ ହୁଏ ନାହିଁ | କୁନି ଝିଅଟିର ମା ସେ, ନିଜ ଉପରେ ହେଉଥିବା ସବୁ ମାନ, ଅପମାନ, ଦୁଃଖ କଷ୍ଟ ପ୍ରତି ତାର ନିଘା ନାହିଁ ଆଉ, ସେଗୁଡା ଦେହ ସୁହା ହେଇ ଗଲଣି | ତାର ସବୁଠୁ ବଡ ଭୟ ତା ଝିଅ ପାଇଁ, ତା ଭଳି, ତା ଝିଅର ଅବସ୍ଥା ନହେଉ | ତାର ଅନୁଭବିତ ଅତ୍ୟାଚାର ତା ସ୍ଵାମୀ, ପରିବାର ଠାରୁ, ସମାଜରୁ, ତା ବିବଶତା, ଦିନେ ସବୁ ତା ଝିଅ ପ୍ରତି ଘଟିବ, ତା ଝିଅକୁ ବି ସେଇ ବିଷ ଶ୍ଵାସରୁଦ୍ଧ ହେଇ ପିଇବାକୁ ପଡିବ, ଏଇ କଥା ଭାବି ସେ ଥରିଉଠେ | ଈଶ୍ଵରଙ୍କୁ ଡାକିଚାଲେ, ପଣତ ପ୍ରସାରି ରଙ୍ଗୀ କୁ ଲୁଚେଇଦିଏ, ସବୁ ନିଷ୍ଠୁର, ଲମ୍ପଟ ଆଖି କବଳରୁ ରକ୍ଷା କରିବାକୁ ଚେଷ୍ଟା କରେ | ତାର ଉଦେଶ୍ୟ ସଫଳ ହେଉ, ଭଗବାନ ତାକୁ ସହାୟ ହୁଅନ୍ତୁ, ରାଷ୍ଟ୍ର ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହେଉ, ନିଷ୍ଠା ର ସହ ନ୍ୟାୟ ର ପାଳନ କରୁ | ସମାଜର ଦୃଷ୍ଟିଭଙ୍ଗୀ ବଦଳୁ, ଉଚ୍ଚ ରେ ନହେଲେ, ନିଜ ସମକକ୍ଷ ର ମର୍ଯ୍ୟାଦା ଦେଉ ତାକୁ ପୁରୁଷ ସମାଜ | ଭ୍ରୁଣ ହତ୍ୟା ନହେଉ, ଆଉ କୋଉ ନିର୍ଭୟା ଅତ୍ୟାଚାରିତ ନହେଉ, ନିଠାରି ହତ୍ୟା ଭଳି ଅପରାଧ ନଘଟୁ | ସମ୍ପୂର୍ଣ୍ଣ ନିଶାର୍ଦ୍ଧ ରେ ବି ଝିଅଟିଏ ଯିବା ଆସିବା କରିବାକୁ ଭୟ ନକରୁ, ରାସ୍ତାରେ ଚାଲିଲାବେଳେ

କୌଣସି ଝିଅ, ନାରୀ କୁ ଆଉ କାହା ନଜ଼ର ପ୍ରତି ସାବଧାନ ହେବାକୁ ନପଡୁ, ପତିତ ସମାଜ ଉଦ୍ଧାର ହେଉ | ରଙ୍ଗୀ ସୁରକ୍ଷିତ ରହୁ, ଖୁସି ରହୁ, ନିରାପଦ ମଣୁ, ତାକୁ ସେସବୁ ଅବସର ମିଳୁ, ଯାହା ତା ଭାଇ କୁ ମିଳୁପାରୁଛି | ଏଥିପାଇଁ ରଙ୍ଗୀବୋଉ ର କର୍ତ୍ତବ୍ୟ ଅନେକ, ପ୍ରତି ଘରେ ଘରେ ଚରିତ୍ରବାନ ପୁଅ ଗଢିବା ଦାୟିତ୍ୱ, ରଙ୍ଗୀବୋଉ ର | ସ୍ୱାମୀକୁ ବଦଳି ନପାରେ ହେଲେ ପୁଅକୁ ନୂଆ ଭାବରେ ଗଢିପାରିବ ନିଶ୍ଚୟ | ଶିବାଜୀ ଙ୍କୁ ତିଆରି କରିବାରେ ଜିଜାବାଇ ଙ୍କ ଭୂମିକା କିଏ ଅସ୍ୱୀକାର କରିପାରିବ, ସମାଜର ସବୁ ରଙ୍ଗୀବୋଉ, ଜିଜାବାଇ ଙ୍କ ଭଳି ହୁଅନ୍ତୁ | ସମାଜର ପ୍ରତି ରଙ୍ଗୀବୋଉ ନିଜ ନିଜ ପରିବାର କୁ ସୁଧାରନ୍ତୁ, ପୁରା ସମାଜ ସୁଧୁରି ଯିବ, ବହୁତ ଶୀଘ୍ର | ଘର, ପରିବାର କେବଳ ରକ୍ତ ସମ୍ପର୍କ ଥିବା ଲୋକଙ୍କ ମେଳା ନହେଇ,ସୁମଣିଷ ତିଆରି କାରଖାନା ହେଉ, ସେଥିରେ ମଙ୍ଗଳ ଅଛି, ସେଇ ହିଁ ସମାଜ କୁ ପଙ୍କରୁ ଉଦ୍ଧାର କରିବାର ଏକ ମାତ୍ର ଚାବି | ଆହ୍ୱାନ, ଆହ୍ୱାନ, ଚାରିଆଡେ ଆହ୍ୱାନ ର ଡାକ, ରଙ୍ଗୀ ବୋଉ ସେ ଆହ୍ୱାନର ଡାକ ଦେଉ, ସେ କର୍ମକୁ ନିଷ୍ଠା ର ସହ ପାଳୁ, ପ୍ରଚଣ୍ଡ କର୍ମ ଓ ସ୍ନେହ ର ତୁଫାନ ରେ ସମାଜ ବଦଳେଇଦେଉ | ଭଗବାନ ସେ ଶକ୍ତି ଦିଅନ୍ତୁ ସବୁ ରଙ୍ଗୀବୋଉ ମାନଙ୍କୁ | ରଙ୍ଗୀ ବୋଉ ର ସ୍ୱପ୍ନ ସାର୍ଥକ ହେବ, ପତିତ ଭୂଇଁ ପୁଣି ପୁଣ୍ୟସ୍ଥଳ ହେବ | ପବିତ୍ର ଭୂମିରେ ପୁଣି ଭଗବାନ ଅବତାର ନେବେ, ବେଦ ବର୍ଣ୍ଣିତ ନାରୀତ୍ୱ ପୁଣି ସସମ୍ମାନେ ମୁଣ୍ଡ ଟେକି ଉଠୁ, ଗର୍ବ ର ସହ, ରଙ୍ଗୀବୋଉର ପ୍ରଚେଷ୍ଟା ରୁ | ଏତିକି କାମନା, ଏତିକି ପ୍ରାର୍ଥନା |

ଗବେଷକ, ଉତ୍କଳ ବିଶ୍ୱବିଦ୍ୟାଳୟ
ମୋ - ୮୨୬୦୯୮୮୫୦୦

■■■





# ରହସ୍ୟ ଭରା
# ଏ ରୌପ୍ୟ ରଜ୍ଜୁର ଯାତ୍ରା

ମୀନୁ ହୋତା



କେତେ ରୋମାଞ୍ଚକର ଏ ରୌପ୍ୟ ରଜ୍ଜୁ ର ଯାତ୍ରା ସତେ ! ସୀମା ରୁ ଅସୀମ ଆଡେ,ଦୃଶ୍ୟରୁ ଅଦୃଶ୍ୟ ଆଡେ, ଗ୍ରହ ଗ୍ରହାନ୍ତର, ଲୋକ ଲୋକାନ୍ତର ଆଡେ ବର୍ଦ୍ଧିତ ପୁଣି କ୍ଷୁଦ୍ର ମାନବ ପିଣ୍ଡ ରେ ବର୍ତ୍ତୁଳାକାର ରେ ସମାହିତ । ମାନବ ପିଣ୍ଡ ର ସଂପୂର୍ଣ୍ଣ ଆଲୋକମୟ ସଂରଚନା ଏହା ଭିତରେ ସମାହିତ । ଯୋଗୀମାନେ ଏହି ଆଭାମଣ୍ଡଳ କୁ ନିୟନ୍ତ୍ରଣ କରି ଅନେକ ଅଲୌକିକ ସିଦ୍ଧି ପ୍ରଦର୍ଶନ କରିଥାନ୍ତି । ଦୂରଦର୍ଶନ (Television), ଦୂରସଂଚାର (Telepathy), ଆକାଶଗମନ, (astral travel)ରୂପ ପରିବର୍ତ୍ତନ (body transformation), ପରକାୟ ପ୍ରବେଶ,ଇଚ୍ଛା ମାତ୍ରକେ ଯେ କୌଣସି ସ୍ଥାନରେ ପ୍ରକଟ ଓ ଅଦୃଶ୍ୟ ହେବାର ସିଦ୍ଧି ହାସଲ କରିଥାନ୍ତି । ଯୋଗୀମାନେ ଇଚ୍ଛାମୃତ୍ୟୁ ବରଣ କରିବା ପୂର୍ବରୁ ସମାଧିସ୍ଥ ହୋଇ ପ୍ରଥମେ ନିଜ ଅନୁକୂଳ ଘଟ ଅନ୍‌ବେଷଣରେ ବାହାରି ଯାଆନ୍ତି । ସେତେବେଳେ ଏହି ରୌପ୍ୟରଜ୍ଜୁ ତାଙ୍କୁ ସାହାଯ୍ୟ କରିଥାଏ । ତେଣୁ ସେମାନେ ମୃତ୍ୟୁ ପୂର୍ବରୁ ନିଜ ପରବର୍ତ୍ତି ଜନ୍ମ ବିଷୟରେ ଜାଣିପାରିଥାନ୍ତି ।

ମଣିଷର ନିଦ୍ରାବସ୍ଥାରେ ଏହି ରୌପ୍ୟରଜ୍ଜୁ ସାମୟିକ ଭାବରେ ସୂକ୍ଷ୍ମ ଜଗତ ପରିଭ୍ରମଣରେ ବାହାରିଯାଏ । ଜାଗତିକ ଚାପ ଯୋଗୁଁ କ୍ଲାନ୍ତ ମନ ଓ ଶରୀରକୁ ଆରାମ ଦେବାପାଇଁ ଏହା ଅଚେତନ ମନ ସହିତ ଅନ୍ତରୀକ୍ଷ ରେ ଭ୍ରମଣ କରେ । ଚେତନା ରୌପ୍ୟରଜ୍ଜୁ ସହିତ ଯେଉଁ ସ୍ଥାନ ଗୁଡିକ ଦେଇ ଭ୍ରମଣ କରେ ସେହି ସ୍ଥାନ ଓ ଘଟଣାବଳୀର ଚାପ ତା ଉପରେ ପଡେ ଓ ସଚେତନ ମନ ଉପରେ ତାହା **ସ୍ୱପ୍ନ** ମାଧ୍ୟମରେ ପ୍ରତିଫଳିତ ହୁଏ । ଅଚେତନା ମନ ପୁଣି ଶରୀରକୁ ଫେରି ଆସିବା ପରେ **ସ୍ୱପ୍ନ** ଭଙ୍ଗ ହୁଏ । ସୁପ୍ତ ଶରୀର ଓ ଜାଗ୍ରତ ଶରୀର ର ଦ୍ୟୁତି ତେଣୁ ଭିନ୍ନ ଭିନ୍ନ ହୋଇଥାଏ । ଜାଗ୍ରତ ଶରୀର ଅଧିକ ଦ୍ୟୁତିମନ୍ତ ଥିବାବେଳେ ସୁପ୍ତ ଶରୀର ସାମାନ୍ୟ ଦ୍ୟୁତିହୀନ ହୋଇଥାଏ ଏବଂ ମୃତ ଶରୀର ସଂପୂର୍ଣ୍ଣ ଦ୍ୟୁତିହୀନ ହୋଇଥାଏ । ତେବେ ପ୍ରଶ୍ନ ଉଠେ ଜଣେ ସାଧାରଣ ମଣିଷର ଆଭାମଣ୍ଡଳ କୁ କିପରି ତେଜିୟାନ କରାଯାଇପାରିବ ?

ମଣିଷର ଆଭା ମଣ୍ଡଳ ତାର ଆଲୋକମୟ ଶରୀର ର ବହିଃ ପ୍ରକାଶ । ସତ୍ତ୍ୱେ,ରଜଃ ଓ ତମ ଗୁଣ ଭେଦରେ ଏହା ବିଭିନ୍ନ ବ୍ୟକ୍ତିଙ୍କ ଠାରେ ଭିନ୍ନ ଭିନ୍ନ ହୋଇଥାଏ ଏବଂ ସେମାନଙ୍କର ବ୍ୟକ୍ତିତ୍ୱ କୁ ପରିସ୍ଫୁଟ କରିଥାଏ । ସତ୍ତ୍ୱଗୁଣୀ ବ୍ୟକ୍ତି ମାନେ ସରଳ, ନିଷ୍କପଟ ଓ ପବିତ୍ର ଜୀବନ ବଞ୍ଚନ୍ତି ତେଣୁ ସେମାନଙ୍କ ଆଭା ମଣ୍ଡଳ ଅଧିକ ପରିଷ୍କୃତ, ଚନ୍ଦ୍ର ଜ୍ୟୋତ୍ସ୍ନା ପରି ସ୍ନିଗ୍ଧ ଓ ଶୀତଳ ହୋଇଥାଏ । ଏପରି ବ୍ୟକ୍ତିଙ୍କ ସାନିଧ୍ୟରେ ମନ ଭିତରେ ସ୍ନେହ, ଭକ୍ତି, ନମ୍ରତା ଆଦି ପବିତ୍ର ଚେତନା ଜାଗ୍ରତ ହୁଏ । ସଂସାର ତାପକ୍ଲିଷ୍ଟ ମନ କୁ ଶାନ୍ତି ଓ ଶୀତଳତା ମିଳେ । ଯୋଗୀ, ସିଦ୍ଧ ଓ ମହାପୁରୁଷ ମାନେ ଏହି ଶ୍ରେଣୀର । କିନ୍ତୁ ଅଳ୍ପ କିଛି ମୁଷ୍ଟିମେୟ ଗୃହସ୍ଥ ମଧ୍ୟ ଶାନ୍ତ, ସରଳ, ନିଷ୍କପଟ ଓ ସଦାଚାରୀ ଜୀବନ ବିତେଇଥାନ୍ତି ଏବଂ ସେମାନଙ୍କ ଆଭାମଣ୍ଡଳ ତେଜୋଦୀପ୍ତ ହୋଇଥାଏ ।

ରଜଗୁଣ ଯୁକ୍ତ ବ୍ୟକ୍ତି ମାନେ ସାଂସାରିକ ଉପଭୋଗ ପ୍ରତି ଆସକ୍ତ ହୁଅନ୍ତି ଏବଂ ଭୌତିକ ଭୋଗ ଉପଭୋଗ ପାଇଁ ହେଉ ବା ସାଂସାରିକ ଜୀବନ ନିର୍ବାହ ପାଇଁ ପରିସ୍ଥିତି ର ଦାସ ହୋଇ କାମ, କ୍ରୋଧର ମୋହ ଲୋଭ ପ୍ରତି ଆସକ୍ତ ହୋଇ ଉଚିତ ଅନୁଚିତ ପ୍ରବୃତ୍ତି ରତ ରହନ୍ତି । ତେଣୁ ତାଙ୍କ ଆଭା ମଣ୍ଡଳ ଅଳ୍ପ ମଳିନଯୁକ୍ତ ସାମାନ୍ୟ ଲୋହିତ ରଙ୍ଗ ହୋଇଥାଏ । ଏମାନେ ଉଭୟ ସତ୍ତ୍ୱେ ଓ ତମ ଗୁଣ ରୁ କିଛି କିଛି ମିଶ୍ରିତ ପ୍ରବୃତ୍ତି ଗ୍ରହଣ କରିଥାନ୍ତି । ତେଣୁ ଏମାନଙ୍କ ବ୍ୟକ୍ତିତ୍ୱ ମିଶ୍ର ଚେତନା ଦ୍ୱାରା ପ୍ରଭାବିତ ହୁଏ ଏବଂ ସାଧାରଣ ସ୍ତରର ହୁଏ । ତମଗୁଣୀ ମାନେ ଅତ୍ୟଧିକ ଭୋଗୀ ଅଟନ୍ତି । କଳହ, କୁଟୀଳ, ଈର୍ଷାଳୁ, କ୍ରୁର ଓ ଦୁରାଚାରୀ ହୋଇ ଥିବାରୁ ଏମାନେ ଆସୁରିକ, ପୈଶାଚିକ ଏବଂ ପଶୁ ପ୍ରବୃତ୍ତି ଯୁକ୍ତ ଅଟନ୍ତି । ଏମାନଙ୍କୁ ଏକ ପ୍ରକାର ଚେତନାହୀନ କହିଲେ ଅତ୍ୟୁକ୍ତି ହେବନାହିଁ । ଏମାନଙ୍କ ଆଭା ଧୂମିଳ ବା ଅଳ୍ପ କୃଷ୍ଣ ବର୍ଣ୍ଣ ହୋଇଥାଏ । ତେଣୁ ଏମାନଙ୍କ ଚେହେରା ମଳିନତା ଓ ନିଷ୍ପ୍ରଭତା ବାରିହୋଇଯାଏ । ଏମାନେ ନିମ୍ନ ଚେତନାଯୁକ୍ତ ହୋଇଥିବାରୁ ଏମାନଙ୍କ

ତେବେ ପ୍ରଶ୍ନ ଉଠେ ଏହି ରଜଗୁଣ ଓ ତମଗୁଣୀ ବ୍ୟକ୍ତିମାନଙ୍କ ଆଭା ମଣ୍ଡଳ କୁ କଣ ପ୍ରଖର କରାଯାଇପାରିବ ନାହିଁ? ଯଦି ହଁ,କେମିତି?

ମଣିଷର ଆଭାମଣ୍ଡଳ କୁ କିପରି ପ୍ରଖର କରାଯାଇ ପାରିବ ତାହା ଆଲୋଚନା କରିବା ପୂର୍ବରୁ ଏହାର ମୂଳ ଉତ୍ସ ବିଷୟରେ ପ୍ରଥମେ ଆଲୋଚନା କରାଯାଉ ।

ଜୈବ ଆଲୋକର ମୂଳଉତ୍ସ କିଏ ବା କଣ ଏହା ଏ ପର୍ଯ୍ୟନ୍ତ ରହସ୍ୟାବୃତ କିନ୍ତୁ ଏହାର ମାଧ୍ୟମ ହେଉଛି ବ୍ରହ୍ମାଣ୍ଡ । ବ୍ରହ୍ମାଣ୍ଡୀୟ କିରଣ (cosmic logo) ଦ୍ଵାରା ହିଁ ମଣିଷର ଆଲୋକମୟ ଶରୀରର ନିର୍ମାଣ ହୁଏ ଏବଂ ଶେଷରେ ସେଇଠି ବିଲୀନ ହୋଇଯାଏ । ଏହି ବ୍ରହ୍ମାଣ୍ଡୀୟ କିରଣ ବା cosmic rays ସର୍ବଦା ବିଶୁଦ୍ଧ, ପରିଷ୍କୃତ କିନ୍ତୁ ଭୂ ପୃଷ୍ଠକୁ ବା ଜୈବମଣ୍ଡଳକୁ ଆସିବା ମାତ୍ରେ ତାହା ଧିରେ ଧିରେ ଦୂଷିତ ହୋଇଯାଏ । ସମସ୍ତେ ଲକ୍ଷ୍ୟ କରିଥିବେ ଜନ୍ମ ସମୟରେ ଶିଶୁ ଖୁବ୍ ଫୁର୍ତ୍ତିଶୀଳ, ଉଜ୍ଜ୍ୱଳ ଓ ସତେଜ ଦେଖାଯାଏ । କିନ୍ତୁ ଧିରେ ଧିରେ ତାହାର ଏହି ଅବସ୍ଥାରେ ପରିବର୍ତ୍ତନ ଘଟେ । ଏହାର ମୂଳ କାରଣ କଣ ?

ଏହାର ମୂଖ୍ୟ କାରଣ ହେଉଛି ବିଚାର ପ୍ରଦୂଷଣ । ପରିବେଶ ପ୍ରଦୂଷଣ ଠାରୁ ବେଶୀ ଭୟାବହ ବିଚାର ପ୍ରଦୂଷଣ । ବିଚାର ପ୍ରଦୂଷଣ ହିଁ ପରିବେଶ ପ୍ରଦୂଷଣ ର ମୂଖ୍ୟ କାରକ । ସାଂସାରିକ ଭୋଗ ଲିପ୍ସା, ପଦ ପଦବୀ, କିମ୍ବା ନିଜର କ୍ଷୁଦ୍ର ଅହଂ କୁ ସନ୍ତୁଷ୍ଟ କରିବା ପାଇଁ ମଣିଷ ଅହରହ ଚାପଗ୍ରସ୍ତ ରହେ । ଯେଉଁଠି ଏଗୁଡିକ ଯେତେ ଅଧିକ ସେଠାରେ ସେତେ ବେଶୀ ମାନସିକ ଚାପ ସୃଷ୍ଟି ହୁଏ । ନିଜ କାମନା ଓ ଅଭିଳାଷ ପୁରଣ ପାଇଁ ମଣିଷ ଯେ କୌଣସି ଉପାୟ ଅବଲମ୍ବନ କରେ । ଫଳରେ ମଣିଷ ମନରେ ଅହଂ, ଇର୍ଷା, ହିଂସା, ଭୟ, ଲୋଭ, ମୋହ, ପରଶ୍ରୀକାତରତା, ବିଷାଦ, ଚିନ୍ତା, ନିରାଶା ଆଦି ନିଷେଧାତ୍ମକ ଚିନ୍ତନ ସୃଷ୍ଟି ହୁଏ ଏବଂ ମସ୍ତିଷ୍କରେ ସେହିପରି ବିଚାର ତରଙ୍ଗର ସୃଷ୍ଟି ହୁଏ । ଏହି ଦୂଷିତ ବିଚାର ତରଙ୍ଗ ମଣିଷ ମସ୍ତିଷ୍କକୁ କର୍କଟ ରୋଗ ପରି ବ୍ୟାପିଯାଏ ଏବଂ ଏହା ମଣିଷ ଚାରିପଟେ ବ୍ୟାପ୍ତ ଆଭାମଣ୍ଡଳ କୁ ନିଷ୍ପ୍ରଭ କରିଦିଏ । ତେଣୁ ବିଷାଦ ଗ୍ରସ୍ତ ଓ ଚିନ୍ତାଗ୍ରସ୍ତ ମଣିଷର ଚେହେରା କ୍ରୁର, ହିଂସୁକ, ଆତତାୟୀର ଚେହେରା, ଚୋର, ଲୋଭି, ମିଥ୍ୟାବାଦୀର ଚେହେରା, କୁଣ୍ଠିତ, ଭୟାଳୁ ବ୍ୟକ୍ତିଙ୍କ ଚେହେରା ଭିନ୍ନ ଭିନ୍ନ ରୂପରେ ମଳିନ ଦେଖାଯାଏ । ମୃତ୍ୟୁପରେ ଏମାନଙ୍କ ସୂକ୍ଷ୍ମ ବାୟବୀୟ ଶରୀର କୃଷ୍ଣ ବା ଧୂମ ବର୍ଣ୍ଣ ଦେଖାଯାଏ । ତେଣୁ Human aura ର ବୃଦ୍ଧି ପାଇଁ ଆମ ପ୍ରାଚୀନ ମୁନି ଋଷିମାନେ  ଅନେକ ଉପାୟ ନିର୍ଦ୍ଦେଶ କରିଛନ୍ତି ।

ଭାରତର ପ୍ରାଚୀନ  ମୁନି ଓ ସିଦ୍ଧ ମହାତ୍ମା ନିଘଞ୍ଚ ଅରଣ୍ୟ ଭିତରେ  ସାଧନାରତ ରହି ପ୍ରକୃତି ଓ ମନ ଉପରେ ଅନେକ ବିସ୍ମୟକର ସତ୍ୟ ଉଦ୍ଘାଟନ କରିଥିଲେ। cosmic light wave ଉପରେ ଧ୍ୟାନ କେନ୍ଦ୍ରିତ କରି ସେମାନେ ଜାଣି ପାରିଥିଲେ ଯେ ଏହି ବ୍ରହ୍ମାଣ୍ଡୀୟ ଆଲୋକ ମସ୍ତିଷ୍କ ର ଜୀବକୋଷ ଗୁଡିକୁ ଉଦ୍ଦିପିତ କରି ଶରୀରରେ ଶକ୍ତି ସରବରାହ ଓ ଶକ୍ତିଚକ୍ର ର ସଞ୍ଚାଳନ କରିଥାଏ । ସକାଳ ସୂର୍ଯ୍ୟ କାରଣରେ ବସି ଧ୍ୟାନ କରିବା ଦ୍ଵାରା ଯେ କେହି ନିଜ ଆଭା ର ଉଜ୍ଜ୍ୱଳତା ଅନୁଭବ କରିପାରେ । ଜଳ, ଅନଳ, ବୃକ୍ଷ, ବନସ୍ପତି, ଚନ୍ଦ୍ରଜ୍ୟୋତ୍ସ୍ନା, ସୂର୍ଯ୍ୟାଲୋକ, ଅରଣ୍ୟ, ଗିରି, ଝରଣା , ଉଦ୍ୟାନ, ନଈକୁଳ ଆଦି ପ୍ରାକୃତିକ ପରିବେଷ୍ଟନୀ ରେ cosmic energy field ଋଣକଣା ଯୁକ୍ତ (negative ioan) ହୋଇଥାଏ ଏବଂ ଭାରାକ୍ରାନ୍ତ ଓ ବିଷାଦଗ୍ରସ୍ତ  ଧନକଣାଯୁକ୍ତ (positive ioan)  କୁ ଏହା ଶାନ୍ତି ଓ ଶୀତଳତା ପ୍ରଦାନ କରିଥାଏ । ତେଣୁ ଏପରି ସ୍ଥାନ ମାନଙ୍କରେ ଧ୍ୟାନ କରିବା ଦ୍ଵାରା human aura ବୃଦ୍ଧିପାଏ ।

ପରମାତ୍ମା ବା ବ୍ରହ୍ମ ଙ୍କୁ ବ୍ରହ୍ମାଣ୍ଡୀୟ ଶକ୍ତି ସ୍ରୋତର ଉତ୍ସ ବୋଲି ପରିକଳ୍ପନା କରାଯାଏ । ମନ କୁ ତାଙ୍କ ଠାରେ କେନ୍ଦ୍ରୀଭୂତ ବା ସଂଯୁକ୍ତ କରି ସେହି ଶକ୍ତି କୁ ନିଜ ଶରୀରକୁ ଆକର୍ଷଣ କରିବା ଦ୍ଵାରା ମାନବୀୟ ଉର୍ଜା ବୃଦ୍ଧି ପାଏ । ତେଣୁ ଯୋଗ ଏଥିପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ଅଟେ । ଯୋଗ ବଳରେ ମଣିଷ ଶରୀର ର ଉର୍ଜା ଏତେ ଅଧିକ ହୁଏ ଯେ ହିମାଳୟ ଶିଖରରେ ତପସ୍ୟାରତ ଥିବା ଯୋଗୀଙ୍କୁ ସେହି ଅଞ୍ଚଳର ପ୍ରଚଣ୍ଡ ଶୀତ ମଧ୍ୟ ବାଧେ ନାହିଁ । ଯୋଗୀ ମାନଙ୍କ ପ୍ରଖର human aura ଯୋଗୁଁ ସେମାନେ ସାଧାରଣ ମଣିଷ ଙ୍କ ଠାରୁ ବାରିହୋଇ ପଡନ୍ତି ।

■■■

**ହରିପୁର କଲାଁ, ମହିମାନନ୍ଦ ଆଶ୍ରମ ପାଖ,**
**ହରିଦ୍ୱାର, ଉତ୍ତରାଖଣ୍ଡ,**
**ମୋ-୭୯୭୮୨୨୦୩୭୨**

# ଆଧୁନିକ କବିତାରେ ଦେଶାତ୍ମବୋଧ

**ଡଃ ପ୍ରିୟମ୍ବଦା ସାମଲ**




ଦେବଭୂମି, ବେଦ ଭୂମି, ଆର୍ଯ୍ୟଭୂମି, ସୁଜଳା ସୁଫଳା ଶସ୍ୟ ଶ୍ୟାମଳା ଭାରତ ବର୍ଷ ସମଗ୍ର ବିଶ୍ବରେ ମହାନ ଐତିହ୍ୟ, ପରଂପରା ଓ ସ୍ଵର୍ଣ୍ଣ କମଳ ଭାବେ ବିଦିତ ଥିଲା। ଶୌର୍ଯ୍ୟମୟୀ, ବୀର ପ୍ରସବିନୀ, ଶୋଭାମୟୀ ମାଆର ଐଶ୍ବର୍ଯ୍ୟ ଦେଖି ବିଦେଶୀ ର ଲୋଭିଲା ଆଖିରେ ଲୁଟିବାର ଅଗ୍ନି ମେଲାଇଲା ତାର ଲେଲୀହାନ ଶିଖା। ବାଣିଜ୍ୟ ବେପାର କରିବାକୁ ଆସି ଅଧିକାର କରି ନେଲା ଆମ ଦେଶମାତୃକାକୁ। ବଡ ଦୁର୍ଭାଗ୍ୟର ବିଷୟ ଭାରତ ମାତାର ବୀର ସୁଯୋଗ୍ୟ ସଂତାନ ମାନେ ପରସ୍ପର ଯୁଦ୍ଧରତ ଦେଖି ବିଦେଶୀ ବେପାରୀମାନେ ଗୃଧପରି ଝାମ୍ପି ନେଲେ ଆମ ଦେଶକୁ। ଶଠତା, ଚତୁରତା, ଛଳନାର କବନ୍ଧ ରେ ବନ୍ଦୀ କରିନେଲେ ଅମଳ ଦେଶମାତୃକାକୁ। ଶାସନ ନାମରେ ଆରମ୍ଭ କରି ଦେଲେ ଶୋଷଣ ଅତ୍ୟାଚାର। ବ୍ୟତିବ୍ୟସ୍ତ ଜନତା ଦଳିତ ,ନିଷ୍ପେଶିତ, ନିର୍ଯ୍ୟାତିତ ହୋଇ ଦୁଃଖ ରେ ଦିନ କାଟିଲେ। ଚିରସ୍ଥାୟୀ ବନ୍ଦୋବସ୍ତ, ସୂର୍ଯ୍ୟାସ୍ତ ଆଇନ୍ ଫଳରେ ଏ ଦେଶକୁ ପଙ୍ଗୁ, ଅଥର୍ବ ଓ କ୍ଷମତାହୀନ କରିଦେଲେ। ଧିରେଧିରେ ବିଦ୍ରୋହର ବହ୍ନି ଦିକି ଦିକି ହୋଇ ଜଳି ଉଠିଲା। ଝାନ୍ସୀର ରାଣୀ ଲକ୍ଷ୍ମୀ ବାଈ, ନାନା ସାହେବ, ତାନ୍ତିଆ ଟୋପେ ପ୍ରଥମେ ଏଥିରେ ଦେଲେ ପ୍ରାଣାହୁତି । ରାଜା ରାମ ମୋହନ ରାୟ, ସ୍ବାମୀ ବିବେକାନନ୍ଦ ପାଶ୍ଚାତ୍ୟ ଶିକ୍ଷା ସଭ୍ୟତାକୁ ଆଣି ଜନମାନସରେ ବସାବାନ୍ଧି ଥିବା କୁସଂସ୍କାର ରୂପୀ ଅନ୍ଧକାର କୁ ଦୂର କରିବା ପାଇଁ ଆପ୍ରାଣ ଚେଷ୍ଟା ଚଳାଇଲେ । ଜାତୀୟତାର ଲେଲୀହାନ ଶିଖା ରେ ଲମ୍ଫଦେଲେ ନବ୍ୟ ଶିକ୍ଷିତ ଭାରତୀୟ । ଇଂରେଜର ଦାସତ୍ୱ ରୁ ମୁକ୍ତ ହେବାପାଇଁ ସେମାନେ ନେଲେ ଦୃଢଗାମୀ ସଂକଳ୍ପ। ଏହି ସମୟରେ ୧୮୮୫ରେରେ ଗଠିତ ହେଲା ଭାରତୀୟ ଜାତୀୟ କଂଗ୍ରେସ। ଏହାର ମହାନାୟକ ସାଜିଲେ ମୋହନଦାସ କରମ ଚାନ୍ଦ ଗାନ୍ଧୀ। ତାଙ୍କର ସତ୍ୟ ଅହିଂସାର ଯୁଦ୍ଧରେ ଯୋଗଦେଲେ ଶହ ଶହ ସ୍ବାଧୀନତା ସଂଗ୍ରାମୀ ଓ ଦେଶପ୍ରେମୀ। ଏହି ଦେଶ ପ୍ରାଣତା ମଧ୍ୟ ସାହିତ୍ୟ ରାଜ୍ୟରେ ଏକ ନୂତନ ପର୍ଯ୍ୟାୟ ଆଣିଲା। ଅସୀ ଠାରୁ ମସୀ ଶକ୍ତିଶାଳୀ। ଶକ୍ତ ହୋଇ ଉଠିଲା କଲମ ମୁନ। କବିର ଶାଣିତ ସୃଷ୍ଟି ରେ ଜାଗି ଉଠିଲେ ଜନତା।

ଜାତିର ପିତା ମହାତ୍ମାଗାନ୍ଧିଙ୍କ ଦେଶ ପ୍ରାଣତା ରେ ଉଦବୁଦ୍ଧ ହୋଇ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଲେଖିଲେ "ବନ୍ଦୀର ଆତ୍ମକଥାରେ"-

ସ୍ବରାଜ ମାନବର ଜନ୍ମ ଅଧିକାର
ଏହା ବିନେ ଦେଶ ହୁଏ ନାରଖାର।
ଭାରତର ରାଜ ଧର୍ମ ସନାତନ
ପରଜା ରକ୍ଷଣ ପାଳନ ରଂଜନ।
ସ୍ବରାଜ୍ୟେ ଏ ନୀତି ହୋଇବ ପ୍ରଚାର
ନରହିବ ଆଉ ଦୁଃଖ ଦୂରାଚାର।
ନ ସହିବ କଷ୍ଟ କେହି ଅନାହାରେ
ନ ମରିବ ଦୁଃଖି ଧନୀଙ୍କ ପ୍ରହାରେ।

ତାଙ୍କର ଧର୍ମପଦ, ବନ୍ଦୀର ସ୍ବଦେଶ ଚିନ୍ତା,ଗୋମାହାତ୍ମ୍ୟ ରେ ଦେଶାତ୍ମବୋଧକ ତାର ସ୍ୱର ବେଶ୍ ବାରି ହୋଇ ପଡେ। ଦେଶପ୍ରାଣତାର ସ୍ବରରେ ଅନୁପ୍ରାଣିତ ହୋଇ ଲେଖନୀ ସ୍ପର୍ଶ ରେ ଅମ୍ଳାନ କବିତା ସୃଷ୍ଟି କଲେ"ରଣଦୁନ୍ଦୁଭି " କବି ବୀର କିଶୋର-

ଅହିଂସା ଆମର ଧର୍ମ ନୀତି
ସାହସ ଆମର କର୍ମ ଭିତ୍ତି
ଚରିତ୍ର ଆମର ପରମ ଦେବତା
ଜୀବନର ବ୍ରତ ସ୍ୱାଧୀନତା
ବନ୍ଧୁ, ସେହି ଚିନ୍ତା ।

ଅହିଂସା, ଚରିତ୍ର ଗଠନ ଓ ଜାତିଭେଦ କୁ ମଧ୍ୟ ଗୁରୁତ୍ୱ ଦିଆଯାଇ ଥିଲା । ଇଂରେଜ ମାନଙ୍କ ଅତ୍ୟାଚାର ପ୍ରସଙ୍ଗରେ ଗଣକବି ବୈଷ୍ଣବ ପାଣି ଲେଖିଥିଲେ-

ବଣିଆ ଟୋକାଟା ଉଠାଇ ଦେଲାଣି
ଜିଅଲଖାନାର କର ହେ
ଦେଶ କାମ କରି ପଶଯା ତହିଁରେ
ବରଷକୁ ଦଶ ଥର ହେ ।

ଚଳଚଂଚଳ ହୋଇ ଉଠିଲା ଓଡ଼ିଶା ର ବରପୁତ୍ର ମାନଙ୍କ ଲେଖନୀ । ଦେଶାତ୍ମବୋଧକତାରେ ମାର୍କସବାଦୀ ଚିନ୍ତା ଓ ଚେତନାକୁ ନେଇ କାଳନ୍ଦୀ ଚରଣ ପାଣିଗ୍ରାହୀ ଲେଖିଲେ "ମାଟିର ମଣିଷ"(୧୯୩୦), " ମୁକ୍ତାଗଡ଼ର କ୍ଷୁଧା "(୧୦୩୨), "ଅମର ଚିତା"(୧୯୩୩), "ଲୁହାର ମଣିଷ "(୧୯୩୭)। ସେହିପରି " "ମାଂସର ବିଳାପ "ଓ ପୁନଶ୍ଚ ଗଳ୍ପ ରେ ଦେଲେ ସାମ୍ବାଦିକ ଓ ଦେଶାତ୍ମବୋଧକତା । ସାଧାରଣ ମନୁଷ୍ୟର ଅଧିକାରକୁ ଦେଲେ ପ୍ରାଧାନ୍ୟ । ତରୁଣ ସନ୍ୟାସୀ ଅଭିରାମ ପରମହଂସ ରଚନା କଲେ" କଳି ଭାଗବତ"। ସେଥିପାଇଁ ସେ କାରାବରଣ କରିଥିଲେ।

ଗୋରା ପଲଟଣ ଯା'କୁ କହି
ପଚିଶ ପ୍ରକୃତି ଟି ଏହି
ଏହିଟି ବିଦେଶୀ ଅଟନ୍ତି
ସ୍ୱରାଜ୍ୟ ଉଜାଡ଼ିଣ ଦ୍ୟନ୍ତି।

ଇଂରେଜ ବିରୁଦ୍ଧ ରେ ଏବଂ ଗାନ୍ଧୀ ବାଦକୁ ସ୍ୱାଗତ କରି ଦେଶ ପ୍ରାଣତା ରେ ଉଦବୁଦ୍ଧ ହୋଇ ନାରୀ କବି କୁନ୍ତଳା କୁମାରୀ ଲେଖିଲେ"ଆହ୍ୱାନ " କବିତାରେ-

ସେନାପତି ଆଜି ଦେଇଅଛି ଡାକ
ଉଠ ଭାରତର ବୀର ପୁତ୍ର ଯାକ
ଅପୂର୍ବ ଅସହେଯାଗ ରଣାଙ୍ଗନେ
ଆଜୀବନ ଅଣ୍ଟା କଷି ପରା ଜଣେ ଜଣେ
ଭାରତର ଯେତେ ବୀର ଗୁଣ ମଣି
ଚାଲିଆସ  ସେନାପତି ଡାକ ଶୁଣି।

ଭାରତର ସ୍ୱାଧୀନତା ସଂଗ୍ରାମ ରେ ବରପୁତ୍ର ମାନଙ୍କର ଅବଦାନ ଅପରିସୀମ । ତେଣୁ ବର୍ତ୍ତମାନ ପରିସ୍ଥିତିରେ ସମସ୍ତ ଜନତା ପାରସ୍ପରିକ ବିଭେଦ ଓ ସ୍ୱାର୍ଥ କୁ ତ୍ୟାଗ କରି ଜାତିପ୍ରେମ ରେ ଉଦବୁଦ୍ଧ ହେବାର ଅତ୍ୟନ୍ତ ଆବଶ୍ୟକତା ରହିଛି। ନିଜ ନାଆରେ ନାଉରି ହୋଇ ଦେଶମାତୃକାର ଏକ୍ୟେ,ସାର୍ବଭୌମତା ,ଜାତୀୟ ତାକୁ ବଜାୟ ରଖିବାକୁ ସତତ ତତ୍ପର ହେବାର ଅତ୍ୟନ୍ତ ଆବଶ୍ୟକତା ରହିଛି। ତେଣୁ ସମସ୍ତେ ଆମେ ଏକ ସ୍ୱରରେ କହିବା "ଭାରତମାତା କି ଜୟ" ।

■■■

ଭୁବନେଶ୍ୱର



# ମୋ ବୋଉ

**ଶ୍ରୀ କୁଞ୍ଜବିହାରୀ ସାହୁ**



ବୋଉ ମୋତେ ଅନେକ ଥର ଖୋଜୁଥିଲା ସାନଭାଇ ମନୋଜ ପାଖରେ ରହୁଥିଲା ବୋଲି । ବୋଉର ଇଚ୍ଛା ଥିଲେ ବି କମ୍ ସମୟ ମୋ ସହ ଟେଲିଫୋନରେ କଥା କରେଇଦେଉଥିଲା ମନୋଜ । ଯେତେବେଳେ ମୋ ସହ କଥା ହେଉଥିଲା କାନ୍ଦୁଥିଲା । ଖୁବ୍ ସରଳିଆ ବୋଉ । କାହାକୁ କିଛି କହିପାରେନି । ମନକଥାକୁ ପ୍ରକାଶ କରିପାରେନି ବି ସହଜରେ । କହିବ ନ କହିବ ଭାବୁ ଭାବୁ କାନ୍ଦି ପକାଏ ନିଜର ଲୋକଙ୍କୁ ପାଖରେ ଦେଖିଲେ ଅବା ଫୋନରେ ନିଜ ଲୋକଙ୍କ ସହ କଥା ହେଲେ । ବୋଉ କାନ୍ଦିଲେ ମୋ ଆଖିରୁ ଝରିପଡୁଥିଲା ଆପେ ଆପେ ଲୁହ । କାହାକୁ ମୁଁ କିଛି କହିପାରୁ ନଥିଲି । ଜଣାପଡୁଥିଲା ମୋତେ ବହୁତ ଖୋଜୁଥିଲା । କେବଳ କହୁଥିଲା କାନ୍ଦୁରା କଣ୍ଠରେ -' ବାବୁ ଆସିବୁ କହି ।'

ମୁଁ ଠାକୁରଙ୍କୁ ଗୁହାରି କରୁଥିଲି ବୋଉର କିଛି ନ ହେଉ । ଅନେକ ସମୟରେ ବୋଉ କଥା ମନେପଡୁଥିଲା । କାହାର କେଉଁ ଅମଙ୍ଗଳ ଘଟଣା ଦେଖିଲେ ଶଙ୍କାରେ ପଡିଯାଉଥିଲି ମୁଁ । ନିଜ ପତ୍ନୀକୁ କହିବାକୁ ସାହସ କରି ପାରୁ ନଥିଲି। ମୁଁ ଏତେ ଭାବ ବିଭୋର ହେଉଥିଲି ଯେ ମନରେ କୋହ ଭରିଯାଉଥିଲା । ଲୁହଟୋପା ଲୁଚିରହୁଥିଲା ଆଖିକୋଣରେ । ଏମିତି ଏକ ଅବଶ୍ୟମ୍ଭାବୀ ଆଶଙ୍କାରେ ଭିଜିବାକୁ ଚାହୁଁନଥିଲି । ତେଣୁ ନିଜ ଭାବନାକୁ ବଖାଣିବାକୁ ଇଛା ନକରି ବରଂ ଚୁପ୍ ରହୁଥିଲି ।

୨୦୨୦ ନଭେମ୍ବରର ଶୀତ ଦିନରେ ବୋଉ କଥା ବେଶୀ ମନେପଡିଲା । ତା ବିଷୟରେ ସ୍ୱପ୍ନରେ ଏଣୁ ତେଣୁ ଦେଖୁଥିଲି । ଭାବୁଥିଲି ମୁଁ ଡରିବାର କଥାଗୁଡିକ କଅଣ ସତ ହେଇଯିବକି ? ମୁଁ ପତ୍ନୀ ସୁଷମାକୁ ଧରି ଆସ୍କା ଗଲି ବୋଉକୁ ଦେଖିବାକୁ । ଗାଁ ରେ ପହଞ୍ଚିଲା ପରେ ସେ ଖୁସି ହୋଇଗଲା । ଏତେ ଖୁସିହେଇଗଲା ଯେ ପିଲାଙ୍କ ପରି କାନ୍ଦିଲା ...କାନ୍ଦିଲା । ମୁଁ ଯେତିକି ଜାଣିଛି ବୋଉ କେବେ କାନ୍ଦିନି । ସେ ବହୁତ ସହିଯାଏ ଦୁଃଖ କଷ୍ଟକୁ । ଝଡଝଞ୍ଜାକୁ ମୁଣ୍ଡେଇ ସହିଯାଇଛି। (କେବଳ ସେ କାନ୍ଦିଛି ବ୍ରହ୍ମପୁର ମେଡିକାଲରେ ନନାଙ୍କ ( ମୋ ବାବା) ବେଡ ପାଖରେ ବସିକି ଏପ୍ରିଲ ୧୧ ତାରିଖ ୨୦୦୫ ମସିହାରେ । ତା ସ୍ୱାମୀକୁ ହରେଇଦେଲା ବୋଲି) ।

ମୁଁ ସମ୍ଭାଳିପାରିଲିନି । କୋହ ଚାପିଧରିଲି । ପତ୍ନୀ ସୁଷମା ବୋଉ ପାଖରେ ବସିଲା । ପଚାରିଲା - ଚିହ୍ନିପାରିଲ ବୋଉ । ବୋଉ କହିଲା - ହଁ, ସୁଷମା । ଏବେ ଆସିଲୁ ! ଖାଇସାରିଲୁଣି ? ଟୁକୁଲ୍ ( ବୋଉର ନାତି)ର ଦେହ ଭଲ ଅଛି? କେଉଠି ଅଛି ?

ସୁଷମା ଖୁସି ଖବର ଜଣେଇଲା ବୋଉକୁ । ହଁ ଟୁକୁଲ ବମ୍ବେରେ ଅଛି । ଚାକିରି କରୁଛି । ତା ଭିଡିଓ ଦେଖି ଚିହ୍ନି ପାରିଲା ଟୁକୁଲକୁ । କଥା ହେଲା ସେ ।

ମୁଁ ନେଇଥିବା ବରା ଆଳୁଚପ୍ ଖାଇଲା । ସେଓ ବି ଖାଇଲା । କିନ୍ତୁ ସାନ ବୋହୂ ସନ୍ଧ୍ୟା କହିଲା - 'ଅପା, ବୋଉକୁ ବେଶି ଦିଅନି । ତାଙ୍କର ବିଛଣାରେ ଝାଡା, ପରିସ୍ରା ହେଇଯାଉଛି ।" ରାତିରେ ବୋଉକୁ ଭାତ -ତରକାରି ଗୋଳେଇ ଖୁଆଇଦେଲା ସୁଷମା । ଖୁସିରେ ଖାଇଦେଲା ବୋଉ । ସତରେ ବୋଉ ଖୋଜୁଥିଲା ସୁଷମାର ହାତ ପରଷା ।

ବୟସର ଶେଷଭାଗରେ ବିଶେଷ ରୋଗରେ ଆକ୍ରାନ୍ତ ନ ହେଲେ ବି ବୋଉ ମାନସିକ ଭାରସାମ୍ୟରେ ଅଧୀରା ହୋଇପଡୁଥିଲା । ଅଜଣାତରେ ଶେଯରେ ଝାଡ଼ା-ପରିସ୍ରା କରିଦେଉଥିଲା । ବହୁତ କିଛି କହିବାର ସୁଯୋଗ ଖୋଜୁ ଖୋଜୁ ନ କହିପାରିବାର ଯନ୍ତ୍ରଣାରେ ଛଟପଟ ହେଉଥିଲା । ସିଏ ତା ସାନପୁଅ ପାଖରେ ରହି ସେବା ପାଉଥିଲେ ବି ମୋତେ ବେଶୀ ଖୋଜୁଥିଲା ।

ସକାଳ ହେଲେ ପଡୋଶୀମାନେ ଆସନ୍ତି ଫୁଲ ନେବାପାଇଁ ମନୋଜର ବଗିଚାକୁ ; ଜାତିଜାତିକା ଫୁଲ । ଘରକୁ ଆସି ବୋଉକୁ ଦେଖିଯାଆନ୍ତି । ଖୁସିବାସିରେ କଥା ହୁଅନ୍ତି ।

ମନୋଜ ବହୁତ ଯତ୍ନ ନେଉଥିଲା ବୋଉର । ବୋଉ ବି ତା ନାତୁଣୀ "ଖୁସି" ସହ ମଜା ମଜଲିସ୍ କରୁଥିଲା । "ଖୁସି" ଯେମିତି ଭଲ ପାଠପଢି ମଣିଷଟେ ହେବ, ବୋଉ ଚିନ୍ତା କରୁଥିଲା । ବମ୍ବେରେ ଚାକିରୀ କରୁଥିବା ମୋ ପୁଅ ଟୁକୁଲ ସହ କଥା ହେଉଥିଲା ବେଳେବେଳେ ।

ସବୁଦିନ ପରି ଉଷୁମ ପାଣିରେ ବୋଉକୁ ଗାଧେଇଦେଲା ମନୋଜ । ସିରି ସିରି ପବନ ବୋହୁଥିଲା ବାହାରେ। ମନୋଜକୁ ମୋ ପତ୍ନୀ ସହଯୋଗ କରୁଥିଲା । ମୋତେ ଭାରି କଷ୍ଟ ଲାଗୁଥିଲା । ଦେହରେ ଶାଢି ରହି ନଥିବାରୁ ସେ ଥରୁଥିଲା। ମୋତେ ଜାକିଜୁକି ଧରିଥିଲା । ସାହି ପଡୋଶୀମାନେ ଦେଖିଲେ ବି ଫୁସୁରଫାସର ହେଉଥିଲେ । ଲଜ୍ଜା ନ କରି ଜଣେ ଅସୁସ୍ଥ ବୟସ୍କା ନାରୀକୁ ଯଥା ସମ୍ମାନ ଜଣାଉଥିଲେ ସେମାନେ । କାରଣ ସେମାନେ ଜାଣିପାରୁଥିଲେ ଯେ ମଣିଷଟିଏ ଜୀବନର ସବୁକିଛି ଦେଇ ଶେଷ ଜୀବନରେ କେମିତି ଏ ଦଶା ଭୋଗିବାକୁ ହୁଏ। ମୁଁ ବି ସେମାନଙ୍କୁ ଦେଖିଲାପରେ ମୋ ବୋଉ କେମିତି କଷ୍ଟ ପାଉଛି ଭାବି ଭାବି ଆଖିରୁ ଲୁହ ଝରାଉଥିଲି । ଭାବୁଥିଲି - ଦିନେ ମୋ ବୋଉ ମୁଣ୍ଡରେ ଓଢଣା ଦେଇ ନିଜକୁ ବୋହୂ ହେଇ ଚଳୁଥିଲା । ଦେହରୁ ପିନ୍ଧା ଶାଢି ଖସୁନଥିଲା । ହଳଦୀ ରଙ୍ଗର ଦେହଟାକୁ ଦେଖିଲେ ଭୁବନେଶ୍ବରର ଶ୍ୟାମଳ ରଙ୍ଗର ପଡୋଶୀ ସ୍ତ୍ରୀ ଲୋକମାନେ ଈର୍ଷାରେ ଜଳିଯାଉଥିଲେ । ମୋ ବୋଉ ଶାଢି ପଣତରେ ଘୋଡ଼େଇ ରଖୁଥିଲା ମୋତେ । ମୋ ପାଠପଢ଼ାର ସମୟକୁ ଚାହିଁ ରହୁଥିଲା । । ମୁଁ ବହୁତ ସମୟ ଧରି ପାଠ ପଢୁଥିଲି । ଭଲ ପଢୁଥିଲି ବୋଲି ମୋ ପାଠପଢା ପ୍ରତି ନିଘା ରଖୁଥିଲା । ଦିନ ହେଉ କି ରାତି ମୋ ଖାଇବା ବେଳକୁ ଅନେଇ ବସୁଥିଲା। ବସି ବସି ଢୁଳଉଥିଲା । ଶୋଇବାପାଇଁ କହିଲେ ବି ଶୋଉ ନଥିଲା । ମଧ୍ୟବିତ୍ତ ପରିବାର ଭିତରେ ସମୟ କଟାଇ ପାଞ୍ଚୋଟି ପିଲାଙ୍କୁ ମଣିଷ କରିଛି ସେ । ଭୁବନେଶ୍ବରରେ ବାପାଙ୍କ ଅଳ୍ପ ବେତନରେ ଚଳିବା ଯେ କେତେ କଷ୍ଟକର ସେ ଅନୁଭବିଥିଲା । କାହା ଉପରେ ବୋଝ ହେଉନଥିଲା । ତାଆରି ଯୋଗୁଁ ହିଁ ମାଟ୍ରିକ ପରୀକ୍ଷାରେ ପ୍ରଥମ ଡିଭିଜନରେ ପାସ୍ କରିବାରେ ସମର୍ଥ ହେଇଥିଲି ।

ବୋଉ କଥା ଭାବି ଭିତରେ ଭିତରେ କାନ୍ଦିଲି ।

ଆଜି କିନ୍ତୁ ଏ ଅବସ୍ଥାରେ..... ମୁଁ ନିଜକୁ ସମ୍ଭାଳି ପାରିଲିନି । ଇମୋସନାଲ୍ ହେଇଗଲି ।

ଗାଧେଇସାରିଲା ପରେ ବୋଉକୁ ଟେକି ଟେକି ଘର ଭିତରକୁ ଆମେ ଦୁଇ ଭାଇ ଆଣିଲୁ । ଦେହଟିକୁ ଆଉ ଥରେ ପୋଛାପୋଛି କରିଦେଲି ମୁଁ । ପତ୍ନୀ ସୁଷମା ସଫା ଶାଢିଟିଏ ପିନ୍ଧାଇଦେଲା । ବହୁତ ଖୁସି ହେଇଗଲା ବୋଉ । ମୋ ପାଖକୁ ଆଉଜିଗଲା ବୋଉ । ଖନେଇ ଖନେଇ କହିଲା - 'ଶୀତ ଲାଗୁଛି ।' ମୁଁ ଆଉ ଟିକିଏ ଜାକି ଧରିଲି ବୋଉକୁ । ଶୀତରେ ଥରୁଥିବା ଛୋଟ ଛୁଆଟି ମା'ର କୋଳ ପାଇଗଲା ପରି ମୋତେ ଜାକି ଧରି ବହୁତ ଖୁସୀ ହେଇଗଲା । ସେ ଖୁସୀ ବୋଧେ କେବେ ପାଇନଥିଲା ।

ବୋଉର ଶାଢିରେ ଉଷ୍ମତା ଥିଲା । ଆଉ ମୁଁ ବି ମୋ ବୋଉର ପିନ୍ଧା ଶାଢିର ଉଷ୍ମତା ପାଇଗଲି । ମୁଁ ମୋ ଭାବପ୍ରବଣତାକୁ ଜଣାଇପାରେନି କାହାକୁ, କେବଳ ଅନୁଭବ କରିପାରେ । ସେଦିନ ହିଁ ଅନୁଭବ କରିଥିଲି ବୋଉର ଶେଷତମ ମମତାକୁ ।

ଫେରିଆସିଲି ପତ୍ନୀକୁ ଧରି ଭୁବନେଶ୍ବର ଅଫିସ କାମ ହେତୁ । ବୋଉ କାନ୍ଦିଲା, କାନ୍ଦିଲା । ବୋଧହୁଏ କିଛି ହରେଇଦେଲା ସାଙ୍ଗେ ସାଙ୍ଗେ । ଆଖିରୁ ଲୁହ ଝରେଇ କହିଲା ବୋଉ - 'ତୁ ଆସିବୁ ବାବୁ ।'

ହଁ କହିଲି ।

ବାଟସାରା ମନେ ପଡୁଥିଲା ବୋଉର ଅଧା ଫୁଙ୍ଗୁଳା ଦେହରେ ଗୁଡେଇ ହେଇଥିବା ଛିଟ କଟନ ଶାଢି । ବିତି ଯାଇଛି କିଛି ଦିନ । କେଇ ଘଣ୍ଟାର ରହଣୀ ଭିତରେ ବୋଉର ମନତଳର ଦୁଃଖଟିକୁ ଗୋଟେଇ ଆଣିପାରିଥିଲି । ଟାହୁଁ ନଥିଲି ବୋଉ ଏମିତି କଷ୍ଟ ପାଉ ବୋଲି ଆଉ ଅଧିକ ଦିନ । ଅସଜଡା ହୋଇ ବଞ୍ଚିବା ଯେ କେତେ ଯନ୍ତ୍ରଣାଦାୟକ ଅନୁଭବୀ ହିଁ ବୁଝିପାରିବ ।

ସବୁଦିନ ଠାକୁରଙ୍କୁ ଜୁହାର ହେଉଥିଲି ବୋଉର ଅସ୍ଥିରତାକୁ ଜଣାଇ ।

ସେଦିନ ଥିଲା ପୌଷ କୃଷ୍ଣପକ୍ଷ ଦ୍ବିତୀୟା ୨୦୨୦ ମସିହା । ଭୋର୍ ଭୋର ହେଲାବେଳକୁ ମନୋଜ ଫୋନ କଲା ବୋଉର ଚଳଚଞ୍ଚଳ ଦେହଟା ନିସ୍ତେଜ ହେଇଯାଇଛି । ଆଉ ଉଠିପାରିବନି ସେ ।

ଦେହରେ କାଲୁଆ ପବନଟା ଜୋର୍ ଧକ୍କା ଦେଲା । ନିଦ ମଳମଳ ଆଖିରେ ମୁଁ ଓ ପତ୍ନୀ ସୁଷମା । ସବୁ ଆଶା ଆଶଙ୍କାକୁ ଏକାଠି କରି ମନକୁ ଟାଣ କରିଲି । ବାପାଙ୍କୁ ହରେଇବାର ଦୁଃଖରେ ଘାଣ୍ଟି ଚକଟି ହେଉଥିଲାବେଳେ ବୋଉକୁ ଡାକ ନ ଶୁଣିବାର ଦୁଃଖରେ ଭାଙ୍ଗିପଡିଲି ଅଚାନକ ।

ସେଦିନର ଶାଢି ପିନ୍ଧି ମୋତେ ଜାକିଜୁକି ଧରିବାର ମୁହୂର୍ତ୍ତ ଏବେ ବି ଆଖି ଚାହାଁଣିରେ ଭାସିଯାଉଛି ।

୩୧.୧୨.୨୦୨୦ ରେ ବୋଉର ପ୍ରଥମ ମୃତ୍ୟୁ ଶ୍ରାଦ୍ଧବାର୍ଷିକୀ ପାଳନ ହେଇଯାଇଛି । ଲୁହ ବତୁରା ଆଖିରେ ହୋମ ଓ ପିଣ୍ଡ ଦାନ ବି ସରିଯାଇଛି । ବୋଉର ଫୋଟୋରେ ଝୁଲିରହିଛି ଫୁଲମାଳଟିଏ ।

ବୋଉ ବିଷୟରେ ଯିଏ ଯେତେ କହିଲେ କି ଲେଖିଲେ ବି ଅଧା ଅଧା ଲାଗେ । ଶବ୍ଦ ନିଅଣ୍ଟ ହେଇଯାଏ । ବୋଉ ଶବ୍ଦର ପରିସୀମା କୋଉଠି, ଖୋଜିଲେ ମିଳିବନି କାହାକୁ । ଏକ ନିଆରା ଭାବପ୍ରବଣତା ।

ସତରେ ବୋଉ ଶବ୍ଦର ଅର୍ଥକୁ ମାପିବା ଦୁରୁହ । ଖୋଜି ପାଇବା କଷ୍ଟକର । କେବଳ ଆପେ ଆପେ ପାଟିରୁ ବାହାରିପଡେ - ବୋଉ...



ଏଲ୍ . ଆଇ. ଜି.-୧୫, ନୟାପଲ୍ଲୀ ବ୍ରିଟ୍ କଲୋନୀ
ଭୁବନେଶ୍ବର

■■■

# ସଖୀ ଅପା

ରମେଶ ଦାସ

ସେଦିନ ସେ ମତେ ନେଇଯାଇଥିଲା ତାଙ୍କ ଘରକୁ । ତା’ ଉଞ୍ଚା ପିଣ୍ଡା ଉପରକୁ ଉଠିଲାବେଳେ ପ୍ରଥମେ ମୋ ଆଖି ପଡ଼ିଥିଲା ତା’ ଝିଅ ସାଗିରୀ ଓ ନାତି ଦୀନବନ୍ଧୁ ଉପରେ । ମୁଁ ଚିହ୍ନିଥିଲି ସାଗିରୀକୁ । ସେ ବେଳେବେଳେ ଆମ ଘରକୁ ଆସୁଥିଲା । ତାକୁ ମୁଁ ଡାକୁଥିଲି ସାଗିରୀ ଅପା । ମତେ ହଠାତ୍ ଦେଖି ସେଦିନ ହସିଦେଇଥିଲା ସେ । ତା’ ପୁଅ ପାଖରୁ ଉଠିଆସି ମୋ’ ହାତଧରି ତାଙ୍କ ଘର ଭିତରକୁ ଟେକି ନେଇଥିଲା ଗୋଟାଛାଏଁ । ଦିନସାରା ମୁଁ ତାଙ୍କ ଘରେ ରହିଥିଲି । ସଖୀ ଅପା ମତେ ଦିନେ କହିଥିଲା କୁଣ୍ଡାପିଠା ଖୁଆଇବ । ତେଣୁ ସେଦିନ ମା’ ଝିଅ ଦୁହେଁ ମିଶି ଧାନରେ ସିଝାଇ କୁଣ୍ଡାପିଠା ତିଆରି କରିଥିଲେ ମୋ’ ପାଇଁ । କେମିତି ସେ ପିଠା ହେଉଛି ବୋଲି ମୁଁ ସେଦିନ ସିଝା ହାଣ୍ଡିଟାକୁ ଅନେକ ସମୟ ଧରି ଚାହିଁ ବସିଥିଲି। ସଖୀଅପା ଖୁଦକୁଣ୍ଡାକୁ ପାଣିରେ ଗୋଳାଇ ତାକୁ କନାରେ ବାନ୍ଧି ଧାନ ହାଣ୍ଡି ଭିତରେ ପୋତି ଦେଇଥିଲା । ପିଠାଟାକୁ ଚାହିଁ କେତେ ସମୟ ବସିରହିବି ବୋଲି ସେ ମତେ ପ୍ରାୟ ଟାଣି ଟାଣି ନେଇଯାଇଥିଲା ତା’ ବାରିପଟକୁ, ମୋର ଅନିଚ୍ଛା ସତ୍ତ୍ୱେ । ମୁଁ ସାଙ୍ଗରେ ଯାଇ ଦେଖିଥିଲି ତା’ ବାଡ଼ିର ସେହି କଳା ମଚମଚ୍ ଲଙ୍କା ଗଛକୁ ଏବଂ ତଳକୁ ଝୁଲିପଡ଼ିଥିବା କେଇଟା କଅଁଳ ଛନଛନ ବାଇଗଣକୁ ।

ଠିକ୍ ନଈପଠା ଉପରେ ତା’ ଘର ବୋଲି ମୋର ଧାରଣା ନଥିଲା । ପ୍ରାୟ କୋଡ଼ିଏ ଫୁଟ ତଳେ ବହିଯାଉଥିଲା ନଈଟା । ସେଇଠି ନଈର ଧାରଟା ବଙ୍କେଇ ଯାଇଥିଲା ଡଙ୍କପରି । ଦୂରକୁ ଧାରଟା ଦେଖାଯାଉ ନଥିଲା । ମୁଁ ପଚାରିଥିଲି ସଖୀଅପାକୁ- ‘‘କି ନଈ ଏଇଟା ?’’ ସେ ହସିଦେଇ କହିଥିଲା, ‘‘ନିଇତି ଦେଖୁଛୁ ଜାଣିନୁ ?’’ ମୁଁ କହିଥିଲି- ‘‘ଏମିତି ନଈ ତ ଆଗରୁ ମୁଁ ଦେଖିନି ?’’ ସେ କହିଥିଲା-‘‘ଆରେ ! ଜାଣିନୁ କ’ଣ । ଏଇ ନଈଟା ପରା ତମ ଘରପାଖ ଦେଇ ବହିଯାଇଛି । ସବୁଦିନ ତମ ଗାଁ ସାରା ଲୋକ ଗାଧୋଉଛନ୍ତି ।’’ ମୋର ବିଶ୍ୱାସ ହେଉ ନଥିଲା ଆଦୌ । ମୁଁ ଭାବୁଥିଲି ଆମ ନଈଟା ତ କେଡ଼େ ଲମ୍ବା, ତା’ କୂଳଟା କେଡ଼େ ସୁନ୍ଦର, କେତେବାଟ ଯାଏ ଦେଖାଯାଉଥାଏ । ସେ ମୋ ମୁଣ୍ଡରେ ହାତମାରି କହିଥିଲା-‘‘ଆରେ ! କ’ଣ ଏତେ ଭାବୁଛୁ । ନଈମାନେ ଏମିତି ଅଙ୍କାବଙ୍କା ହୋଇ ବହିଥାଆନ୍ତି । ଏଇଠି ନଈଟା ସିନା ଅଣେଇ ହୋଇ ଯାଇଛି । ତମ ଆଡ଼କୁ ସମାନ ଥିବାରୁ ସେମିତି ସିଧା ଦିଶୁଛି । ସେଇଥିପାଇଁ ଆମର ଏଠି ଖରାବର୍ଷା ସବୁଦିନେ ପାଣି ରହେ। ବଡ଼ ଗଣ୍ଡଟାଏ ଏଇଟା । ଦି’ମଣିଷ ପାଣି ଏଠି ସବୁବେଳେ ଥାଏ ।’’

ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି- ‘‘ଲୋକମାନେ ଏଠି ପାଣିରେ ତ ବୁଡ଼ିଯାଉଥିବେ ।’’ ସେ ତତ୍‌କ୍ଷଣାତ୍ କହିଲା-‘‘ବୁଡ଼ି ଯିବେନି ! ସେଥିପାଇଁ ସେଠିକି କେହି ଯାଆନ୍ତିନି । ପୁଣି ଛୁଆମାନେ ଗଲେ-କୁମ୍ଭୀରମାନେ ଟାଣିନେଇ ଟାକ୍‌କିନା ଗିଳିଦେବେ ।’’ ଭୟରେ ମୁଁ ତାକୁ ବଡ଼ ବଡ଼ ଆଖିରେ ଚାହିଁଥିଲି । ସେ ମତେ ଆଶ୍ୱାସନା ଦେଇ କହିଥିଲା-‘‘ତୁ କାହିଁକି ଡରୁଛୁ । ତୁ ସେଠିକି ଯିବୁ କାହିଁକି ନା ତତେ କୁମ୍ଭୀର ନବ କାହିଁକି ?’’

ଦୀର୍ଘନିଃଶ୍ୱାସଟିଏ ପଦାକୁ ବାହାରି ପଡ଼ିଥିଲା ମୋର। ମୁଁ ତା’ ହାତକୁ ଭିଡ଼ି ଧରିଥିଲି । ସେ ବୋଧହୁଏ ମୋ ମନକଥା ଜାଣିପାରିଥିଲା । ମୋ ହାତଧରି କହିଥିଲା-‘‘ଚାଲଯିବା । ପିଠା ସିଝି ଯିବଣି ।’’ ତଥାପି ମୋ ମନ ବୁଝି ନଥିଲା । ମୁଁ ତା’ ହାତ ଧରିଥିଲେ ବି କଣେଇ କଣେଇ ପଛକୁ ଚାହୁଁଥିଲି ବାରମ୍ବାର । ତା’ ବାରିପଟୁ ନଈତଳକୁ ନଇଁଯାଇଥିବା ମାଟି ପାହାଚ ଓ ଚକାଭଉଁରୀ ଖେଳୁଥିବା ନଈପାଣି ମୋ ମନକୁ ଟାଣି ଧରୁଥିଲା ଭାରି ଯୋର୍‌ରେ । ମୁଁ ଭାବୁଥିଲି ନଈବଢ଼ି ଆସିଲେ କେତେ ପାଣି ଏଠି ରହି ନଥିବ ! କୁମ୍ଭୀରଗୁଡ଼ାକ ତ ବେଶୀ ଆସୁଥିବେ । ସେଥିରୁ ଗୋଟିଏ ଦି’ଟା କୁମ୍ଭୀର ବି ଆମ ନଈ ଆଡ଼କୁ ଭାସି ଯାଉଥିବେ । ସେହିଦିନ ପ୍ରଥମ କରି ଆମ ନଈ ସମ୍ବନ୍ଧରେ ଅଜଣା ଭୟ ମୋ ମନ ଭିତରେ ପଶିପଶି ଯାଉଥିଲା । ଘର ଭିତରକୁ ଗଲାବେଳକୁ ଦେଖିଲି ସାଗିରୀଅପା ଧାନ ଉଷୁନା ହାଣ୍ଡି ଭିତରୁ ଲୁଗାରେ ଗୁଡ଼ାଇ ହୋଇଥିବା ପିଠାଟାକୁ ତଳକୁ ଟାଣି ଆଣୁଛି । ସଖୀଅପା ତା’ ପାଖରେ ବସିପଡ଼ିଲା ଓ ଫୁଲିଯାଇ ଗୋଦର ଗୋଡ଼ ଭଳି ମୋଟା ହୋଇଯାଇଥିବା ପିଠାମଝିକୁ ବିଶିଆଙ୍ଗୁଠି ଟିପରେ ଦବାଇଲା । ତା’ପରେ କହିଲା- ‘‘ଆଉ ଟିକେ ରହ, ଥଣ୍ଡା ହେଲେ ପନିକିରେ ପିଠା କାଟିଦେବି । ଦୁଧଟିକେ ସାଗିରୀ ନେଇ ଆସୁ କିଣୁ ଘରୁ, ସେଥିରେ ବୁଡ଼େଇ ବୁଡ଼େଇ ଖାଇବୁ ।’’

ପୂର୍ବରୁ ସଖୀଅପା ପାଖରୁ କୁଣ୍ଡାପିଠା କଥା ଶୁଣି ଶୁଣି ତାକୁ ଖାଇବାର ଯେଉଁ ଲୋଭ ଟିକକ ଥିଲା ସେତେବେଳକୁ ପ୍ରାୟ ମଉଳି ଯାଇ ସାରିଥିଲା । ମୁଁ ତା’ କଥାରେ ହଁ ଭରିଲେ ବି ପଚାରିଥିଲି-‘‘ସଖୀଅପା ! ନଈବଢ଼ି ହେଲେ ବେଶୀ କୁମ୍ଭୀର ଆସିବେ ଯଦି ତମକୁ ତ ଖାଇଯିବେ, ତମ ଘର ତ ଭାସିଯିବ । ତମେ ସବୁ ଏଠୁ ପଳେଇଯାଉନ କାହିଁକି ?’’ ସେ ଟିକେ ମୋ’ ମୁହଁକୁ ଚାହିଁ ମୋ’ ମୁଣ୍ଡରେ ହାତ ବୁଲାଇ କହିଲା- ‘‘ଆରେ ! ଆମେ କୁଆଡ଼େ ଯିବୁ । କୋଉଠି ରହିବୁ ? କୁମ୍ଭୀର ଖାଇଲେ ଖାଉ । ନଈ ଭସେଇ ନେଲେ ନଉ ପଛେ ଏଇ ଗଣ୍ଡରେ ପଡ଼ରହିବୁ ।’’

ମୁଁ ମନେମନେ ଭାବୁଥିଲି–''କେଡ଼େ ହୁଣ୍ଡିଟାଏମ ଏଇ ସଖୀଅପା । ମରିବା ପାଇଁ ତାକୁ ଡର ଲାଗୁନି କେମିତି କେଜାଣି ? ସତରେ ଯଦି ସେମାନଙ୍କର କିଛି ହେଇଯାଏ କ'ଣ ହେବ ?'' ମୋ ମୁଣ୍ଡରେ ଆଉ କିଛି ପଶୁ ନଥିଲା । ମୁଁ କହିଥିଲି–''ସଖୀ ଅପା ! ମୁଁ ଘରକୁ ଯିବି।''

ସେ କହିଲା–''କିରେ କାହିଁକି-ପିଠା ଖାଇବୁ ବୋଲି ଏତେ ଜିଦ୍ କରୁଥିଲୁ । ନଖାଇ ପଳେଇବୁ କେମିତି ?''

ମୁଁ କହିଲି–''ନାଁ ଆଉଦିନେ ଖାଇବି । ରାତି ହେଇଯିବ, ମତେ ଡରଲାଗିବ। ପୁଣି ବୋଉ ଗାଳିଦବ ।''

ସେ କହିଲା–''ଆରେ ଡରୁଛୁ କାହିଁକି ? ମୁଁ ତତେ ନେଇ ତମ ଘରେ ଛାଡ଼ି ଦେଇ ଆସିବି । ତତେ କେହି କିଛି କହିବେନି ।''

ମୁଁ ବାଧ୍ୟ ହୋଇ ରହିଥିଲି । ପିଠା ଖାଇଥିଲି । ମାତ୍ର ସେଇ ଗଣ୍ଡ କଥା ମନେପଡ଼ିଲାକ୍ଷଣି ଆଉ ମୁହୂର୍ତ୍ତଟିଏ ବି ସେଇଠି ରହିବାକୁ ମୋର ଇଚ୍ଛା ହୋଇନଥିଲା ।

ତା'ପରେ ଅନେକଥର ଡାକିଛି ସଖୀଅପା ମତେ ତା' ଘରକୁ । ବୋଉ ବି କହିଛି ଯିବା ପାଇଁ । ମାତ୍ର ମୁଁ ଯାଇନି । ତା' ଘର ପାଖରେ ଦୁର୍ଗାପୂଜା ବଡ଼ ଜାକଜମକରେ ହୁଏ । ପ୍ରତି ଦୁର୍ଗାପୂଜାରେ ସେ ମତେ ବୁଲେଇନବାକୁ ବାଧ୍ୟ କରେ । ମୁଁ ଜାଣି ଜାଣି ବୋଉ ସାଙ୍ଗରେ ଯାଏ ସିନା, ତା' ସାଙ୍ଗରେ କେବେ ଯାଇପାରେନା । ନ ଯିବାର କାରଣ ବି ସେଇ ସଖୀଅପା ।''

ଏମିତି ଗୋଟିଏ ଦିନ ନାହିଁ ଯେଉଁଦିନ କି ସେ ଆମ ଘରକୁ ନ ଆସିଛି । ଜରବାଧିକି ହେଲେ ସେ କଥା ନିଆରା । ଖରା ବର୍ଷା ଶୀତ ତାକୁ ଦୁଇ ମାଇଲ ଚାଲି ଚାଲି ଆସିବା ପାଇଁ କେବେ ବାଧା ସୃଷ୍ଟି କରିପାରିନି ।

ସେ ମୋ' ବାପାଙ୍କୁ ଭାଇ ଓ ବୋଉକୁ ନୂଆବୋଉ ବୋଲି ସମ୍ବୋଧନ କରେ । ଧାନକୁଟା ତା'ର ପେଶା । ବସ୍ତାଏ ଧାନ କୁଟି ତାକୁ ପାଛୁଡ଼ି ନେଇ ରଖିସାରିଲା ପରେ ବୋଉ ତାକୁ ମାଣେ ଚାଉଳ ଦିଏ । ତା' ଛଡ଼ା ବୋଉ ହାତରୁ କାମ ଛଡ଼େଇ ନେଇ ଘର ଓଳେଇବା, ପରିବା କାଟିଦେବା, ବିରିବାଟିବା ଇତ୍ୟାଦି ଅନେକ କାମରେ ସାହାଯ୍ୟ କରେ । ବୋଉ ବି ତାକୁ ଭଲ ମନ୍ଦରେ ସାହା ହୁଏ, ଭଲପାଏ । ଅନେକ ସମୟ ଧରି କାମ ଭିତରେ ସେମାନେ ଗପ କରି ଚାଲିଥାନ୍ତି । ମୁଁ ପାଖରେ ବସି ଶୁଣିଥାଏ ।

ସଖୀଅପା କହେ–ତା' ପୂର୍ବପୁରୁଷ ଥିଲେ ଲୁଗାବୁଣାଳୀ । ତାଙ୍କର ବି ତନ୍ତ ଥିଲା । ସାଗିରୀ ଅପା ଜନ୍ମହେଲା ପରେ ପରେ ତା' ସ୍ୱାମୀଙ୍କର ସ୍ୱର୍ଗବାସ ହେଲା । କିଏ ବା ଆଉ ତନ୍ତରେ କାମ କରିବ ? ପିଲାଟାକୁ ବଞ୍ଚେଇବ ବୋଲି ସେ ତନ୍ତକୁ ବିକିଦେଲା, ଘର ଘର ବୁଲି ଧାନ କୁଟିଲା । ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ ସେ ସବୁକିଛି କରିବାକୁ ସାହସ ବାନ୍ଧିଲା । ଚଉଦ ବର୍ଷ ଧରି ସବୁ ସହିଲା ପରେ ତା' ଝିଅକୁ ଦେଖି ତା' ମନରେ ନୂଆ ଆଶା କଅଁଳିଥିଲା । ଦିନେ ସେ ସିଦ୍ଧାନ୍ତ କରିନେଲା ଯେ, ପରଘରକୁ ତା' ଝିଅକୁ ନ ପଠାଇ ଜୋଇଁଟିଏ ଆଣି ଘରେ ରଖିବ । ସିଏ ତା'ର ଦାୟିତ୍ୱ ନବ । ତା'ର ଇଚ୍ଛା ବି ଦିନେ ପୂରଣ ହେଲା । ଜୋଇଁ ବି ଘରକୁ ଆସିଥିଲା । କିନ୍ତୁ ଘଟଣାର ରାଜଦାଣ୍ଡଟା ସଫା ହେବା ଦୂରେ ଥାଉ ବେଶୀ ଖାଲ ଢିପରେ ଭରି ହେଇଗଲା । ତା' ଝିଅ ସାଗିରୀ ଅଳ୍ପଦିନରେ ହେଲା ଅନ୍ତଃସତ୍ତ୍ୱା । ଦଶମାସରେ କଇଁଫୁଲିଆ ପୁଅଟେ ବି ତା'ର ଜନ୍ମ ହେଲା । ସଖୀଅପା ନାତି ପାଇଁ ଭଗବାନଙ୍କୁ ଅନେକ ଲୁହଢ଼ାଳି କୃତଜ୍ଞତା ଜଣାଇଥିଲା । ଦୁର୍ଗାଷ୍ଟମୀ କରିବ ବୋଲି ମାନସିକ କରିଥିଲା । କିନ୍ତୁ ଏ ନାତିଟାକୁ ନେଇ ଦିନ କାଟିବାର ସ୍ୱପ୍ନ ପାଇଁ ଜମା ଦି'ମାସ ମିଳି ନଥିଲା ହଠାତ୍ ତା' ଜ୍ୱାଇଁଙ୍କର ଦେହାନ୍ତ ହେଲା । ଯୁବାକାଳରେ ଝିଅ ବିଧବା ହେବା ତା' ପାଇଁ ଥିଲା ଦାରୁଣ ଆଘାତ । ତଥାପି ସେ ମେରୁଦଣ୍ଡକୁ ସଳଖିବାକୁ ଚେଷ୍ଟା କରି ଝିଅ ମୁଣ୍ଡରେ ଆଶ୍ୱାସନାର ହାତ ବୁଲାଇଥିଲା ବାରମ୍ବାର । ତାକୁ ବଞ୍ଚାଇ ରଖିବାର ଉଦ୍ଦେଶ୍ୟ ନେଇ ସେ ତା'ର ନାତି ଭିତରେ ଜ୍ୱାଇଁର ବିଚ୍ଛେଦକୁ ଯଥାସମ୍ଭବ ଘୋଡ଼େଇ ପକାଇବାକୁ ଚେଷ୍ଟା କରୁଥିଲା । ସାଗିରୀ ଅପାର ବି ଦୃଢ଼ ମନୋବଳ ଥିଲା । ସେ ତା'ର ଦୁଇଟା ଆଖିରୁ ଗୋଟିଏ ମା'କୁ ଦେଇ ପୁଅ ପାଇଁ ଅନ୍ୟଟି ସାଇତି ରଖିବା ପାଇଁ ସଂଗ୍ରାମ କରୁଥିଲା । ଭସା ନାଆଟାକୁ ଟାଣି ଧରିବାକୁ ମା'ଝିଅ ଦୁହେଁ ଆପ୍ରାଣ ଚେଷ୍ଟା କରୁଥିବା ଭିତରେ ତିନିବର୍ଷ ହଜି ଯାଇଥିଲା ଏବଂ ସେମାନେ ଆବିଷ୍କାର କରିଥିଲେ ଯେ ଡଙ୍ଗା ଆଉ ଭାସିଯିବାର ଭୟ ନାହିଁ ବୁଡ଼ିଯିବାର ସମସ୍ତ ସୂଚନା ମିଳିସାରିଲାଣି । ସାହା ଭରସାର କେନ୍ଦ୍ରବିନ୍ଦୁ ସେଇ ଛୋଟପିଲାଟା ଆଉ ମଣିଷ ହେଇରହିନି । ସେ ତା'ର ମସ୍ତିଷ୍କର ଭାରସାମ୍ୟ ହରାଇଛି । ବଦ୍ଧପାଗଳଟିଏ ହେଇ ବଞ୍ଚି ରହିବ ଜୀବନ ଥିବାଯାଏ ।

ଦୁହିଁଙ୍କର ସବୁ ସ୍ୱପ୍ନ ଅଜାଣତରେ ଧୋଇ ହୋଇଯାଇଥିଲା ।

ସବୁ ସମ୍ଭାବନାରେ ବାଲି ଚରିଯାଇଥିଲା ।

ସବୁ ଇଚ୍ଛାରେ କଳଙ୍କି ଲାଗିଯାଇଥିଲା ।

ସେଇଦିନୁ ସାଗିରୀ ଅପା ଜଗି ରହିଲା ତା' ପୁଅ ଦୀନବନ୍ଧୁକୁ ଓ ସଖୀଅପା ସବୁ ହଳାହଳକୁ ହଜମ କରିବା ପାଇଁ ସଂକଳ୍ପ କରିନେଇଥିଲା । କେବଳ ପେଚା ପରି ଗାଢ଼ ଅନ୍ଧାରକୁ ଅପେକ୍ଷା କରି ରହିଗଲେ ତିନୋଟି ପ୍ରାଣୀ। ସକାଳର ଆଲୁଅ ସେମାନଙ୍କ ପାଇଁ ଦୁଃସ୍ୱପ୍ନ ହେଇପଡ଼ିଥିଲା ।

ଏଇକଥା ଦୋହରେଇଛି ସଖୀଅପା ଅନେକଥର । କେବେ ପାଟି ଖୋଲି କାନ୍ଦିନି । କଳଦାନ୍ତକୁ ତଳ ଓଠରେ ଚାପିଧରି ନାକରୁ ଅବୁଝା ଶବ୍ଦଗୁଡ଼ାଏ ବାହାର କରିଛି । ଲୁହ ଗଡ଼ାଇଛି । ଲୁଗା କାନିରେ ଶିଂଘାଣି ପୋଛିଛି । ତା' ସାଙ୍ଗରେ ତାଳ ଦେଇ ବୋଉ ବି ଅନେକଥର କାନ୍ଦି ପକାଇଛି । ତା' ଦେଖାଦେଖି ମୋ ଆଖିରେ ବି ଲୁହ ଆସିଯାଇଛି ।

ଏଇ ଦେହସୁହା କାହାଣୀ ସହିତ ଅଭ୍ୟସ୍ତ ହୋଇସାରିଥିଲେ ବି ତା' ନାତିର ଭୟାନକ କାହାଣୀ ଶୁଣିଲାପରେ ମୁଁ ଅଧିକ ବିବ୍ରତ ହୋଇପଡ଼ିଥିଲି । ସେ ଏଡ଼େ ଦୁର୍ଦ୍ଦାନ୍ତ ହୋଇଥିଲା ଯେ କେତେବେଳେ କ'ଣ କରିବ ତାହା ଚିନ୍ତା କରିହେଉ ନଥିଲା । ବେଳେବେଳେ ସେ ଭଙ୍ଗାରୁଜା କରୁଥିଲା ତ କେତେବେଳେ ଚାଳରେ ନିଆଁ ଲଗାଇବାକୁ ଦଉଡୁଥିଲା । ମା' ଝିଅ ଦୁହେଁ ସାଇପଡ଼ିଶାଙ୍କ ସାହାଯ୍ୟରେ ତାକୁ ଦିନ ଦିନ ଧରି ଖୁଣ୍ଟରେ ବାନ୍ଧି ରଖୁଥିଲେ । ଏଇ କଥା ଶୁଣି ମନରେ ଦୁଃଖ ଆସୁଥିଲେ ବି ଭୟଟା ବେଶୀ ଗହୀରିଆ ହୋଇଯାଉଥିଲା । ମୁଁ ଏ ଜୀବନ ଥିବାଯାଏ ସଖୀଅପା ଘରକୁ  ନ ଯିବା ପାଇଁ ମନେମନେ ସଂକଳ୍ପ କରିସାରିଥିଲି ।

ଆମ ଘରକୁ ସଖୀଅପାର ଆସିବା କେବେ ବନ୍ଦ ହୁଏନା । ସେ ବୋଉର ବରାଦ ଅନୁସାରେ ତାଙ୍କ ଗାଁ ତିଆରି ଲାଲ୍ ଜଉଶଙ୍ଖା ଆଣେ । ମୋ ସାନଭଉଣୀ ପାଇଁ ଜଉ ତିଆରି ବରକନିଆଁ ଲୁଗା କାନିରେ ଗୁଡ଼ାଇ ନେଇଆସେ । ଭିନ୍ନ ଧରଣର ସେ କଣ୍ଢେଇସବୁ । ବର କନିଆଁ ଦିହିଁଙ୍କ ହାତରେ ପାପୁଲି ନଥାଏ । ଛାତି ପାଖକୁ ଲାଗି ଦୁଇଟି ଗୋଜ ବାହାରିଥାଏ । କାହାରି ଗୋଡ଼ ନଥାଏ । ତଳଟା ସମତଳ । ବରଟା କଳା ମଚମଚ ଓ କନିଆଁଟା ହଳଦୀ ଗରଗର ଦିଶେ । ହେଲେ କନିଆଁ ବେକରେ ନାଲିନାଲି ମାଳି ଓହଳିଥାଏ । ମୋ ସାନଭଉଣୀ ସେଇ କଣ୍ଢେଇ ପାଇଁ ସଖୀଅପାକୁ ବଡ଼ ବ୍ୟସ୍ତ କରେ । ସାଙ୍ଗମାନଙ୍କ ସାଥିରେ ମିଶି କଣ୍ଢେଇ ବାହାଘର କରିବା ବାହାନାରେ କେତେଥର ବରକନ୍ୟାଙ୍କର ମୁହଁ ହାତ ଭାଙ୍ଗିପକାଏ । ସେଥିପାଇଁ ସଖୀଅପା ଆଦୌ ଚିଡ଼େନି, ବରଂ ସବୁଥର ଯୋଡାଏ ପରିବର୍ତ୍ତେ ଦି'ଯୋଡ଼ା କଣ୍ଢେଇ ଆଣି ପହଞ୍ଚାଇଦିଏ । ବେଳେବେଳେ ପିଲାଙ୍କ ଖେଳରେ ମାତିଯାଇ ସେମାନଙ୍କ କଣ୍ଢେଇ ବିଭା ପାଇଁ ଯାବତୀୟ ପ୍ରକାର ସାହାଯ୍ୟ କରେ । ପେଙ୍କାଳି ଫୁଙ୍କେ, ବର ସଂଗେ କନ୍ୟା ବିଦା କରେ–ଏମିତି କେତେ କ'ଣ ।

ବୋଉର ବ୍ରତ ଉପବାସରେ ଭାରି ଝୁଙ୍କ୍ । ସେଥିପାଇଁ ସଖୀଅପା ବୋଉକୁ ବ୍ରତ ବାନ୍ଧିବା ପାଇଁ ସୂତା ଆଣିଦିଏ । ଏଥିରେ ସେ କେବେ ଅବହେଳା କରିନି । ବୋଉ ହାତରେ ବ୍ରତ ନ ବାନ୍ଧିଲାଯାଏ ତା' ଘରେ ଯେତେ କାମ ଥାଉ ପଛେ ସେ ଚାଲିଯାଇନି । ଟିକିଏ ଡେରିହେଇଗଲେ ବୋଉ ତା' ଉପରେ ରାଗେ କିନ୍ତୁ ସେ ତା' କଥାକୁ ହସରେ ଉଡ଼େଇ ଦେଇଥାଏ ।

ଯେତେବେଳେ ଚାଉଳ କଳ ଗାଁକୁ ଆସିଲା ସମସ୍ତେ କଳରେ ଧାନ ପେଷାଇଲେ ସେତେବେଳେ ଆମ ଧାନ ବି କଳକୁ ଗଲା । ମୁଁ ଭାବିଥିଲି ସଖୀଅପା ବୋଧହୁଏ ଆଉ ଆସିବନି । ତା'ର ବା ଆଉ କାମ କ'ଣ ?

ତଥାପି ତା'ର ଆମ ଘରକୁ ଆସିବା ବନ୍ଦ ହେଇନଥିଲା । ଅନେକଦିନ ଧରି ଧାନ କୁଟି କୁଟି ତା' ପାଦରେ ଫୁଲା ପଡ଼ିଥିଲେ ବି ସେ ଛୋଟେଇ ଛୋଟେଇ ଆସୁଥିଲା । ଧୀରେ ଧୀରେ ଅଣ୍ଟା ନଇଁଆସିଲା ପରେ ବି ବାଡ଼ିଟିଏ ଧରି ସେ ବାଟସାରା ବିଶ୍ରାମ ନେଇ ନେଇ ଆସିଛି । ଭଉଣୀ ବିଭାବେଳେ ଜଉକଣ୍ଢେଇ ଦି'ଟା ତାକୁ ଉପହାର ଦେଇଛି । ପାଠ ପଢ଼ା ସରିଲା ପରେ ଚାକିରୀ ପାଇଁ ବାହାରକୁ ଯିବା ପର୍ଯ୍ୟନ୍ତ ମୁଁ ତାକୁ ଆମ ଘରେ ପ୍ରତିଦିନ ଦେଖିଛି । ଯେତେବେଳେ ବି ସଖୀଅପାକୁ ଦେଖେ ନଈର ସେ ଗଣ୍ଡକଥା ମୋର ମନକୁ ଆସିଯାଇଥାଏ । କୁମ୍ଭୀରର ନାନା କଳ୍ପନା ମତେ ବିବ୍ରତ କରିପକାଏ । ବଡ଼ହେଲା ପରେ ଜାଣିଥିଲି, ଯେ ସଖୀଅପାର ସେ କୁମ୍ଭୀର ଉପାଖ୍ୟାନ ନିହାତି ମିଛଥିଲା। ପାଣି ପାଖକୁ ଗଲେ କାଳେ କିଛି ଅସୁବିଧା ହେବ ସେଥିପାଇଁ ସେ କାଳ୍ପନିକ କାହାଣୀ ଶୁଣାଇ ମତେ ଭୁଲେଇ ଦେଇଥିଲା । ଏକଥା ଜାଣିଗଲା ପରେ ବି ସଖୀଅପା ଅନେକଥର ତା' ଘରକୁ ଡାକିଛି କିନ୍ତୁ, ମୁଁ ଯାଇପାରିନି । କିଛି ବାହାନା ଦେଖାଇ ରହିଯାଇଛି ।

ବୋଉର ଅଚାନକ ଦେହାନ୍ତ ହେଲାପରେ ମୁଁ ବହୁତ ଦିନ ଧରି ଗାଁକୁ ଆସି ନଥିଲି କି କାହା ସହିତ ସମ୍ବନ୍ଧ ରଖି ନଥିଲି। ସାନଭଉଣୀ ମାମୀର ବାରମ୍ବାର ଚିଠି ଓ ଅନୁରୋଧ ପରେ ପିଲାମାନଙ୍କୁ ସାଙ୍ଗରେ ନ ଆଣି ପୂଜାଛୁଟୀରେ ଏକୁଟିଆ ଗାଁକୁ ଆସିଥିଲି। ଘର ଆଉ ପୂର୍ବଭଳି ଲାଗୁ ନଥିଲା । ଏକା ଏକା ଖଟ ଉପରେ ବସି କ'ଣ ସବୁ ଭାବି ଚାଲିଥିଲି। ସଖୀଅପା କଥା ଭାରି ମନେପଡୁଥିଲା । ହଠାତ୍ ମାମୀ ପଶିଆସିଲା। ମୁଁ ତାକୁ ପଚାରିଦେଲି ସଖୀଅପା କଥା। ମାମୀ ଆଖିରେ ଅକସ୍ମାତ୍ ଲୁହ ଜକେଇ ଆସିଲା। ସେ ମୋ ମୁହଁକୁ ସିଧା ଚାହିଁପାରିଲା ନାହିଁ। ତଳକୁ ମୁହଁପୋତି କହିଲା- ବୋଉ ଗଲାଦିନୁ ସେ ଆଉ ଆମ ଘରକୁ ଆସି ନାହିଁ । କେମିତି ସେମାନେ ବଞ୍ଚୁଥିଲେ, କ'ଣ ଖାଉଥିଲେ, କେମିତି ରହୁଥିଲେ ମୁଁ ଜାଣେନା ଭାଇ ! ତୋର ପିଲାଦିନର କଳ୍ପନା କେମିତି ସତ ହୋଇଗଲା କେଜାଣି । ଦିନେ ଖବର ମିଳିଲା–ସର୍ବଗ୍ରାସୀ ନଈବଢ଼ି ସଖୀଅପାର ପରିବାରକୁ ନିଶ୍ଚିହ୍ନ କରିଦେଇଛି। ସେଦିନୁ ଆଉ ନଈବଢ଼ି ଆସି ନାହିଁ। ନଈ ସେମିତି ଶୁଖିଲା ପଡ଼ିଛି ତା' ଉପରେ ଡ୍ୟାମ୍ ତିଆରି ହେଲାଦିନୁ । ଏତିକି ଶୁଣୁଶୁଣୁ ମୋର ସର୍ବାଙ୍ଗ କମ୍ପି ଉଠିଲା। ପିଲାଦିନର ଅଭୁଲା ସ୍ମୃତି ସବୁ ଧସେଇ ପଶିଆସିଲା ମୋ' ଭିତରକୁ ।

ଧଳା ଧଳା ଖଦି ପିନ୍ଧି ସାରା ଜୀବନ ବିତେଇ ନିର୍ବାକ୍ ହୋଇଯାଇଥିବା ଏଇ ତିନୋଟି ପ୍ରାଣୀ ଏଇମିତି ଢ଼ଙ୍ଗରେ ଏ ସଂସାରକୁ ଆସୁଥିଲେ କାହିଁକି ?–ଏଇ ପ୍ରଶ୍ନ ମୋତେ ଭାରି ବ୍ୟଥିତ କରୁଥିଲା। ସଖୀ- ସେ ଯେମିତି ସଖୀ ନହୋଇ, ହୋଇଯାଇଥିଲା ସାକ୍ଷୀ- ପରିସ୍ଥିତିର ସାକ୍ଷୀ, ସେମିତି ସାଗିରୀ, ସାଗର ନ ହୋଇ ପାଲଟି ଯାଇଥିଲା କୃତ୍ରିମ ଜଳାଶୟଟିଏ, ଆଉ ଦୀନବନ୍ଧୁ- ସିଏ ଦରିଦ୍ରମାନଙ୍କର ବନ୍ଧୁ ହେବା ତ ଦୂରର କଥା ନିଜ ଦୀନତାର ବନ୍ଧୁ ବି ହୋଇପାରିନଥିଲା।

ଦିବ୍ୟବିହାର, ସାମନ୍ତରାପୁର, ଭୁବନେଶ୍ୱର-୨

ମୋ : ୭୮୭୩୩୩୫୬୫୬

■■■

# ବଳି ଦାନ

## କବିତା ନାୟକ





ହଠାତ୍ ଡାକ୍ତରଙ୍କ ଡାକରେ ନିଦ ଭାଙ୍ଗିଗଲା ସମୀରର । ସମୀର ତମେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଯାଇଛ । ଏବେ ତୁମେ ତୁମ ଘରକୁ ଯାଇପାର । ସତରେ ସମୀରର ନିଦ ଭାଙ୍ଗିଯାଇଥିଲା । ସେ ନିଜକୁ କିଏ ବୋଲି ଭୁଲିଯାଇଥିଲା । ଡାକ୍ତରଖାନା ବିଛଣାରେ ଚେତା ପାଇ ଯାହା ଶୁଣିଲା, ତା'କୁ କେହି ସାମାଜିକ କର୍ମୀ ରାସ୍ତା କଡରୁ ଉଠାଇ ଆଣି ଡାକ୍ତରଖାନାରେ ଭର୍ତ୍ତି କରିଛି । ଅ ।ଜି ସେ ସୁସ୍ଥ ହୋଇ ସବୁକଥା ମନେପକାଉଛି ।

ଦାଦନ ଖଟିବାକୁ ଗାଁ ଛାଡ଼ି ସୁଦୂର ଗୁଜୁରାଟକୁ ଚାଲି ଯାଇ ଥିଲା । ପାଞ୍ଚ ବର୍ଷର ପୁଅ ଓ ସ୍ତ୍ରୀକୁ ନେଇ ଛୋଟିଆ ସଂସାରଟି ତା'ର ହସ ଖୁସିରେ ଚାଲିଥିଲା । ହଠାତ୍ ମହାମାରୀ ପାଇଁ କମ୍ପାନୀ ବନ୍ଦ ହୋଇଗଲା । ଏକ ମୁହାଁ ହୋଇ କିଏ କିପରି ଅ ବସ୍ଥାରେ ଗାଁକୁ ଫେରିଲେ । ଗାଡ଼ି ମଟର ସବୁ ବନ୍ଦ, କେମିତି ଓଡ଼ିଶା ଫେରିବ ! ଏପଟେ ମହାମାରୀ ଭୟ, ଜୀବନ ବଞ୍ଚାଇବାର ପ୍ରଚେଷ୍ଟା ସମୀର, ତା ସ୍ତ୍ରୀ ଓ ପିଲାଙ୍କୁ ଧରିଚାଲି ଚାଲି ହଜାର ହଜାର ଲୋକଙ୍କ ସହ ଓଡ଼ିଶା ଅଭିମୁଖେ ଚାଲିଲା ।

ରାସ୍ତାରେ ହଠାତ୍ ସ୍ତ୍ରୀ ସୁରମାର ମୁଣ୍ଡ ଘୁରାଇଲା, ଆଉ ଚାଲିବାର ଶକ୍ତି ନାହିଁ । ବ୍ୟସ୍ତ ବିବ୍ରତ ହୋଇ ସୁରମାକୁ ଏକ ଗଛ ତଳେ ଶୁଆଇ ଦେଇ କେତେ ବିକଳ ହେଲା, କେହି ଟିକେ ସାହାଯ୍ୟ କର । କିଏ ପାଖକୁ ଆସିବା ତ ଦୂରର କଥା, କେହି ଟିକେ ଚାହିଁଲେ ବି ନାହିଁ । ସମସ୍ତେ ସମସ୍ତଙ୍କୁ ଡରୁଛନ୍ତି । କାଳେ କାହା ଦେହରେ ଅଜଣା ଭୂତାଣୁ ପଶିଯାଇଥିବ । ସୁରମା ଆଉ ବସି ପାରୁନାହିଁ । ବିକଳରେ ରାସ୍ତା ପାଖ ନାଳରୁ ପାଣି ମଗେ ଆଣି ସୁରମା ମୁହଁରେ ଛାଟିଲା । ହଠାତ୍ ପୁଣି ସୁରମା ପାଣି ମଗ୍‌ଟି ଛଡେଇ ନେଇ ଢକ ଢକ କରି ପି ଦେଲା । ଯେତେ ବାରଣ କଲେବି ମାନିଲାନି । ଦେହରେ ଖଇ ଫୁଟା ତାତି ।

ପୁଣି ଚେତା ଶୂନ୍ୟ ହୋଇଗଲା । କ'ଣ ସୁରମାକୁ ସେ ମହାମାରୀ ଧରିଲାକି । କ'ଣ କରିବ ନକରିବ ଭାବି ପାଖରେ ଶୋଇଥିବା ପୁଅକୁ କାନ୍ଧରେ ଧରି ଚାଲିଲା । ଆଉ ଅଳ୍ପ ରାସ୍ତା । ବାପ ପୁଅ ପହଁଞ୍ଚି ଯିବୁ ଗାଁରେ, କିନ୍ତୁ ସମୀରର ପାଦ ଚାଲୁନି । ସେଇଠି ସେ ଦୁମ୍ କିନା କଚାଡ଼ି ହୋଇ ପଡ଼ିଲା । ଚେତା ଫେରିଲା ବେଳକୁ ସମୀର ହସ୍ପିଟାଲ୍‌ର ବେଡ୍‌ରେ । ପ୍ରଶ୍ନ ପରେ ପ୍ରଶ୍ନ । ତୁମ ନାମ କ'ଣ ? କେଉଁଠୁ ଆସୁଥିଲ ? ତୁମ ଘର କେଉଁଠି ? ଆଉ କିଏ ଅଛି ତୁମର ? ଇତ୍ୟାଦି ଇତ୍ୟାଦି । କିଛି ବି ଉତ୍ତର ସେ ଦେଇ ପାରୁ ନଥିଲା । କିଛି ବି ମନେ ନାହିଁ ତା'ର । ମୁଣ୍ଡ ଭାରି ଭାରି ଲାଗୁଛି । କେହି ଜଣେ କହିଲେ ପାଗଳଟାଏ ବୋଧେ ।

ଏହା ମଧ୍ୟରେ କେତେଦିନ ବିତି ଯାଇଛି । ହସ୍ପିଟାଲ୍‌ର ନର୍ସ କର୍ମଚାରୀ କହିଲେ ତମେ ବଞ୍ଚିଯାଇଛ । ପୋକ ମାଛି ପରି ଲୋକେ ମରିଗଲେ । ୩ ମାସର ଅକ୍ଳାନ୍ତ ପରିଶ୍ରମ, ଡାକ୍ତର, ନର୍ସ ମାନଙ୍କର ଯତ୍ନ ଯୋଗୁଁ ତମେ ଭଲ ହୋଇ ଯାଇଛ । ଏବେ ତୁମେ ମନେ ପକାଅ ତମେ କିଏ ? ଆଉ କିଏ ସବୁ ତୁମର ଅଛନ୍ତି । ଘର କେଉଁଠି । ସମୀର କେବଳ ନିଜ ନାଁଟି ମନେ ପକାଇ କହିଲା । ଆଉ ଯାହା ମନେ ପଡ଼ିଲା ତା' ଦେହ ଥରି ଉଠିଲା । ମୋର ଆୟୁ ଥିଲା, ବଞ୍ଚି ଗଲି । ସୁରମା ସେଇଠି ଚାଲି ଯାଇଥିବ, ଆଉ ପୁଅ !

ଧୀରେ ଧୀରେ ହସ୍ପିଟାଲ୍‌ରୁ ସେ ବାହାରକୁ ଆସିଲା । ନିଜ କଥା ଭାବିଲା, କେମିତି ବଞ୍ଚିବି । ପୁଣି ଏକ ଅଜଣା ଯାଗାରେ ପହଞ୍ଚିଲା । ସେଠାରେ କିଛି ଲେକଙ୍କ ସହ ତା'ର ପରିଚୟ ହେଲା । ସେମାନେ ଶ୍ରମିକ ଥିଲେ । ସେ ମଧ୍ୟ ସେହିଠାରେ ଶ୍ରମିକ ଭାବେ କାମ କଲା । ଶରୀରରେ ଶକ୍ତି ନାହିଁ, ତଥାପି ସେ କାମରେ ମନ ଦେଲା । ଧୀରେ ଧୀରେ ତା'ର ଗାଁ ମନେ ପଡ଼ିଲା । ସେତେବେଳକୁ ବେଶ୍ କିଛି ମାସ ବିତି ଯାଇଛି । ସୁରମା କଥା ବହୁତ ମନେ ପଡ଼ିଲା । ସେ କ'ଣ ସେଦିନ ଚାଲିଗଲା । ଏତେ ଜ୍ୱର ଥିଲା । ଆଉ ପୁଅ ? ନା ସେ ନିଶ୍ଚୟ ଅଛି । ତା'ର କିଛି ହୋଇ ନଥିଲା । ବ୍ୟାକୁଳ ହୋଇ ଉଠିଲା ସମୀରର ମନ ଏଇ ଅଳ୍ପ ଦୂରରେ ତା ଗାଁ । ସମସ୍ତଙ୍କୁ ଚକିତ କରିଦେଇ ଗାଁରେ ପହଞ୍ଚିବାର ଆଶା ନେଇ ଚାଲିଲା ବସ୍‌ଷ୍ଟାଣ୍ଡକୁ । ବସ୍ ଗାଁରେ ପହଞ୍ଚିଲା ରାତି ନଅଟା ପାଖାପାଖି । ମନରେ ପ୍ରବଳ ଉତ୍ସାହ । ସେ ଆଉ ସିଧା ରାସ୍ତାରେ ନଯାଇ ବାଡ଼ି ପଟ ରାସ୍ତା ଦେଇ ଘରେ ପହଞ୍ଚିଲା । ହଠାତ୍ତ ସ୍ତବ୍ଧ ହୋଇଗଲା ଝରକା ପଟେ କାନ୍ଥରେ ଟଙ୍ଗା ହୋଇଥିବା ସମୀରର ଫୁଲମାଳ ଫଟୋଟି ଦେଖି । ଆହୁରି ବିସ୍ମୟ ହେଲା, ସୁରମା ପାଖରେ ପୁଅ, ଗୋଟେ ୨/୩ ମାସର ଝିଅ । ସୁରମା ଉପରେ ହାତ ରଖି ଶୋଇଛି ସମୀରର ସାନଭାଇ ।

ଧୀରେ ଧୀରେ ସମୀରର ପାଦ ପଛକୁ ଫେରିଲା । କେହି ତା'କୁ ଦେଖିବା ଆଗରୁ ସେ ନିଶବ୍ଦରେ ସେଠାରୁ ଚାଲି ଆସିଲା । ପୁଣି ଭୋର୍ ବସ୍‌ରେ ଫେରିବା ପାଇଁ । ଭାବୁଥିଲା ମୋ ସାନଭାଇର ବଳିଦାନ ମୋ ବଳିଦାନ ଠାରୁ ମହାନ୍ ନିଶ୍ଚିତ ।

ଏମ୍. ଆଇ. ଜି. - ୨, ୭୭/୪
ଓ.ଏସ୍.ଏଚ୍.ବି. କଲୋନୀ, ଭୁବନେଶ୍ୱର୍ - ୧୭
ମୋ : ୭୭୩୫୯୧୭୧୧୧

■■■

# ମହାମାରୀ ଓ ପ୍ରଭାବିତ ବିଦ୍ୟାର୍ଥୀ

**ଶ୍ରୁତକୀର୍ତ୍ତି ତ୍ରିପାଠୀ**





କୋଭିଡ ମହାମାରୀ ବ୍ୟାପିବା ପରେ ସଂକ୍ରମଣ ଭୟରେ ଶିକ୍ଷା ଅନୁଷ୍ଠାନ ଗୁଡିକୁ ବନ୍ଦ କରିଦିଆହେଲା । ପିଲାମାନଙ୍କ ପାଠପଢାରେ ବ୍ୟାଘାତକୁ ଦୃଷ୍ଟିକୁ ନେଇ ଅନଲାଇନ ପାଠପଢ଼ାର ନିଷ୍ପତ୍ତି ଅଭାବୀ ଓ ଗରିବ ମାନଙ୍କ ପାଇଁ ଚିନ୍ତାର ବିଷୟ ସାଜିଲା । କାରଣ କରୋନା ଯୋଗୁଁ ରୋଜଗାର ହରାଇଥିବା ଲୋକଙ୍କ ପାଇଁ ସ୍ମାର୍ଟଫୋନ ଟିଏ କିଣିବା ଏକ ଦୁରୂହ ବ୍ୟାପାର ଥିଲା । ଏପଟେ ପରିବାରର ଆର୍ଥିକ ସ୍ଥିତିକୁ ଆଖି ଆଗରେ ରଖି ପିଲାମାନେ ମଧ୍ୟ ବାପାମାଆଙ୍କୁ ମୋବାଇଲ ଯୋଗେଇବା ପାଇଁ ଉଚିତ ମଣିଲେ ନାହିଁ ଶେଷରେ ଉଧାର କରି, ଗହଣା ବନ୍ଧକ ରଖି, ଏପରିକି ନିଜ ରୋଜଗାର ର ମାଧ୍ୟମ ଯେପରିକି ଗାଈ, ମଇଁଷି, ଅଟୋ ବିକ୍ରି କରି ବାପାମାଆ ପିଲାଙ୍କୁ ସ୍ମାର୍ଟଫୋନ ଯୋଗାଇଦେଲେ । ମୋବାଇଲ ତ କିଣା ହୋଇଗଲା, ହେଲେ ମାସକୁ ମାସ ସେଥିରେ ରିଚାର୍ଜ କରିବା କିମ୍ବା ଇଣ୍ଟର୍ନେଟର ସୁବିଧା ଯୋଗେଇବା ଆଉ ଏକ ସମସ୍ୟା ପାଲଟିଗଲା । ସମସ୍ୟା ଏଥିରେ ବି ସରିଲା ନାହିଁ, ପିଲାମାନେ ସିଗନାଲ ଟିକେ ପାଇଁ ପାହାଡ଼, ଗଛ ଚଢ଼ି ଦୁର୍ଘଟଣାର ଶିକାର ହେଲେ । ଏହିପରି ନାନା ଅସୁବିଧା ଦେଇ ଗତି କରି ଦୁଇ ବର୍ଷ ସମୟ କଟିଗଲା, କହିବା ବାହୁଲ୍ୟ ପିଲାମାନେ ପାଠପଢା ପ୍ରତି ଅମନଯୋଗୀ ହେଲେ । ପରିଣାମ, ଧୀରେ ଧୀରେ ସେମାନେ ଆଉ ବିଦ୍ୟାଳୟ ଯିବାକୁ ଆଉ ରାଜି ହଉନାହାନ୍ତି । ବିଶେଷ କରି ଝିଅ ମାନଙ୍କ ପାଠପଢା ବେଶୀ ପ୍ରଭାବିତ ହୋଇଛି, ଏପରିକି ଅନେକ ବୋଲିକଙ୍କ ପାଠପଢ଼ାରେ ସବୁଦିନ ପାଇଁ ଡୋରୀ ବନ୍ଧା ହୋଇଯାଇଛି ।

ତଥ୍ୟ ରହିଛି ଯେ ସାରା ବିଶ୍ୱରେ କୋଭିଡ ମହାମାରୀ ପୂର୍ବରୁ ପ୍ରାୟ ୧୩ କୋଟି ବାଳିକା ବିଦ୍ୟାଳୟ ପାଠପଢା ବ୍ୟବସ୍ଥା ବାହାରେ ଥିଲେ, କୋଭିଡ ପରେ ବନ୍ଦ ସ୍କୁଲ ଖୋଲିବା ପରେ ଆହୁରି ୧. ୧ କୋଟି ବାଳିକା ସ୍କୁଲ ଫେରିନାହାନ୍ତି । ଏତେସଂଖ୍ୟକ ବାଳିକା ସ୍କୁଲ ଆସିବା ବନ୍ଦ କଲେ ଶିକ୍ଷା କ୍ଷେତ୍ରରେ ଆସୁଥିବା ପ୍ରଗତିରେ ରୋକ ଲାଗିବା ସୁନିଶ୍ଚିତ । କୋଭିଡ ସମୟରେ ବିଦ୍ୟାଳୟ ବନ୍ଦ ଯୋଗୁଁ ପାଖାପାଖି ୩୨ କୋଟି ଛାତ୍ରଛାତ୍ରୀ ପ୍ରଭାବିତ ହୋଇଥିବା ବେଳେ ସେଥିରେ ୧୫. ୮ କୋଟି ସଂଖ୍ୟକ କେବଳ ଛାତ୍ରୀ ଅଟନ୍ତି । ଏହା ପଛରେ ଲିଙ୍ଗଗତ ଭେଦଭାବକୁ ମଧ୍ୟ ଦାୟୀ କରାଯାଇପାରେ । ଏବେ ବି ଆମ ସମାଜରେ ପୁଅ ଓ ଝିଅଙ୍କ ଭିତରେ ପୁଅ ମାନଙ୍କୁ ଅଧିକ ପ୍ରାଥମିକତା ଦିଆଯାଉଛି । ଉଦାହରଣ ସ୍ୱରୂପ ଗୋଟିଏ ଗରିବ ପରିବାରରୁ ଉଭୟ ପୁଅ ଓ ଝିଅ ପାଠ ପଢୁଥିଲେ, ପୁଅକୁ ସ୍ମାର୍ଟଫୋନ ବ୍ୟବହାର କରିବା ପାଇଁ ପ୍ରଥମେ ସୁଯୋଗ ଦିଆଯାଉଛି ।

ରୋଜଗାର ହରେଇଥିବା ପରିବାର ଗୁଡ଼ିକ ନିଜର ଆର୍ଥିକ ଅବସ୍ଥାକୁ ସୁଧାରିବା ପାଇଁ ଝିଅ ମାନଙ୍କୁ ଘରୋଇ କାର୍ଯ୍ୟ, ଭାଇଭଉଣୀଙ୍କ ଯତ୍ନ ନେବା ଭଳି କାମରେ ନିୟୋଜିତ କରୁଥିବା ବେଳେ ପୁଅ ମାନଙ୍କୁ ମଜୁରୀ, ଛୋଟମୋଟ ବ୍ୟବସାୟ କରି ପଇସା ରୋଜଗାର ପାଇଁ ପ୍ରବର୍ତ୍ତାଉଛନ୍ତି । ଗୋଟିଏ ପଟେ ପିଲାଙ୍କ ପାଠପଢା ଜନିତ ଖର୍ଚ୍ଚ ବହନ କରିବା ସେମାନଙ୍କ ପକ୍ଷେ ସମ୍ଭବ ହେଉନାହିଁ ; ଅନ୍ୟ ପଟେ ପିଲାଙ୍କ ଦ୍ୱାରା ଅର୍ଜିତ ଧନ ଘର ଚଲେଇବାରେ ସହାୟକ ହେଉଛି । ସୁତରାଂ ମଝିରୁ ପାଠ ଛାଡ଼ିବାରେ ପରିବାର ଜନଙ୍କୁ କିଛି କ୍ଷତି ହୋଇଛି ଭଳି ଅନୁଭବ ହଉନାହିଁ । ମାତ୍ର ମଝିରୁ ପାଠପଢା ବନ୍ଦ କରିବାର କୁପ୍ରଭାବ ଭବିଷ୍ୟତରେ ଯେ ଅନେକ କ୍ଷତି ପହଞ୍ଚେଇବ, ତାହା ସେମାନେ ଜାଣିପାରୁନାହାନ୍ତି । ଯାହା ଆଗକୁ ସମାଜ, ରାଜ୍ୟ ଓ ଦେଶର ଉନ୍ନତିରେ ବାଧକ ସାଜିବ । ଦେଖାଯାଇଛି ଯେ ଶିକ୍ଷାଦାନ କ୍ଷେତ୍ରରେ କରାଯାଉଥିବା ଅବହେଳା ଯୋଗୁଁ ଅନେକ ଦେଶର ଅର୍ଥନୀତିକୁ ବିରାଟ କ୍ଷତି ସହିବାକୁ ପଡିଛି । ଏଣୁ ଏହା ଏକ ଅତ୍ୟନ୍ତ ଚିନ୍ତାଜନକ ପରିସ୍ଥିତି ହେବାକୁ ଯାଉଛି ।

ପିଲାମାନେ ବିଦ୍ୟାଳୟକୁ ନ ଫେରିବା ଦ୍ୱାରା ଅନେକ ସାମାଜିକ ସମସ୍ୟା ଓ ଅପରାଧ ଦେଖାଯିବାର ସମ୍ଭାବନା ରହିଛି । ଦିନ ମଜୁରିଆ ଭାବେ କାମ କରିବା କିମ୍ବା କେଉଁଠି ୧୮ ବର୍ଷ ପୂର୍ବରୁ ପଇସା ରୋଜଗାର କରିବା, ସମାଜରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି କରିବ । ବାଳିକା ମାନେ ଘରେ ବସି ରହିଲେ ଯୌନ ଶୋଷଣ ଓ ହିଂସାର ଶିକାର ହେବେ । ମହିଳା ଚାଲାଣ, କୁଆଁରୀ ମାତୃତ୍ୱ, ଦେହ ବ୍ୟବସାୟ ଭଳି ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଇବ । ଅଭିଭାବକ ମାନେ ବିବାହ ବୟସ ପୂର୍ବରୁ ଝିଅମାନଙ୍କୁ ବିବାହ ପାଇଁ ବାଧ କରିବେ, ଯାହା ସରକାର ଙ୍କ ବିବାହ ବୟସ ବୃଦ୍ଧିର ମୂଳ ଲକ୍ଷ୍ୟକୁ ପୂରଣ ହେବାକୁ ଦେବ ନାହିଁ ।

ଏଣୁ ପିଲାମାନଙ୍କୁ ଯଥାଶୀଘ୍ର ସ୍କୁଲକୁ ଫେରାଇ ଆଣିବା ପାଇଁ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ମାନଙ୍କୁ ଚେଷ୍ଟା କରିବାକୁ ହେବ । ଏହା ପାଇଁ ସର୍ବପ୍ରଥମେ ଗଣନା କରିବାର ଆବଶ୍ୟକତା ରହିଛି ଯେ, କେତେ ପିଲା ବିଦ୍ୟାଳୟକୁ ଆସିବା ବନ୍ଦ କରିଦେଇଛନ୍ତି । ସେମାନଙ୍କୁ ଠାବ କରି ପୁଣି ଥରେ ଫେରାଇ ଆଣିବା ଏତେ ସହଜ ହୋଇ ନ ପାରେ । ତଥାପି ଜନ ସଚେତନତା କାର୍ଯ୍ୟକ୍ରମ ଏବଂ ଅଭିଭାବକ ମାନଙ୍କୁ ବୁଝେଇ ପିଲାଙ୍କୁ ପୁଣିଥରେ ସ୍କୁଲକୁ ଆଣିବା ସମ୍ଭବ ହୋଇପାରିବ । ଏଥିରେ ସମାଜସେବୀ ଏବଂ ବିଭିନ୍ନ ଅନୁଷ୍ଠାନର ସାହାଯ୍ୟ ମଧ୍ୟ ନିଆଯାଇପାରେ ।

ଜୀବନରେ ଶିକ୍ଷାର ମହତ୍ୱ ବିଷୟରେ ପିଲାଙ୍କର ଏବଂ ଅଭିଭାବକ ମାନଙ୍କର ଧାରଣା ରହିଲେ, ସେମାନେ ପିଲାଙ୍କୁ ମଝିରୁ ପାଠ ଛାଡିବା, ସ୍କୁଲ ନ ଯାଇ ଘରେ ବସିବାରୁ ନିବୃତ୍ତ କରିବେ । ଏହା ପାଇଁ ଜନସାଧାରଣଙ୍କ ସହିତ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କର ମିଳିତ ଉଦ୍ୟମର ଆବଶ୍ୟକତା ରହିଛି ।



ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର
ମୋ- ୬୩୭୦୫୧୬୪୭୮

■■■

## ଗର୍ବ ଗୌରବର ପ୍ରତୀକ ତ୍ରିରଙ୍ଗା

**ନାରାୟଣ ଦାସ୍**

ଭାରତୀୟ ଜାତୀୟ ପତାକା ଦେଶର ଗୌରବ । ଆମ୍ଭର ପତାକାକୁ ଆହୁରି ସମ୍ମାନ ଜଣାଇବା ପାଇଁ 'ଆଜାଦି କା ଅମୃତ ମହୋତ୍ସବ' ର ଅଧିନରେ ଥିବା ସମସ୍ତ କର୍ଯ୍ୟର ତଦାରଖ କରୁଥିବା ମାନ୍ୟବର ଗୃହ ମନ୍ତ୍ରୀ 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମକୁ ଅନୁମୋଦନ କରୁଛନ୍ତି । ଏହା ଭରତୀୟଙ୍କୁ ନିଜ ଘରେ ଜତୀୟ ପତାକାକୁ ଉ ୋଳନ କରିବାକୁ ପ୍ରେରଣା ଯୋଗାଇଥାଏ । ତ୍ରିରଙ୍ଗା ସହିତ ଆମର ସମ୍ପର୍କ ସର୍ବଦା ବ୍ୟକ୍ତିଗତ ଅପେକ୍ଷା ଅଧିକ ଆନୁଷ୍ଠାନିକ ଏବଂ ଅନୁଷ୍ଠାନିକ ସ୍ୱାଧିନତାର ୭୫ ତମ ବର୍ଷରେ ଏକ ରଷ୍ଟ୍ରୀୟ ଭାବରେ ଏକ ପତାକାକୁ ଘରକୁ ଆଣିବା ସେହିପରି ତ୍ରିରଙ୍ଗା ସହିତ କେବଳ ବ୍ୟକ୍ତିଗତ ସଂଯୋଗର କାର୍ଯ୍ୟ ନୁହେଁ ବରଂ ରାଷ୍ଟ୍ର ନିର୍ମାଣ ପ୍ରତି ଆମର ପ୍ରତି ବଦ୍ଧତାର ପ୍ରତିକ ହୋଇଥାଏ । ଏହି ପଦକ୍ଷେପ ପଛରେ ଧାରଣ ହୋଇଛି ଭଗବାନଙ୍କୁ ଆହ୍ୱାନ କରିବା । ଲୋକଙ୍କ ହୃଦୟରେ ଦେଶପ୍ରେମ ଏବଂ ଆମର ଜାତୀୟ ପତାକା ବିଷୟରେ ସଚେତନତା ସୃଷ୍ଟି କରିବା ।

■■■





# ବାଇଜୀ

ପ୍ରଜ୍ଞା ମହାନ୍ତି



ଆଜି ଛୋଟିଆ ସହରଟିରେ ଚହଳ ପଡିଯାଇଥିଲା । ନୂଆ ଇନ୍ସପେକ୍ଟର ଜଣକ 'ମୁନ୍ନିବାଈ କୋଠି' ରୂପେ ଖ୍ୟାତ ଦୁଇଧାଡିଆ ଆଜବେଷ୍ଟସ୍ ଘର ରେଡ୍ କରି ଚାରି ପାଞ୍ଚଜଣ ଝିଅ, ତାଙ୍କର ଗରାଖ ସମେତ ମୁନ୍ନିବାଈ କୁ ଆରେଷ୍ଟ କରିଛନ୍ତି। ଥାନାରେ ସମସ୍ତଙ୍କୁ ଜେରା କଲାବେଳେ ଖୁଣ୍ଟକୁ ଆଉଜି ଛିଡାହୋଇଥିବା ଲୋକଟା ଉପରେ ନଜର ପଡିଯିବାରୁ ଅଟକିଗଲେ ଥାନାବାବୁ।

ହୋ ତମ ଘର କେଉଁଠି? ବୟସ କେତେ?

କିଛି ନକହି ତଳକୁ ମୁହଁ ପୋତି କାନ୍ଦକାନ୍ଦ ହୋଇଗଲା ଲୋକଟି । ଆହା... ଏତେ ଜଦି ଲଜ୍ଜା ବଦନାମ୍ ଗଳିରେ ପାଦ କାହିଁକି ଦେଇଥିଲୁ ! ପରିବାର ପିଲାଛୁଆ ତ ଥିବେ ପଚାରି, ତା ମୁହଁକୁ ବାଡିରେ ଉପରକୁ ଟେକିଦେଲେ ।

ସାମାନ୍ୟ ଦୂରରେ ଥିବା ମୁନ୍ନିବାଈ ଦୌଡିଆସି ସେ ଲୋକକୁ ଆବୋରି ଛିଡା ହୋଇଗଲା । ଲୋକେ କହନ୍ତି କିଛିବର୍ଷ ତଳେ ରାଜସ୍ଥାନରୁ ଆଣି କିଏ ମୁନ୍ନିବାଈ କୁ ଏଠି ବିକ୍ରି କରିଦେଇଥିଲା । ଖୁଆଡରେ ଥିବା ବାଘୁଣୀ ଭଳି ବହେ ବାଡେଇ ଛାଟିହୋଇ ଫିଟିଯିବାକୁ ମନକରିଥିଲା ସେ, ହେଲେ ଆଉ ଅନ୍ଧାରୀଗଳି ରୁ ଫେରିବାକୁ ବାଟ ପାଇଲାନି ବରଂ ସମୟକ୍ରମେ ସେଇ ଗଳି ର ମାଲିକାଣୀ ହୋଇଗଲା ।

ବାବୁ ତାକୁ ଛାଡିଦିଅ ସେ ଗରାଖ ନୁହେଁ । ଆୟତ ଆଖିରେ ତାର ଭରପୂର ବ୍ୟାକୁଳତା ।ସମସ୍ତଙ୍କ ନଜର ଏବେ ତା ଉପରେ। ଗରାଖ ନୁହେଁ ତୋ ରୁମ୍ ରୁ ଆରେଷ୍ଟ ହୋଇଛି ! ତାହେଲେ ବଡ ଖାସ୍ ଲୋକ ତୋର କହି ତାସଲ୍ୟ କରି ହସିଉଠିଲେ ପୋଲିସ୍ ବାବୁ । ତାଙ୍କ ହସକୁ ଖାତିର ନକରି ସେ କହିଲା,

ହଁ ହଁ ବଡଖାସ୍ ମୋ ପାଇଁ.... ସେ ମୋ ଭାଇ, ମୁଁ ତା ବାଈ । ତା ସ୍ୱର ର ଦୃଢତା ରେ ନିରବତା ଖେଳିଗଲା କିଛିସମୟ । ତାକୁ ଗଭୀର ଦୃଷ୍ଟିରେ କିଛି ସମୟ ଅନାଇ ପୁଲିସ୍ ବାବୁ କହିଲେ, ଯାହା ପଚାରିବି ଏବେ ସବୁ ସତସତ କହିବୁ! ଏଥର ମୁନ୍ନିବାଈ ମୁହଁରେ ତା ଅତିତ ଗପଶୁଣିଲା ଭଳି ଚୁପ୍ ହୋଇ ଶୁଣୁଥିଲେ ସମସ୍ତେ ।

ବାହାହେବ ବୋଲି କହି ପ୍ରେମିକ ତାକୁ ବିକିଦେଇ ଚାଲିଯିବା ପରେ, ଭାଇ ତାର କିପରି ପାଗଳ ଭଳି ସହରରୁ ସହର ରାଜ୍ୟରୁ ରାଜ୍ୟ ଖୋଜି ବୁଲିଥିଲା। ଶେଷରେ ତାର ଠିକଣା କୋଠିରେ ପାଇଥିଲା। ଯେଉଁଠାରୁ ଆଉ ଫେରାଇ ନେବାର ଶକ୍ତି ତାର ନଥିଲା । ନା ମୁନ୍ନିବାଈ ଫେରିବାକୁ ଚାହିଁଥିଲା । କାରଣ ସମୟର କଷଟିରେ ସମାଜକୁ ଚିହ୍ନିବାରେ ସେତେବେଳକୁ ସେ ପକ୍ୱ ହୋଇ ସାରିଥିଲା ।ତା ପାଖରେ କେବଳ ଗୁଡାଏ ପ୍ରଶ୍ନ ଛଡା ଆଉକିଛି ନଥିଲା। କଅଁଳ ବୟସରେ କୋମଳ ମନରେ ଭଲପାଇବା ର ବୀଜ ବୁଣି ତାପରେ ଅପର୍ଯ୍ୟାପ୍ତ ଫଳଲାଭ ଆଶାରେ ନର୍କ ଭିତରକୁ ଠେଲିଦେଉଥିବା ଅମଣିଷ ମାନଙ୍କ ପାଇଁ କଣ ଇହଲୋକରେ କୌଣସି ଶାସ୍ତି ନାହି ! ତାଛଡା ଅନ୍ଧଭାବେ ଜଣକୁ ବିଶ୍ୱାସକରି ପରିବାରକୁ ଦୁଃଖ ବଦନାମ୍ ଦେଉଥିବା କିଛି ଝିଅ ଯେତେ ଅନୁତାପ କଲେବି ନିୟତି ଶିକ୍ଷା ଦେବାପାଇଁ ତାଙ୍କ କପାଳରେ କଣ ଏହି ବିଧାନ ଲେଖିଦିଏ!

ପଶ୍ଚାତାପ କରି ସେମାନେ ମଧ ମା'ବାପ,ଭାଇଭଉଣୀ ,ସ୍ନେହ ମମତା ପାଇଁ ଝୁରିହୁଅନ୍ତି। ନିଜସ୍ୱ ଏକ ପରିବାର ଗଢିବା ପାଇଁ ସ୍ୱପ୍ନ ବୁଣନ୍ତି।ହେଲେ କେତେଜଣ ସମାଜର ମୁଖ୍ୟଧାରା କୁ ଫେରିପାରନ୍ତି!

ଆଉ ଭଉଣୀଟିଏ ପାଇଁ ଭାଇ ତ ବାପା,ମା, ସଖା,ସହୋଦର ସବୁର ଭୂମିକା ନେଇପାରେ। ଆଉ ତା ଭାଇ କେମିତିତାକୁ ଭୁଲିଯାଇଥାନ୍ତା ! ସେଥିପାଇଁ ପ୍ରତିବର୍ଷ ରାକ୍ଷୀ ପୂର୍ଣ୍ଣମୀ ଦିନ ରାକ୍ଷୀ ବାନ୍ଧିବାକୁ ତା ପାଖକୁ ଛୁଟିଆସେ। ଏତିକି କହି ଦୁଇ ପାପୁଲିରେ ମୁହଁ ଲୁଚାଇ କାନ୍ଦି ଉଠିଲା ମୁନ୍ନିବାଈ ।ଏତେବେଳ ଯାଏଁ ସ୍ଥାଣୁ ହୋଇ ଛିଡାହୋଇଥିବା ତା ଭାଇ ପ୍ରବୋଧନା ଦେବାକୁ ଯାଇ ରାକ୍ଷୀବନ୍ଧା ହାତରେ ତାକୁ ଦୃଢଭାବେ ଛାତିକୁ ଆଉଜାଇ ନେଲା ।

ସମ୍ବଲପୁର
ମୋ : ୯୪୩୭୩ ୬୨୪୭୩

■■■

# ସମୁଦ୍ରର ଗପ

ମନୋଜ ମହାନ୍ତି

ସମୁଦ୍ର ବାଲି ଆଉ ଢେଉରେ ଭିଜି ଯାଇଚି ବିଥିକା, ଜଡେଇ ହୋଇଥିବା ଶାଢୀରେ ଦେହ ଦେଉଳର ଚିତ୍ର । ଯୋଡ଼ା ଯୋଡ଼ା ଆଖିଙ୍କ ଚାହାଣୀରେ ସେ ଲାଜ ଲାଜ । ମୁଁ ଚାରିଆଡ଼କୁ ଚାହିଁଲି । କେହି ଉଠାଇ ନେଉନିତ ତା' ଦେହର ନିଷିଦ୍ଧ ଚିତ୍ର ? ? ମୁଁ ଉଦାସ ତ ନୁହେଁ ବିବ୍ରତ ହୋଇଗଲି । ସେ ଡାକ ପକାଇଲା, ଆସ୍ ଉଠାଇନେ ଏଠୁ ମୋତେ । ମୁଁ ସଂଭ୍ରମ ହେଲି । ଏମ୍ତି ନୁହେଁ ଯେ ବେଳାଭୂମିଟା ପୁରା ପୋଷାକରେ ଘୋଡ଼ାଇ ହୋଇଚି ଆଉ ବିଥିକା ! ତେବେ ତା' ପ୍ରତି ମୋର ଏତେ ବ୍ୟଗ୍ରତା କାହିଁକି ? ? ସେ ମୋର ଏମ୍ତି କେହି ନୁହେଁ ତ ? ? ଢେଉ ଭିତରେ ମୁଁ ମାପିବାକୁ ଚାହିଁଲି ସଂପର୍କକୁ ତ ପ୍ରତ୍ୟେକ ଲହଡ଼ିର ପାହାରରେ ବାଲି ଭିତରେ ଧସି ଯାଉଥିଲା ପାଦ । ସେ ଡାକ ପକାଇଲା ଆସ୍ ଶିଘ୍ର, ହେଇ ଦେଖ୍ ସଂଜ ଆସିଯିବା ଉପରେ । ମୁଁ ଭାବିଲି ସଂଜକୁ ଏତେ ଲାଜ କାଇଁ ସେ ତ ପରସ୍ତେ ପଣତ ହୋଇ ଘୋଡ଼ାଇ ଦେବ ଦେହ । ସଂଜଟାତ ପୁଣି ଗୋଟେ କିଟ୍‌କିଟ୍ ରାତି ହୋଇଯିବ କେଉଁ ଦେଖି ହେବ କି ! !

ସେ ମୋ ହାତ ଧରି ଉଠି ଆସିଲା ହେଲେ କେଉଁ ପଚାରିଲା କି ସମୁଦ୍ର ଆଉ ଲହଡ଼ି ପରି ତୁ ଆଉ ମୁଁ ! ! ନା ବିଥିକା ପଚାରିଲା ନାହିଁ ଥରୁଟେବି ଏକଥା । ଏ ଭିତରେ ତ କାଇଁ ଦଶଟା ବର୍ଷ କ୍ୟାଲେଣ୍ଡରରୁ ହଜିଗଲାଣି । ହାତ ଧରି କେଉଁଠି ମାପି ନଥିଲିତ ଅନ୍ତରଂଗର ଉଷ୍ଣତା ? ? ଏବେ କାଇଁ ? ? ପଚିଶ ବର୍ଷ ବୟସରେ ଭେଟିଥିଲି ବିଥିକାକୁ । ଏ ଭିତରେ ସମୁଦ୍ର ସମୁଦ୍ର ବାଲି ଆଉ ପାଣିରେ ଘୋଡ଼ାଇ ହୋଇଗଲାଣି ଘଟଣା ଦୁର୍ଘଟଣା । ଜୀବନ ଗଡ଼ି ଗଡ଼ି ବାଲି ଗରଡ଼ା ହୋଇ ଗଲାଣି ।

ବିଥିକା ଉଦାସ ଜହ୍ନଟେ ପରି ଗାଁରେ ବଢ଼ିଥିଲା । କେମ୍ତି ଭେଟିଥିଲି ତା'କୁ ? ? ହଁ ତ ଫଗୁଣ ଆସିବା ଆସିବା, ଦୋଳକୁ ଯାଇଥାଏ ମାମୁଁ ଘର ଗାଁ । ସେଦିନ ସଂଜରେ ବିଥିକା ଆସିଥିଲା ମାଇଁଙ୍କ ପାଖକୁ । ଉପରେ ଜହ୍ନ ସରସର ଆକାଶ ତଳେ କାକର ଭିଜା ଚିନାବାଦାମ କିଆରୀ । ମାଇଁ କହିଥିଲେ ନେଇଯାଆତ ଛାଡ଼ିଆସ ବିଥିକାକୁ ତାଙ୍କ ଘରେ । ଡରିବ କି ? ହେଇ ତ କେଇଟା କିଆରୀ ଡେଇଁଗଲେ ତାଙ୍କ ଘର, ପୁଅ ପିଲାଟା ଡର କ'ଣ । ଚିନାବାଦାମ ପତ୍ର ଧୂସର ହେଇ ଆସୁଥିଲା ଟିକେ ଟିକେ ଶିତଉ ଥିଲା ଦେହ । ସେ ପଚାରିଲା ତୁ ଆସିବୁତ ଆର ଦୋଳକୁ ଭେଟ ହେବା । ହଁ ତୁ ରହି ଯାଉନୁ ଦୁଇଚାରିଦିନ ମଜ୍ଜା କରନ୍ତେ । ଡେଇଁ ଡେଇଁ ଚାଲୁଥିଲା ତ ଗୋଡ଼ ଖସି ଉଜାଡ଼ି ହୋଇ ପଡ଼ିଲା ମୋ ଉପରେ । ଛିଃ ତୁ ଟା ଏତେ ଦୁଷ୍ଟ ଜୋର୍‌ରେ ଭିଡ଼ି ଧରୁଚୁ । ମୁଁ କହିଲି ତୁ ପଡ଼ି ଯାଇଥାନ୍ତୁ । ସେ ଗୁମ୍ ଖାଇଗଲା । ମୁହଁ ଶୁଖାଇଲା ତୁ କ'ଣ ସତରେ କାଲି ଚାଲିଯିବୁ ? ? ମୁଁ କହିଥିଲି ହଁ । ସେ କହିଥିଲା ହେଉ ରହ ଏଇ ମହାନ୍ତି ଘର ବାଦାମ କେଇବୁଦା ଚୋରାଇ ନେଇ ପୋଡ଼ି ଖାଇବା... ବାହାରେ ଛଣ ଅଛି । ତା' ଭାଉଜ କହୁଥିଲେ ତାକୁ କହୁନ ବିଥିକା ଖାଇକି ଯିବ ।

× × × × ×

ମୁଁ ପଚାରିଲି ତୁ ଏବେ କେଉଁଠି ? ସେ ଥ ହୋଇଗଲା । କାଇଁ ପଚାରୁଚୁ ? ? ଆରେ ନା ଦେଖ ତୋର ମୋର ଏଇ ଦେଖାଟା ତ ଅପ୍ରତ୍ୟାଶିତ । ସେ କହିଲା ତୁ କ'ଣ ଶୁଣିବୁ ମୋ କଥା ? ମୁଁ କହିଲି ହଁ । ସେ ସେଇ ଅନ୍ଧାରରେ ବାଲି ଉପରେ ଆଉଜି ପଡ଼ିଲା ମୋ ଦେହରେ, ବସିଗଲା କହିଲା ଶୁଣ୍ ।

ହେଃ ଶୁଣ୍ ।

ଭାଇଦିନେ ଚୁଲି ମୁଣ୍ଡେ ବିଡ଼ିଟାଣି ଭାଉଜକୁ କହିଲା ବିଥିକାର ବା' ଘରଟା ତ ଯୁଟି ପାରୁନି କଣ କରିବା । ବଢ଼ିଲା ଝିଅଟାକୁ କେଇଦିନ ପୋଷିବ । ଭାଉଜ ଗୁଣ୍ ଗୁଣ୍ ହେଲା । ମାଟ୍ରିକ୍‌ଟା ଡେଇଁଚି କେଉଁ ମୂଲ ଲାଗିବ ତମ ସାଂଗରେ ନା ଜମିରେ କାମ କରିବ । ମୁଁ ଶୁଣୁଥିଲିରେ କୋହ ଉଠାଇ ଆସିଲା କେଉଁ କାନ୍ଦି ପାରିଲି ଯେ ! ପାଖ ଘରୁ ଭାଉଜର କୁନି ପୁଅଟା କାନ୍ଦୁଥିଲା ତାକୁ ଉଠାଇ ଆଣି ବୋକ ଦେଲି । କହ କେଉଁ ବାପା କି ମା'ଟା ମୋର ବଂଚିଥିଲା ଯେ ହକ୍‌ରେ ଜମି ଅରାଏ ବିକି ଦେଇଥାନ୍ତା । ତୁ ତ ଜାଣୁ ଜମି ଅରାଏ ଚଷିଲେ ଭାଇ ଚଳିବ ସେଇ ତାର ଭଲ । ହଁ ଭଲ କଣରେ ଚାଷରୁ ମିଳେ କ'ଣ କହିଲୁ ? କେଉଁ ଦିନ ତ ଭାଇ ପ୍ୟାଂଟ ସାର୍ଟ ନୂଆଟାଏ ପିନ୍ଧିବା ଦେଖିନି । ସେଇ ଲୁଂଗି ଆଉ ଗେଂଜି ଖଣ୍ଡେ । କାଇଁ ଦୋଷ ଦେବିରେ ତାକୁ ? ଆଉ ମୁଁ ଏମ୍ତି କେଉଁ ବେଶୀ ପାଠ ଗୁଡ଼ାଏ ପଢ଼ିଥିଲିକି କିଏ ଉଠାଇ ନେଇଥାନ୍ତା ମାଗଣାରେ ? ? ଭାଇ ତ ଦିନକୁ ଦିନ ଦବି ଦବି ଯାଉଥିଲା ଦି'ଟା ଛୁଆର ଝନ୍‌ଝଟ୍‌କୁ ଭାଉଜର ଚବିଶ ଘଂଟା କଟ୍‌କଟ ।

ମାଟ୍ରିକ ପରେ ତ ଘରେ ରହିଲି । ଭାଉଜ ପାଟି କରିଥିଲା ଥାଉ କଲେଜ ନଯାଉ ବିଥି । ଦେଖୁନ କେମ୍ତି ଖୁବ ବେଶୀ ବଢ଼ିଲା ଦିଶୁଚି, କାଇଁ ପଠାଇବା । ଚାରି କି.ମି. ସାଇକେଲ ନେଇ ଯିବ କି ପାଠ ପଢ଼ିବ, ଥାଉ । ମୁ ତ ରହିଗଲିରେ

ଗାଁରେ । ହାଣ୍ଡି ଧୋଇଲି, ରୋଷେଇ କଲି, ଗାଈ ମୁହାଁଇଲି, ଭାଇ ସଂଗେ ଛଣ ବୁହେଇଲି । ତୁ କହ ମୋର ଏ କାଳି ଚେହେରା ତ ଆହୁରି କଳା ହୋଇଗଲା କିଏ ରାଜି ହୋଇଥାନ୍ତାରେ ? କେଉଁ ପୁଳେ ଧନ ଦେଇ ପକାଇଥାନ୍ତା ମୋ ଭାଇଟା । ନା' କାଳି ନଥିଲା ବିଥିକା । ମୁଁ ଜାଣେ କ୍ଷୋଭରେ କହୁଚି ସେ, ଶାବନା ହେଇ ବଡ଼ବଡ଼ ଆଖି ଦୁଇଟା । ହଁ ବଢ଼ିଲା ବୟସରେ ଟିକେ ଅଧିକ ବଢ଼ି ଯାଇଥିଲା ସେଇଟା କ'ଣ ତା'ର ଦୋଷ ?

ହଁ ଶୁଣ, ଭାଉଜର ଭାଇଟା ଆସି ଘରେ ରହିଲା ଖୁଜ୍‌ବୁଜ୍ ହୋଇ ପଛରେ ପଡ଼ିଲା, ଭାଉଜ କହିଲା ବିଥିର ଚରିତ୍ରଟା ଭଲ ନୁହେଁ । ଭାଇ ମୁହଁ ଶୁଖାଇଲା । ମୁଁ କାନ୍ଦି ନଥିଲିରେ ଯା' ଆସିଲା ଭାଷାଅଭାଷା ଶୋଧିଗଲି ଭାଉଜକୁ । ଭାଇ ଖାଇଲାନି ଗୋଟେ ବକ୍ତ, ଅଶାନ୍ତିରେ ରାତିଟା କଟିଲା । ସେଇ ରାତିରେ ଶେଯରୁ ଘୋଷାରୀ ଆଣି ସେ ଟୋକାକୁ ଲଗାଇ ଦେଲି ରାଗରେ ଗୋଟେ ଥାପଡ ପଳେଇଗଲା ସକାଳକୁ । ଭାଉଜ ବିଷ ପିଇବାକୁ ଡରାଇଲା, ଦଉଡ଼ି ଦେବାକୁ ଆମ୍ବଗଛ ପାଖରେ ସଂଜରେ ସକେଇ ହେଲା । ଭାଇ କହିଲା ମୋ ଲାଗି କୁଆଡେ ଅଶାନ୍ତି ଗୋଟେ ଧକ୍‌କା ପକାଇଲା ମୋତେ । ରାଗି ନଥିଲିରେ ଜାଣୁଥିଲି ସେଇ ଭାଇଟା ମୋର ସନ୍ତୁଳି ହେଉଚି ଭଉଣୀ ଆଉ ସ୍ତ୍ରୀର ଅମୁହାଁ ସଂପର୍କର ମଝିରେ । ଖୁବ୍ ବେଶୀ ରାତିରେ ଭାଇ ମୋ ମୁଣ୍ଡ ପାଖରେ ବସି କାନ୍ଦୁଥିଲା ତା' ଲୁହ ପଡ଼ିଲାତ ଜାଣିଲି । ମୋ ମୁଣ୍ଡ ଆଉଁଶି ଦେଲା, କହିଲା ଏତୁଟେରୁ ଏଡ଼େଟେ କଲି କହତ ହାତ ଉଠାଇଥିଲି ? ? କ'ଣ କରିଥାନ୍ତିରେ ସ୍ତ୍ରୀ ପାଖରେ ପରାକ୍ରମ ଦେଖାଇଥିବା ମୋ ଗେହ୍ଲା ଭାଇଟାର କ'ଣ ଦରଦ ନଥିଲା ମୋ ପ୍ରତ । ତୁ କହ ଏଥିରେ କ'ଣ ମୋ ଭାଇଟା ଦୋଷି ? ? ସମୁଦ୍ରର ସେଇ ସୀମାହିନ ପରିସମାପ୍ତିରେ କେଉଁ ମାପି ହୁଏ ଏଡ଼େଟେ ହୃଦୟ ଆଃ ବିଥିକା ! !

ଭାଉଜ ସକେଇ ହେଲା ସକାଳକୁ ମୁ ଯିବି ଭାରି ଗାଁକ ତୁ ତୋ ଭଉଣୀକୁ ନେଇ ଘରକର । ଅଭାଷାରେ ଶୋଧିଲା ଭାଇକୁ, ଛୁଆଟାକୁ ମୋରି ସାମ୍ନାରେ କଚାଡ଼ିଦେଲା । ଭାଇର ରାଗ ପଂଚମକୁ ଉଠିଗଲା, ହାତଟା ଉଠାଇ ଦେଉଦେଉ ଧରିପକାଇଲି । ଭାଉଜ ସାଇ କଂପେଇଲା ସେଇଟା ତୋର ଭଉଣୀ ନା ସ୍ତ୍ରୀ ବେ ବେଧୁଆ ! ! ମୁ ତ ଜଡ଼ ହୋଇଗଲିରେ ମାଟିପରି, ସତରେ ପୁରା ମାଟିପରି ! ! ତା' ଆଖିରେ ଲୁହ ଥିଲା । କେଉଁ ଦେଖିପାରିଲି ଅଁଧାର ଭିତରେ । ଏବେବି ଲୋକ ହାଉଜାଉ ସମୁଦ୍ର ପାଖରେ । ଖୁବ୍ ଗଭୀର ଶୁଭୁଥିଲା ଶବ୍ଦ ସବୁ ଲହଡ଼ିର ଯେମ୍‌ତି ବିଥିକା ସମୁଦ୍ରର କଥାହିଁ କହୁଚି ତା'ର ନୁହେଁ ! !

ଦୁଇ ଚାରିଦିନ ଅଶାନ୍ତି ରୋଷେଇବାସ କେବେ ହେଲେ କେବେ ହେଲା ନାହିଁ । ଭାଉଜ ଜିଦି ଧରିଲା ଏଇ ଘରେ ବିଥି ରହୁ ନହଲେ ମୁଁ । କହବେ ବେଧୁଆ ଭଉଣୀକୁ ନେଇ ଘର କରିବୁ ନା ମୋତେ ନେଇ ! ! ଭାଇର କୋହ ବୁଝିପାରିଲି । ମା ପେଟର ରକ୍ତ, ବୁଝି ନଥାନ୍ତି ତା' ହୃଦୟ ? ? ତୁ କହ ସେଠି କେତେ ନିରିହ ହୋଇ ଯାଇଥିଲା ଭାଇ ? ଛୁଆ ବେଳେ କାଖେଇ ଥିଲା ନିଜେ ନଖାଇ ଖୁଆଇ ଦେଇଥିଲା, ଦୋଳରୁ କେତେ କ'ଣ ଆଣି ଦେଉଥିଲା । ସେ ପିଲାଦିନ ଖୋଜିବି କାହିଁକି ? ? ଅଭାବି ଘର ଏଣେ ଅଶାନ୍ତି । ସାଇପଡ଼ିଶାର ଚୁପ୍‌ଚାପ୍ କଥା ଶୁଣି ହେଲାନି, ଭାବିଲି ପଳେଇବି । ହେଲେ କୁଆଡ଼େ ? ? ପୁଅପିଲା ହୋଇଥିଲେ ଥୁକି ଦେଇ ଆସିଥାନ୍ତି ଭାଉଜ ମୁହଁରେ । ଛିଃ... । ସେ ବିତ ନାରୀଟାଏ କେଉଁ ବୁଝିଲା କୁହ ମୋ କଥା ? ଭାଇ ଚୁଲିମୁଣ୍ଡେ ଗୁମ୍ ଖାଇ ବିଡ଼ିଗୁଡ଼ା ଟାଣିଲା ।

ହେଃ ଶୁଣ୍ ଶୁଣ୍ ଶୁଣୁଚୁତ ? ?

ସମୁଦ୍ର ସେପାଖୁ ଘଡ଼ିମରା ଜହ୍ନ ଉଠି ଆସୁଥିଲା । ହଁ ସେଇ ସଂଜରେ ଦିନାଦାଦା ଆସି ପହଂଚିଲା । ଦିନାଦାଦା ମାନେ ଆମ ସାଇଭାଇର ଦାଦା ଜଣେ, ମୋଠୁ ଚାରିବର୍ଷର ବଡ଼ । ଖାଇବାକୁ ନଥିଲା ଘରେ ବାର ବର୍ଷରୁ ଗାଁ ଛାଡ଼ିଥିଲା ଦେଖାନଥିଲା । ବାପା ମା'ର ମଲା ମୁହଁରେ ବି ନିଆଁ ଟିକେ ଦେଇ ପାରିନଥିଲା ଅଭାଗା । ସେ ସଫା ଧୋତିକୁ ଆଣ୍ଠୁଉପରକୁ ପିନ୍ଧିଥିଲା ଖୋଲା ଦେହ, ସଫା ଧଳା ଗାମୁଛାଟାଏ କାନ୍ଧରେ, ମୁଣ୍ଡରେ ଚିତା ଏଡ଼େଟେ ତିଳକ । ଭାଇ ତା'ଠୁ ବୟସରେ ବଡ଼ହେଲେବି ତା' ଗୋଡ଼ ତଳେ ପଡ଼ି ନେଇ ଆସିଥିଲା ଘରକୁ । ପଚାରିଥିଲା କୁହତ ବାବା ଆମ ଘରେ କ'ଣ ପାଇଁ ଏତେ ଅଶାନ୍ତି ? ? ବାବା ଆଙ୍ଗୁଠି ଉଠାଇଥିଲା ମୋରି ଆଡ଼କୁ । ସେଇ ଝିଅଟା ଅଶାନ୍ତିର ମଂଜି, ହଟା ତାକୁ ନହେଲେ ଭାସି ଯିବୁ । ମୁଁ ମୁକ ହୋଇଗଲି । ଭାଗ୍ୟଟା ମା ପେଟରୁ ଲେଖା ହୋଇଥାଏ ନା ସମାଜ ଲେଖିଦିଏ ରେ ? ଭାଉଜ ହସିଥିଲା ତୁଛାଟାକୁ ସୁକ୍‌ସୁକ୍ ହେଲା । ବାବା କହିଲେ ଏ ଝିଅଟାର ଭାଗ୍ୟରେ ବିବାହ ଯୋଗ ନାସ୍ତି ! ହସ ମାଡ଼ିଲା ପଂଚମ ଡେଇଁ ନଥିବା ଲୋକଟା ମୋ ଭାଗ୍ୟ କହୁଚି ! ! ବାବା ଧ୍ୟାନରେ ବସିଲେ ସଂଜ ଗଡ଼ିଲା ତାଙ୍କ ପାଇଁ ରୋଷେଇ ହେଲା ଶେଯ ତିଆରିଲା ଭାଉଜ ।

ଅଧ ରାତିରେ କେହି ଜଣେ ମୋ ଦେହରେ ହାତ ମାରିବା ଜାଣିଲି । କିଏ ? ସେ ମୋ ପାଟି ଉପରେ ହାତ ରଖିଲା କହିଲା ମୁଁ ଦିନାଦାଦା, ଡର୍‌ନା ଆ ବାରଣ୍ଡାକୁ କଥା ହେବା । ଦିନାଦାଦା ପରି ଲୋକଟା କ'ଣ ଅଁଧାର ରାତିରେ ମୋ ଛାତି ଉପରେ ହାତ ରଖି ପାରେ ? ? ଭାବିଲି ହୋଇଥିବ ଅଁଧାରରେ କେଉଁ ପରଖି ହୁଏ ସଂପର୍କ ? ? ମୁଁ ଉଠି ଆସିଲି ଯେମ୍‌ତି ମେଣ୍ଢାଟାଏ । ସେ ବୋକ ଦେଲା ଯେମ୍‌ତି ଗେହ୍ଲା କରୁଚି, ପୁଣି ଭିଡ଼ି ଧରିଲା ନିବିଡ଼ ଭାବରେ । କହିଲା କାନ୍ଦନା, ଯଦିଚ ମୁଁ କାନ୍ଦୁ ନଥିଲି । ଏଇଟା ସଂପର୍କର କେଉଁ ଭାଷା ମୁଁ ବୁଝି ପାରୁ ନଥିଲି । କହିଲା ଚାଲ୍ ଯିବା ଭା'ରି କଲିକତାରେ ମଠଟାଏ ଅଛି ତୋ ପରି ଅନାଥ ଝିଅ ସବୁ ଆରାମରେ ରହୁଛନ୍ତି । ହେଇ ଦେଖ୍ ଖାଇବାକୁ ପାଉ ନଥିଲି ହାଡ଼ ଚାରିଟା ଥିଲା ଦେହରେ ଆଉ ଏବେ ! ! ସବୁ, ସବୁ ମିଳେ ସେଠି । ସେ ପୁଣି ଭିଡ଼ି ଧରିଲା ମୋତେ । ମୁଁ ଝାଳେଇଗଲି ଚୁପ୍ ରହିଗଲି ସେଇଠି ! ! ସେ ରାତିରେ ଗୋଟେ ପୁରୁଷର ସାନ୍ନିଧ୍ୟ ମୋତେ ବିବସ କରିଦେଲା, ପୁରାପୁରି ବିବସ । ସେଇ ରାତିରେ ଆମେ ଘର ଛାଡ଼ିଲୁ । ଅଣି ନଥିଲିରେ ଖଣ୍ଡେ ଶାଢ଼ୀ କି ଗାମୁଛାଟେ । ପଛରେ ଛାଡ଼ି ଆସିଥିଲି ପିଲାଦିନ, ଛଣ ଘର, ଭାଇ-ଭାଉଜ, ଗାଈ ଗୁହାଳ, ସଜନା ଗଛ, ମାନ-ଅଭିମାନ, ଲୁହ, ସବୁ... ସବୁଠୁ ମୋହ ତୁଟାଇ ଚାଲି ଆସିଥିଲି । ନା' କେବେବି ଫେରିନି ପଛକୁ । ସେ ମୋ କାନ୍ଧରେ ମୁଣ୍ଡରଖି କାନ୍ଦି ପକାଇଲା ଦଲକାଏ ଥଣ୍ଡା ପବନ ମୋତେ ଭିଜାଇ ଦେଲା ଲୁହରେ । ହଁ ରେ ଭାବିବି ନଥିଲି ଭାଇର କୁନି ପୁଅଟା ସକାଳକୁ ମୋତେ ଖୋଜି ପକାଇ ରାହାଧରି କାନ୍ଦିଥିବ ।

ଦିନାଦାଦା ସହ ଗଲି ଭା'ରି ଗୋଟେ ଝୁଙ୍କ୍‌ରେ । କେଜାଣି ସେ ଲୋକଟା ପ୍ରତି ସେଦିନ ଅଁଧାର ରାତିରେ କାଇଁ ଦୂର୍ବଳ ହୋଇ ଯାଇଥିଲି କହିପାରିବିନି । ତୁ ତ ବୁଝୁଥିବୁରେ ଦେହଟାଏ ଥାଏ ତ ମନଟାଏ ବି ଥାଏ । କେଜାଣି ଭୂଲ୍ କଲି କି ଠିକ୍ କଲି କହି ପାରିବିନି ଏତିକି ଜାଣିଲି ଭାଇର ପରିବାରଟା ଭାଂଗି ନଯାଉ । ନା' କେବେବି ଭୂଲ୍‌ରେ ବି ଦିନାଦାଦାକୁ ପଚାରିନି ଘରକଥା ଭାଇ କଥା କି ଗାଁ କଥା । କାଇଁ ସେଗୁଡ଼ ପଚାିଥାନ୍ତି ? କାହା ପାଇଁ ? ? ଯାଇ ନଥିଲି ବି ଗାଁକୁ । ଶୁଣିବାକୁ ଚାହିଁ ନଥିଲିବି ମୋ ପଛରେ କିଏ କ'ଣ କହିଲା ନ କହିଲା । କିଏ କହିଥାନ୍ତା ଯେ ! !

ମୁଁ ପଚାରି ଦେଲି ଆଉ ସେଠି ମଠରେ ? ?

ସେ ଗୁମ୍ ଖାଇଗଲା ଯେମ୍‌ତି ସମୁଦ୍ର ଭିତର ନିଷିଦ୍ଧ କଥା ମୋତେ କହିବାକୁ ଚାହୁଁନି । ହଁ ଗୋଟେ ନିଷିଦ୍ଧ ଜୀବନ ବଂଚୁ ଆମେ, ବାହାର ଦୁନିଆ ଆମ ପାଇଁ ମନା । ବିରାଟ ପାଚେରୀ ଘେରା ମଠ । ମଠରେ ଗାଈଗୁହାଳ, ପରିବା ବଗିଚା, ଗହମ କ୍ଷେତ, ଧାନ କ୍ଷେତ କ'ଣ  ନଥାଏ କି ? ଆଉ ମୁଁ ବୋକି ମଠରେ ଘରଟାଏ ଖୋଜନ୍ତି କାହିଁକି ? ଦିନାଦାଦା ପରି ଆହୁରି ଅନେକ ଅଛନ୍ତି ସେଠି । ସେଇ ମାନେହିଁ ଯୋଗାଡ଼ କରି ଆଣନ୍ତି ମଠର ରୋଜଗାର । ତୁ ଭାବନା ଯେ ଗୋଟେ ମଠ କେବଳ ଦାନ କି ଭିକମଗା ପଇସାରେ ଚାଲେ । ସେଠି ରାତିରେ ଏମ୍‌ତି କିଛି ଘଟେ ତା'ର ଟେର୍‌ବି କିଏ ପାଏନାହିଁ । ହସିଲା ସିଏ, ତୋ ପରି ଲୋକତ ଜମା ନୁହେଁ । ବଡ଼ବଡ଼ ପଇସାବାଲା, ରାଜନେତାଠୁ ସବୁ ବଡ଼ବଡ଼ିଆ ବାବାଙ୍କର ଭକ୍ତ । ବାବା ଧ୍ୟାନରେ ବସନ୍ତି, ନୀତିବାଣୀ ଶୁଣାନ୍ତି, ଆମେ ଶୁଣୁ । ବାବା କୁହନ୍ତି ଦେହରେ ଥାଏ କ'ଣ  ? ? ପୁଳାଏ ବଢ଼ିଲା ମାଂସକୁ ଛାଡ଼ିଲେ ଆଉ ଦେହଟା ଏମ୍‌ତି କ'ଣ କି ? ଧ୍ୟାନ କରିବତ ସବୁ ଜାଣିବ । ଧ୍ୟାନ କରିବା ପାଇଁ ପବିତ୍ର ଆତ୍ମାଟେ ଲୋଡ଼ା ଖୋଲା ଦେହଟେ ଦର୍କାର । ଆମେ ଧ୍ୟାନକରୁ, ପୁରା ବିବସ୍ତ୍ର । ବାବାଙ୍କ ନିର୍ଦ୍ଦେଶରେ ବଡ଼ବଡ଼ିଆଙ୍କ ପାଖରେ ଆମେ ରାତିରାତି ଖୋଲି ହୋଇଯାଉ, ସତରେ ଦେହରେ ଥାଏ କ'ଣ ଯେ ! ! ସକାଳକୁ ବଗିଚା କାମ, ମଠକାମ, ରୋଷେଇବାସ, ପରିବା କଟା, ଗାଈ ଦୁହାଁ, ସବୁ... ସବୁତ କରୁ ଆମେ । ଗୋଟେ ସ୍ତ୍ରୀ ଯାହା ଯାହା କରେ ଘରେ ଆମେ ସବୁ କରୁ, ଫରକ୍ ଏତିକି ରାତିଠୁ ରାତିକୁ କିଏ ଆମର ସ୍ୱାମୀ ଆମେ ଜାଣିନୁ । ସ୍ୱାମୀ ମାନେ ଜାଣୁ ମଠର ମଠାଧିସ ବାବା, ସେଇ ସର୍ବ ଶକ୍ତିମାନ ବ୍ରହ୍ମ ! ! ଦିନା ଦାଦା ବୁଝାଇ ଦେଉଥିଲା । ଦିନାଦାଦା ପାଖରେ ବି କେତେ ରାତି ଖୋଲି ହୋଇ ଯାଇଚି ହିସାବ ରଖିନି । ସେ ନିଷିଦ୍ଧ କଥା କହି ପାରିବିନି, ତୋତେ ତ ଜମା ନୁହେଁ ।

ବର୍ଷର ଗୋଟାଏ ଋତୁରେ ଆମେ ବାହାରି ଆସୁତ ନୁହେଁ ଆମକୁ ଖୋଲା ପୃଥିବୀ ବୁଲାଇ ଅଣାଯାଏ । ପୁରା ଖୋଲା ଛାଡ଼ି ଦିଆଯାଏ ନା କେବେବି କେହି ବାଧା ଦିଏ ନାହିଁ ଏସବୁ ଦିନ । ପୁରୀ, କୋଣାର୍କ, ହରିଦ୍ୱାର ଏମ୍‌ତି ଏମ୍‌ତି କେତେ ଜାଗା ସେସବୁ ନାଁ ମୋର ମନେ ରୁହେ ନାହିଁ । ଏଠୁ ପୁଣି ଆମେ ଚାଲିଯିବୁ ଆଉ କେଉଁ ତୀର୍ଥର ସଂଧାନରେ । ମୁଁ ପଚାରିଲି ଏମ୍‌ତି କେହି କେବେ ଭିଡ଼ରେ ହଜି ଯିବାକୁ ଚାହିଁନି ? ? ହସିଲା ସେ, ଆରେ ବୋକା ପଘା ପକା ଗାଈ, ବଳଦ ଦେଖିଚୁଟି ? ଯେଉଁଠି ଥିବ ଠିକ୍ ସଂଜକୁ ଘରମୁହାଁ । ଆଜି ରାତିରେ ଆମେ ପୁଣି ବାହାରି ଯିବୁ ଆଉ କେଉଁ ତୀର୍ଥର ସଂଧାନରେ । ବାବା

କୁହନ୍ତି ମନ-ଦେହ ପବିତ୍ର ହୋଇଯାଏ ଏ ସବୁ ତୀର୍ଥ ବୁଲି ଆସିଲେ । ମୋତେ ଲାଗେ କେଜାଣି, ସବୁତ ସେମ୍‌ତି ହିଁ ଥାଏ କ'ଣଟେ ବଦଳି ଯାଏ ଯେ ? ? ଏଇ ତୋତେ ଦେଖି ଦେଲିତ କାଇଁ ଖୁବ୍ ଖୁସି ହୋଇଗଲି ବୁଝି ହେଲାନି । ତୋର ମନେ ନାହିଁ ସେ ବାଦାମ କିଆରୀ କଥା ? ? ମୁଁ ଗୁମ୍ ଖାଇଗଲି । ସେଇଠି ତୋତେ କହି ପାରିଥିଲେ କ'ଣ ଭଲ ପାଇ ପାରିଥାନ୍ତୁ ମୋତେ ? ? ସେଠି କ'ଣ ଭଲପାଏ ବୋଲି ଖୋଲି କହିବାର ଥିଲା ? ? ତୁ କ'ଣ ଭଲପାଇ ପାରିଥାନ୍ତୁ ମୋ ପରି ଝିଅକୁ ? ? ସେ ଉଦାସ ହୋଇ ଝୁଙ୍କି ପଡ଼ିଲା ମୋ କାନ୍ଧରେ । ମୁଁ ହାତ ରଖିଲି ତା' ମୁଣ୍ଡରେ । ଏବେ ଆଉ ସେ କଥା କାହିଁକି ବି...ଥି...କା ! !

ହଁ ଶୁଣ୍, ବାବା କହୁଥିଲେ ହେଇ ସେଇଠି ପୁରୀରେ କଳାଠାକୁରଟା ବସିଚି ଗୋଡ଼ହାତ ଭାଙ୍ଗି ହେଲେ ସେ ତ ସବୁ ଦେଖୁଚି । ତୁ କହ କ'ଣ ଦେଖୁଚିରେ ? ? ମଠ, ମହନ୍ତ, ବାବା, ଭଗବାନ ସମସ୍ତଙ୍କୁ ତ ମାନି ଆସିଚୁ । ଯିଏ ଯା' କହିଲା ମାନିଚୁ ପ୍ରତିବାଦ ତ କରିନୁ । ପ୍ରତିବାଦ କରି ଘରକୁ ଫେରି ପୁଣି କାଇଁ ଲିଭିଲା ନିଆଁରେ ଅଂଗାର ହୋଇଥାନ୍ତି । ମୁଁ ଜାଣେ ଭାଇ ଖୋଜିଥିବ ମୋତେ । ତା' ପୁଅଟା କେଇଦିନ ରାହାଧରି କାନ୍ଦିଥିବ । ଏଇଟାବି ଜାଣେ ଭାଉଜବି କେବେ ନା କେବେ ଲୁହ ପୋଛିଥିବ କାନିରେ । ସେମାନେ ମଣିଷରେ ଭଗବାନ ତ ନୁହନ୍ତି । ଆଠଟା ବର୍ଷ ଭାଉଜ ସାଂଗରେ ରହିଥିଲି । ମୁଁ ତ ମଣିଷଙ୍କ ଭିତରେ ରହିବାକୁ ଚାହିଁଥିଲି ଭଗବାନଙ୍କ ଗହଳିରେ ନୁହେଁରେ ।

ମଠରେ ତ କାମରୁ ଫୁର୍ସତ ମିଳେ ନାହିଁ । ବାବା କୁହନ୍ତି କାମ ନକଲେ ସୈତାନ ବସା ବାନ୍ଧିବ ଦିମାଗ ଆଉ ଦିଲ୍‌ରେ । ହଁ ସତରେ ତୋ କଥାତ ଜମାରୁ ମୋର ମନେ ନଥିଲା, ସତ କହୁଚି । ଏଇଠି ତୋତେ ଦେଖିଲା ପରେ କେମିତି ଗୋଟେ ଖୁବ୍ ପଛକୁ ଫେରିଗଲି ବୁଝି ହେଲାନି । ଏତେ ବର୍ଷ ପରେ ବି ତୁ ସେମ୍‌ତି ତୋଫା, ସେମ୍‌ତି ଗମ୍ଭିର ଲାଗୁଚୁ । ହଁ ତୋ କଥା କିଛିବି ପଚାରିବି ନାହିଁ । ପଚାରିବି ନାହିଁ ତୋ ଚାକିରୀ, ପିଲାପିଲି, ସ୍ତ୍ରୀ, ଘରଦ୍ୱାର କଥା । ସେଥିରୁ ମୁଁ ପାଇବି କ'ଣ ? ? ମୁଁ ଜାଣୁଚି ତୋ ରାସ୍ତା ସମୁଦ୍ରର ସେପଟୁ ଆରମ୍ଭ ଖାଲି ଭେଟିବାଟା ଗୋଟେ ଅପ୍ରତ୍ୟାଶିତ । ଭାବିବୁ ନାହିଁ ତୋତେ ଭେଟିଦେଲି ବୋଲି ଦୂର୍ବଳ ହୋଇଗଲି । ସେ ଦୂର୍ବଳତାଟା ମୋର ମରି ସାରିଚି ଅନେକ ଦିନୁ । ଥାଉ ସେ ପୁରୁଣା ଘଟଣାଟା ପୁରା ସେଇଠି ସେମ୍‌ତି କେବଳ ତାଜା ସ୍ମୃତି ହୋଇ ଥାଉ । ଥାଉ ସେଇ ବାଦାମ କିଆରୀ ଭିତରେ । ଦଶବର୍ଷ ତଳକୁ କେଉଁ ଫେରି ଯାଇ ହୁଏକି ? ? ଏଇଠୁ ବାଟ ଭାଙ୍ଗିଯିବା ତୁ ବି ଆଉ ମୁଁ ବି ! !

ହେଇ ଦେଖ୍ ଦିନାଦାଦା ସେଇ ଷ୍ଟ୍ରିଟ୍ ଲାଇଟ୍ ପାଖରେ, ମୁଁ ଯାଉଚିରେ । ସବୁ ଝିଅ ଗାଧୋଇବାକୁ ଆସିଥିଲେ । ବାବା କହିଥିଲେ ସମୁଦ୍ରରେ ଗାଧୋଇ ପଡ଼ିଲେ କୁଆଡ଼େ ଶରୀରଟା ପବିତ୍ର ହୋଇଯାଏ । ହସିଲା ସିଏ । ହଁ କେଉଁଟା ପାପ କେଉଁଟା ପୂଣ୍ୟ ସେ ବିଚାର କରିବାର ନାହିଁ ମୋର । ଘର ଛାଡ଼ିଲା ପରେ ମଥା ଉପରେ ମଥାନଟେ ଅଛି, ଭାଇ ଭାଉଜ ପୁତୁରା ପରେବି ସେଇଠି କେଉଁଠି ପରସ୍ପର ପ୍ରତି ସଂପର୍କଟେ ଅଛି । ଅଛିରେ ମାଟିରୁ ଅରାଏ, ଦମ୍ଭରେ ଠିଆ ହେବା ପାଇଁ । କୁହ ଆଉ କ'ଣ ଦର୍କାର ? ? ପେଟ ପାଇଁ ଦେହ ପାଇଁ ସବୁ ମିଳୁଚି । ଆଉ କ'ଣ ଖୋଜନ୍ତି ? ? ରହିଲିରେ, ଆଉ କେଉଁ ଦେଖା ହେବ ତୋ ସାଂଗରେ କେଜାଣି ? ? ତୁ ବି ବୟସ୍କ ହେଲୁଣି ଆଉ କେଉଁ ଖୋଜୁଥିବୁ କି ମାମୁଘର ? ? ହଁ ଦୁଃଖ ମୋର ଏଇଟାରେ ଲୁହ ନଥାଏ ସେଠି । ଆଉ ସେଇ ଲୁହ ଟୋପାରେ ତ ଜୀବନ ଥାଏ ସେଇଟା ହିଁ ଅବଶୋଷ ! ! ହେଇ ଦେଖ୍ ତୋତେ ପାଇଲି ତ କାନ୍ଦି ପାରିଲି । କମ୍ ଖୁସି ନୁହେଁରେ ମୁଁ ! ! ସେ ଚାଲିଗଲା । ଜହ୍ନ ସମୁଦ୍ରରୁ ଆକାଶ ମୁହାଁ । ମୋ ପାଟିରୁ ଅଜଣାରେ ବାହାରିଗଲା ବି...ଥି... କା... ! !

ସ୍ତ୍ରୀ ଫୋନ୍ କଲା, କ'ଣ ତମର ମୋବାଇଲ ସୁଇଚ୍‌ଅଫ୍ ବତଉଥିଲା ? ? କ'ଣ ମିଟିଙ୍ଗ୍ ସରିନି ? ? ଆଜି ଫେରୁନ କି ? ? କି' ସମୁଦ୍ର ପାଖରେ ଗପର କେଉଁ ଚରିତ୍ର ପାଖରେ ହଜିଚ ଘର କଥା ମନେ ନାହିଁ । ମୁଁ କହିଲି ନା, ଆଜିତ ମୁଁ କେବଳ ଗପଟିଏ ଶୁଣୁଥିଲି । ସମୁଦ୍ରର ଗପ ! !


ଜୁନାଗଡ଼, କଳାହାଣ୍ଡି-୭୬୬୦୧୪
ମୋ-୯୪୩୭୩୨୮୭୫୮

■■■

# ପଦ୍ୟ ବିଭାଗ



# ରେଖା ଓ ଲେଖା


ସଖା
ହେଉ ପାରୁଲା ଦିନରୁ
ପିଲାଟି ଯେ ଆକାଶକୁ ଭଲପାଏ
ଏକଥା କାହାକୁ ଅଛପା ନଥିଲା
ସେ ଜାଣେ
ଏଇଟାରୁ ସବୁ କିଛି
ଯାହା ତୁମେ ଭାବିପାର
ନଭାବି ବି ପାର ।
ହସ କାନ୍ଦ ରାଗ ରୁଷା
ମାନ ଅଭିମାନ
ବାଣ୍ଟିଥାଏ ବେଳ ଅବେଳରେ
ତା' ଆରି ସାଙ୍ଗରେ
ପୁଣି ଯେବେ କୋହ ସବୁ
ସମୁଦ୍ରର ଢେଉ ପରି
ଛାତି ଚିରି ଭେଦି ଭେଦି ଆସେ
ଉକୁଟି ପଡ଼ୁଥିବା ଶବ୍ଦ ସବୁ
ତଣ୍ଟିରେ ଲାଗେ
କଲବଲ କରେ ।
ଏଇଯେ ଦିଶଇ
ଆକାଶ ବୁକୁରେ ମାଳମାଳ ବାଦଲଙ୍କ ପଟୁଆର
ସେସବୁ ତ ସମାହାର
ଲୁହ କୋହ ତତଲା ନିଃଶ୍ୱାସର
ତଥାପି
ଭାଷାହୀନ ଶୂନ୍ୟ ଶୁହୁଁଣୀରେ
ଯୋଜନ ଯୋଜନ ଲମ୍ବିଥାଏ
ଦୃଷ୍ଟି ପିଲାଟିର ।
ଉଁ ହୁଁ କହେଲେ ବି
ଜାଣେ
ସଖା ତାରୁ ପଢ଼ିନେବ
ନୀରବ ସଂଳାପ
ଖୋଜିନେବ
ସାଇତା ପୁଟୁଳିରୁ
ଗୁମୁରି ଗୁମୁରି ବିଳପୁଥିବା
ଅର୍ପିତ କାକୁସ୍ତି
ଛୋଟ ଛୋଟ ଇଚ୍ଛାରୁ କଉଡ଼ି ମାନଙ୍କୁ ॥



# ନୂଆଁଖାଇ

**ଅଞ୍ଜଳି ଆଚାର୍ଯ୍ୟ**



ଗଣପର୍ବ ନୂଆଁଖାଇ ର
ମହମହ ବାସ ଚହଟୁଥିଲା
ଚାରିଆଡ଼େ ।
ମଲ୍ଲି,ହେନା, ଜୁଇ ର ବାସ ବି
ଫିକା ପଡୁଥିଲା ସେଇ ସୁଗନ୍ଧ ଠୁ ।
ଆକାଶର ତାରା ଗଣ
ପୂର୍ବ ପିଢ଼ି ର ଆଖି ପରି
ଆଶୀର୍ବାଦ ର ହାତଟା ସଦା ବେଳେ ।
ବାପା ମା'ଙ୍କ ସ୍ମୃତି ଉଭାସିତ ହେଉଥିଲା
ମନର ଭିତରେ ଭିତରେ ।
ଆତ୍ମା ମାତ୍ମା ମନଟା ଖୋଜୁଥିଲା
ପୂର୍ବ ପିଢ଼ି ର ସେଇ ତାଜା ସ୍ମୃତିଗୁଡ଼ିକୁ ।
ସେମାନେ ଆଜି ତାରା ଗଣରେ ।
ଦେରାଣି ଜେଠାଣି ମେଳରେ
ଆମେ ସବୁ ।
ଖିଲି ଖିଲି ହସରେ
ଭିଜୁ ଥିଲା ଗାଁ ଦାଣ୍ଡ
ମୁଣ୍ଡିଆ ମରା ପର୍ବ ଟା ଥିଲା ନିଆରା ,
ଓଢ଼ଣା ଭିତରୁ ସ୍ମିତହାସ୍ୟ ର ଝରା
ଗୋଲାପ ଫୁଲ ପରି ମହକୁ ଥିଲା ।
ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଗୋଡ଼ ଛୁଇଁ
ମୁଣ୍ଡିଆ ମାରିବା ଥିଲା
ନୂଆଁ ଖାଇର ଅଂଶ ।

ସତୁରୀ ବର୍ଷ ର ପୀଉସି ଶାଶୁଙ୍କ
କଥାଟି ମନରେ ଗାର ଟାଣେ
"ମୁଁ ଗୋ ସକାଳୁ ଏଠି ବସିଛି
ତୁମେ ସବୁ ଆସିବ ବୋଲି ।"
ଏଇ ଟିକକ ସ୍ମୃତି କୁ ଧରି
ବର୍ଷେ ଗଡିବ ।
ନୂଆଁଖାଇ ସରିଲେ ତ
ଯେ ଯାହା ଘରେ ।
ରସର କେଲି ମାଏଲା ଜଡ ସଙ୍ଗେ
ସବୁ ପରିବାରରେ ଆନନ୍ଦ ।
ଦେରାଣି ଜେଠାଣି ପିଲାମାନେ
ଘର ଦାଣ୍ଡ ଦୁଆରେ ଦିଅର ମାନଙ୍କ
ଚିଡ଼େଇବା ଚିଡିବା ।
ପିଲାଙ୍କ ହସ ହା ହା .......
ହେ ମା ସମଲେଇ
ଏ ମାଟିର ଲୋକ ସବୁଦିନ
ମହକୁ ଥାଆନ୍ତୁ।
ନୂଆଁଖାଇ ସଙ୍ଗେ ସଭିଏଁ
ହସୁଥାନ୍ତୁ ।

**ପ୍ରାଚୀ ଏନ୍‌କ୍ଲେଭ୍, ଚନ୍ଦ୍ରଶେଖରପୁର୍,**
**ଭୁବନେଶ୍ୱର୍**
**ମୋ : ୭୮୯୪୨ ୩୫୪୦୦**





# କବିପ୍ରିୟା-୪

ବସନ୍ତ ମାଝୀ



ଆସ ଆମେ ଗାଧୋଇବା ପ୍ରୀତିପର୍ଣ୍ଣା ମହାନଦୀ ଜଳେ
ଲହଲହ କାମନାର କଳ୍ପନା ଓ ବାସ୍ତବତାର ଅଚିହ୍ନା ତୁଠରେ
ସ୍ମୃତିର ଶାମୁକା ମାଳ ଦେବା ଉପହାରେ ସୁନାର ସକାଳେ
ହୃଦୟ ରୁ ହୃଦୟ ଶାଶ୍ୱତ ସୀମାହୀନ ଆନନ୍ଦ ମଠରେ ।।

ତୋର ମୋର ସ୍ଥିତି ଏଠି ପ୍ରଣୟର ସକାଳ ଖବର
ଆମ ମନ ମନ୍ଦିର, ମସଜିଦ , ଗୀର୍ଜା, ଗୁରୁଦ୍ୱାର
ପ୍ରୀତି ତ ସବୁକାଳେ ମକରନ୍ଦ ଆଶାର ଘୁଙ୍ଗୁର
ସତ୍ୟନିଷ୍ଠ ହୃଦ ଆମ ରୁଜି ଦେବ ନିରାଶା ପ୍ରାଚୀର ।।

ମୁକ୍ତିକାମୀ ମନ ଆମ ଭେଟିବାକୁ ଚାହେଁ ପରୀକ୍ଷା କଠିନ
ଅତୃପ୍ତ ମେଦିନୀ ଲିଭାଏନା କେବେ ଆଦିମ କଥନ
ଚାଲ ଦୁହେଁ  ସ୍ୱପ୍ନ ହେବା, ହେବା ପୁଣି ସତ୍ୟର ସୋପାନ
ଅବିନାଶୀ ସ୍ରଷ୍ଟା ମନେ ଗାଇ ଦେବା ମୁକ୍ତିର ମିଳନ ।।



ଜୀବନ ତୃଷ୍ଣାର କଣ୍ଠେ ସମର୍ପିବା ମାନବୀୟ ସଞ୍ଜିବନୀ
ପଥରରେ ବନ୍ଦୀ ହୋଇ ଆଉ ଅହଲ୍ୟା ହୁଅନି ପାଷାଣୀ
ଆମେ ତ 'ଆଦାମ' 'ଇଭ' ନବକଳ୍ପ ଶାଶ୍ୱତ ବର୍ଣ୍ଣାଳି
ରୂକ୍ଷ ଦେହେ ପ୍ରେମର ଫସଲେ ଜୀବନ ପ୍ଲାବନୀ ।।

ଆବେଗର ବଖରାରେ ତାରାଭରା ଅମାବାସ୍ୟା ରାତି
ଜୀବନ ଜୀବନର ଅଙ୍କଫଳ ଫଳ ଅଟେ ମଧୁ ପ୍ରୀତି
ପାସୋରିବା ପ୍ରତାରଣା ଛଳନାର ସବୁ ଭେଦଭାବ ରୀତି
ପ୍ରଣୟର ମେଖଳାରେ ଆତ୍ମହରା ମନ ର ଚିତ୍ର ପ୍ରଜାପତି ।।

ପ୍ରେମ ଠାରୁ ଅବିଭକ୍ତ ଉଦଗରିତ ଲାଭା ହିଁ ଯୌବନ
ଫୁଲ ପାଖୁଡା ସହେନା କେବେ ବିଷର ଚୁମ୍ବନ
ଲୋଡାନାହିଁ ଅବସୋସ ମହକହୀନର ବନ୍ଧନ
କବିପ୍ରିୟା !
ତୁମ ଓଠ ଚାବିରେ ଖୋଲୁ ଛଳ ଛଳ ଛବିଳ ପ୍ରାଣ ।।

ଏମ୍. ଆଇ. ଜି.(୧) ୧୯/୨ ,ହାଉସିଂ ବୋର୍ଡ କଲୋନୀ, ଚନ୍ଦ୍ରେ-
ଶଖରପୁର,, ଭୁବନେଶ୍ୱର -୭୫୧୦୦୨
ମୋ :୯୪୩୭୧୧୯୯୧୧

# କାହାଣୀ ପରି କିଛି ସ୍ୱାଧୀନତା

ପ୍ରଫେସର ବୀଣାପାଣି ତ୍ରିପାଠୀ



ଟବ୍ ଟବ୍ ଫୁଟୁଥିଲା ଭାତ ଚୁଲ୍ଲୀ ରେ
ଉତୁରି ପଡୁଥିଲା କିଛି
ଡେକଚିର ଘୋଡ଼ଣି ଠେଲି
ଉତୁରି ଆସୁଥିଲା ମନ
ଠେଲା ପେଲା ଅସଂଖ୍ୟ ଭାବନା ରେ
କୋହ ରେ
ବତୁରି ଯାଉଥିଲା ସେ ନିଜ ଭିତରେ

ସିଲିଭର ବାସନ ସବୁ ଚିକ ଚିକ ହେବା ଜରୁରୀ
ଶାଶୁ କହିଗଲେ
ମନ ଭିତରେ ଗୁଡ଼ାଏ ଅଳିଆ ରଖି
ମଣିଷ ଟା ଭିତରେ ମେଞ୍ଚା ମେଞ୍ଚା  କଳା ଅସନା ରଖି
ବାହାରକୁ ଚିକ ମିକ କାହିଁକି ହେବ
ମାଜୁ ଥିଲା ସେ ନିଜକୁ ଓ ବାସନ କୁ ଏକାଠି ରଖି

ଗଲାସନ ପୁଅର ଖାତାରୁ ବଳକା ଫର୍ଦ୍ଦ ଚିରି
ଖାତା ଟିଏ କରିଥିଲା ସେ
ଝୋଟି ଆଙ୍କିବା ପରି ଖୁବ ଯତ୍ନ ରେ ମଲାଟରେ ଲେଖିଥିଲା
“କବିତା’

ନହୁଲି ପ୍ରଥମ ପ୍ରେମ ପରି
ସାତ ତାଳ ପାଣି ସାତ ତାଳ ପଙ୍କ ରେ
ଅତଳ ତଳେ  ପେଡିରେ ଲୁଚେଇ ରଖିଥିଲା

ନିଷିଦ୍ଧ ପାପ ପରି
ଅନ୍ଧାର ରେ ଲୁଚେଇ ଲେଖୁଥିଲା ଅକ୍ଷର ଓ ଶବ୍ଦଙ୍କୁ ଓ ନିଜକୁ

କେଉଁ ଫର୍ଦ୍ଦ ରେ ଝରୁଥିଲା ଅମାନିଆ ବର୍ଷା
କେଉଁଠି  ଲୁହ ମାନେ ପିନ୍ଧୁଥିଲେ ପାଉଁଜି
କେଉଁ ଫର୍ଦ୍ଦ ରେ ସେ ହେଉଥିଲା ଅଳସୀ
କାଖରେ କଳସୀ
ଖୁବ ଲାଜ ଓ ପ୍ରେମ କରୁଥିଲା
ପକ୍ଷୀରାଜ ଚଢି ଆସିବାକୁ
କହିଥିବା ରାଜପୁତ୍ର କୁ
କେଉଁ ପୃଷ୍ଠା ରେ ଫୁଟୁଥିଲା ଅସଂଖ୍ୟ ଫୁଲ
ନିଗିଡି ପଡୁଥିଲା ମହୁ
ଭଅଁର ଛୁଉଁଛୁଉଁ

ଖାତା ରୁ ମୁହଁ କାଢୁଥିଲା ସେ
ସିଝଉ ଥିଲା ପରିବାକୁ କମ ନିଜକୁ ବେଶି
ରୁଟି ବଦଳ ରେ କରୁଥିଲା ମାନଚିତ୍ର
ଦେଶ ର ଓ ସ୍ୱାଧୀନତା ର
କରେଇ ତଳେ ପୋଡି ଯାଉଥିଲା  କେବେ ଡାଲି
ତ କେବେ ଭାଗ୍ୟ ବୋଲି କିଛି

ପଚାରୁଥିଲା ନିଜକୁ ଅଦୃଷ୍ଟ କୁ
କାହିଁକି ଏ ଜନ୍ମ ?
କେହିଜଣେ  ଉତ୍ତର ରଖୁଥିଲା
ଗେରସ୍ତ ର ପେଟ ଆଉ ଦେହ ର ଭୋକ ମାରିବାକୁ

ଏଇ ସେଇ ଦିନ
ପତାକା ଉଡେଇବାର ଦିନ
ତୁଣରେ  ପଡିଗଲା ଟିକେ ଅଧିକ ଲୁଣ
ନିଆଁ ଲାଗିଗଲା ଦୁଇଟା ରୁଟି
ନିଆଁ ଲାଗିଗଲା ଗେରସ୍ତ ଦେହ ରେ

ଯାଜ୍ଞସେନୀ ଙ୍କୁ  ସଭାସ୍ଥଳ କୁ ଘୋଷାରି ଆଣିବା ପ୍ରାୟ
ଜିଘାସି ଆଣିଲା ସେ ଫୁଲଫୁଟା
କବିତା ର ଖାତା

ଅଗଣା ରେ ହୁତ ହୁତ ଜଳୁଥିଲା ତା ସ୍ୱପ୍ନ
କଇଁ କଇଁ କାନ୍ଦୁଥିଲେ
କବିତା
ଓ ପଞ୍ଚସ୍ତରୀ ବର୍ଷର ସ୍ୱାଧୀନତା
ଶୂନ୍ୟ କୁ ଚାହିଁଥିଲା
ହାତରେ ଉଡୁଥିଲା ଫର ଫର ପତାକା....



ମଧୁବନ, ଢେଙ୍କାନାଳ

# ଏକାନ୍ତରେ

ମଞ୍ଜୁଲତା ସିଂ



କେବେ କେବେ ଖୁବ ଏକାନ୍ତରେ...
ମୁଁ ଭେଟେ ନିଜକୁ..
ସେଠି ଥାଏ...
ମୁଣ୍ଡ ଉପରେ ନିର୍ବାକ ଆକାଶ..
ନିଥର ନୀରବତାର ନଈ ତୁଠ..
ନିଶ୍ଚୁପ ଠିଆ ହୋଇଥିବା
ଧାଡି ଧାଡି ଗଛବୃଛ..
ଯେଉଁଠି ମୋ ବିଶ୍ୱାସ ମାନେ ବିଞ୍ଛି ହୋଇ ପଡି ଥାଆନ୍ତି
କେରି କେରି ଛାଇ ହୋଇ..
ଯେଉଁଠି ଜୀବନ ଭଗ୍ନାଂଶର କାହାଣୀ
ସ୍ୱାର୍ଥର ଧୂମିଳ ଧୂଆଁରେ ଖୁବ ଆକ୍ତାମାକ୍ତା..
ଘୃଣ୍ୟ ପ୍ରତାରଣାରେ ଓଦା ଓଦା
ଥାକ ଥାକ ଗୋଲାପି ସ୍ୱପ୍ନର ସ୍ତବକ..
ପୁଞ୍ଜାଏ ତାରା ଫୁଲର ଅସ୍ୱଷ୍ଟ ରୂପାର ରୋଷଣୀ..
ସେଇଠି ଶୁଭୁଥାଏ..
ଟପ ଟପ ନିଗିଡା ଲୁହର
ନିଃଶବ୍ଦ ରାଗିଣୀ..
ଯାହା ଖାଲି ଭାଙ୍ଗୁଥାଏ
ଏକ ନୀରବତାର ନିବିଡ଼ ପଣକୁ..
ଯେଉଁଠି ହଜିଥାଏ ଏକ ଇପ୍ସିତ ଜହ୍ନ ରାତିର ଅନେକ ନୀରବ
ଆଳାପ..
ସ୍ପନ୍ଦିତ ଛାତି ତଳେ
ଚାପା କୋହର ଅସ୍ୱଷ୍ଟ ଗୁଞ୍ଜରଣ...
ପାପୁଲିଏ ଭଙ୍ଗା ମନର ଟୁକୁଡ଼ାରେ ଦିଶୁଥାଏ
ବିମ୍ବିତ ଜୀବନର ଜଳଛବି..
ଖୁବ ଶୁଭେ.. କ୍ଷତାକ୍ତ ହୃଦୟର ବେଦନାକ୍ତ ବିଳାପ..
ବହୁବାର.. ସେଇଠି ଭେଟେ ମୁଁ ନିଜକୁ
ଯେଉଁଠି ସଜେଇ ହେଉଥାଏ..
ଅନେକ ବ୍ୟଥାର ନିସ୍ତବ୍ଧ
ଏକ ନୀଳ ଜହ୍ନର ରାତି।



ବାଙ୍ଗାଲୋର

# ପାପ- ପୁଣ୍ୟ

ଯଜ୍ଞଦତ୍ତ ସାମନ୍ତରାୟ





ମୁଁ ଜାଣିନି
ପାପ- ପୁଣ୍ୟ କ'ଣ !
ହଁ, ଏତିକି ଜାଣିଛି
ଯେଉଁ କାମ
କାହାକୁ ଆଘାତ ଦିଏ
ତାହା ପାପ,
ଆଉ କାହା ମୁହଁରେ
ହସ ଫୁଟିଲେ
ତାହା ପୁଣ୍ୟ ।

ସମ୍ପାଦକ, ଗୁଞ୍ଜନ
କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ - ୯୩୩୭୪୪୪୯୨୪



# ପ୍ରେମ

ରଶ୍ମିମୟୀ ପତି

ନିଶାର୍ଦ୍ଧ ରେ ଗୁଞ୍ଜରିତ
ଶବ୍ଦ ରେ  ତରଙ୍ଗାୟିତ
ହାତ ରେ ମୋର ଲେଖନୀ
ଲେଖୁଛି ପ୍ରୀତି ସଙ୍ଗୀତ।।।
ଉଡାଉଛି ଫର୍ଦ୍ଦ ଫର୍ଦ୍ଦ
ମନ ଟା ମୋ ରଙ୍ଗାୟିତ
ଅୟୁତ ସ୍ୱପ୍ନ ପୁଲକ
ପ୍ରେମ ହିଁ ଚିର ଶାଶ୍ୱତ।।।
ଲକ୍ଷେ କଦମ୍ବ ମହକ
ମନ ର ଜମୁନା ତୀରେ
ପ୍ରେମ ର ବଂଶୀ ଗୁଞ୍ଜନ
ଶୁଭୁଚି ହୃଦ କାନ୍ଥ ରେ।।।।
ଅଧା ଲେଖା ପ୍ରେମ ପଙ୍କ୍ତି
ତୁମେ ଆଗ ଧାଡି ତାର
ରଙ୍ଗାୟିତ ଲେଖନୀ ମୋ
ଶେଷ ଧାଡି ମୁଁ ପଙ୍କ୍ତି ର।।।
ପ୍ରେମ ରାସ୍ତା ନିଛାଟିଆ
କେବଳ ପଥିକ ଦୁଇ
ପ୍ରେମ ର ଏ ମୂଳମନ୍ତ୍ର
ଜଣେ ବଞ୍ଚେ ଆନ ପାଇଁ।।



ପ୍ଲଟ ନମ୍ବର - 709, ଝାରପଡା,
ଭୁବନେଶ୍ୱର

# ଦେଶ ବୋଇଲେ

ସତ୍ୟନାରାୟଣ ଗନ୍ତାୟତ



ହଁ,
ଏଣିକି ଦେଶ ବୋଇଲେ
ମୁଠାଏ ମାଟି ଇ
ଦେଶ ବୋଇଲେ
ହୁଏତ ପାଣି ପୋଷେ
ଦେଶ ବୋଇଲେ
ପବନ ଟିକକ ବି !
ପଚାରି ପାର
ଯେଉଁ ମଣିଷ ମାନଙ୍କୁ
ଏ ମାଟି କୋଳେଇ ଆସିଚି
ପାଣି ଓ ପବନ ଦେଇ
ଜୀଆଇ ରଖିଚି
ସେମାନେ ?
ଜାଣ ଯେ
ସେମାନେ ଏଇନେ
ତୁଚ୍ଛା ଶାସିତ !



ଏମିତିରେ
ମାଟି ପାଣି ଓ ପବନ ସହ
ସବୁ କିଛି ଯଦିଓ ସେମାନଙ୍କର
ତଥାପି କୋଉ ଛଟକରେ
ସେମାନଙ୍କୁ ମୃଗୀ ବନାଇ ନେଇ
ନଚାଉ ଥାଏ
ବଣିକର ବଜାର
ତା ସର୍ବଗ୍ରାସୀ ଆଁ ଭିତରେ
ସବୁକିଛି ହରଦମ୍ ଗିଳି ଚାଲିଥାଏ
ଏବଂ ଧରିଥାଏ
ଆପେ ଆପେ ଆସି
ତା ହାତରେ
ଆପଣାକୁ ଧରା ଦେଉଥିବା
ଶାସନର ଡୋର !
ଦେଶ ବୋଇଲେ
ଏଇନେ ଇଲାକାଟେ
ଉଠାପକା ବେଉସାର
ଯେଉଁଠି ବେଳୁବେଳ
କଷା ଚାଲିଥାଏ
ମାଟି ଆଉ ମଣିଷଙ୍କ ଦର !!

"ସୁହାସିତମ୍", କସ୍ତୁରୀ ନଗର, ରାୟଗଡ଼ା-୭୬୫୦୦୧
ମୋ - ୯୪୩୭୯୦୯୬୭୫

# ଚିତାଭସ୍ମ



ମୀନକେତନ ପଶାୟତ

ତୁମ କଂସାର
ମୁଠାଏ ପଖାଳ ହେଉ
କି ରୁପାଥାଳୀ ର ମହମହ
ସବୁଠି ତ ଅଛି
କାଦୁଅ ସରସର
ସେଇ ହାତର ସ୍ୱାକ୍ଷର ।

ସେ ତ ମାଟିର ମଣିଷ
ଭୂଇଁରେ ଜନମ
ମରଣ ବି ଭୂଇଁରେ
କାହାର ଦିହ ନ ଚୁମିବ ଯେ
ଏ ମାଟିକୁ ଦିନେ
ଏ କଥା କଣ ସେ ଜାଣିନି ।

ହେଲେ ବି ତ ସିଏ
ମାଟିକୁ ବିଦାରେ
ଲଥପଥ ହୁଏ କାଦୁଅରେ
ଉଧାରି ବିହନ ହେଉ
କି ସଞ୍ଚିତ ଧନ
ଲହୁ ଲୁହ କୁ ଏକାଠି କରି
ବୁଣି ଦିଏ ମାଟିର କୋଳରେ
ଜାତିର ପେଟକୁ ଭରି
ଫୁଟାଇବାକୁ ଟେନାଏ ହସ
ମା ' ର ଓଠରେ ।

ଆଉ କେଇ ଦିନେ ଯୁଆନ ହେବ
ତାର ପୁଅ ।

ଇଏ କଣ
ଚକଡା ଲେଡା ପୋକ
ମରୁଡି ଅଦିନିଆ ବର୍ଷା
ସମସ୍ତେ ବସିଛନ୍ତି ମିତ
ଆଉ କ୍ଷେତରେ ପଡ଼ିଛି
ଭାତ ଥାଳି ର ଶବ ।

ହାଡୁ ବରର୍ଗୀ ହେଉ କି ବୃନ୍ଦା ସାହୁ
ତାର ଜୀବନ ହାରିବା ଦୃଶ୍ୟ
ହଜୁରଙ୍କ ଆଖିରେ ତ
ପରକୀୟା ପ୍ରୀତି କି ପାରିବାରିକ କଳହ ।

ସେ ତ ଖୁବ୍ ଭଲ ପାଏ ତା କନିଆ କୁ
ସୁଲକ୍ଷଣୀ ଟିଏ
ପରକୀୟା କଣ ଜାଣେ ନି
କି ନାହିଁ କାହା ସଙ୍ଗେ ଝଗଡ଼ା ଝାଟି
ହେଜିବ ହଜୁରେ !
କ୍ଷେତରେ ପଡ଼ିଛି ଯେଉଁ ମୁରଦାର
ସେଇଟା ନୁହେଁ କି
ଗୋଟେ ଅପାରଗ ଶାସନର ଅହଙ୍କାର
ପୁଅର କାନ୍ଧରେ ଝୁଲୁଛି
ଯେଉଁ ଗୁସିଆଁର ନିର୍ଜୀବ ଶରୀର
ସେଇଟା ନୁହେଁ କି
ଗୋଟିଏ ଉଜୁଡ଼ା ବେବସ୍ଥା ର ପ୍ରତିରୂପ ।

ପାରିବ ତ ହଜୁରେ
ବିଞ୍ଛିଦିଅ ତାର ଚିତାଭସ୍ମ
ସେଇ ପବିତ୍ର ମାଟିରେ
ଯେଉଁଠି ଉପୁଜାଏ
ସେ ସୁନାର ଫସଲ
ନ ହେଲେ
ଭସ୍ମର ଜରାୟୁରେ ସଞ୍ଚରି ଯିବ
ସ୍ଫୁଲିଙ୍ଗର ଭ୍ରୂଣଟିଏ
ଯୋଉଠୁ ଜନ୍ମ ନେବ
ସହସ୍ର ଯୁଦ୍ଧର
ସାମର୍ଥ୍ୟ କମାଣଟିଏ ।

କ୍ୱାଟର୍ ନଂ – ଏଫ୍/ଏଲ୍- ୧୧,
ବାସନ୍ତୀ ନଗର, ରାଉରକେଲା-୧୨
ମୋ-୯୯୩୭୮୭୭୫୨୯

# ଜୀବନ ଯନ୍ତ୍ରଣାର ଅନ୍ତଃସ୍ୱର

ମାନଗୋବିନ୍ଦ ବାରିକ



ବିଶ୍ୱ ମାନବର  ଜୀବନ ଯନ୍ତ୍ରଣା
ଅନ୍ତଃର୍ଦାହ ଆର୍ତ୍ତନାଦ,
ଭୂମା-ଭୂଗୋଳରେ ଆନ୍ଦୋଳିତ ଆଜି
ନିଷ୍ଠୁର ମାନବବାଦ।

ଭ୍ରଷ୍ଟ ପ୍ରବଂଚକ  ନଷ୍ଟ ଆଦର୍ଶରେ
ଅତିଷ୍ଠ ମାନବ ସତ୍ତା,
ଦୁଷ୍ଟ ରାବଣଙ୍କ  ତୁଷ୍ଟ ପ୍ରତିଶୃତି
ପ୍ରବଞ୍ଚିତକରେ ସୀତା।

ସ୍ୱଷ୍ଟ ଦିବଲୋକେ  ଦୁଷ୍ଟ ଦୁଃଶାସନ
କରେ କୃଷ୍ଣା ବିବସନା,
ଅପ୍ରାପ୍ତ ଯୌବନା  ଅଜ୍ଞାନ-କିଶୋରୀ
ଭୋଗେ ଯୌନ-ନିର୍ଯ୍ୟାତନା।

ସୀମାରେ ଲଢୁଛି  କୃଷକ ଦାୟାଦ
ଶ୍ରମିକ ମରୁଛି ଭୋକେ,
ଅଭାବେ ଜନନୀ  ବିକୁଛି ସନ୍ତାନ
ବେକାରୀ ସଢୁଛି ଦୁଃଖେ।

ଶ୍ରମିକର ଶ୍ରମ  ନିଲାମ ହେଉଛି
ମାଫିଆଙ୍କ  ପୁଞ୍ଜିହାଟେ,
ଦୁର୍ନୀତିର ବାହୁ  ବିସ୍ତାରିତ ହୁଏ
ଆଇନିର  ଗଳାବାଟେ।

ସମନ୍ୱୟ ନାମେ  ଅସାମଞ୍ଜସ୍ୟର-
ସୀମାର ଦ୍ରାଘିମା ବଢେ,
ବିକାଶ ନାମରେ ଦେଶ ବଡ଼ଦାଣ୍ଡେ
ବିନାଶର ରଥ ଗଡେ।

ଋଣର ବୋଝରେ  ଦେଶ ଭାରାକ୍ରାନ୍ତ
ପଥଭ୍ରଷ୍ଟ  ଅର୍ଥନୀତି,
ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ,  ନିଯୁକ୍ତି, ପ୍ରଯୁକ୍ତି
ବିପର୍ଯ୍ୟସ୍ତ  ଆଜି ସ୍ଥିତି।

ସର୍ବହରାଙ୍କର  କବର ଉପରେ
ପୁଂଜିବାଦ  ଧ୍ୱଜାଉଡେ,
ସମ୍ବିଧାନ-ବିଧି  ମରଣ ଯନ୍ତାରେ
ଗଣତନ୍ତ୍ର  ରଡିଛାଡେ।

ବିଡ଼ମ୍ବିତ ଆଜି  ସମାଜ ବ୍ୟବସ୍ଥା
ଦିଶାହୀନ ପ୍ରଶାସନ,
ସନ୍ତ୍ରାସ ବାଦର ଆତଙ୍କ ବଳୟେ
ଭୀତତ୍ରସ୍ତ  ଜନଗଣ।

ନୂତନ ସୂର୍ଯ୍ୟର  ଆଶାର କିରଣେ
ପୁରୁ  ସ୍ୱପ୍ନ-ଉନ୍ମାଦନା।
ଭରୁ ସୁପ୍ତପ୍ରାଣ-  ଗୁପ୍ତତନ୍ତ୍ରୀ ତଳେ
ସ୍ୱାଭିମାନ,ସମ୍ଭାବନା।

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି.ଡି.ଏ କଲୋନୀ, ଫେଜ୍ -୧ ,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୯୪୩୭୨୭୭୭୩୫

# ଜୁଗିଛେଁ

ସରୋଜ କୁମାର ଶତପଥୀ





ଦେଖୁଥିମି ଚାହିଁ ବାଟ୍ ତରେଁ ବସି
ଉଜାଲାର୍ ପଛେ ପଛେ ଛାଏ ନର୍ଦୁଛେ
ଆର୍ ଖରାର୍ ପଛେ ବର୍ଷା
ଇଠାନେ ନ ସବୁ ସୁଖ୍ ଦୁଃଖ୍...
ହେଥିର୍ ଲାଗି ସିନା
ମୁଇଁ ଜୁଗି ବସିଛେଁ
ସାମ୍ନା ଥି ମୋର୍ କେତେ ବାଦଲ୍
ଭାସୁଛେ ଅଚିନ୍ହା ଆକାଶର୍
ସୁଖ୍ ଦୁଃଖ୍ର ଖବର କେ ଧରି
ଆତ୍ମାଟା ମୋର୍ ଖିଲ୍ଖିଲେଇ ଯାଏସି
ହୁର୍ହୁରିଆ ଧୁକାର୍ ମଧୁର୍ ଛୁଆଁଥି ।
ଜୁଗିଛେଁ ମୁଇଁ ଜୁଗିଥିମି
ତମର୍ ଆଏବାର୍ ବାଟ୍ କେ
ଫୁଟା ଫଗୁନ୍ ର ମହମହ ବାସନା ଥି
ଆର୍ ଶରାବନର୍ ଝର୍ ଝରିଆ ରାଏତ୍ ଥି
ଜାନିଛେଁ ମୁଇଁ ଅଚାନକ୍ ଆଏବ ଦିନେ
ସେ ଶୁଭ୍ ବେଲା ଆଏଲେଁ
ଭେଟ୍ ପଡ୍‌ମା ସେତେବେଲେଁ
ଭାବିଦେଲେ ହେ କଥା
ଉସ୍ନାକେ ଭରି ଯାଉଛେ ମୋର ଛାତି
ଗୁନ୍ ଗୁନେଇ ହଉଛେଁ ପବନର୍ ସୁରେଁ
ଦେଖୀ ତ !
ତମ୍ର ଆଏବାର୍ ବାସ୍ନାଥି
ମନ୍ ଭରି ହେଇଗଲା ଯେ !!

ପ୍ଲଟ୍ ନଂ -୨୯୮୯, ନାଗେଶ୍ୱରଟାଙ୍ଗୀ,
ଭୁବନେଶ୍ୱର୍ -୭୫୧୦୦୨
ମୋ : ୯୯୩୭୧୨୮୫୪୭

# ମୁଁ ମରିଗଲା ପରେ

ଯୋଗେଶ ମିଶ୍ର



ମୁଁ ମରିଗଲା ପରେ
ତୁମ ଆଖିରୁ ବହି ଆସିବ ଧାରେ ଲୁହ
କିନ୍ତୁ ମୁଁ ଜାଣି ପାରିବିନି
ପାରୁଛ ଯଦି କାନ୍ଦିନିଅ ମୋ ସହ ଏବେ
ତୁମେ ପଠାଇଥିବା ଗୋଛାଏ ଫୁଲ
ମୁଁ ଦେଖିପାରିବିନି
ପାରୁଛ ଯଦି ଏବେ ପଠେଇଦିଅ
ତୁମ ଓଠରେ ମୋ ପାଇଁ ପ୍ରାର୍ଥନା
ମୁଁ ଶୁଣିପାରିବିନି
ପାରୁଛ ଯଦି ଏବେ ପ୍ରାର୍ଥନା କରିଦିଅ
କରିଥିବା ସବୁତକ ଭୁଲ୍
କ୍ଷମା କରିଦେଲବୋଲି
ମୁଁ ଜାଣି ପାରିବିନି
ପାରୁଛ ଯଦି ଏବେ କ୍ଷମା କରିଦିଅ
ମୋ ଶୂନ୍ୟତାକୁ
ତୁମେ ଅନୁଭବ କରିବ
ପାରୁଛ ଯଦି ମୁଁ ନାହିଁ ବୋଲି
ଏବେ ଠୁ  ଅନୁଭବ କରିନିଅ
ତୁମେ ଇଚ୍ଛା କରିବ
ମୋ ସହ କେତୋଟି ମୁହୂର୍ତ୍ତ ବିତେଇବାକୁ
ପାରୁଛ ଯଦି ଏବେ ବିତେଇଦିଅ
ମୁଁ ଚାଲିଯାଇଛି ଶୁଣିଲାପରେ
ସାନ୍ତ୍ୱନା ଦେବାକୁ
ତୁମେ ପାଦ ପକେଇବ ମୋ ଅଗଣାକୁ
କିନ୍ତୁ ଆମେ ଆଉ କେବେ
ଦେଖାହେଇପାରିବାନି
ପାରୁଛ ଯଦି  ମତେ ଏବେ ଦେଖିଦିଅ ।




ଟିଟିଲାଗଡ଼,ବଲାଙ୍ଗିର
ପିନ୍-୭୬୭୦୩୩
ମୋ- ୮୯୧୭୩୯୬୩୪୮

# ବାଟବଣା ସ୍ୱାକ୍ଷର

ଦୀପ୍ତି ରାଣୀ ସିଂହ





ଅନେକ ଅସମାହିତ ପ୍ରଶ୍ନ
କ୍ଷତାକ୍ତ କରିଚାଲିଛି ହୃଦୟକୁ
ଆଉ ଝରି ଆସୁଛି
ଆଖିରୁ ଅଶ୍ରୁଳ ବନ୍ୟା
ଏ ସାକ୍ଷର କ'ଣ
ପ୍ରୀତିର ନା ପ୍ରତାରଣାର............. ।
ଦୂରନ୍ତ ଆଶା, ଅଭିଳାଷ
ଛଳନା କରିଚାଲିଛି
ଖେଳି ଚାଲିଛି ଲୁଚକାଳି ଖେଳ
ବାଧ କରୁଛି ଗାଇବାକୁ କରୁଣ ସଙ୍ଗୀତ
ଏ ସାକ୍ଷର କ'ଣ
ପ୍ରେମର ନା ଅବଶୋଷର.................. ।
ଶଙ୍କିତ, ଆତଙ୍କିତ ହୃଦୟର ଭାଷାକୁ
ପ୍ରତିଧ୍ୱନିତ କରୁଛି ଅପମାନ, ଲାଞ୍ଛନା
ଅବଦମିତ କରୁଛି ବାସନା
ମନରେ ଭରି ଦେଉଛି ଯନ୍ତ୍ରଣାର ମୂର୍ଚ୍ଛନା



ଏ ସାକ୍ଷର କ'ଣ
ସ୍ନେହର ନା ସଂଘର୍ଷର....................... ।
ବିଶ୍ୱାସର ନିଆଁରେ
ଜଳିଯାଉ ଥିବା ପାପ-ପୁଣ୍ୟ
ବାଟବଣାର ଶିକାର ହୋଇ
ଖୋଜି ଚାଲିଛି ଆଜନ୍ମ ଅନୁବନ୍ଧିତ ନିଃଶ୍ୱାସ
ଏ ସାକ୍ଷର କ'ଣ
ସର୍ବଂସହାର ନା ଆତ୍ମଦାହର .................. ।
ସୁଗମ ପଥର ଆଶାରେ
ସାର୍ଥି ପଥିକଙ୍କ ଭିଡ
ମାୟାବିଷ୍ଟ ମମତା ଖୋଜି ଚାଲିଛି
ମଧୁକ୍ଷରା ମୋକ୍ଷର ମହାତୀର୍ଥ
ଲେଖିଚାଲିଛି  ମାଟିର ମଲାଟରେ
ରୋମାଞ୍ଚିତ ବର୍ଣ୍ଣିଳ ବସନ୍ତ
ଏ ସାକ୍ଷର କ'ଣ
ଧିକ୍କାରର ନା ସାନ୍ତ୍ୱନାର ....................... ।

ଅଧ୍ୟକ୍ଷା
ୟଙ୍ଗ୍ ବ୍ଲଡ୍ ପବ୍ଲିକ୍ ସ୍କୁଲ୍,
କେସିଙ୍ଗା, କଳାହାଣ୍ଡି

# ପରିଚୟ

ଜ୍ୟୋତିପ୍ରକାଶ ଗଡ଼ତ୍ୟା



ତୁମେ ସୃଷ୍ଟି କରିଥିବା
ପରିଚୟ, ପ୍ରତିଷ୍ଠା
ଏବେ ନୀରବରେ
ମଉନତା ସାଜେ
ଅଲକ୍ଷ୍ୟରେ
ଲକ୍ଷ୍ୟ ହୋଇ
ପଡ଼ିରହେ
ସୁପ୍ତ ଓ ଶିଥିଳ ହୋଇ
କିଏ ପୁଣି
ଉଜୀବିତ କରି
ଜୀବନ୍ୟାସ ଦେବ ନା'
ଆଡ଼େଇ ଦେବ
ଅନିଶ୍ଚିତ ଏଠି,
ସମୟ କହିବ,
ସୀମାହୀନ ଆକାଶର
ଦିଗ ଯେ କେଉଁଠି,
ଆରମ୍ଭ ଶେଷ ନା,
ପରିବ୍ୟାପ୍ତ
ଏଠି ସେଠି
ସବୁଠି ।



ଟିଟିଲାଗଡ଼,ବଲାଙ୍ଗିର
ପିନ୍-୭୬୭୦୩୩
ମୋ - ୯୭୫୮୮୨୭୫୫୨

# ସ୍ୱାଧୀନତାର ଅମୃତ ରଂଗ

ଆନଂଦ ଚଂଦ୍ର ସାହୁ



ତଥାପି ଭାବିବାକୁ ହେବ
ସବୁ ଠିକ୍ ଅଛି
ସବୁ ଠିକ୍ଠାକ୍ ହିଁ ଚାଲିଛି ।
ଛ'ସ୍ତରୀତମ ପାହାଚରେ
ଠିଆ ହୋଇ ବୋଲି ଦେବାକୁ ହେବ
ସ୍ୱାଧୀନତାର ଅମୃତ ରଂଗ
ମୁହଁରେ, ଦେହରେ, ସବୁ ସଂପର୍କରେ
କାନ୍ଥରେ, କବାଟ ଝର୍କାରେ
ସାରା ବାସଗୃହରେ,
ବାଟରେ, ଘାଟରେ
ଜଂଗଲ ଜମି ଚାରିଆଡ଼େ,
ଥେଇ ଥେଇ ନାଚିବାକୁ ହେବ
ସ୍ମୃତିର ଖଂଜଣି ବାଡ଼େଇ ବିଚ୍ ରାସ୍ତାରେ ।

ମୁଁ ମନା କରୁନି....
କିଛି ଅଂଧାର ଗାଁକୁ ଆଲୁଅ ପହଂଚିଛି
କିଛି ଭୋକ ମେଂଟିଛି ବି
ମଣିଷ ହାଟରେ
ସହଜ ହୋଇଛି ଗମନାଗମନ
ସୁଗମ୍ୟ ହୋଇଛି କଥୋପକଥନ
ଆଉ କିଛି କିଛି ଦିଗ ଉପରମୁହାଁ ନିଶ୍ଚୟ
ମୁଁ ମନା କରୁନି ଜମା ।

ଅଥଚ ସେଇ ଆଡ଼କୁ ବି
ଆଖି ବୁଜି ହେଉନି.....
ମଣିଷ ଭିତରେ ମଣିଷଟିଏ ନିଖୋଜ୍
ଦିନକୁ ଦିନ
ସଂପର୍କ ସବୁରେ ଫାଟ
ପାଚେରୀମୟ ମଣିଷ ହାଟ ।


ଗମନାଗମନର ବିଶେଷ ସୁବିଧା
ହାତେଇବା ପରେ ବି
ଘେରାଏ ବୁଲି ଆସିବାକୁ ପାଦମାନେ ଅନାସକ୍ତ,
ସଂପର୍କ ଯୋଡ଼ିବାକୁ ହଜାର ମାଧ୍ୟମ ଥାଇ ବି
ସଂପର୍କମାନେ ଗୁରୁତର ଭାବେ ଆହତ
କେଉଁ ସଂପର୍କର ଡେଣା ଛିଣ୍ଡିଛି
ତ' କେଉଁ ସଂପର୍କ ଆଖି ହରେଇ ଅଂଧ,
କାହାକୁ ବି ସମ୍ଭାଳି ନେବାକୁ
ଅନିଚ୍ଛୁକ ଏବେ ନିଘୋଡ଼ ସଂପର୍କର କାନ୍ଧ ।

ସ୍ୱାଧୀନତାର ମହୋତ୍ସବ
ଆମ ପାଇଁ ଆବେଗିକ ଆଶ୍ୱାସନା ନହେଉ,
ସମୃଦ୍ଧ ଉତ୍ସାହର ଧାରେ ଗୀତ ହେଉ....
ମଣିଷ ହାଟରେ ଅମୃତ ଦେଉ ।।

କାବ୍ୟଗୁଞ୍ଜ, ଶାନ୍ତିପଡ଼ା,
ବଲାଙ୍ଗିର-୨

# ଅଲୋଡ଼ା

ଗୋପୀନାଥ ଦଣ୍ଡସେନା



ଏ ଦୁନିଆଁ ଆଜି କେତେ ଯେ ଶିକ୍ଷିତ
ତଥାପି ଲାଗୁଛି ଦୁଃଖ,
ଆଜି ବି ଅଲୋଡ଼ା ଶିଶୁ କନ୍ୟାଟିଏ
ପାଉନାହିଁ ଟିକେ ସୁଖ ।

ଖବରକାଗଜ ଦୂର ଦରଶନ
ଆହୁରି ଆକାଶବାଣୀ,
କେତେ ସଚେତନ ନ କରାନ୍ତି ସତେ
ଜନତାର ମନ ଜାଣି ।

ସଭିଏଁ ପଢ଼ନ୍ତି ସଭିଏଁ ଜାଣନ୍ତି
ପାସୋରି ପକାନ୍ତି କ୍ଷଣେ,
ଜନମ କରିକି ଶିଶୁ କନ୍ୟାଟିକୁ
ଫିଙ୍ଗନ୍ତି ସେ କେଉଁ କଣେ ।

ଏତେ ପାଠ ପଢ଼ି କିବା ଅଛି ଲାଭ
ଚୁଲିକୁ ଯାଉ ସେ ପାଠ,
ମଣିଷ ବଦଳେ ଅମଣିଷ ହୋଇ
ହୁଡ଼ନ୍ତି ବିବେକ ବାଟ ।

ଆଜି ଅନୁରୋଧ କରୁଛି ତୁମକୁ
ହେ ମୋର ଭଉଣୀ ଭାଇ,
ଶିଶୁ କନ୍ୟାଟିକୁ ଯତନରେ ପାଳ
ଆନନ୍ଦରେ ଗୀତ ଗାଇ ।



ନୀରବତି ଭବନ, ବଘଲା,
ଚନ୍ଦନଭାଟି,ବଲାଙ୍ଗିର
ମୋ : ୯୮୬୧୬୮୨୦୬୯

# କଥାର୍ ଦାଗ୍

**ନୀରଜ ଦାଶ ଶର୍ମା**





ମାଏଟ୍ ଉଦା ହେଲେ ଶୁଖିଯାଏସି
ଗଛ୍ କାଟିଦେଲେ
ପାଁଆଲି ଯାଏସି
କଥା କହିଦେଲେ
ନାଇଁ ମେଟେ କେଭେ
ସବୁଦିନ୍ ମନ୍ ଭିତ୍‌ରେ
ଘର୍ କରି ରହି ଯାଏସି ।

କେତେ କାଥା ଛାତି ଚିରି ଦେସି
କେତେ କଥା ମନ୍‌କେ
ହଁସିର୍ ଖୁରାକ୍‌ଟେ ଦେସି
ସାଁଆଟି ଆନୁ ତ ଘାଏ
ହଁସି ହଁସେଇଥିବାର୍ କଥା ମାନ୍‌କୁ
ଉହୁଲେଇ ଦଉଁ
ନଏଦ୍ ନଲିଆର୍ ଧାରେ
ବାଧିଥିବାର୍ କାଥାମାନ୍‌କୁ ।

ହରିପୁର କଲାଁ, ମହିମାନନ୍ଦ ଆଶ୍ରମ ପାଖ,
ହରିଦ୍ୱାର, ଉତ୍ତରାଖଣ୍ଡ,
ମୋ-୭୦୦୮୭ ୫୮୯୯୬

## ଆ’ ଖାଏମା ନୂଆଖାଇ

ପ୍ରଜ୍ଞା ଦର୍ଜୀ ମହାପାତ୍ର



ନାଇଁ ନାଇଁ ବଲି ଭଲ ପାଏଲିଁ ତତେ
କାଏଁ କରୁଛୁ ଅଥାବିଥା
କଲି ତତେ ମୋର ମନର୍ ରଜା
ମନର୍ କଥା ମୋର୍ ମନ୍ ଜାନୁଛେ
ତୋର୍ ବିନା ନାଇ ରହି ହଉଛେ
ମୋର୍ ଲାଗି ତୁଇ ହେଲୁନ ସପନ୍
ତତେ ଦେଖ୍‌ବାର୍‌କେ ତର୍‌ସୁଛେ ମନ୍
କେଭେଁ ଦେଖାବୁ ତୋର୍ ଚାଖି ଚାହାନି
ଜୁଗି ବସିଛେଁ ତୋର୍ ଆଏବାର୍ ଜାନି
ମେଲା କରିଛେଁ ମୋର୍ ପନତ୍‌କାନି
ଘାଁଟି ସାନି ନାଇ ମାର୍ ମୋର୍ ରଜା
ଆ’ ମିଶିକରି ଖାଏମା ନୂଆଖାଇ
ଆର୍ କର୍‌ମା ଗୁର୍‌ଦୁ ମଜା ।

ଦର୍ଜୀ କମ୍ପ୍ଲେକ୍ସ, ମେନ୍ ରୋଡ୍, ଟିଟିଲାଗଡ଼,
ମୋ : ୭୯୭୮୭୫୩୪୪୦



# ସମୟ

ଡା. ଅଶୋକ ସେଠୀ



ସମୟ ସୁଅରେ
ଭସୁଥିବା ମୁଁ ଏକ ଦିଗହରା
ପଥିକ।
କେତେବେଳେ ଉଦୟ
ପୁଣି ଅସ୍ତ ହୋଇଯାଏ
ସୂଚୀପତ୍ର ବିଧାତା ହାତରେ
ଅତୀତ ବ୍ୟତିବ୍ୟସ୍ତ କରୁଛି
ଭବିଷ୍ୟତ ଅନ୍ଧାରିଆ
ଅଜଣା ଭୟରେ ଆତଙ୍କିତ
ବର୍ତ୍ତମାନ ମୋ ପାଇଁ
ଅତି ଆପଣାର।
ତଥାପି ମୁଁ ଧୈର୍ଯ୍ୟହରା
ଅଜଣା ଭୟ କବଳିତ
ମୁଁ ଜାଣେ ସମୟ ସବୁ କିଛି।
ସମୟ ଏମିତି ଭସାଇ ନେଉଥିବ
ଚିରସ୍ରୋତା ସିଏ
ତାର ଶେଷ ନାହିଁ ।
ଏକୂଳ ରୁ ସେ କୂଳ
ମାଟି ରୁ ଆକାଶ
ତା ଭିତରେ ମୁଁ ସାଉଁଟୁଥିବି ।



ଚିକିତ୍ସା ଅଧିକାରୀ,
ସରକାରୀ ହୋମିଓପ୍ୟାଥିକ ଚିକିତ୍ସାଳୟ, ବଲାଙ୍ଗୀର
ମୋ- ୯୯୩୮୭୭୦୬୯୭

# କଁକୋଡ଼ୋ

ଅନୀଲ୍ ସାହୁ





ସରାବନ୍ ଭୁଦୋ ଘରର୍ ବାଏର୍
ବାରି ଲମି ଥିସି ଲହ
କୁଁନ୍ଦୁରୁ ପୂଟଲ୍ କର୍ଲା ସାଙ୍ଗେ
କଁକୋଡୋ ଫଲ୍ସି ଯହ ।

ବଢ଼େ ମହରଗ୍ ଦରବ୍ ଇଟା
ସହରେ ହେସି ବିକ୍ରି
ଘିନି ଖାଇବ କରୁଚ ବଏଲେ
ହଜାର୍ ଟଁକିଆ ଚାକ୍ରି ।

କଁଟା ସରସର୍ ସୁଜି ବାଗିର୍
ଶାଗୁଆ ଚେପଟା ଗୋଲ୍
ବନେ ଅଧ୍ ମୁନା ବାହାରିଲେ ବାବୁ
ଖାଏବ କୁକ୍ରା ଝୋଲ୍ ।

ପନଖି ନି ପାରେ ସହଜେ କାଟି
ବଢ଼େ ବର୍କସ୍ ଛାଲ୍
ପୁଓକ୍ କୀରା କାଣା ଢୁକ୍'ବେ
ପୁଟା ହେବା ଦୁଇ ଫାଲ୍ ।



ଭାଜି ନେଲେ ତେଲ୍ ଆଉ ନୁନେ
କରି ସୁଖା ଖଡ଼ଖଡ୍
ମୁଗ୍ ଦେଲ ସାଙ୍ଗେ ଗରମ ଭାତ୍
ଗିଲବ ଗରସା ବଡ୍ ।

ମୁଁନୁଷ୍ ଜୀବନ୍ ଜିଇଁମା ଚାଲ
କଁକୋଡୋ ବାଗିର୍ ହେଇ
ଉପରେ ଉପରେ ଟାନ୍ ଆଉର୍
ମନେ ମିଠା ଗୀତ୍ ଗେଇ ।

ଆମେ ନି ହଉଁ ଶସ୍ତା ଛୁଛା
ନେଇ ଭେଦୁ ଭାଇ ରାଗ୍
ଅହଂକାର୍ ଲୋଭ୍ ଆମର୍ ଦିହେଁ
ନେଇ କରୁ ଗାଢା ଦାଗ୍ ।

ସବୁ ବାରି ଫଲୁ ଥାଉଁ ପଛେ
ସୁଆଦ୍ ନେ ହଉ କମ୍
ଆମେ ଲଡୁ ଥିମା ପର୍ହର୍ ଲାଗି
ଥାଉ ସେ ତାକତ୍ ଦମ୍ ।

ଗର୍ଭଣା, ବରଗଡ଼,
ମୋ : ୭୯୭୮୩୨୬୮୧୬

# ରାକ୍ଷୀ ପୁନେଇଁ

ରୀତା ମିଶ୍ର





ଭାଇ ଭଉଣୀର ମଧୁର ସମ୍ପର୍କ
ବନ୍ଧାହୁଏ ସ୍ନେହଡୋରେ
ରାକ୍ଷୀ ପୁନେଇଁ ଟି ଆସିଥାଏ ପରା
ଶ୍ରାବଣର ପୂର୍ଣ୍ଣିମା ରେ ।

ରେଶମୀ ଡୋରି ସେ ଡୋରି ନୁହେଁ ଖାଲି
ମମତାରେ ବୋଳା ଭାବ
ଭାଇର ହାତରେ ରାକ୍ଷୀ ଟିଏ ବାନ୍ଧି
ଭଉଣୀ କରେ ଯେ ଗର୍ବ ।

ସ୍ନେହ ପ୍ରୀତି ଭରା ଅବାରିତ ଧାରା
ଆଜୀବନ ବନ୍ଧା ଡୋର
ସେ ବନ୍ଧନ ଅଟେ ଅତିବ ନୀବିଡ
ଭାତୃସ୍ନେହ ନିରନ୍ତର ।

ବରଷକେ ଥରେ ଭାଇର ହାତରେ
ଭଉଣୀ ବାନ୍ଧଇରାକ୍ଷୀ
ଏଇ ଦିନଟିକୁ ଭୂଲେ ନାହିଁ କେବେ
ଜଗାବଳିଆ ତା ସାକ୍ଷୀ ।

ରକ୍ଷାର କବଚ ଭାଇଟି ତାହାର
ରାକ୍ଷୀ ବାନ୍ଧି ତାହାତରେ
ସର୍ବ ଦେବାଦେବୀ ସୁମରଣା କରେ
ଭାଇ ଥାଉ ନିଶ୍ଚିନ୍ତରେ ।

ଲୋଡା ନାହିଁ ମୋର ଅଳିକ ସମ୍ପଦ
ଭାଇ ହେଇଥାଉ ସାହା
ଦୁଃଖେ ସୁଖେ ଥରେ ଭାତୃସ୍ନେହ ଭରେ
ମୋ ଦୂଆରେ ହେଉ ଠିଆ ।

ଭଉଣୀ ଅନ୍ତର ପଢିପାରେ ଭାଇ
ସ୍ନେହ ବୋଳା ତା ଆଶିଷ
ଭଉଣୀର ମାନ କରିବିନି କ୍ଷୁର୍ଣ୍ଣ
ରଖିଥାଆ ତୁ ବିଶ୍ଵାସ ।

ଆଉଁସି ତା ଶିର କହେ ଭଗ୍ନୀ ମୋର
ସୁଭଦ୍ରା ଭଉଣୀ ତୁହି
ତୋ ଦେହରେ ଟିକେ ଧୂଳି ଲାଗିବନି
ବଞ୍ଚିଥିବା ଯାଏ ମୁହିଁ ।

ଏଇମିତି ଥାଉ ଭାଇଭଗ୍ନୀ ସ୍ନେହ
ସୃଷ୍ଟି ଥିବା ଯାଏଁ ପରା
ପ୍ରୀତି ମନ୍ଦାକିନୀ ବହି ଯାଉଥାଉ
ପୁଷ୍ଟ କରି ବିଶ୍ଵସାରା ।

ଶାସ୍ତ୍ରୀ ନଗର, ଭୁବନେଶ୍ୱର
ମୋ- ୮୨୮୦୧୭୦୧୭୯

# ସୁନାର୍ ଭାରତ



**ପଞ୍ଚାନନ ତାଣ୍ଡି**



ସୁନାର୍ ଭାରତ୍ ଆମର୍ ଦେଶ୍
ଆମେ ସୁନା ପିଲା
ଆମେ ସଭେଁ ଗୁଟେ ଗୁଟେ
ଦେଶର୍ ହୀରାନୀଲା
ଆମେ ଗାନ୍ଧୀ ନେହେରୁର୍ ଚେଲା ।।
ଭାରତ୍ ମାଆଁର୍ ମୁକୁଟ୍ ଲେଖେନ୍
ଝଟ୍‌କୁଛେ ହିମାଳୟ
ପାଦ୍ ପଖ୍‌ଲଉଛେ ଭାରତ୍ ସାଗର୍
ଗାଇ ଗାଇ ଜୟ ଜୟ
ଫର୍ ଫର୍ ଫର୍ ଯାର୍ ପତ୍‌କା
ଉଡୁଛେ ଲାଲ୍‌କିଲ୍ଲା ।।
ହିନ୍ଦୁ ମୁସଲ୍‌ମାନ୍ ଶିଖ୍ ଖ୍ରୀଷ୍ଟିୟାନ୍
ଆମେ ସଭେଁ ତ ଏକ୍
ଶତ୍ରୁକେ ଦଲି ଆଗେ ଯିମା ଠେଲି
ରଖ୍‌ମା ଦେଶର୍ ଟେକ୍
ଆସରେ ଆସରେ ଜୁଆନ୍ ଭେଣିଆ
ଶତ୍ରୁ ମୁହେଁ ଦେମା କଲା ।।
ଭାରତ୍ ଦେଶର୍ ବୀର୍ ସିଂହ୍ ଛୁଆ
ଆମେ ଭୀମ୍ ଅର୍‌ଜୁନ
ଗୁଲିର୍ ଜବାବ୍ ଗୁଲିନେ ଦେମା
ରଖମା ଦେଶର୍ ନାମ
ଯେନ୍ ଦେଶର୍ ସାହା ଭରସା
ମୋହନ୍ ବଁଶୀ ବାଲା ।।


**ସତୀଘାଟ୍, ଟିଟିଲାଗଡ଼,**
**ମୋ : ୮୮୯୫୨ ୫୫୬୭୨**

# ସାଇକେଲ

ଡଃ କିଶୋର ମହାନ୍ତି



ତେଲ ଟିଣ ଭଙ୍ଗା ଢ଼ାବଲ
ପୁରୁଣା ଗୋଡ଼ ନଥିବା
କାଠ ଚଉକୀ ଛିଡ଼ା ଫିତା ଖଟିଆ
ପଡ଼ିଥିବା ଗୋଟିଏ କଣରେ
ଅଲୋଡ଼ା ହୋଇ କେବେଠାରୁ
ରଙ୍ଗ ଛଡ଼ା ମୋ ପୁରୁଣା ସାଇକେଲ
ମୁହଁମାଡ଼ି ପଡ଼ିଛି, ଗୋଟିଏ
ରୋଗୀପରି ଯେମିତି ଛଟପଟ
ହେଉଛି ରୋଗ ଶଯ୍ୟାରେ...
ଜାଡ଼, ବର୍ଷା, କାକର, ଖରାକୁ
ଖାତିର ନକରି ପଡ଼ି ରହିଛି
ଖୋଲା ଛାତ ତଳେ.....
କାକୁସ୍ଥ - ମୋ ପ୍ରିୟ ସାଇକେଲ ।
ମୁଁ ନିରବି ଯାଏ...
ଟିକିଏ ହାତ ମାରେ - ତା ଦେହରେ
ଖୋଲା ପାଉଚୁ ତୁ କ୍ଷତି କ'ଣ ?
ତଥାପି ମୋ ମନ ଭିତରେ
ତା ଚକା ଦି'ଟା ଯେମିତି
ଘିରିଘିର ହୋଇ ବୁଲନ୍ତି
ଅତୀତ ବର୍ତମାନ ଆଉ ଭବିଷ୍ୟତ
ଆସ୍ତେ ଆସ୍ତେ କେମିତି ବଦଳି ଯାଏ
ଚେହେରା........
ଲୋକଟାଏ ବି
ବଦଳି ଯାଏ ଅଚାନକ
ଅକାମୀ ହେଇଯାଏ....
ଅଲୋଡ଼ା ଅଦରକାରୀ
ମୋ ଆଖିରେ ଥିବା ମୋ ଚଷମା ପୋଛେ
ସାମାନ୍ୟ ସାଇକେଲଟା ପାଇଁ
ମୁଁ ବା ଅଧିକ କ'ଣ କରିପାରେ ?
ହଡ଼ା ବଳଦ କୁ କଂସେଇକୁ
ଦେଲାପରି
ମୋ ସାଇକେଲକୁ କଣ ଟେକି
ଦେବି ସେ ମାତାଲ କବାଡ଼ି
ବାଲା ହାତରେ ?
କେତେଟା ସ୍ପୋକ୍ ତାର ଭାଙ୍ଗିଯାଇଛି
ଚକା ଦି'ଟା ଦବି ଗଲାଣି - ଏହା ଭିତରେ
ଜଙ୍କ ଲାଗିଗଲାଣି ରିମ୍‌ରେ
ଖଣ୍ଡିଆ ମାଡ଼ଗାର୍ଡ଼ ରୁ ମୁ
ଅନୁଭବୀ ନେଇଛି ମୋ ସାଇକେଲ
କେତେ ପ୍ରିୟ ମୋର ସତରେ...
ବୋହି ନେଇ ଯାଉଥିଲା ବାଇଆବାବା
ମଠରୁ ଇସ୍କନ ମନ୍ଦିର ଆଡ଼େ....
ଯେତେବେଳେ ନା ସେତେବଳେ
ନା ଖରା ନା ବର୍ଷା ମାନୁଥିଲା ସେ
ସ୍କୁଲ ଅଫିସ ବନ୍ଧୁଘର, ମେଳା, ଯାତ୍ରା
ସିନେମା ଘର
ଆଜି କିନ୍ତୁ ମୋତେ ତାକୁ ଥରୁଟିଏ
ଛୁଇଁବାକୁ ଇଚ୍ଛା ହେଉ ନାହିଁ-
ମୁଁ ସତରେ ଦୋଷୀ
ତାକୁ ଅଲଗା କରି ଦେଇଚି ମୋଠାରୁ
ଆଜି ଯାଏ ।
କେବେ କଣ ପଚାରିଛି ସେ
“ ”ମତେ ଥରେ ତୋ ପାଖକୁ ନେଇଛୁ ?''
ଧୂଳିମଳି ଲାଗିଥିବା ମୋ ଦେହରେ
ହାତ ଟିକିଏ ବୁଲାଇ ଦିଅନ୍ତୁନି
କେତେ ଆନନ୍ଦ ଲାଗନ୍ତା
ତୋ ମୋ ସମ୍ପର୍କ ପୁଣି ଯୋଡ଼ି
ହେଇ ଯାଆନ୍ତାନି !
ମୁଁ ପୁଣି ଚେଇଁ ଉଠନ୍ତି ଆଗପରି
ତୋତେ ସାରା ପୃଥିବୀଟା ବୁଲେଇ ଦିଅନ୍ତି ।
ମୂଷେଇ ପାନ ଦୋକାନ ବୁଲା ଦର୍ଜି
ଦୋକାନ ଆଉ କେତେ କଣ ?
ମୁଁ ନିରବି, ନିରବ ଝଡ଼ ମୋ
ଭିତେ. ଶବ୍ଦହୀନ ମୁଁ
ବାଷ୍ପରୁଦ୍ଧ ।
ନିଜକୁ ପରଖି ନେଉଛି ସାଇକେଲ
ଦୁସ୍ଥ ଚେହେରା ଭିତରେ....
ମୋ ସଂବିତରେ ଏକି ପ୍ରବାହ ?
ସବୁ ଦିନ ସମାନ ରହେନା....
କେତେ କେତେ କିଏ କବାଡ଼ି ବାଲାର
ଅଧିକାର ରେ ଆସେ ।
ପୁଣି କିଏ ଚାଲିଥାଏ ମଶାଣୀକୁ
ଆକାଶକୁ ଚାହିଁଲି,
ଚାହିଁଲି ମୋ ପ୍ରିୟ ସାଇକେଲକୁ
ଦୀର୍ଘଶ୍ୱାସଟିଏ - ମୋତେ
ସ୍ପନ୍ଦିତ କଲା......
ଚାହିଁଲି ନିଜକୁ ଆଉ ମୋ ସାଇକେଲ କୁ
ବାରମ୍ବାର ଦେଖିଲି ଦେହରେ କେମିତି
ଅଳନ୍ଧୁ ଲାଗିଗଲା ।



ସିଡ଼ିଏ, କଟକ
୯୪୩୭୭୨୮୪୭୫

# ଜୀବନ ଏମିତି

ସବିତାରାଣୀ ବେହେରା



ଜୀବନ ଏମିତି ଇନ୍ଦ୍ରଧନୁ ଟିଏ
ଲୁଚିଯାଇ ପୁଣି ଦିଶେ
ଜୀବନ ଏମିତି ଭସା ସେତୁଟିଏ
ସମୟ ଛାତିରେ ଭାସେ......

ଜୀବନଏମିତି ଖଣ୍ଡାରଧାର ଯେ
ଚାଲିଲେ ରକତ ବହେ
ଜୀବନ ଏମିତି ଅକୁହାବେଦନା
ଛାତିରେ ଗୁମୁରୁ ଥାଏ
ଜୀବନଏମିତି ଅଦୃଶ୍ୟଦୃଶ୍ୟ
ଦିଶି ବି କିଛି ନ ଦିଶେ...
ଜୀବନ ଏମିତି......



ଜୀବନ ଏମିତି ମାନସାଙ୍କ ଯେ
ମୁହେଁ ମୁହେଁ ରହିଥାଏ
ଜୀବନ ଏମିତି ଅବୁଝାସୂତ୍ର ଯେ
ବୁଝି ବି ବୁଝି ନ ହୁଏ....
ଜୀବନ ଏମିତି ପାଉଁଶ ତଳର ନିଆଁ..
ଜୁକୁ ଜୁକୁ ଦିଶେ...
ଜୀବନ ଏମିତି....

ଜୀବନ ଏମିତି ତୁଳସୀ ଚଉଁରା
ସ୍ମୃତିଦୀପ ଦିକି ଦିକି
ଜୀବନ ଏମିତି ପ୍ରାର୍ଥନା ର ସୁର
ସକାଳ ସଂଜ ଆଳତୀ
ଜୀବନପାଲଟି କାନ୍ଦଣାଲହରୀ
ସମୟ ସମୁଦ୍ରେ ମିଶେ....
ଜୀବନ ଏମିତି.....

ସଂ-ସ୍ମୃତି ସନ୍ତ୍ୱନା
ମୋ - ୯୪୩୭୨୪୪୩୨୦

# ପବିତ୍ର ବନ୍ଧନ

ସରୋଜଲକ୍ଷ୍ମୀ ମହାନ୍ତି



ଭାସିଯାରେ କାଗଜଡଙ୍ଗା
ରେଶମୀ ରାକ୍ଷ ନେଇ
ମୋ ଗାଁ ଦାଣ୍ଡ ଏରୁଣ୍ଡିପାଖେ
ପହଞ୍ଚିଯିବୁ ଯାଇ
କହିବୁଯାଇ ଆଣିଛୁଭରି
ବୋଇତଭରା ସ୍ନେହ
ଶ୍ରଦ୍ଧା ,ସମ୍ମାନ ,ଭଲପାଇବା
ପବିତ୍ର ଏଇ ପ୍ରେମ
ସ୍ମୃତିର ସବୁ ମାଣିକ ମୋତି
ଅଜାଡି ଦେବୁ ନେଇ
ଭଉଣୀ ଆଖି ଲୁହରକଥା
ବୁଝିଯିବ ମୋ ଭାଇ
ପାଦରେ ତୋର ବାନ୍ଧିଦେଉଛି
ରୁଣୁଝୁଣୁ ନୁପୁର
ନାଚିବୁ ଯାଇ ଛମଛମା
ଗାଁ ଦାଣ୍ଡରେ ମୋର
କହିବୁ ଯାଇ ଅକୁହାକଥା
ମନେଯା ସାଇତିଛି
କୁଶଳବାର୍ତ୍ତା ନେଇଆସିବୁ
ଶୁଭ ମନାସେ ବସି
ଦିନଟେ ନୁହେଁ ବନ୍ଧନ ଆମ
ଜନମ ଜନମର
ସବୁଦିନକୁ ଅକ୍ଷୁର୍ଣ୍ଣ ରହୁ
ଆମ ପବିତ୍ର ଡୋର ।

ନନ୍ଦନବିହାର, ଭୁବନେଶ୍ୱର

# ସପନଦେଶ ରାଜକୁମାର



ଇତିଶ୍ରୀ ପତି

ସପନ ଦେଶର ରାଜକୁମାର ଗୋ
ମୁଁ ତୁମ ପ୍ରୀତିନାୟିକା,
ରଙ୍ଗମହଲର ରାଜକୁମାରୀ ମୁଁ
ରତି ସଙ୍ଗୀତ ଗାୟିକା।

ଚାହାଣିରେ ତୁମ ଅକୁହା କାହାଣୀ
ମନକରେ ଆନମନା,
ପିଆସୀ ପ୍ରାଣରେ ପ୍ରିୟ ପ୍ରୀତିମୋହ
ତୃପ୍ତିମୟ ସମ୍ଭାବନା।



ଦୂରରେ ଥାଇବି ସମ୍ପର୍କ ଆମର
ନିଶାକର କୁମୁଦିନୀ,
ମୋମନ-ମନ୍ଦିର ପୂଜାର ଦେବତା
ଚାହିଁଛି ନୈବେଦ୍ୟ ଘେନି।

ହୃଦ-ଦର୍ପଣରେ ନିତି ମୁଁ ଦେଖୁଛି
ପ୍ରିୟତମ ତୁମ ଛବି,
ପ୍ରେମ ଗଗନର ଚନ୍ଦ୍ରମା ମୁଁ,ତୁମେ-
ଦୀପ୍ତିମୟ ପ୍ରୀତି ରବି।

ପ୍ରୀତି-ସାଗରର ଉତ୍ତାଳ ଊର୍ମିରେ
ତୁମେ ପ୍ରଣୟର ଭାଷା,
ନିଶବ୍ଦ ନିଶିର ନୀରବ ପ୍ରହରେ
ମଦନ ମୋହନ ନିଶା।

ଯୁଗଯୁଗ ପ୍ରୀତି- ଅମର ଆମର
ଚିରକାଳ ରହିଥାଉ,
ଅମିୟ ପ୍ରେମର ଅମର ସ୍ବାକ୍ଷର
ଚିରନ୍ତନୀ ଗୀତି ଗାଉ ।

ଲେନ୍-୭, ଲିଙ୍ଗରାଜନଗର,
ଭୁବନେଶ୍ୱର

# ତୁମ ଦ୍ୱାର ସଦା ଥାଉ ଉନ୍ମୁକ୍ତ

ଜାହ୍ନବୀ ଚୌଧୁରୀ






ପାରିହେବା ଜଣାନାହିଁ  ଅଜଣା ପଥ
ରାତ୍ରି ବି ଅନ୍ଧାର,ଚାଲିଛି ଲୁଚକାଳି ଖେଳ
ହୃଦୟ ଭିତରେ ସୃଷ୍ଟି ହୁଏ କମ୍ପନ
ଫେରି ନ ଯାଏ ଯେମିତି ତୁମ ଦ୍ୱାରୁ ସବୁଦିନ ।

ତୁମେ ଜଳାଇ ରଖିଥାଅ ଦୀପର ଆଲୁଅ
ମୋ ଯିବା ବାଟରେ ତୁମେ ନିରବି ଯାଅ
ନିର୍ଜନରେ ମନେ ମନେ ମୃଦୁ ହସୁଥାଅ
ମୁଁ ବାଟ ହୁଡି ଯେବେ ଯାଏ ନିଘଞ୍ଚ ବନ
ତଥାପି ତୁମେ ଚୁପ୍ ରହି କରୁଥାଅ ଆମନ୍ତ୍ରଣ ।

ସହସ୍ରଧ୍ୱନୀ ମଧ୍ୟେ ଶୁଭୁଥାଏ ତୁମ ବଂଶୀସ୍ୱନ
ସୀମିତ ଶକ୍ତି ବୁଝେନାହିଁ ତୁମରି ଆହ୍ୱାନ
ଥରେ ମାତ୍ର ମୋତେ ଏହି ଅନୁଭବ ଦିଅ
ମୋ ଭଗ୍ନ କୁଟୀରେ ତୁମ ବିନା ନ ଜଳୁ ପ୍ରଦୀପ ।

ମୁଁ ଆଜି ଖୋଜି ଖୋଜି ତୁମ ଦ୍ୱାରେ ଉପଗତ
କେବେ ନ ଫେରେ ତୁମ କକ୍ଷରୁ ମୁକ୍ତହସ୍ତ
ମୁଁ ନିଃସ୍ୱ ଅସହାୟ,ଯନ୍ତ୍ରଣା ମୋ ପରିବ୍ୟାପ୍ତ
ଶ୍ରାବଣର ବାରିଧାରା ଛୁଟୁଛି ଚତୁଃଦିଗ
ଭ୍ରମ ସୃଷ୍ଟି ନକରୁ ନିଜ ଭିତର ଅନ୍ଧାର
ସଦା ଥାଉ ଉନ୍ମୁକ୍ତ ମୋ ପାଇଁ ତୁମ ସିହଂଦ୍ୱାର !!

ଭୁବନେଶ୍ୱର
ମୋ :୯୪୩୮୧୮୪୭୯୫

# ସମାହିତ କାୟା

ପୁଷ୍ପାଞ୍ଜଳି ପଣ୍ଡା





ଦୁର୍ଗା ମା ତୁମେ ଦୁର୍ଲଂଘ୍ୟ ଶକ୍ତି ର
ସର୍ବ ସମାହିତ  କାୟା
ଦୁର୍ଗମ ଦୁର୍ଗତି ଦୁରକରି ଥାଅ
ଦୁର୍ଗା ଦେବୀ ଯୋଗମାୟା ।।
ଜଡ଼ ଜଗତରେ ଯାତନା ଜହର ,
ଚେତନା ର କାଶତଣ୍ଡୀ
ପରିପୂର୍ଣ୍ଣ କରି ପ୍ରକାଶିତ କର
ଚାମୁଣ୍ଡା ଗୋ ରଣଚଣ୍ଡୀ ।।
ତୁମେ ଆଦ୍ୟାଶକ୍ତି ଜଗତ ଜନନୀ
ଶକ୍ତି ସ୍ୱରୁପିଣୀ କାଳୀ
ଜୟନ୍ତୀ ମଙ୍ଗଳା ମହିଷାମର୍ଦ୍ଦିନୀ
ତେଜୋମୟୀ ଭଦ୍ରାକାଳୀ ।।
ଦ୍ୱିଭୁଜା କେବେମା ଷଡ଼ଭୁଜା କେବେ
ଅଷ୍ଟଭୂଜା ରୂପେ ଆସ
ଦଶଭୂଜା ପୁଣି ସହସ୍ର ଭୂଜା ରେ
ଶହସ୍ର ବିପତ୍ତି ନାଶ ।।
କୈଳାସବାସିନୀ ବ୍ରାହ୍ମୀ  ବୈଷ୍ଣବୀ
ଦେବୀ ଗୋ ଅଖିଳେଶ୍ୱରୀ
ଦୁର୍ଗା ପୂଜା,ଶିବା,କ୍ଷମା ରମା ଆଉ
ଉମା,
ସରସ୍ୱତୀ ମହାଗୌରୀ ।।

ଅସମୟେ ତୁମେ ଉପସ୍ଥିତି ଯେବେ
ଶ୍ରୀରାମଙ୍କୁ ଲୋଡାହେଲା
ଉଦ୍ଭାସିତ ହେଲ କରୁଣା କରିଲ
ଲଙ୍କାର ରାବଣ  ମଲା ।।
ସୁରଥ ରାଜା ର ସମାଧି ବୈଶ୍ୟ ର
କର୍ମ ହେଇଥିଲା ବାମ
ନବରାତ୍ର ପୂଜା ଆରାଧନା ପାଇଁ
ମେଧା ଋଷି ଦେଲେ ନାମ ।।
ମୃଣ୍ମୟୀ ପ୍ରତିମା ପୂଜା ଆରମ୍ଭିଲେ
ଶରଣ ଗଲେ ପୟରେ
ରାଜ୍ୟ,ଧନଧାନ୍ୟ,ମିଳିଲା ଖୁସିରେ
ପୂଜା ହେଲା ଆଶ୍ୱିନ ରେ ।।
ଦେବତାମାନଙ୍କ କଷ୍ଟ ହରିନେଲ
ମହିଷାମର୍ଦ୍ଦିନୀ ହୋଇ
ସଂହାରକର ମା ସିଂହ ବାହିନୀ
ଏଠି "ମହିଷା "କଳନାନାହିଁ ।।
ତ୍ରିଗୁଣ ସମ୍ପନ୍ନା ଦକ୍ଷ ଲଳନା
ଦୟାମୟୀ ଶକ୍ତିରୂପା
ଅପରାଧ ମମ ମାର୍ଜନା କରି
କରୁଥାଅ ବାରେ କୃପା।।

ଷ୍ଟାଟିଷ୍ଟିକାଲ୍ ଅଫିସର,
କେନ୍ଦ୍ରାପଡ଼ା

# ବିଲେଇ

ଶ୍ରୀମତୀ ବସନ୍ତ ମିଶ୍ର

ପଶିଯାଇ କୁନା ଅନ୍ଧାର ଘରକୁ
ଡରିଗଲା କିଛି ଦେଖି
କହିଲା ବସିଛି ଭୂତଟାଏ ଘରେ
ମାଆଙ୍କୁ ଦେଖାଇ ଡାକି ।
ମା' କହିଲେ, "କୁନା ଭୂତ ନୁହେଁ ସିଏ
ବସିଛି ବିଲେଇଟିଏ
ଚକଚକ ଦିଶେ ତା' ଆଖି ଯୋଡିକ
ମୂଷାଙ୍କୁ ସେ ମାରି ଖାଏ
ଅନ୍ଧାର ଭିତରେ ଆଲୁଅ ସମାନ
ଦେଖିପାରେ ତା'ର ଆଖି ।
ପଶିଯାଇ କୁନା .............।
ଜଳାଇ ଆଲୁଅ ଦେଖାଇଲେ ମାଆ
ବସିଥିବା ବିଲେଇକୁ
କହିଲେ, "ରାତିରେ ଦେଖିବା ସୁଗୁଣ
ଦେଇଛନ୍ତି ବିଭୁ ତାକୁ
ଆଉ କିଛି ଗୁଣ ରହିଛି ତା'ଠାରେ
ସତେ କିବା ମନଲାଖି ।
ପଶିଯାଇ କୁନା .............।
ତା' ନିଶ ସମାନ ଗଳାବାଟ ମାପି
ଗଳିଯାଏ ସହଜରେ
ପାଦ ତଳେ ଅଛି ନରମ ମାଂସ ତା'
ଚାଲେ ବିନା ଶବଦରେ
ଜାଣି ପାରନ୍ତିନି ମୂଷା ତା' ଆସିବା
ସହଜରେ ଦିଏ ଚାଖି ।
ପଶିଯାଇ କୁନା .............।
ଦେଖାଯାଏ ତା'ର ଚେହେରାଟି ପୁଣି
ବାଘ ପରି ସତେ ଅବା
କହନ୍ତି ସରବେ ବାଘ ନ ଦେଖିଲେ
ବିଲେଇକି ଦେଖ ବାବା
ଘଷିନେସି ହୁଏ ପୋଷା ମାନିଥାଏ
ଦୁଧଭାତ ଦେଲେ ଡାକି ।
ପଶିଯାଇ କୁନା .............।



ସମ୍ପାଦିକା, "ଆମ ବ୍ୟଙ୍ଗ ପସରା", ମଣିସାହି,
ମାଧବନଗର, ଭଦ୍ରକ
ମୋ- ୯୪୩୯୫୫୪୯୬୪

# ପ୍ରକୃତିର ମିତ

ବିନୋଦିନୀ ଗଉଡ଼



୧.  ଗୁଣ୍ଡୁଚିମୂଷା
*****

ଗୁଣ୍ଡୁଚି ମୂଷାରେ
ଗୁଣ୍ଡୁଚି ମୂଷା
କେଉଁ ଗଛ ଡାଳେ
ତୋହର ବସା
ଉଠୁଛୁ, ପଡୁଛୁ
ଖୁସି ସାଉଁଟୁଛୁ
ଦେଖିବାକୁ ତୋତେ
ଲାଗେ ଶରଧା।
ପିଠିରେ ଶ୍ରୀରାମ
ଆଙ୍ଗୁଠି ଗାର
ସଭିଙ୍କ ସ୍ନେହରେ
ତୋ ଅଧିକାର।

୨) ବଣି ଚଢ଼େଇ
****

ବଣି ଚଢ଼େଇ ରେ
ବଣି ଚଢ଼େଇ
ଡାଳକୁ ଡାଳ ତୁ
ଉଡି ବୁଲଇ।
ମାଟିରୁ ଖୁଣ୍ଟି
ଖାଉ ଝପଟି
ପୋକଯୋକ, ଶସ୍ୟ
ଖୁସିରେ ଅତି।
କିଚିରି ମିଚିରି
ତୋ ଗୀତ ଶୁଣି
ଉଦାସ ମୁହଁରେ
ହସ ଦେ ବୁଣି।

୩) ପୁଷି ବିଲେଇ
****

ପୁଷି ବିଲେଇ ରେ
ପୁଷି ବିଲେଇ
ଏଘର ସେଘର
ଘୁରି ବୁଲଇ।
ମିଆଁଉ ମିଆଁଉ
ଡାକ ପକେଇ
ଗୃହ ପରବେଶ
ସଖି କଣ୍ଢେଇ।
ମାଛ ବେସର ବା
କ୍ଷୀର କୁ ଦେଖି
ପୁଷୀ ଦେଉଥାଏ
ଆଦରେ ଚାଟି।

୪) ସବୁଜ ଗଛ
****

ସବୁଜ ସୁନ୍ଦର
ଗଛ ପତର
ବରଷା ପାଣିରେ
କି ମନୋହର।
ମନ୍ଦ ମନ୍ଦ ହୋଇ
ବହେ ପବନ
ଗଛ ନାଚୁଥାଏ
ହୋଇ ଉଚ୍ଛନ୍ନ।
ମନ୍ଦାର, ଟଗର
ଅପରାଜିତା
ପୂଜା ପାଇଁ ଫୁଟେ
ଭଳି ଭଳିକା।

୫) ପ୍ରଜାପତି
***

ପରଜାପତି ରେ
ପରଜାପତି
ଉଡି ବୁଲୁଥାଉ
ଫୁଲର କତି।
ହଳଦିଆ ତୋର
ଡେଣା ଦୁଇଟି
ସବୁଜ ପତରେ
ଜହ୍ନି ଫୁଲଟି।
ଫୁଲ ପାଖୁଡ଼ାରୁ
ମହୁ ତୁ ଶୋଷି
ଉଡି ଯାଉ କେଉଁ
ଅଫେରା ରାଇଜ
ଫୁଲ ଚାହିଁ ରହେ
ତୋ ବାଟ ନିତି।



କ୍ୱାଟର୍ ନଂ – ଉ୧-୧ / ୧
ନିଉ ଗଭରନ୍‌ମେଣ୍ଟ କଲୋନୀ, ଭୁବନେଶ୍ୱର
ଫୋନ୍ ନଂ – ୯୪୩୭୭୩ ୩୭୯୫୫

# ହେ ଗୁରୁବର

**ସ୍ୱର୍ଣ୍ଣଲତା ମହାପାତ୍ର**



ହେ ଗୁରୁବର !
ତୁମେ ବ୍ରହ୍ମା, ତୁମେ ବିଷ୍ଣୁ, ତୁମେ ମହେଶ୍ୱର
ତ୍ରିଶକ୍ତିର ସମନ୍ୱୟ ତୁମ ଅବତାର ।
ଅଜ୍ଞାନ ଦୀପରେ ତୁମେ ଜ୍ଞାନର ସଳିତା
ଘୋର ଅନ୍ଧକାରେ ତୁମେ ଆଲୋକ ବର୍ତ୍ତିକା ।
ବିଦ୍ୟା ବିନା ଏ ସଂସାର ଅଟେ ମହାଶୂନ୍ୟ
ଜୀବନର ମହାମେରୁ ଗୁରୁ ପରଂବ୍ରହ୍ମ ।।

ହେ ଗୁରୁବର !
ଅଜ୍ଞାନ ମରୁରେ ତୁମେ ଝରଣାର ଜଳ
ଶିକ୍ଷାଦାନେ ମନ ତୁମ ସର୍ବଦା ଅଟଳ ।
ତୁମରି କରୁଣା ଅଟେ ପୁଣ୍ୟତୋୟା ତୀର୍ଥ
ଯେଉଁ କରୁଣାରୁ ମୂର୍ଖ ହୁଅଇ ପଣ୍ଡିତ ।
ସଦା ତୁମ ଚରଣରେ ପ୍ରେମଭାବ ଥାଉ
ମନ, ବୁଦ୍ଧି, ବିବେକ ଏକାକାର ହେଉ ।।



ହେ ଗୁରୁବର !
ମାନବ ରୂପରେ ତୁମେ ଜ୍ଞାନର ଇଶ୍ୱର
ଜ୍ଞାନାଲୋକେ ଉଦ୍ଭାସିତ କର ଏ ସଂସାର ।
ମନ ମଧେ ଢାଳିଦିଅ ସତ୍ୟ, ଧର୍ମ, ମନ୍ତ୍ର
ଜୀବନର ଚଲାପଥ ହେଉ ଶୃଙ୍ଖଳିତ ।
ତୁମରି ପାଦେ ଶରଣ ଦିଅ ହେ ଆଶିଷ
ନିଃସ୍ୱାର୍ଥରେ ଗଢିଦିଅ ଶିଷ୍ୟଙ୍କ ଭବିଷ୍ୟ ।।

ନୀଳାଦ୍ରୀ ବିହାର, ଭୁବନେଶ୍ୱର
ମୋ - ୯୦୪୦୬୮୮୦୧୨

# ସିଆଣିଆ

ଶମ୍ଭୁନାଥ ରାଉଳ



"ମାରିନେଲେ ମହାପାତ୍ରେ
ଚାହିଁଥାରେ ଜଳକା
ନିରାଟ ସତ୍ୟ ବଚନ
ସାରା ଜଗତ ଅବଗତ
ଏ ସତ୍ୟ ସହିତ ।
ତଥାପି ଆମେ ପୃଷ୍ଠ ପୋଷକ
ସେମିତ ଚରିତ୍ର ମାନଙ୍କର
ପ୍ରତି କ୍ଷେତ୍ରରେ ସେମାନଙ୍କର ଦୃଢ
ପାଦ ଚିହ୍ନ
ହାୟ ହାୟ କରିବାକୁ ପଡେ
ଦକ୍ଷ ତାରେ ପରିପୂର୍ଣ୍ଣ ଜୀବନଟେ ପାଇଁ
କେବେ କେବେ ହା ହୁତାସରେ
ଜୀବନର ଦୀପ ଶିଖା ଲିଭିଯାଏ
ବଣ ମଲ୍ଲୀ ଭଳି ଝରିଯାଏ
ମହକ ତା'ର ପହଞ୍ଚି ପାରେନା
ଆଘ୍ରାଣ ପାଇଁ ଆଶାୟୀ
ମଣିଷ ପାଖରେ ।
ଏମିତି ହତ୍ୟା ହେଉଛି
ଅନେକ ଗୁଣର
ହଜି ଜାଉଛି ପାଣ୍ଡୁଲିପି
ଆଘାତ ପାଉଛି ଅଫିସ୍‌ର
ଫାଇଲ୍ ଭିତରେ
ଗବେଷଣା ଗାରରେ
କାରଖାନାର ବଡ ବଡ ମେସିନ୍‌ର
ଶଦ୍ଦ ଭିତରେ ହଜି ଯାଉଛି
ଦକ୍ଷତାର କରୁଣ ଚିତ୍କାର ।

ରାଜନୀତିର ରଙ୍ଗ ମଞ୍ଚରେ
ସତ୍ୟର ସଫେଦ୍ ପରଦା
ଢାଙ୍କି ହେଇ ଯାଉଛି
ରଙ୍ଗୀନ ପରଦାର ଅନ୍ତରାଳରେ ।
ନା ମାନପତ୍ର ନା ପୁରସ୍କାର
ନା ପଦବୀ
ସବୁ ଚାପି ହୋଇ ଯାଉଛି
ଖେଳ ପଡିଆରେ
ସିଆଣିଆ ରେଫେରୀ କିମ୍ବା ଅମ୍ପାୟାର୍‌ର
ମନ୍ତବ୍ୟରେ ସବୁଦିନ ପାଇଁ ।
ତେଣୁ ଏବେ ମନେପଡେ
ଗଙ୍ଗାଧର ମେହେରଙ୍କ ଅମରବାଣୀ,
"ଅଯଥା ପ୍ରଶଂସା ଅତି ଅମଙ୍ଗଳ କର
ପ୍ରଶଂସାକାରୀ ପ୍ରଶଂସାପାତ୍ର ମାନବର ।
ପ୍ରଶଂସା ନହେଲେ ପୁଣି ପ୍ରକୃତ ଗୁଣର
ତତୋଧିକ ଅମଙ୍ଗଳ ହୁଏ ଜଗତର ।"

ଇନ୍ଦିରା ହାଉସିଂ କଲୋନି, ଶିଶୁପାଳଗଡ,
ଭୁବନେଶ୍ୱର-୭୫୧୦୦୨
ମୋ - ୯୩୩୮୦୧୧୧୮୩

# ଚାଲନା

ନିହାରିକା ରାୟ ବରାଳ



ଚାଲନା ଅନେକ ଦୂରକୁ ଚାଲିଯିବା
ଯେଉଁଠି ଆକାଶର ଛାଇ ପଡ଼ିଥିବ
ଆବାହମାନ କାଳରୁ ବହି ଆସିଥିବା ଝରଣାରେ
ବାଦଲମାନଙ୍କ ମେଳା ଲାଗିଥିବ
ଖରା ଛାଇର ଲୁଚକାଳି ଖେଳରେ
ଫୁଲ ମାନେ ବାସ୍ନା ବିଂଚୁଥିବେ
ଜହ୍ନର ଶିହରିତ ଜ୍ୟୋସ୍ନାରେ
କୋଇଲିର କୁହୁ ଶୁଭୁଥିବ
ଆମ୍ବ ବଉଳର ମହକ ଚହଟୁଥିବ
କୃଷ୍ଣ ଚୂଡ଼ା ଲାଜେଇଥିବ ଖରାର କୋଳରେ



ଚାଲନା ଅନେକ ଦୂରକୁ ଚାଲିଯିବା
ଯେଉଁଠି ପ୍ରେମ ପାଇଁ ଆକଟ ନ ଥିବ
ମେଘ ବର୍ଷୁଥିବ ନୂପୁର ଶବ୍ଦରେ
ଜାତି ଧର୍ମ ବର୍ଣ୍ଣର ନାରା ନ ଥିବ
ଦାନର ପ୍ରତିଦାନ ଥିବ,ଲେଉଟାଣି ରାସ୍ତାରେ
କୁଆଁରାବୁଥିବା ଶିଶୁ ପାଇଁ..
ପୃଥିବୀର ସବୁ ରାସ୍ତା ଖୋଲି ଯାଇଥିବ
ଯେଉଁଠି ଗଭୀରତା ଥିବ ସ୍ନେହର ସୌହାର୍ଦ୍ଦ୍ୟ
ସମୟ ଢଳି ଯାଇଥିବ
ଏକାଗ୍ରତାର ନୀଳ ଆଲୋକରେ

ଚାଲନା ଅନେକ ଦୂରକୁ ଚାଲିଯିବା
ଯେଉଁଠି ସ୍ୱପ୍ନ ଶୋଇଥିବ ରାତିର କୋଳରେ
ନିଜକୁ ଖୋଜି ପାଉଥିବାଆପଣାପଣର ମହକରେ
ଯେଉଁଠି ହଜେଇବାର ଭୟ ନ ଥିବ
ନାମହୀନ ସମ୍ପର୍କର ସମ୍ବୋଧନରେ
ଯେଉଁଠି ସାମାନ୍ୟ ମନୋମାଳିନ୍ୟରେ
ଶତ୍ରୁ ପାଲଟୁ ନ ଥିବ ବନ୍ଧୁତ୍ୱ
ସକାଳର ଧୂପ ଦୀପ ଝୁଣାର ବାସ୍ନାରେ
ବାରି ହୋଇପଡୁଥିବ ଆତ୍ମାର ପବିତ୍ରତା, ଶୁଦ୍ଧତା
କ୍ଷଣକେ ନିଜର ଲାଗୁଥିବା ଲୋକଟି
କ୍ଷଣିକେ ପଜଉ ନ ଥିବ ବିଶ୍ୱାସଘାତକର କଟୁରୀ
ବନ୍ଧୁତ୍ୱକୁ ଜାବୋଡି ନ ଧରି
ମୁକ୍ତ କରୁଥିବ ନିଶ୍ୱାସର ନିଶ୍ଚିନ୍ତ ପ୍ରହରୀ

ଚାଲନା ଏମିତି ଗୋଟେ ଜାଗାକୁ ଚାଲିଯିବା
ଯେଉଁଠି ଆମେ ହିଁ ଆମେ ଥିବା ।।

ବି-୧୦, ପ୍ରତିଭା ଏନ୍‌କ୍ଲେଭ୍ ,
ବିଜେବି ନଗର, ଭୁବନେଶ୍ୱର-୧୪

# ସୁଖନିଦ୍ରା

ମୌସୁମୀ ଶୁକ୍ଳା



ଲୋଭ ମୋହଶୂନ୍ୟ ରହିତ ହୋଇ
ସମ୍ମାନ ପଦବୀ ଆଶା ନଥାଇ
ଉଦର ଭରତି ପାଇଁ ଭିକାରୀ
ଜୀବନ ସଂଗ୍ରାମେ ଭିକ୍ଷା ଆବୋରୀ
ପ୍ରଭୁପଦେ ମତି
ତୃପ୍ତିର ନିଦ୍ରା ମିଳିଯାଏ ନିତି ।

କ୍ଲାନ୍ତି ମେଣ୍ଟାଏ ସେ ବୃକ୍ଷର ତଳେ
ମୃଦୁ ସମୀରଣ କାକଳୀ ମେଳେ
ଈଶ୍ୱର ଚିନ୍ତନେ ଦିନଟି ଯାଏ
ସମର୍ପଣ ଭାବ ମନରେ ଥାଏ
ମନେ ନାହିଁ ଖେଦ
ଭିକ୍ଷୁକ ବୋଲି ନାହିଁ ପ୍ରତିବାଦ ।

ଧନଲୋଭ ମୋହଗ୍ରସ୍ତ ଜଂଜାଳେ
ଦିନରାତି ଚିନ୍ତା ଦୁଃଖ କାତରେ
ପ୍ରଭୂ ପଦେ ଛଳନାର ପ୍ରାର୍ଥନା
ସୁଖ ପାଇଁ ମନେ ମୋର କାମନା
ପରିବାର ପାଇଁ
ଶାନ୍ତି ସୁଖନିଦ୍ରା ମିଳଇ ନାହିଁ ।

ସମ୍ମାନ,ପଦବୀ ଗରବ ପୂର୍ଣ୍ଣ
ପ୍ରଭୂପଦେ ପଶି ନାହିଁ ଶରଣ
ତୁମେ ଲଭିଛ ପ୍ରଭୁର ଆଶୀଷ
ଚରଣେ ଶରଣ ନିତି ପ୍ରୟାସ
ମୁକତିର ପଥ
ସମାଜ ପାଇଁ ଆଦର୍ଶର ସ୍ରୋତ ।



ଭୁବନେଶ୍ୱର

ନୂଆଁଖାଇ ଜୁହାର
ଇ-ପତ୍ରିକା
୦୧ ସେପ୍ଟେମ୍ବର ୨୦୨୨

# ଉଦାସ ପବନର ଡାକ

ଲତିକା ମହାପାତ୍ର



କେବେ କେବେ ଗୋଡ଼ାଏ ଉଦାସ ପବନ
କେତେ କଣ ଧସି ଯାଇଛି ଦୃଷ୍ଟି ଆଢୁଆଳେ
ବାରମ୍ବାର
ଅର୍ବୁଦ ସମୟ ଧରି
ବିତେଇଛି ଆପଣା ସହ
ଅଜସ୍ର ଅସହ୍ୟ ମୁହୁର୍ତ୍ତ..
ମୋ ଭିତରେ
ସ୍ଥିର ହୋଇଯାଇଛି ସମୟ.
ସେ ଉଦାସ ପବନର ଧାସରେ
ମୁଁ ଜଳୁଛି ଦିକ ଦିକ
ଏବଂ ଆଙ୍କିବାକୁ ଚେଷ୍ଟା କରୁଚି
ବେଦନା ର ସଠିକ ରୂପ ଚିତ୍ର
ନା ଅଜଣା ଏ ଋତୁରେ
ଆଘାତ ର ସ୍ଥାପତ୍ୟ
କେଡେ କମନୀୟ
ରୁନ୍ଧି ହେଉଛି ନିଃଶ୍ୱାସ
ଥାଉ ମୋତେ ଏଇକ୍ଷଣି
ପଚାରନା କିଛି
ଉଦାସ ପବନ ପହଁରି ଯାଉଛି
ମୋ ଭିତରେ ଲହଡି ଭାଙ୍ଗୁଛି ।

# ସ୍ୱାର୍ଥ

ନିକୁଞ୍ଜ କୁମାର ଘୋଷ





ଆଜିର ମଣିଷ ସର୍ପ ତୁଲ୍ୟ ଜାଣ
ଲାଗଇ ସର୍ବଦା ଡର
ସ୍ୱାର୍ଥ ପାଇଁ ଜନ କିଛି ବି କରଇ
ଘର ହୁଏ ଛାରକାର ।।

ଲୁଣ ଭାତ ଖାଇ ପୁଅକୁ ପଢାଇ
ବଡ ମଣିଷ ଯେ କରେ
ବୃଦ୍ଧ କାଳେ ବାପା ମାଆ ଜରା ଶ୍ରମେ
ଦୁଃଖେ କଷ୍ଟେ ରହି ମରେ ।।

ପତିବ୍ରତା ପରି ନିଜକୁ ଦେଖେଇ
ପଙ୍କଜଳେ ରୁହେ ବୁଡି
ସୁଯୋଗ ଖୋଜିଣ ଶୟନ କରଇ
ପରକୁ ଧରିଣ ଭିଡି ।।

ପେଟ ପାଇଁ କିଏ ସନ୍ତାନ ବିକୁଛି
କିଏ କରେ ଭ୍ରୁଣ ହତ୍ୟା
ପାପ ଗର୍ଭ ଧରି ଜଙ୍ଗଲରେ ଛାଡେ
ଦୁନିଆ ହେଲାଣି ମିଥ୍ୟା ।।

ପରକୁ କରଇ ନିଜର ମଣିଷ
ନିଜରକୁ କରେ ପର
ତୁଚ୍ଛ କରେ ଏଠି ସଂମ୍ପର୍କର ମୂଲ୍ୟ
ଜଗତେ ଯେ ସ୍ୱାର୍ଥପର ।।

ଭାଇ କରିଦିଏ ଭାଇକୁ ଭଗାରୀ
ଛାଇ ଦେଖି ଡେଇଁ ଯାଏ
ଜାୟା ବୁଦ୍ଧି ଛଳେ ଘର ଜୋଇଁ ରହେ
ଆଖି ଲୁହେ ଭିଜୁଥାଏ ।।

ଅଣ୍ଟି ଛୁରୀ ଏଠି ତଣ୍ଟି କାଟି ଦିଏ
ସ୍ୱାର୍ଥରେ ହୋଇଣ ଅନ୍ଧ
ପୁତ୍ର ଠାରେ ବାଦ ଯେ ପିତା ପକାଏ
ସ୍ୱାର୍ଥରେ ଆସଇ ଗନ୍ଧ ।।

ଝିଅ ବାଛି ନେଲେ ବିଟପୀର ବୃତ୍ତି
ଦୁଃଖଦର କଥା ଆସେ
ଦେହ ବିକିବାକୁ ଫାନ୍ଦିଲେ ବାପା,ମା
ବିଳାସର ମୁଖ ଦିଶେ ।।

ଯଉତୁକ ଏକ ବ୍ୟାଧି ବୋଲି କହି
ଜଗତେ ବାହାବା ନିଏ
ପୁତ୍ର ବିବାହରେ ଦାନ ଆଖ୍ୟା ଦେଇ
ଆନନ୍ଦରେ ଘେନି ଯାଏ ।।


ଅବଳା ନାରୀ ତ ସବଳ ହୋଇଛି
ଆଇନ କାନୁନ ପାଇଁ
ମିଥ୍ୟା ଅଭିଯୋଗେ ସ୍ୱାମୀଙ୍କୁ ଟାଣୁଛି
ନାକରେ ଦଉଡ଼ି ଦେଇ ।।

ମାଧବପୁର, ଜଳେଶ୍ୱର - ୭୫୬୦୩୨
ମୋ - ୮୧୪୪୮୫୧୦୪୫

# ଆମ ତ୍ରିରଙ୍ଗା

ତରୁଣବାଳା ମହାପାତ୍ର





ତ୍ରିରଙ୍ଗା ଉଡୁଛି ଫରଫର ହୋଇ
ଗାଏ ଅମୃତ ର ଗାଥା
ପ୍ରତି ଗୃହେ ପାଳୁ ଅମୃତ ମହୋତ୍ସବ
ଉଚ୍ଚେ ତୋଳି ଆମ ମଥା।
ନାରଙ୍ଗୀ ଧବଳ ସବୁଜ ରଂଗରେ
ତ୍ରିରଙ୍ଗା ତନୁ ଶୋଭିତ
ବକ୍ଷସ୍ଥଳେ ଶୋଭା ଅଶୋକ ଚକ୍ର
ନୀଳ ରଂଗରେ ଆବୃତ।
ସେହି ତ୍ରିରଙ୍ଗା କୁ କରୁଛୁ ସଲାମ
ଗରବେ ଫୁଲାଇ ଛାତି
ସ୍ୱାଧୀନ ଦେଶର ସନ୍ତାନ ଆମେରେ
ନାହିଁ ମନେ ଆମ ଭ୍ରାନ୍ତି।
ହଟିଛି ତମସା ପରାଧୀନତାର
ବିତିଛି କେତେ ଦୁର୍ଦ୍ଦିନ
ପ୍ରାଣବଳି ଦେଲେ କେତେ ସୁରବୀର
ଜାତିପାଇଁ ସେ ମହାନ ।
ତାଙ୍କ ସ୍ମୃତି ଆଜି ମନେ ଜାଗିଉଠେ
ଶ୍ରଦ୍ଧାଂଜଳି ତାଙ୍କ ପାଦେ
ଭାରତମାତାର ଯୋଗ୍ୟ ସନ୍ତାନ ସେ
ତାଙ୍କ ପାଇଁ ହୃଦ କାନ୍ଦେ।

ସ୍ୱାଧୀନ ଭାରତ ଗାଏ ଜୟଗାଥା
ଭୂମିରୁ ଭୂମାକୁ ବ୍ୟାପେ
ଜଳ ସ୍ଥଳ ଗିରି କେଦାର କାନନ
ଗଗନ ପବନ କମ୍ପେ ।
ପୂର୍ଣ୍ଣ ହୋଇଛି ପଞ୍ଚସ୍ତରୀ ବରଷ
ସ୍ୱାଧୀନ ଭାରତ ବର୍ଷ
ପାଳୁଛୁ ଆମେ ଅମୃତ ମହୋତ୍ସବ
ମନରେ ଭରିଛି ହର୍ଷ ।
ପ୍ରତି ଗୃହେ ଉଡାଇବାରେ ତ୍ରିରଙ୍ଗା
ବାର୍ତ୍ତା ବାଣ୍ଟିବା ପ୍ରେମର
ପରସ୍ପର ମଧ୍ୟେ ରଖିବା ସଦ୍ଭାବ
ଜୀବନ ହେବ ମଧୁର।
ଭାରତ ମାତାର ସୁରକ୍ଷା ନିମିତ୍ତ
ସଂକଳ୍ପ କରିବା ଆମେ
ଦେଶ ପାଇଁ ଆମେ ଲଢିବା ସଗର୍ବେ
ପଛେଇବା ନାହିଁ କେବେ ।
ତ୍ରିରଙ୍ଗା ଚରଣେ କରୁ ପ୍ରଣିପାତ
ଜୟ ଜୟ ଶବଦରେ
ଜୟ ଜବାନ ଜୟ କିଷାନ ଧ୍ୱନୀ
ପ୍ରତି ଭାରତୀୟ ସୁରେ।

କଳିଙ୍ଗ ବିହାର, ଭୁବନେଶ୍ୱର

# ଶବ୍ଦାୟିତ

ଅପରାଜିତା




ଶବ୍ଦ କୁଟାକାଠି ଦେଇ ମୁଁ ଗଢ଼ିଛି
ସୃଜନୀ ସଂକଳ୍ପ ନୀଡ଼
କେବେ କବିତାର କଳରବ ଏଠି
କେବେ ଗଳ୍ପର ଭିଡ଼ ।

ସେ ନୀଡ଼ କାନ୍ଥରେ ଭାବ କଳ୍ପନାରେ
ଆଙ୍କିଛି ବିଚିତ୍ର ଚିତ୍ର
ନବ ସମ୍ଭାବନା ପ୍ରୀତି ଆରାଧନା
ଶବ୍ଦ ମମ ପ୍ରିୟ ମିତ୍ର ।

ମୌନ ଓଠଧାରେ ଶବ୍ଦ ସ୍ମିତ ହସ
ଶବ୍ଦ ସୁବାସିତ ଲୁହ
ଶବ୍ଦ ସ୍ପନ୍ଦନର ଶୁଭ ଶଙ୍ଖଧ୍ୱନୀ
ଶାନ୍ତ ପ୍ରତ୍ୟୁଷର ମୋହ ।

ବିଜନ ବେଳାରେ ମନ ନଈ ତୀରେ
ଭାବନାର କଳ୍ପଦ୍ରୁମ
ଗିତି ପ୍ରଜାପତି ଗଳ୍ପ ବିହଙ୍ଗମ
ଶବ୍ଦ ପରିବ୍ୟାପ୍ତ ବ୍ୟୋମ ।



# ବର୍ଷା

ପ୍ରମୋଦ କୁମାର ମହାପାତ୍ର





ବର୍ଷା ଗୋ ତୁମ ଛଟକ ଚାହାଣି
କିମିଆ କରିଛି ଆଜି
ମେଘ ମେଦୁରର ପ୍ରଣୟ ଫାଶରେ
ଧରଣୀ ଯାଇଛି ମଜି ।

ଭିଜା ଭିଜା ଗନ୍ଧେ ମଦନର ଛନ୍ଦେ
ଜଳାଇ ପ୍ରୀତି ର ନିଆଁ
ଆଖି ଝଲସାଇ ଆକାଶ ଥରାଇ
ଚମକି ଯାଉଛ କିଆଁ ।

ଅଭିମାନୀ ଧାର ବହେ ନିରନ୍ତର
ରୂପସୀ ନୟନ କୋଣ
ଶରୀର ଭିଜାଇ ଅଙ୍ଗ ଯାଅ ଛୁଇଁ
ଅନ୍ତର କଥା କି ଜାଣ ।

ସରସୀ ର ସଂଗ ଦହଇ ଅନଙ୍ଗ
ମଉଳି ଯାଇଛି ଛାତି
ତୁମ ପରସରେ ହଜି ହରଷରେ
ଭୁଲି ଯାଇଛି ସେ ତାତି ।

ବିରହିଣୀ ନଈ  କ୍ଷୀଣ କାୟ ହୋଇ
ଚାହିଁଛି ଚାତକ ପରି
ବାରି ଶତଧାରେ ଉଲ୍ଲସିତ ପ୍ରାଣ
ନବ ଯୌବନ ସଂଚରି ।

ଭାରତ ସଞ୍ଚାର ନିଗମ୍ ଲିମିଟେଡ୍, ଭୁବନେଶ୍ୱର
ମୋ :୯୪୩୭୫୭୮୩୧୧

# ଦେଶ

**କ୍ଷଣପ୍ରଭା ମହାନ୍ତି**



ଭୌଗଳିକ ସୀମାରେ ତାକୁ କରେନା ସୀମାବଦ୍ଧ
କହେ ନା ପ୍ରାକୃତିକ ସମ୍ପଦ  ର ଏକ ରାଜନୈତିକ ସ୍ତୁପ
ସେଇ ମୋର  ଦେଶ ସୁନ୍ଦର ତା ନାମ ଭାରତବର୍ଷ
ମୋ ଦେଶ ଯନ୍ତ୍ରଣା କୁ ଚାପି ରଖେ ତା ଛାତିରେ
ପାହାଡ଼ ଓ ପର୍ବତମାଳା ର ଚାପ ରେ  ଚଉତି ।



ବିଜୟ ତିଳକ ପିନ୍ଧାଇ ସୀମାନ୍ତ କୁ
ମା - ଜାୟା ପଠାଇ ଦିଅନ୍ତି ହସିହସି
ମୋ ଦେଶ ତ୍ରିରଙ୍ଗା ବି ଚୁମା ଦିଏ
କଫିନ ଉପରେ ଲୁହକୁ ବରଷି ।

ମୋ ଦେଶ ଧୈର୍ଯ୍ୟ ର ପ୍ରତୀକ
ହିମାଳୟ କହେ ସେହି ଗର୍ବିତ କାହାଣୀ
ମୋ ଦେଶ ର କୃଷକ କୁଳ ବି,
ଅନ୍ନଦାତା ଡାକ ରେ ହୁଅଇ ଜନନୀ
ଭୋକରେ ନୀର କୁ କହଇ ପୀୟୂଷ
ଏଇ ମୋର ଦେଶ ଭାରତ ବର୍ଷ
ମୁଖ ମଣ୍ଡଳ ଯାର ସଦା ହସ, ହସ ।

ଏଇ ମୋର ମହାନ୍ ଦେଶ,
ଶିଳ୍ପୀ ଏଠି ନିହଣ ରେ କଥା କହେ,
ଆଙ୍କିଦିଏ ମନ ଲାଖି ପ୍ରକୃତି ର ଚିତ୍ର
ନଦୀ ସବୁ ପୂର୍ଣ୍ଣ ଗର୍ଭା,
ଭୂମୀ ପୁଣ୍ୟବନ୍ତ, ବୃକ୍ଷ ରାଜି,ମହୋଷଧି
ଶୁଭେ ସର୍ବେ ଭବନ୍ତୁ ସୁଖୀ ନ ମନ୍ତ୍ର
ସେଇ ମୋର ଦେଶ ଭାରତ।

ଏ ମାଟି ରେ ଚାଲେ, ବିଶ୍ୱାସ ର ନିଃଶ୍ୱାସ,
ଭ୍ରାତୃତ୍ୱ ଗୀତଗାଇ, ଗଢ଼େ ନନ୍ଦିଘୋଷ
ସେ ତ ଅମଳିନ ଚିର ନମସ୍ୟ
ମୋର ପ୍ରିୟ ମାଟି ଭାରତ ବର୍ଷ ।


**ଖଣ୍ଡଗିରି, ଭୁବନେଶ୍ୱର**



# କଇଁ

**ଡ. ପ୍ରବୀଣା ପରିଡ଼ା**

ନିରିମାଖି କଇଁ ଅତି ସୁକୁମାରୀ
ସରସୀ କୋଳରେ ଭାସେ
ଅନୁଢା  ଫଗୁଣ ପ୍ରେୟସୀକୁ ଦେଖି
ମୁରୁକି ମୁରୁକି ହସେ।
ସଞ୍ଜ ଆଳତୀ  ର
ଲିଭା ବାସନାରେ
ଜୋଛନାରେ ଭିଜେ ମନ,
ଆକାଶ ବୁକୁରେ ଖୋଜଇ ସେ ନିଦ
ହୃଦରେ  ସାତ ସପନ ।
ଜୀବନ ଜୁଇରେ ଜଳିଜଳି କେବେ
ଶୀକର ରେ ଭିଜୁଥାଏ,
ଭାବନା ପାଠର
ଅଛିଣ୍ଡା ଅଙ୍କକୁ
ମନେ ମନେ ଖୋଜୁଥାଏ ।



ଷ୍ଟାର୍ ସିଟି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଫୋନ୍ ନଂ – ୮୮୯୫୫୪୭୭୬

# ଶ୍ରାବଣୀ


କୃଷ୍ଣପ୍ରିୟା





କୃଷ୍ଣ କବରୀ ସାଜି
କଳା ମେଘି ପାଟ ପିନ୍ଧି
ଆସିଚି ଶ୍ରାବଣି,
କଦମ୍ବ ର ପାଖୁଡା ରେ
ସଜେଇଚି ବେଣୀ ।
ରୁପା ର ପାଉଁଜି ତାର
ପାଦରେ ପିନ୍ଧିଚି
ରିମ ଝିମ ରିମ ଝିମ
ଶବଦ ଶୁଭୁଚି ।
ଶ୍ରାବଣୀ ର ଆଗମନେ
ସାଜି ପଟୁଆର,
ଆକାଶେ ଝଙ୍କାର ତୋଳେ
ମେଘ ମହ୍ଲାର ।
ଘନ ସବୁଜ ବରଣା
ଧରଣୀ ର ପାଇଁ,
ସତେ ଅବା ସବୁ କିଛି
ଆଣିଛି ସଜେଇ ।
ସାଧବ ବୋହୁ ର ଝୋଟି
ବେଙ୍ଗ ବାଇଦ,
ରୋଷଣୀ ଜାଳୁଚି କାହିଁ
ବିଜୁଳି ବାରିଦ ।
ଝରି ଝରି ଉଦାସୀ
ଆକାଶୀ ପ୍ରୀତି ଝର
ଭିଜି ଯାଏ ତନୁ ମନ
ଅଭିମାନୀ ଧରଣୀର ।

ଭିଜା ଭିଜା କବରୀ ରେ ତାର
କୃଷ୍ଣକାନ୍ତା ର ଗଜରା,
ପୁଲକିତ ତାର ଅଳସୀ ତନୁ
ପରାଣ ମଧୁଝରା ।
ପଣତ ରେ ଭରା ନୀଳ ନୀଳିମା ର
ଅସୁମାରୀ ସବୁଜିମା,
ମନ ଅୟନ ରେ ଢେଉ ଭାଙ୍ଗେ
କେତେ ସପନ ର ଅରୁଣିମା ।
ମୁଗ୍ଧ ନୟନେ ଆକାଶ କୁ ଦେଖେ
ବାର ବାର,
ମନେ ମନେ ଆଶା ଝୋଟି
ଆଙ୍କୁ ଥାଏ ମିଳନ ର ।
ଆକାଶ କି ବୁଝେ
ଧରଣୀ ର ପ୍ରୀତି ସ୍ପନ୍ଦନ?
ଛାତିରେ ସାଇତା
ମିଳନ ର ମଧୁ ଲଗନ ।
ଦେହ ସିନା ଦୂର କାହିଁ କେତେ
ମନରେ ପଡିଚି ଗଣ୍ଠି,
ପ୍ରୀତି ର ମହକେ ମହକଇ ଚଉଦିଗ
ମହକଇ ସାରା ସୃଷ୍ଟି ।



ଭୁବନେଶ୍ୱର

# ନାରୀ ହୃଦୟର ବ୍ୟଥା

ଅନସୂୟା ବାରିକ



ଲକ୍ଷ ବ୍ୟଥା କୁ ବକ୍ଷରେ ଧରି
ଦୁଇଓଠ ତାର ଉଠୁ ଥାଏ ଥରି
ହାଏ ଏକି ନିର୍ଯାତନା
ଦୋଷୀ ଗଲେ କାହିଁ ଦଣ୍ଡ ପାଏ ମୁହିଁ
ଏକି ଭାଗ୍ୟ ବିଡମ୍ବନା ॥
ଜନତା ର ଦରବାର ରେ ମୁଁଯେ
ନାରୀଟିଏ ବୋଲି ପୀଡିତା ସାଜେ
କାହା ସୁଖ ଟିକେ ପାଇଁ
ଦଗ୍ଧ ପ୍ରାଣକୁ ନ୍ୟାୟ ଦେବାକୁ
ରାଜ୍ୟରେ କେହି ନାହିଁ ॥
ଯା ଆଗେ ଗଲି ମୁଁ ଫେରାଦ ନେଇ
କୋମଳ ନରମ ଭାଷା ସେ କହି
ଅନ୍ତର ଭୁଲାଇ ଦେଲେ
ବିଶ୍ୱାସ ର ବିଷ ପିଇବାକୁ ମୋତେ
ମଜବୁର କରିଦେଲେ ॥
ଛୁଟିଛି ଅଶ୍ରୁର ପ୍ରବଳ ବନ୍ୟା
ଯୁଗ ଆରମ୍ଭରୁ ଯୁବତୀ କନ୍ୟା
ଜୀବନ ଜିଇଁବା ପାଇଁ
ନାରୀ ମାଂସ ଲୋଭୀ ରାକ୍ଷସ ସହିତ
ସଂଘର୍ଷ ସେ କରୁଥାଇ ॥



କେତେଯେ ନିରୀହ ଅଶ୍ରୁଳ ମୁହଁ
ଘର କୋଣେ ବସି ଢାଳନ୍ତି ଲୁହ
ଆଜିବି ସେ ଛବିରାଣୀ
ବିଲୁଆଖାଇ ନଈ ପଠାରେ ସେ
କାନ୍ଦେ ବାହୁନି ବାହୁନି ॥
କେତେ ନିର୍ଭୟା ତ ଗଲେ ମଶାଣି
ଅଞ୍ଜନା ମାନେ କେତେ ଯୁଝିଲେଣି
କିବା ଲାଭ ଏବେ କୁହ
ସମାଧାନ ପାଇଁ ସଭିଏଁ ସଚେତ
ସମର୍ଥ କେହି ନୁହଁ ॥
କଅଁଳ କଳିସେ କାହା ତରୁର
ଦୁନିଆଁ ଦେଖେନା ବୟସ ତାର
ସେ ବି ବଳିପଡି ଯାଏ
ଆପଣା ଆଖିରୁ ଲୁହ ଝରାଇ ସେ
ଖବର ପାଲଟି ଯାଏ ॥
ମିଡ଼ିଆ ବନ୍ଧୁ ତ ଖବର ଦାର
ତାଙ୍କୁ ମିଳିଯାଏ ନୂଆ ଖବର
ବିରୋଧୀ ଦଳେ ଖୋରାକ
ଯାହା ପରିବାରେ ଏବିପଦ ନାହିଁ
ତାକୁ ବା କୋଉ ଫରକ ॥

ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର,

# ଇ ପତ୍ରିକା

ତୃତୀୟ ସଂଖ୍ୟା
୧ ସେପ୍ଟେମ୍ବର ୨୦୨୨



# SAI ONENESS ART SCHOOL

AFFILIATED BY LALIT KALA ACADEMY
GOVT OF ODISHA

## We Provide :-

Admission Open

* ART
* MODERN DANCE
* Zumba / Aerobics
* Odissi
* Music
* Tabla



ADDRESS:

**H.O-** Mig – 1 – 6/4, Back Side of Market Building
BDA Colony Chandrasekharpur, Bhubaneswar
**B.O-1**: Mancheswar, **B.O.-2:** Damana
**B.O.-3:**Sundarapada Hightech

Mob-9348172852 , 8763277337, 7327097773

ବିଜ୍ଞାପନ ପାଇଁ ଯୋଗାଯୋଗ କରନ୍ତୁ :
9438621925 / 9937128547



Publisher :
Newtra Creations,Bhubaneswar

ମୁଖ୍ୟ ସଂପାଦକ: ବସନ୍ତ ମାଝି || ସଂପାଦକ: ସରୋଜ କୁମାର ଶତପଥୀ



Contact : 7/13, Type 'B' (Revised), Unit-9, Bhubaneswar - 751022

Email : epatrika.cspursahityasansad@gmail.com
Mob : 9438621925 / 9937128547
Website: www.cspursahityasansad.com